ଧରିତ୍ରୀ 50 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୮/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 8/2024 Page 16 ₹ 7.00
୫୦ଶ ଭାଗ ୧୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 194 ମୂଲ୍ୟ ₹୭/-

# NEET (UG) 2024
## Aakashians Create History

Aakash
Medical | IIT-JEE | Foundations

AIR 1




**21** Aakashians Get AIR 1 (14 Classroom + 7 Distance & Digital)

**115272*** Aakashians Qualified in NEET (UG) 2024 (102209 Classroom + 13063 Distance & Digital)

*Still Counting

**36** in Top 100 AIR (All India Rank)

**165** in Top 500 AIR (All India Rank)

**335** in Top 1000 AIR (All India Rank)

**36** State / UTs Toppers

Including Students from Classroom, Digital & DLP Courses across all Categories

## Our Top Performers from Odisha Classroom Program




Scan the code to check all the ranks & watch what the toppers have to say

and many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

**Come Back STRONGER NEET / JEE 2025**

**Admissions Open - Get Up to 90% Scholarship***

**Repeater / Dropper Batches** (XII Passed Students) **for JEE / NEET 2025**

Scan to apply

*Terms & Conditions apply.

**2 Year Integrated Courses** (XI Studying Students) **for JEE / NEET 2026**

**Batches Commencement from 13th & 20th June, 2024**

**DIRECT ADMISSION - Avail 100% Scholarship based on NEET (UG) 2024 Scores***

**06** Branches in Odisha

**Call Your Nearest Branch**

- Bhubaneswar (Bhoumanagar) 8800852494, 7008005000
- Bhubaneswar (Chandrasekharpur) 8800874104, 7008005000
- Cuttack (Link Road) 8800849243, 7008005000
- Baleswar Branch 8800538720, 7008005000
- Berhampur Branch 8800502470, 7008005000
- Sambalpur Branch 8448693770, 7008005000

SCAN FOR NEAREST BRANCH

CALL (TOLL-FREE): 1800-102-2727

VISIT: aakash.ac.in

For Franchise Enquiry: Email ID: franchise@aesl.in

Aakash Medical | IIT-JEE | Foundations

## ସଂକ୍ଷେପରେ

### ରୁଷିଆ: ୪ ଭାରତୀୟ ଡାକ୍ତରୀ ଛାତ୍ରୀଛାତ୍ର ନଦୀରେ ବୁଡ଼ିଗଲେ

**ନୂଆଦିଲ୍ଲୀ,୭।୬:** ରୁଷିଆର ସେଣ୍ଟ ପିଟର୍ସବର୍ଗ ନିକଟରେ ଥିବା ଏକ ନଦୀରେ ୪ ଜଣ ଭାରତୀୟ ଡାକ୍ତରୀ ଛାତ୍ରୀଛାତ୍ର ବୁଡ଼ିଯାଇଥିବାବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି। ବୁଡ଼ିଯାଇଥିବା ପିଲାମାନଙ୍କ ମୃତଦେହ ସେମାନଙ୍କ ପରିବାରକୁ ପଠାଇବା ପାଇଁ ରୁଷିଆରେ ଥିବା ଭାରତୀୟ ମିଶନ ପକ୍ଷରୁ ଉଦ୍ୟମ ଚାଲିଛି। ମୃତକଙ୍କ ମଧ୍ୟରେ ୨ ଜଣ ଛାତ୍ର ଓ ୨ ଛାତ୍ରୀ ଥିବାବେଳେ ସେମାନଙ୍କ ବୟସ ୧୮ରୁ ୨୦ ବର୍ଷ ମଧ୍ୟରେ। ସେମାନେ ନୋଭଗୋରୋଡ ଷ୍ଟେଟ୍ ୟୁନିଭର୍ସିଟିରେ ପଢୁଥିଲେ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ,ଜଣେ ଭାରତୀୟ ଛାତ୍ରୀ ଭୋଲ୍‌ଖୋଭ୍ ନଦୀରେ ବୁଡ଼ିଯାଉଥିବା ଦେଖି ତାଙ୍କୁ ବଞ୍ଚାଇବାକୁ ଅନ୍ୟ ୪ ଛାତ୍ରୀଛାତ୍ର ଯାଇଥିଲେ ଓ ସମସ୍ତେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଜଣକୁ ଉଦ୍ଧାର କରିଥିଲେ।

### ଭାରତ ସମେତ ୧୧ ଦେଶରୁ ରାଷ୍ଟ୍ରଦୂତ ଫେରାଇନେଲା ନେପାଳ

**କାଠମାଣ୍ଡୁ,୭।୬**

ନେପାଳ ସରକାର ଭାରତ, ଆମେରିକା ସମେତ ୧୧ ଦେଶରୁ ଏହାର ରାଷ୍ଟ୍ରଦୂତମାନଙ୍କୁ ପ୍ରତ୍ୟାହାର କରିନେଇଛି। ନେପାଳ ଉପମୁଖ୍ୟମନ୍ତ୍ରୀ ଏବଂ ବହିର୍ବ୍ୟାପାର ମନ୍ତ୍ରୀ କାଜି ଶ୍ରେଷ୍ଠଙ୍କ ଦୃଢ଼ ପ୍ରତିବାଦ ସତ୍ତ୍ୱେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ 'ପ୍ରଚଣ୍ଡ' ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ରବିବାର ନୂଆଦିଲ୍ଲୀ ଆସିବାକୁ ଥିବାବେଳେ ଏହା ପୂର୍ବରୁ ରାଷ୍ଟ୍ରଦୂତଙ୍କୁ ଫେରାଇ ନିଆଯାଇଛି। ପ୍ରତ୍ୟାହୃତ ହୋଇଥିବା ରାଷ୍ଟ୍ରଦୂତମାନେ ନେପାଳୀ କଂଗ୍ରେସ କୋଟାରେ ନିଯୁକ୍ତି ପାଇଥିଲେ। ଏହି ଦଳ ପ୍ରଚଣ୍ଡଙ୍କ ମେଣ୍ଟରୁ ଓହରିଯାଇ କେ.ପି. ଶର୍ମା ଓଲିଙ୍କ ସହ ହାତ ମିଳାଇଥିବାରୁ ଉକ୍ତ ରାଷ୍ଟ୍ରଦୂତମାନଙ୍କୁ ଫେରାଇ ନିଆଯାଇଛି।

### ତାଇୱାନ ରାଷ୍ଟ୍ରପତିଙ୍କ ପୋଷ୍ଟରେ ମୋଦିଙ୍କ ଜବାବ

**ପ୍ରତିବାଦ ଜଣାଇଲା ଚାଇନା**

**ନୂଆଦିଲ୍ଲୀ,୭।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନରେ ବିଜୟୀ ହେବା ପରେ ତାଇୱାନ ରାଷ୍ଟ୍ରପତି ଲାଇ ଚିଙ୍ଗ୍ ଟେ ତାଙ୍କୁ ସୋସିଆଲ ମିଡିଆ ଜରିଆରେ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ପୋଷ୍ଟ ଉପରେ ମୋଦି ଜବାବ ରଖିବାକୁ ନେଇ ଚାଇନା କ୍ଷୁବ୍ଧ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଜବାବକୁ ନେଇ ବେଜିଂ ପ୍ରତିବାଦ ଜଣାଇଛି ଏବଂ ଏହାର 'ୱାନ୍-ଚାଇନା ପଲିସୀ' ପ୍ରତିବଦ୍ଧତାକୁ ମନେ ପକାଇଦେଇଛି। ଚାଇନା ସହ କୂଟନୈତିକ ସମ୍ପର୍କରେ ଥିବା ଦେଶଗୁଡ଼ିକର ତାଇୱାନ ଆଞ୍ଚଳିକ କର୍ତ୍ତୃପକ୍ଷଙ୍କ ସହ କୌଣସି ପ୍ରକାର ଆନୁଷ୍ଠାନିକ ଯୋଗାଯୋଗକୁ ଚାଇନା ସବୁବେଳେ ଦୃଢ଼ ବିରୋଧ କରିଆସିଥିବା ଏହାର ବହିର୍ବ୍ୟାପାର କାର୍ଯ୍ୟାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି।



ସମ୍ବିଧାନ ସଦନରେ ଶୁକ୍ରବାର ଅନୁଷ୍ଠିତ ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ମେଣ୍ଟ ନେତା ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ତାଙ୍କ ସହ ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରବାବୁ ନାଇଡୁ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଅନ୍ୟ ସହଯୋଗୀ ଦଳଗୁଡ଼ିକର ନେତାମାନେ ଉପସ୍ଥିତ।

## ବର୍ଷକ ମଧ୍ୟରେ ନିର୍ବାଚନ: ବଘେଲ

**ନୂଆଦିଲ୍ଲୀ,୭।୬**



ଭୂପେଶ ବଘେଲ

ଲୋକ ସଭା ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିବା ଭାଜପା ସହଯୋଗୀ ଦଳଗୁଡ଼ିକର ସହଯୋଗରେ କେନ୍ଦ୍ରରେ ସରକାର ଗଢ଼ିବାକୁ ଯାଉଛି। ତେବେ ବର୍ଷକ ମଧ୍ୟରେ ଦେଶ ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବ ବୋଲି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ ଶୁକ୍ରବାର ପୂର୍ବାନୁମାନ କରିଛନ୍ତି। ୬ ମାସରୁ ବର୍ଷକ ମଧ୍ୟରେ ନିର୍ବାଚନ ହୋଇପାରେ। ଏଥିପାଇଁ ପ୍ରସ୍ତୁତ ରହିବାକୁ ସେ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବା ଅବସରରେ ବଘେଲ କହିଥିଲେ, ଦେଶବାସୀ ନିର୍ବାଚନରେ ଭାଜପାକୁ ଉପଯୁକ୍ତ ଶିକ୍ଷା ଦେଇଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ତାଙ୍କ ରାଜସ୍ଥାନ ପ୍ରତିପକ୍ଷ ଭଜନଲାଲ୍ ଶର୍ମା ଏବଂ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କୁ ସେ କଟାକ୍ଷ କରିଛନ୍ତି। ଯୋଗୀଙ୍କ ଆସନ ଦୋହଲୁଥିବାବେଳେ ଭଜନଲାଲ୍ ଟଳମଳ ହେଉଛନ୍ତି। ଫଡ଼ନବିସ ଇସ୍ତଫା ପ୍ରସ୍ତାବ ଦେଇଛନ୍ତି। ଯେଉଁମାନେ ଦିନକୁ ୩ ଥର ପୋଷାକ ବଦଳାଉଥିଲେ, ଏବେ ଗୋଟିଏ ପୋଷାକରେ ୩ଟି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ବୋଲି ନରେନ୍ଦ୍ର ମୋଦିଙ୍କୁ ଆକ୍ଷେପ କରି ବଘେଲ କହିଛନ୍ତି।

# ଦରବୃଦ୍ଧି, ବେକାରି: ଗ୍ରାମାଞ୍ଚଳରେ ଭାଜପାକୁ କାଳ

**ନୂଆଦିଲ୍ଲୀ,୭।୬**

ସଂସଦୀୟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ଏହାର ଏକ-ତୃତୀୟାଂଶ ଗ୍ରାମାଞ୍ଚଳ ଆସନ ହରାଇଦେଇଛି। ଗ୍ରାମାଞ୍ଚଳରେ ନିଯୁକ୍ତିର ଅଭାବ ଓ ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ବଢୁଥିବା ଅସନ୍ତୋଷ ଏଥିରୁ ପ୍ରତିଫଳିତ ହୋଇଛି। ଗତ ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ଅଷ୍ଟାଦଶ ଲୋକ ସଭାର ୫୪୩ ଆସନ ପାଇଁ ୭ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ଫଳାଫଳ ଜୁନ୍ ୪ରେ ଆସିଥିଲା। ଭାଜପା ଏଥର ୨୪୦ ଆସନ ପାଇଛି, ଯାହାକି ୨୦୧୯ ନିର୍ବାଚନ ତୁଳନାରେ ୬୩ କମ୍। ଶାସକ ଦଳର ଦୁର୍ବଳ ପ୍ରଦର୍ଶନ ଲୋକ ସଭାରେ ଅନ୍ୟ ଦଳଗୁଡ଼ିକ ପ୍ରତି ନିର୍ଭରଶୀଳ ହେବାକୁ ବାଧ୍ୟ କରିଛି। ୨୦୧୯ରେ ଗ୍ରାମାଞ୍ଚଳରେ ଭାଜପାକୁ ୨୦୧ ଲୋକ ସଭା ଆସନ ମିଳିଥିଲା। ଏଥର ଏହା ୧୨୬କୁ ଖସିଆସିଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ଏହି ଆସନଗୁଡ଼ିକ ମଧ୍ୟରେ ଆସାମ, ଜମ୍ମୁ-କଶ୍ମୀର ଓ ଲଦାଖ ଭଳି ଅଞ୍ଚଳର ସୀମା ପୁନଃ ନିର୍ଦ୍ଧାରିତ ସଂସଦୀୟ କ୍ଷେତ୍ରଗୁଡ଼ିକୁ ସାମିଲ କରାଯାଇନାହିଁ। ନୂଆଦିଲ୍ଲୀର ସେଣ୍ଟର ଫର୍ ପଲିସି ରିସର୍ଚ୍ଚରେ କାର୍ଯ୍ୟରତ ରାଜନୈତିକ ବିଶେଷଜ୍ଞ ରାହୁଲ ବର୍ମା କହିଛନ୍ତି, ମୋଦିଙ୍କ ଦଳ ବିଶେଷକରି ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଭଳି ହିନ୍ଦୀଭାଷୀ ରାଜ୍ୟରେ ଜନ ସମର୍ଥନ ହରାଇଦେଇଛି। ସବୁଠୁ ସମୃଦ୍ଧ ଦକ୍ଷିଣ ଭାରତ ଓ ଆର୍ଥିକ ବିକାଶ ଦିଗରେ ଅଗ୍ରସର ପଶ୍ଚିମ ଭାଗରେ ମଧ୍ୟ ଭାଜପାକୁ ନିରାଶ ହେବାକୁ ପଡ଼ିଛି। ଗ୍ରାମାଞ୍ଚଳର ଦୁର୍ଦ୍ଦଶା ଏହି ନୈରାଶ୍ୟଜନକ ପ୍ରଦର୍ଶନର ଏକ କାରଣ ହୋଇଥାଇପାରେ ବୋଲି ସେ କହିଛନ୍ତି।

ମୋଦିଙ୍କ ଅଧୀନରେ ଭାରତ ବିଶ୍ୱର ଅନ୍ୟତମ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି। କିନ୍ତୁ ଦେଶର କାର୍ଯ୍ୟଶକ୍ତିରେ ପ୍ରବେଶ କରୁଥିବା ଆଶାୟୀଙ୍କ ପାଇଁ ବହୁ କମ୍ ସଂଖ୍ୟକ ଚାକିରି ରହିଛି। ଭାରତର ୧୪୦ କୋଟି ଲୋକଙ୍କ ମଧ୍ୟରୁ ୬୦% ଗ୍ରାମାଞ୍ଚଳରେ ବସବାସ କରନ୍ତି। ସେମାନେ କର୍ମନିଯୁକ୍ତିର ଅଭାବ ଦେଇ ଗତି କରୁଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି ଦାଉ ସାଧୁଛି।

ମୋଦି ଦ୍ରୁତ ଅଭିବୃଦ୍ଧିକୁ ନେଇ ନିଜ ଟ୍ରାକ୍ ରେକର୍ଡ, ଗରିବଙ୍କ ପାଇଁ ସରକାରୀ କାର୍ଯ୍ୟକ୍ରମ ଏବଂ ଭାଜପାର ହିନ୍ଦୁ ଜାତୀୟତାବାଦକୁ ନେଇ ନିର୍ବାଚନ ପ୍ରଚାର କରିଥିଲେ। କିନ୍ତୁ ଫଳାଫଳ ଦର୍ଶାଉଛି ଯେ, ଭାଜପା ଦେଶର ୩୪୪ ଗ୍ରାମାଞ୍ଚଳ କିମ୍ବା ଅର୍ଦ୍ଧଗ୍ରାମାଞ୍ଚଳ ଆସନରେ ବେରୋଜଗାର, ମୁଦ୍ରାସ୍ଫୀତି ଏବଂ ଆୟରେ ଅସମାନତାକୁ ନେଇ ବିରୋଧୀଙ୍କ ଟାର୍ଗେଟରେ ନଇଁପଡ଼ିଛି। ସମ୍ଭବତଃ ଭାଜପା ନିର୍ବାଚନ ପୂର୍ବରୁ ଯେଉଁ ସବୁ ବଡ଼ ଘୋଷଣାକୁ ନେଇ ଆତ୍ମବିଶ୍ୱାସୀ ଥିଲା, ସେଗୁଡ଼ିକ ଗ୍ରାମାଞ୍ଚଳର ମତଦାତାଙ୍କ ପାଇଁ ଗୌଣ ହୋଇଯାଇଛି ବୋଲି ବର୍ମା କହିଛନ୍ତି।

ବେରୋଜଗାରି ହାର ମାର୍ଚ୍ଚରେ ୭.୪% ଥିବାବେଳେ ଏପ୍ରିଲରେ ୮.୧%କୁ ବଢ଼ିଥିବା ନେଇ ଘରୋଇ ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ମହାମାରୀ ପୂର୍ବରୁ ଏହି ହାର ୬% ଥିଲା। ନିର୍ବାଚନରେ ବେରୋଜଗାରି ଏକ ଫ୍ୟାକ୍ଟର ଥିଲା ବୋଲି ଭାଜପା ସ୍ୱୀକାର କରିଛି। ଏଥିସହ ଯାହା କରାଯାଇପାରିଥାନ୍ତା କରାଯାଇଛି ବୋଲି କହିଛି। ୧୨୬ ଆସନରେ ଏହାର ଭୋଟ ହାର ପ୍ରାୟ ୩% ହ୍ରାସ ପାଇଛି। ଏଥିଯୋଗୁ ସେହି ଆସନଗୁଡ଼ିକରେ ମୋଦିଙ୍କ ହାରାହାରି ବିଜୟ ବ୍ୟବଧାନ ୧୫.୬%କୁ ଖସିଯାଇଛି, ଯାହାକି ୨୦୧୯ରେ ୨୨.୯% ଥିଲା। ଅନ୍ୟପକ୍ଷେ ଗତ ନିର୍ବାଚନରେ ସହରାଞ୍ଚଳର ୧୭୯ ଆସନର ମଧ୍ୟରୁ ଭାଜପାକୁ ୯୦ ସିଟ୍‌ରେ ସଫଳତା ମିଳିଥିଲା। ଏଥର ସେଥିରୁ ୭୮ ଆସନକୁ ଦଖଲ କରିବାରେ ଦଳ ସକ୍ଷମ ହୋଇଛି। ଭୋଟରମାନେ ଦରବୃଦ୍ଧି, ବେରୋଜଗାରି, ଆୟ ହ୍ରାସ, ଦୁର୍ନୀତି ନିବବାରଣରେ ବିଫଳତା ଓ ଠକେଇ ଆଦିକୁ ନେଇ ଚିନ୍ତିତ ବୋଲି ଲୋକନୀତି-ସିଏସ୍‌ଡିଏସ୍ ପକ୍ଷରୁ ନିର୍ବାଚନ ପରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି।

## ମାନହାନି ମାମଲାରେ ରାହୁଲଙ୍କୁ ଜାମିନ

**ବେଙ୍ଗାଲୁରୁ,୭।୬**

ଏକ ମାନହାନି ମାମଲାରେ ବେଙ୍ଗାଲୁରୁର ସ୍ୱତନ୍ତ୍ର ଅଦାଲତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ଗତବର୍ଷ କର୍ନାଟକ ବିଧାନସଭା ନିର୍ବାଚନ ପୂର୍ବରୁ ତତ୍କାଳୀନ ଭାଜପା ସରକାର ବିରୋଧରେ କେତେକ ଖବରକାଗଜରେ ମାନହାନିକାରୀ ବିଜ୍ଞାପନ ପ୍ରକାଶ ପାଇଥିଲା। ରାଜ୍ୟ ଭାଜପା ସରକାର ୨୦୧୯ରୁ ୨୦୨୩ ମଧ୍ୟରେ ଅନେକ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ଥିବା ଏଥିରେ ଅଭିଯୋଗ ହୋଇଥିଲା। ଏନେଇ କର୍ନାଟକ ଭାଜପା ସଭାପତି ରାହୁଲ ଓ ଅନ୍ୟମାନଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ଜାମିନ ପ୍ରଦାନ କରିଥିଲେ। ସେହି ସମୟରେ ଶିବକୁମାର ରାଜ୍ୟ କଂଗ୍ରେସ ମୁଖ୍ୟ ଥିଲେ। ଜୁନ୍ ୭ରେ ହାଜର ହେବା ଲାଗି ବିଚାରପତି କେ.ଏନ୍. ଶିବକୁମାର ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ୨ଟି ଶୁଣାଣିରେ ହାଜର ହୋଇ ନ ଥିବାରୁ ରାହୁଲ କୋର୍ଟଙ୍କୁ କ୍ଷମା ମାଗିଥିଲେ।



ବେଜିଂରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

## ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଲେ ଶରିଫ୍

**ବେଜିଂ,୭।୬:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଶୁକ୍ରବାର ବେଜିଂରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ସାକ୍ଷାତ କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତୃତୀୟ ପାଳି ପାଇଁ ଶପଥ ନେବାକୁ ଯାଉଥିବାବେଳେ ଦୁଇ ପଡ଼ୋଶୀ ରାଷ୍ଟ୍ରମୁଖ୍ୟଙ୍କ ଏହି ଭେଟକୁ କୂଟନୈତିକ ସ୍ତରରେ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। କାରଣ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନଙ୍କୁ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରାଯାଇଥିବାବେଳେ କେବଳ ପାକିସ୍ତାନକୁ ଡକାଯାଇ ନାହିଁ। ଶେହବାଜ୍‌ଙ୍କ ବଡ଼ଭାଇ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ଭାରତ-ପାକିସ୍ତାନ ସମ୍ପର୍କର ଜଣେ ବଡ଼ ସମର୍ଥକ ଭାବେ ଜଣାଶୁଣା। ୨୦୧୪ରେ ମୋଦି ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବାବେଳେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ଏଥିରେ ଯୋଗଦେଇଥିଲେ। ଇତିମଧ୍ୟରେ ଶେହବାଜ୍‌ଙ୍କ ସହ ସାକ୍ଷାତ ପରେ ଜିନ୍‌ପିଙ୍ଗ୍ କହିଛନ୍ତି, ପାକିସ୍ତାନ ସହ ରଣନୈତିକ ସମ୍ପର୍କ ବୃଦ୍ଧି, କ୍ଷେତ୍ରୀୟ ଶାନ୍ତି, ସ୍ଥିରତା, ବିକାଶ ଓ ସମୃଦ୍ଧି ଉପରେ ଆଲୋଚନା ହୋଇଛି। ଚାଇନା ପ୍ରତି ଦୀର୍ଘ ସମର୍ଥନ ପାଇଁ ଜିନ୍‌ପିଙ୍ଗ୍ ପାକିସ୍ତାନକୁ ଧନ୍ୟବାଦ ଦେଇଛନ୍ତି।

## ୯ରେ କଙ୍ଗନାଙ୍କ ବିରୋଧରେ କୃଷକ ଆନ୍ଦୋଳନ

**ନୂଆଦିଲ୍ଲୀ,୭।୬**

ଅଭିନେତ୍ରୀରୁ ନେତ୍ରୀ ସାଜିଥିବା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କ ବିରୋଧରେ କୃଷକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। କଙ୍ଗନାଙ୍କୁ ଗୁରୁବାର ଚଣ୍ଡିଗଡ଼ ଏୟାରପୋର୍ଟରେ ଚାପୁଡ଼ା ମାରିଥିବା ସିଆଇଏସ୍‌ଏଫ୍‌ର ମହିଳା କନ୍‌ଷ୍ଟେବଲଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବାବେଳେ ତାଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବିରେ କୃଷକ ସଙ୍ଗଠନଗୁଡ଼ିକ ଆସନ୍ତା ୯ ତାରିଖରୁ ଆନ୍ଦୋଳନ କରିବାକୁ ଯୋଜନା କରିଛନ୍ତି। କୃଷକମାନେ ରବିବାର ପଞ୍ଜାବର ମୋହାଲିରେ 'ଇନ୍‌ସାଫ୍ ମାର୍ଚ୍ଚ' କରିବାକୁ ବାହାରିଛନ୍ତି। ୩୫ ବର୍ଷୀୟା ପଞ୍ଜାବୀ ମହିଳା ଗାର୍ଡ କୁଲ୍‌ୱିନ୍ଦର କୌର ଏକ ଭିଡିଓ ଜାରି କରି କହିଛନ୍ତି, ୨୦୨୦-୨୧ରେ କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ବିରୋଧରେ ବିକ୍ଷୋଭ ବେଳେ କଙ୍ଗନା କହିଥିଲେ, ଏମାନେ ୧୦୦ ଟଙ୍କା ପାଇଁ ଆନ୍ଦୋଳନ କରୁଛନ୍ତି। ସେତେବେଳେ କୃଷକ ଆନ୍ଦୋଳନରେ ତାଙ୍କ ମା' ମଧ୍ୟ ସାମିଲ ଥିଲେ ବୋଲି କୁଲ୍‌ୱିନ୍ଦର କହିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଏବଂ କିଷାନ ମଜଦୁର ମୋର୍ଚ୍ଚା ଭଳି ପ୍ରମୁଖ କୃଷକ ସଙ୍ଗଠନଗୁଡ଼ିକ କୁଲ୍‌ୱିନ୍ଦରଙ୍କୁ ସମର୍ଥନ ଜଣାଇଛନ୍ତି।



କଙ୍ଗନା ରାଣାୱତ



କୁଲ୍‌ୱିନ୍ଦର କୌର

## ବାୟୋଫାର୍ମାସ୍ୟୁଟିକାଲ ଆଲିଆନ୍ସରେ ଭାରତ

**ନୂଆଦିଲ୍ଲୀ,୭।୬**

ବାୟୋଫାର୍ମାସ୍ୟୁଟିକାଲ୍ ସେକ୍ଟରରେ ଏକ ସଫଳ ଯୋଗାଣ ଶୃଙ୍ଖଳ ନିର୍ମାଣ ଲାଗି ମିଳିତ ଉଦ୍ୟମ ସ୍ୱରୂପ ଭାରତ, ଦକ୍ଷିଣ କୋରିଆ, ଜାପାନ, ଆମେରିକା ଏବଂ ୟୁରୋପୀୟ ସଂଘ ଗୁରୁବାର ଏକ ମେଣ୍ଟ ଶୁଭାରମ୍ଭ କରିଛନ୍ତି। କାଲିଫର୍ନିଆର ସାନ୍ ଡିଏଗୋରେ ଅନୁଷ୍ଠିତ ବାୟୋଫାର୍ମାସ୍ୟୁଟିକାଲ ଆଲିଆନ୍ସର ଉଦ୍‌ଘାଟନୀ ଉତ୍ସବରେ ଏହା ଘୋଷଣା କରାଯାଇଛି। ଅଂଶଗ୍ରହଣକାରୀ ଦେଶଗୁଡ଼ିକର ସରକାରୀ ଅଧିକାରୀ ଏବଂ ବାୟୋ ଓ ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ଏଥିରେ ଭାଗ ନେଇଛନ୍ତି। ସୂଚନାଯୋଗ୍ୟ, କୋଭିଡ୍-୧୯ ମହାମାରୀ ବେଳେ ଔଷଧ ଯୋଗାଣରେ ଅଭାବ ଅନୁଭୂତ ହୋଇଥିଲା। ଭବିଷ୍ୟତରେ ଏଭଳି ସମସ୍ୟା ଯେପରି ନ ହୁଏ, ସେଥିପାଇଁ ଆଲିଆନ୍ସ ଆରମ୍ଭ ହୋଇଛି।

# ଅବସରପ୍ରାପ୍ତ ଡିଆଇଜିଙ୍କୁ ୭ ବର୍ଷ ଜେଲ

**ପଞ୍ଜାବ ଫେକ୍ ଏନ୍‌କାଉଣ୍ଟର ମାମଲା**

**ଅପହରଣ, ହତ୍ୟା ମାମଲାରେ ପୂର୍ବତନ ଡିଏସ୍‌ପିଙ୍କୁ ଆଜୀବନ**

**ମୋହାଲି,୭।୬**

୧୯୯୩ରେ ଘଟିଥିବା ଏକ ଫେକ୍ ଏନ୍‌କାଉଣ୍ଟର ମାମଲାରେ ପଞ୍ଜାବର ପୂର୍ବତନ ଡିଆଇଜି ଦିଲ୍‌ବାଗ ସିଂଙ୍କୁ ଶୁକ୍ରବାର ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଥିବାବେଳେ ପୂର୍ବତନ ଡିଏସ୍‌ପି ଗୁରବଚନ ସିଂଙ୍କୁ ଆଜୀବନ ଜେଲଦଣ୍ଡ ହୋଇଛି। ଗୁଲଶନ କୁମାର ନାମକ ଜଣେ ପରିବା ବିକ୍ରେତାଙ୍କୁ ଅପହରଣ ଓ ହତ୍ୟା ମାମଲାରେ ଗୁରବଚନଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଆର୍.କେ. ଗୁପ୍ତା ଗୁରୁବାର ଦୋଷୀସାବ୍ୟସ୍ତ କରିଥିଲେ। ମିଥ୍ୟା ଏନ୍‌କାଉଣ୍ଟର ମାମଲାରେ ଦିଲ୍‌ବାଗ ଦୋଷୀସାବ୍ୟସ୍ତ ହୋଇଥିଲେ। ଅଭିଯୋଗ ଅନୁଯାୟୀ ୧୯୯୩ ଜୁନ୍‌ରେ ଡିଏସ୍‌ପି ଦିଲ୍‌ବାଗ ସିଂ ଏବଂ ଏସ୍‌ଏଚ୍‌ଓ ଗୁରବଚନ ସିଂଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚମନ ଲାଲ୍, ତାଙ୍କ ପୁଅ ପର୍ଭିନ କୁମାର, ବବି କୁମାର ଏବଂ ଗୁଲ୍‌ଶନ କୁମାରଙ୍କୁ ସେମାନଙ୍କ ତରନ ତାରନସ୍ଥିତ ଘରୁ ଉଠାଇନେଇଥିଲେ। ଚମନଲାଲ୍ ଓ ତାଙ୍କ ଅନ୍ୟ ୨ ପୁଅଙ୍କ କିଛିଦିନ ପରେ ମୁକ୍ତ କରାଯାଇଥିବାବେଳେ ଗୁଲଶନଙ୍କୁ ହାଜତରେ ରଖାଯାଇଥିଲା। ଜୁନ୍ ୨୩ରେ ଗୁଲ୍‌ଶନଙ୍କୁ ଅନ୍ୟ ୩ ଜଣଙ୍କ ସହ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା। ସେମାନଙ୍କ ମୃତଦେହକୁ ପରିବାରକୁ ନ ଫେରାଇ ଦାବିଦାର ନ ଥିବା ଦର୍ଶାଇ ସତ୍କାର କରାଯାଇଥିଲା। ପରେ ମୃତ ଅନ୍ୟ ୩ ଜଣ କର୍ନେଲ, ଜର୍ନେଲ ଏବଂ ହରିଜିନ୍ଦର ସିଂ ବୋଲି ଜଣାପଡ଼ିଥିଲେ। ୧୯୯୫ରେ ସୁପ୍ରିମକୋର୍ଟ ଉକ୍ତ ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ। ଡିଏସ୍‌ପି ଦିଲ୍‌ବାଗ, ଇନ୍ସପେକ୍ଟର ଗୁରବଚନ ଏବଂ ଏଏସ୍‌ଆଇ ଅର୍ଜୁନ ସିଂ, ଦାବିନ୍ଦର ସିଂ, ବଲବୀର ସିଂଙ୍କ ନାଁରେ ୧୯୯୯ରେ ଚାର୍ଜଶିଟ୍ ହୋଇଥିଲା। ବିଚାର ଚାଲିଥିବା ସମୟରେ ଅର୍ଜୁନ, ଦାବିନ୍ଦର ଏବଂ ବଲବୀରଙ୍କର ମୃତ୍ୟୁ ଘଟିଥିଲା।

# ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ଲାଇନଚ୍ୟୁତ



**ନୂଆଦିଲ୍ଲୀ,୭।୬**

ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ର ଏକ ବଗି ଶୁକ୍ରବାର ସକାଳେ ଗାଜିଆବାଦ ଷ୍ଟେଶନରେ ଲାଇନଚ୍ୟୁତ ହୋଇଛି। ଟ୍ରେନ୍‌ଟି ଧୀରେ ଧୀରେ ଗଡୁଥିବାରୁ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। ଲାଇନଚ୍ୟୁତ୍ ବଗିକୁ ଟ୍ରେନ୍‌ରୁ ଅଲଗା କରାଯିବା ପରେ ଯାତ୍ରୀମାନଙ୍କୁ ଅନ୍ୟ ଏକ କୋଚ୍‌ରେ ନିଆଯାଇଥିଲା। ଟ୍ରେନ୍‌ଟି ଗାଜିଆବଦ ଛାଡ଼ି ନୂଆଦିଲ୍ଲୀରେ ସୁରକ୍ଷିତ ଭାବେ ପହଞ୍ଚିଛି। ତେବେ ବଗି ଲାଇନଚ୍ୟୁତ ହେବାର କାରଣ ଅନୁଧ୍ୟାନ କରାଯାଉଥିବା ନର୍ଦ୍ଦର୍ନ ରେଲୱେର ଜନସମ୍ପର୍କ ଅଧିକାରୀ ଦୀପକ କୁମାର କହିଛନ୍ତି।

## ଡ୍ରାଇଭର ଶୋଇପଡ଼ିବାରୁ ଟ୍ରେନ୍ ଦୁର୍ଘଟଣା

ପଞ୍ଜାବରେ ୪ ଦିନ ପୂର୍ବରୁ ଏକ ମାଲ୍‌ବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଟ୍ରେନ୍‌ର ଲୋକୋ ପାଇଲଟ୍ ଏବଂ ତାଙ୍କ ସହକାରୀ ଶୋଇପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଶୋଇପଡ଼ିଥିବାରୁ ରେଡ୍ ସିଗ୍‌ନାଲରେ ସେମାନେ ବ୍ରେକ୍ ଚାପିପାରି ନ ଥିଲେ ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି। ଗତ ୨ ତାରିଖ ରାତି ୩ଟା ୧୫ରେ ପଞ୍ଜାବର ସିରହିନ୍ଦ ଜଙ୍କଶନ ଏବଂ ସାଧୁଗଡ଼ ରେଳ ଷ୍ଟେଶନ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମାଲ୍‌ବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ ହୋଇ ମୁଖ୍ୟ ପାସେଞ୍ଜର ଲାଇନ ପାଖାପାଖି ରହିଥିଲା। ସେହି ସମୟରେ ଉକ୍ତ ଲାଇନରେ ଆସୁଥିବା ଜମ୍ମୁ-ତାୱି ସମର ସ୍ପେଶାଲ ଟ୍ରେନ୍ ଆସୁଥିଲା। ପଡ଼ିରହିଥିବା ଇଞ୍ଜିନ ସହ ସ୍ପେଶାଲ ଟ୍ରେନ୍ ଇଞ୍ଜିନ ଧକ୍କା ହେବାରୁ ଏହା ଲାଇନଚ୍ୟୁତ ହୋଇଥିଲା।

DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୮/୨୦୨୪ | Bhubaneswar, Saturday, June 8/2024 | ପୃଷ୍ଠା-୧



**କିରଣ ମନୀଷାଙ୍କୁ ଗୁରୁଦାୟିତ୍ୱ**

ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳର କୋଚ୍ ମନୋନୀତ ହୋଇଛନ୍ତି ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି।

୧୪

୧୧

**‘ଦିଲବର୍-୨’ରେ ନୋରା ଫତେହିଙ୍କ ନୂଆ ଅବତାର**

‘ଦିଲବର ୨.୦’ ଫିଲ୍ମରେ ଅଭିନେତ୍ରୀ ନୋରା ଫତେହିଙ୍କ ନୂଆ ଅବତାର । ଯାହାକୁ ନେଇ ତାଙ୍କ ଫ୍ୟାନ୍‌ମାନେ ଏବେ ବେଶ୍ ଉତ୍ସାହିତ ।



# କିଏ ହେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୬(ସୁନିତ୍ ମିଶ୍ର) ଓଡ଼ିଶାରେ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ବିଜେଡିକୁ ହରାଇ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭାହୋଇ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ଶପଥ ଗ୍ରହଣ ପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ନିର୍ବାଚନ ପ୍ରଚାର ପାଇଁ ଆସିଥିବାବେଳେ ରାଜ୍ୟରେ ଭାଜପା ନିଶ୍ଚିତ ସରକାର କରିବ ଏବଂ ଜଣେ ଓଡ଼ିଆ ଝିଅ କିମ୍ବା ପୁଅ ମୁଖ୍ୟମନ୍ତ୍ରୀ ହେବେ ବୋଲି ବାରମ୍ବାର ଦୋହରାଇଥିଲେ। ଓଡ଼ିଶାରେ ଭାଜପାର ମୁଖ୍ୟମନ୍ତ୍ରୀ ଜୁନ୍ ୧୦ ତାରିଖରେ ଶପଥ ନେବେ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ତେଣୁ ଏବେ ଭାଜପା କାହାକୁ ମୁଖ୍ୟମନ୍ତ୍ରୀ କରିବ ତାହାକୁ ନେଇ ଚର୍ଚ୍ଚା ସରଗରମ ହୋଇଛି। ଅନ୍ୟପଟେ କେବଳ ମୁଖ୍ୟମନ୍ତ୍ରୀ ରହିବେ ନା ଅନ୍ୟ ଭାଜପା ଶାସିତ ରାଜ୍ୟଗୁଡ଼ିକ ଭଳି କେହି ଜଣେ କିମ୍ବା ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ହେବେ, ତାକୁ ନେଇ ମଧ୍ୟ ଆଲୋଚନା ହେଉଛି। ଦଳରେ ଏହା ଉପରେ ବିଚାରବିମର୍ଶ ଚାଲିଥିବା ଭାଜପା ନେତାମାନେ କହିଛନ୍ତି।

ଭାଜପାର ଶପଥ ଗ୍ରହଣ ସମାରୋହ ଆସନ୍ତା ୧୦ ତାରିଖରେ ଜନତା ମଇଦାନଠାରେ ଆୟୋଜନ ହେବ। ନୂଆ ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ୍‌ର ଅନ୍ୟ ସଦସ୍ୟମାନେ ଏହି ଅବସରରେ ଶପଥ ନେବେ। ଏନେଇ ଗତ ଗୁରୁବାର ଆନୁଷ୍ଠାନିକ ଭାବେ ବରିଷ୍ଠ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଭାଜପାରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କାହାକୁ କରାଯିବ ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଏଭଳି ସ୍ଥିତିରେ ବିଜୟୀ ବିଧାୟକମାନଙ୍କ ମଧ୍ୟରୁ ହିଁ କାହାକୁ ଭାଜପା ମୁଖ୍ୟମନ୍ତ୍ରୀ ଭାବେ ବାଛିବାର ଅଧିକ ସମ୍ଭାବନା ଥିବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶାରୁ ଏଥର ୨୧ ଲୋକ ସଭା ଆସନ ମଧ୍ୟରୁ ୨୦ ଜଣ ଏମ୍‌ପି ଭାଜପାରୁ ବିଜୟୀ ହୋଇଛନ୍ତି। ଏହି ସଂଖ୍ୟା ଯୋଗୁ କେନ୍ଦ୍ରରେ ଭାଜପାର ସମ୍ମାନ ରକ୍ଷା ପାଇଛି। ନବନିର୍ବାଚିତ ସାଂସଦମାନଙ୍କ ମଧ୍ୟରୁ କେନ୍ଦ୍ରରେ ଯେଉଁ କେତେଜଣ ପରିଚିତ ଚେହେରା ବା କ୍ଷମତାଶାଳୀ ନେତା ରହିଛନ୍ତି ତାଙ୍କ ଭିତରୁ କାହାକୁ ମୁଖ୍ୟମନ୍ତ୍ରୀ ଆସନ ମିଳିବା ନେଇ ସାଧାରଣରେ ଚର୍ଚ୍ଚା ହେଲେ ମଧ୍ୟ ତାହା ଏବର ସ୍ଥିତିରେ କଠିନ ବ୍ୟାପାର ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଏଥର ଭାଜପା କେନ୍ଦ୍ରରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିବାରୁ ସରକାର ଗଠନ କରିବା ଲାଗି ଅନ୍ୟ ସହଯୋଗୀ ଦଳଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଛି। ତେଣୁ କୌଣସି ବିଜୟୀ ଏମ୍‌ପିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବାଛି ଭାଜପା କେନ୍ଦ୍ରରେ ଗୋଟିଏ ଲୋକ ସଭା ଆସନକୁ ଖାଲି କରିବ ବୋଲି ବିଶ୍ୱାସ ହେଉନାହିଁ। ଜିତିଥିବା କୌଣସି ଏମ୍‌ପିଙ୍କୁ ଯଦି ଏଠାରେ ମୁଖ୍ୟମନ୍ତ୍ରୀ କରାଯାଏ ଏବଂ ସେହି ଲୋକ ସଭା ଆସନରେ ଉପନିର୍ବାଚନ ହୁଏ, ଭାଜପା ପୁନର୍ବାର ସେଠାରେ ଜିତିବାର ନିଶ୍ଚିତତା ପ୍ରଶ୍ନବାଚୀରେ ଆସିଯିବ। କାରଣ ଓଡ଼ିଶାରେ ୨୪ ବର୍ଷ କ୍ଷମତାରେ ଥିବା ବିଜେଡିକୁ ହଟାଇବା ପରେ କୌଣସି ଆସନରେ ଉପନିର୍ବାଚନ ହେଲେ ଉକ୍ତ ଦଳ ପ୍ରତି ମଧ୍ୟ ଲୋକଙ୍କ ଅନୁକମ୍ପା ରହିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଚଳିତ ନିର୍ବାଚନରେ ପରାଜିତ ହୋଇଛନ୍ତି। ଏଭଳି ସମୟରେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି କୌଣସି ନବନିର୍ବାଚିତ ବିଧାୟକ ନିଜ ଆସନ ଛାଡ଼ିବାକୁ ରାଜି ହେବେ ସେକଥା ମଧ୍ୟ ସେତେଟା ସମ୍ଭବ ଲାଗୁନାହିଁ। ତେଣୁ ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ କାହାକୁ ହିଁ ମୁଖ୍ୟମନ୍ତ୍ରୀ ଆସନରେ ଭାଜପା କେନ୍ଦ୍ରୀୟ ନେତାମାନେ ବସାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟେ ଜିତିଥିବା ବିଧାୟକମାନଙ୍କ ମଧ୍ୟରୁ ଜଣେ ଓବିସି, ଆଦିବାସୀ, ଦଳିତ ପ୍ରାର୍ଥୀଙ୍କୁ ମଧ୍ୟ ଦଳ ମୁଖ୍ୟମନ୍ତ୍ରୀ ଆସନରେ ଯେ ନ ବସାଇବ ସେକଥା କୁହାଯାଇ ନ ପାରେ।

ଏପରିସ୍ଥଳେ ଜନତା ମଇଦାନଠାରେ ଶପଥ ଉତ୍ସବର ପ୍ରସ୍ତୁତି ଦାୟିତ୍ୱ ନେବାକୁ ୫୦ ଜଣ ସରକାରୀ ଅଧିକାରୀଙ୍କୁ ବଛାଯାଇଛି। ଏହି ଉତ୍ସବରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତେବେ ଶପଥ ଉତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ଭାଜପା ରାଜ୍ୟ ସଭାପତି ଶୁକ୍ରବାର ଭିଡିଓ କନ୍‌ଫରେନ୍ସି ଜରିଆରେ ବିଜୟୀ ବିଧାୟକ, ଜିଲା ସଭାପତି ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ବିଧିବଦ୍ଧ ଭାବେ ଆଲୋଚନା କରିଛନ୍ତି। ଆସନ୍ତା ୮ ତାରିଖରେ ଭାଜପାର ବିଧାୟକ ଦଳ ବୈଠକ ବସିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏହାସହ କେନ୍ଦ୍ରରୁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତକରି ଏଥିରେ ସାମିଲ କରାଯିବା ମଧ୍ୟ ସମ୍ଭାବନା ରହିଛି। ଏଠାରେ ମନେପକାଇ ଦିଆଯାଇପାରେ, କଂଗ୍ରେସରେ କେବେହେଲେ ବିଧାୟକମାନଙ୍କୁ ପଚରାଯାଇ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବଛାଯାଉ ନ ଥିଲା। ଗୋଟିଏ ‘ବନ୍ଦ ଲଫାପା’ରେ ଗୋଟିଏ ନାମ ଆସିଥାଏ। ଯାହାକୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଘୋଷଣା କରିଥାଆନ୍ତି। ଦେଖିବାର ବାକି ଅଛି କଂଗ୍ରେସ ଭଳି ଭାଜପାରେ ମଧ୍ୟ ବନ୍ଦ ଲଫାପାରେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଆସିବ କି। ଅନ୍ୟତ୍ର ବିଧାୟକମାନଙ୍କ ମତ ଖୋଲାଖୋଲି ଲୋଡ଼ି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବଛାଯିବ କି ନାହିଁ ତାହା ହେଉଛି ଏବେକାର ଚର୍ଚ୍ଚା।

**ଆଜିର ସମ୍ପାଦକୀୟ**
**ଅଭିଜ୍ଞତାକୁ ସ୍ୱୀକୃତି**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ସନ୍ଧ୍ୟାରେ ଏନ୍‌ଡିଏ ନେତା ନରେନ୍ଦ୍ର ମୋଦିଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

## ସରକାର ଗଢ଼ିବାକୁ ମୋଦିଙ୍କୁ ଆମନ୍ତ୍ରଣ

ନୂଆଦିଲ୍ଲୀ,୭।୬ ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନରେନ୍ଦ୍ର ମୋଦି ଶୁକ୍ରବାର ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ରାଷ୍ଟ୍ରପତି ଉକ୍ତ ଦାବିକୁ ଗ୍ରହଣକରି ତାଙ୍କୁ ସରକାର ଗଢ଼ିବା ଲାଗି ଆମନ୍ତ୍ରଣ କରିଛନ୍ତି। ରବିବାର ସନ୍ଧ୍ୟା ୬ଟାରେ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ☞ପୃଷ୍ଠା-୨

### ‘ଜଗନ୍ନାଥ ଗରିବଙ୍କ ଭଗବାନ’

ପ୍ରଭୁ ଶ୍ରୀଜଗନ୍ନାଥ ଗରିବଙ୍କ ଭଗବାନ। ତାଙ୍କ ଆଶୀର୍ବାଦରେ ଆଗାମୀ ୨୫ ବର୍ଷରେ ଦେଶର ବିକାଶ ଯାତ୍ରାରେ ଓଡ଼ିଶା ବିକାଶର ଇଞ୍ଜିନ ହେବାକୁ ଯାଉଛି ବୋଲି ଶୁକ୍ରବାର ଭାଜପା ନେତା ନରେନ୍ଦ୍ର ମୋଦି କହିଛନ୍ତି। ପୁରୁଣା ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ଏମ୍‌ପିଙ୍କୁ ସମ୍ବୋଧିତ କରି ମୋଦି କହିଥିଲେ, ସେ ଯେତେବେଳେ ପ୍ରଭୁ ଜଗନ୍ନାଥଙ୍କ କଥା ଚିନ୍ତା କରନ୍ତି, ସେତେବେଳେ ତାଙ୍କୁ ଗରିବଙ୍କ ଭଗବାନ ରୂପରେ ଦେଖନ୍ତି। ଓଡ଼ିଶାରୁ ବୈପ୍ଳବିକ ଫଳାଫଳ ଆସିଛି। ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶା ବିକାଶର ଇଞ୍ଜିନ ପାଲଟିବ। ମୋଦିଙ୍କ ଏଭଳି ସମ୍ବୋଧନରେ ଏମ୍‌ପିମାନେ ଉଲ୍ଲସିତ ହୋଇ ଟେବୁଲ ବାଡ଼େଇ ଖୁସି ବ୍ୟକ୍ତ କରିଥିଲେ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୧୮ତମ ପୂର୍ଣ୍ୟତିଥି, ସ୍ଥାନ: ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- କୋଠଘର ଆମ ସାହିତ୍ୟ ପରିବାରର ପଞ୍ଚମ ବାର୍ଷିକୋତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ ସକାଳ ୯ଟା ୩୦।
- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୪୫।
- ୯ମ ନ୍ୟାଶନାଲ କନକ୍ଲେଭ ଅନ ଏନ୍‌ଭାଇରୋନମେଣ୍ଟ, ଏନର୍ଜି ଆଣ୍ଡ କ୍ଲାଇମେଣ୍ଟ ଚେଞ୍ଜ, ସ୍ଥାନ: ହୋଟେଲ ନ୍ୟୁ ମାରିୟନ୍, ସମୟ: ପୂର୍ବାହ୍ନ ୧୦ଟା। ଓ କଳିଙ୍ଗ ଏକ୍ସିଲେନ୍ସ ଆୱାର୍ଡ, ସମୟ: ପରାହ୍ନ ୫ଟା ୩୦।
- ଶ୍ରୀଶ୍ରୀ ହନୁମାନଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ବାଲିଅନ୍ତା ତଳଗଡ଼ ଗ୍ରାମର ବେଲେଶ୍ୱର ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଏଥେନା ବୁକ୍ସ, ଭୁବନେଶ୍ୱରର ରୌପ୍ୟଜୟନ୍ତୀ ସମ୍ବତ୍ସର, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ, ଭୁବନେଶ୍ୱର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୋର୍ଡର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଋଷିକୂଲ୍ୟା ସାହିତ୍ୟ ସମ୍ମିଳନୀର ସାହିତ୍ୟ ସଭା, ସ୍ଥାନ: ଏଥେନା ବୁକ୍ସ କାର୍ଯ୍ୟାଳୟ, ପ୍ଲଟ ନଂ- ୧୦୪୬/୨୯୦୫, ସମୟ: ଅପରାହ୍ନ ୪ଟା ୪୦।
- ସ୍ୱରାଳାପ କଲ୍‌ଚରାଲ ଟ୍ରଷ୍ଟର ୭ମ ବାର୍ଷିକୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ୧୧ତମ ବସନ୍ତ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ଜ୍ୟୋତିକଳା ମନ୍ଦିର ପକ୍ଷରୁ ଓଡ଼ିଶୀ ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାବାସ ପକ୍ଷରୁ ଉପସରଣମ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଜାତୀୟସ୍ତରୀୟ କଳା ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଦି ବେଲ୍ ପକ୍ଷରୁ ଦକ୍ଷତା ଗଠନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ସମ୍ମିଳନୀ କକ୍ଷ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଅବସରରେ ନୀଳାଦ୍ରି କଲ୍‌ଚରାଲ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ପରିସର, ପୁରୀ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ୪୬ତମ ରାଜ୍ୟସ୍ତରୀୟ ବାର୍ଷିକ ଯୁବ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କେରଙ୍ଗ, ମହମୁଦାବାଦ ମସଜିଦ୍ ପରିସର, ସମୟ: ସକାଳ ୯ଟା ୩୦।
- ଶୀତଳଷଷ୍ଠୀ ଯାତ୍ରା(ଶିବବିବାହ) ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅମୃତେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଖଣ୍ଡୁରିଆ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଆମ୍ବଗଡ଼ିଆ ବିକାଶ ପରିଷଦ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗବାନପୁର ବୈଠକ ବଙ୍ଗଳା, ରୂପସା ଏଫସିଆଇ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- କବି ଡ. ବ୍ରଜନାଥ ରଥଙ୍କର ଦଶମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ସଙ୍ଗୀତ କଳାମନ୍ଦିରର ୬୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶନି ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ବାଇପାସ୍, ଭଦ୍ରକ, ସମୟ: ସକାଳ ୬ଟା।
- ସର୍ବୋଦୟ ମଣ୍ଡଳ ପକ୍ଷରୁ ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭାଜପା ବିଧାନସଭା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଅଷ୍ଟମପ୍ରହର ଅହୋରାତ୍ର ନାମ ସଙ୍କୀର୍ତ୍ତନ, ସ୍ଥାନ: କପୁଣ୍ଡି, ହାଟଡିହୀ, ସମୟ: ସକାଳ ୫ ଟା।
- ସାଇ ଭକ୍ତଙ୍କ ଭଜନ ସନ୍ଧ୍ୟା, ସ୍ଥାନ: ଗୋପ, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ଅଷ୍ଟମପ୍ରହର ଶୁଭ ଅଧିବାସ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିରର ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଡିହିରାକୁଳ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଓଡ଼ିଶା ଆର୍ଟସର ପ୍ରଶିକ୍ଷଣ ଶିବିର ଉଦଯାପନ,ସ୍ଥାନ: ଆସିକା ରୋଡ ଚତୁର୍ଭୁଜ ଧର୍ମଶାଳା, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ବିଶ୍ୱ ସାମୁଦ୍ରିକ ଦିବସ ପାଳନ, ସ୍ଥାନ: ଗୋପାଳପୁର ବେଳାଭୂମି,ସମୟ: ସକାଳ ୭ଟା।

## କନ୍ଧମାଳ

- ରାମଚରିତ ମାନସ ପାରାୟଣ, ପ୍ରବଚନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା, ସନ୍ଧ୍ୟା ୭ଟା।
- ମା' ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ମେଲୋଡି, ସ୍ଥାନ: ଫୁଲବାଣୀ କରୋନେଶନ ପଡିଆ, ସମୟ ସନ୍ଧ୍ୟା ୭ଟା।
- କନ୍ଧମାଳ ଷ୍ଟାଡିୟମରେ ଅପେରା ପରିବେଷଣ, ସ୍ଥାନ: ଫୁଲବାଣୀ, ସମୟ- ରାତି ୧୦ଟା।

## ଜଗତ୍‌ସିଂହପୁର

- ପରମଜ୍ୟୋତି କଳାକ୍ଷେତ୍ର ଟ୍ରଷ୍ଟର ୨ ଦିନିଆ କଳା ସମ୍ପନ୍ନ ନୃତ୍ୟ,ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ ମୁକ୍ତାକାଶ ମଣ୍ଡପ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶୀତଳଷଷ୍ଠୀ ଉପଲକ୍ଷେ ଯଜ୍ଞ ଅଗ୍ନି ସ୍ଥାପନ ଓ ସହସ୍ର କୁମ୍ଭାବିଷେକ, ସ୍ଥାନ: ଗର୍ତ୍ତେଶ୍ୱର ମହାଦେବ ପୀଠ, ରାଜନଗର, ସମୟ: ସକାଳ ୫ଟା।
- ଦିବ୍ୟ ଦେବାଳୟ କାର୍ଯ୍ୟକ୍ରମ, ସ୍ଥାନ: ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ତ୍ରିନାଥ ଗୋସାଇଁଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଆଳି ଥାନା ପରିସର, ସମୟ: ସକାଳ ୭ଟା।

## ଯାଜପୁର

- ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର, ସ୍ଥାନ: ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼

- କପିଳେଶ୍ୱର ଦେବଙ୍କ ମନ୍ଦିରର ୩ୟ ବାର୍ଷିକ ଉତ୍ସବ, ସ୍ଥାନ: ସିମିଳିସାହି ପଞ୍ଚାୟତର ଦେଢଶର ଗ୍ରାମ, ଦଶପଲ୍ଲା, ସମୟ: ସକାଳ: ୮ଟା।

## ରାୟଗଡ଼ା

- ବିଷମ କଟକ ତାଲୁକା ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ: ବ୍ଲକ କନଫରେନ୍ସ ହଲ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ସିଦ୍ଧି ବିନାୟକ ମନ୍ଦିର, ସ୍ୱାମୀ ଆୟାପ୍ପା, କାର୍ତ୍ତିକେଶ୍ୱର ମନ୍ଦିର ପୁନଃ ସ୍ୱରଚନା ଓ ନବନିର୍ମିତ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନବରଙ୍ଗପୁର ରାଜୁ ସାହି, ସମୟ: ସକାଳ ୬ଟାରୁ ଆରମ୍ଭ।

## କୋରାପୁଟ

- ଜୈବିକ ପ୍ରଣାଳୀରେ ଚାଷ କରିବା ନେଇ ପ୍ରଶିକ୍ଷଣ ଶିବିର, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ମୁରାସ୍ଥିତ ବିଦ୍ୟାସାଗର ଜ୍ଞାନମନ୍ଦିର ଆନୁକୂଲ୍ୟରେ ନିଃଶୁଳ୍କ ଯୋଗଶିବିର, ସ୍ଥାନ: ମାନେଶ୍ୱର ବ୍ଲକ ନୂଆଁଡିହୁରା ପଞ୍ଚାୟତ ମୁରା ଗ୍ରାମ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ସକାଳ ୫ଟା।
- ମୁରାସ୍ଥିତ ବିଦ୍ୟାସାଗର ଜ୍ଞାନମନ୍ଦିର ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ମାନେଶ୍ୱର ବ୍ଲକ ନୂଆଁଡିହୁରା ପଞ୍ଚାୟତ ମୁରା ଗ୍ରାମ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ଜିଲା କ୍ରିଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଝାଡୁଆପଡ଼ା ଲୋକନାଥ ବାବାଙ୍କ ପତରପେଡ଼ିଁ, ସ୍ଥାନ: କଂସାରିପଡା, ସମୟ: ସନ୍ଧ୍ୟା ୭ଟା।
- ମୁଦିପଡା ଜାଗେଶ୍ୱର ବାବାଙ୍କ ପତରପେଡ଼ିଁ, ସ୍ଥାନ: ମୁଦିପଡା, ସମୟ: ସନ୍ଧ୍ୟା ୭ଟା।
- ବାଲିବନ୍ଧା ସୋମନାଥ ବାବାଙ୍କ ପତରପେଡ଼ିଁ, ସ୍ଥାନ: ଆଥା କଲୋନୀ, ସମୟ: ସନ୍ଧ୍ୟା ୭ଟା
- ବଡବଜାର ଶିତଳେଶ୍ୱର ବାବାଙ୍କ ପତରପେଡ଼ିଁ, ସ୍ଥାନ: ସାହେବ ବଙ୍ଗଳା, ସମୟ: ରାତି ୮ଟା।
- ଠକୁରପଡା ବାବାଙ୍କ ପତରପେଡ଼ିଁ, ସ୍ଥାନ: ପାଞ୍ଚଗଛିଆ ସ୍ଥିତ ଗୁରୁନାନକ କମ୍ପ୍ଲେକ୍ସ, ସମୟ: ରାତି ୮ଟା।
- ବୁଢ଼ାରଜା ମହାଦେବଙ୍କ ପତରପେଡ଼ିଁ, ସ୍ଥାନ: ଜଗନ୍ନାଥ କଲୋନୀ, ସମୟ: ରାତି ୮ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ମାସିକ ରଚନା ସନ୍ଧ୍ୟା, ଆମ ପରିବେଶ: ଆମ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୧୫ ମିନିଟ।

## ସୁବର୍ଣ୍ଣପୁର

- ଗୁରୁଜନ୍ମ ଉତ୍ସବ, ସ୍ଥାନ: ମହାକାଳେଶ୍ୱର ମନ୍ଦିର, କଳାପଥର, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ ଟା
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ଦେବ ନିମନ୍ତ୍ରଣ, ସ୍ଥାନ: ସୋନପୁର ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ତରଭା ଶନି ମନ୍ଦିରରେ ମହାଆଳତି, ସ୍ଥାନ: ତରଭା ନୂଆପଡ଼ା ଶନିମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ବ୍ରହ୍ମକୁମାରୀ ପକ୍ଷରୁ ନିଶାନିବାରଣ ସଚେତନତା କର୍ମଶାଳା,ସ୍ଥାନ: ଡାଇମଣ୍ଡ ଭବନ, ସମୟ: ସକାଳ ୭ଟା୩୦।
- ରମ୍ଭା ତୃତୀୟ ଉତ୍ସବ ପାଳିତ,ସ୍ଥାନ: କାଳିମନ୍ଦିର ପରିସର, ସମୟ: ସକାଳ ୮ଟା।

## ବରଗଡ଼

- ସ୍ୱପ୍ନେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଉତ୍ସବ, (ପତରପେଣ୍ଡି କାର୍ଯ୍ୟକ୍ରମ), ସ୍ଥାନ: ସ୍ୱପ୍ନେଶ୍ୱର ଶିବ ମନ୍ଦିର, କଣ୍ଟାପଡ଼ା, ପଦ୍ମପୁର, ସମୟ: ସକାଳ ୭ଟା।
- ଶୀତଳଷଷ୍ଠୀ ଯାତ୍ରା (ଗଣସନ), ସ୍ଥାନ: କଣ୍ଟାଝୁଡ଼ା, ଗାଇସିଲେଟ, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ମହୋତ୍ସବ (ଅମୃତ ମଣୋହୀ ଭୋଗ ଅର୍ପଣ), ସ୍ଥାନ: ବରପାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଶୀତଳଷଷ୍ଠୀ ମହୋତ୍ସବ, (ତାରକାସୁର ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ), ସ୍ଥାନ: ବଡ଼ପଡ଼ା, ପଦ୍ମପୁର, ସମୟ: ରାତି ୮ଟା।

## କଳାହାଣ୍ଡି

- ଭାଜପାର ନିର୍ବାଚନୀ ସମୀକ୍ଷା ବୈଠକ, ସ୍ଥାନ: ଜୁନାଗଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତୀ, ସ୍ଥାନ: ସହର ଧର୍ମଶାଳା ଛକ ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଭଗବତ ଗୀତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସହରସ୍ଥିତ ଟିବ୍ରିୱାଲ ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ରକ୍ତଦାନ ଶିବିର, ସ୍ଥାନ: ସରବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୪ଟା ୩୦ ମିନିଟ୍।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅର୍ଥଲାଭ ସାଙ୍ଗକୁ ବନ୍ଧୁମାନଙ୍କ ମତାନ୍ତର ଜନିତ କଳହର ମଧ୍ୟ ସୂଚନା ରହିଛି। ଅବଶ୍ୟ ଆନୁଷ୍ଠାନିକ କାର୍ଯ୍ୟ, ପ୍ରତ୍ୟୁଷ ଯାତ୍ରାଦିରେ ସଫଳତା ହାସଲ କରିବେ। କୃତ୍ତିକା ନକ୍ଷତ୍ର କେତେକ ଆକସ୍ମିକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପ୍ରକାଶନ, ପ୍ରଶାସନ, କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

**ବୃଷ** ଉନ୍ନତ ଚିନ୍ତାକୁ ବାସ୍ତବତାରେ ପରିଣତ କରିବାର ଯୋଜନାରେ ସଫଳତା ହାସଲ କରିବେ। ଆଜିର ନୂତନ କର୍ମାରମ୍ଭ, ଧାର୍ମିକ କାର୍ଯ୍ୟ ତଥା ମନୋରଞ୍ଜନ ପ୍ରୀତିପ୍ରଦ ହେବ। ରାହୁଙ୍କ କୁପ୍ରଭାବରୁ ସାମୟିକ ଭୁଲ୍ ବୁଝାମଣା ଜନିତ ମନାନ୍ତର ଆଶଙ୍କା ରହିଛି। ରୋହିଣୀ ନକ୍ଷତ୍ର ବିନା କାରଣରେ କାହା ସାଙ୍ଗରେ ଶତ୍ରୁତା କରିବା ଠିକ୍ ହେବନାହିଁ।

**ମିଥୁନ** ଯାହାକୁ ଅତି ନିଜର ମନେ କରୁଥିବେ ସିଏହିଁ ମୁହଁ ପଛରେ ସମାଲୋଚନା କରିବ। ଅର୍ଥ ଓ ସମ୍ମାନ ପାଇବେ, ସହକର୍ମୀଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ମୃଗଶିରା ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହେବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ସ୍ୱାସ୍ଥ୍ୟ ଚିନ୍ତା, ବୃଥା ସନ୍ଦେହ, ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେବାରେ ମନକୁ ନିୟୋଜିତ କରିବେ। ପର୍ଯ୍ୟାପ୍ତ ଖର୍ଚ୍ଚକୁ ରୋକିବା ଦିଗରେ ଅସମର୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥାନାନ୍ତର, ବ୍ୟବସାୟରେ କ୍ଷତି, ବୃଥାଭ୍ରମଣ ଦ୍ୱାରା ଟେନ୍‌ସନରେ ରହିବେ। ଶୁକ୍ରଙ୍କ ପ୍ରଭାବରୁ ପାରିବାରିକ ସୁଖ, ଆନୁଷ୍ଠାନିକ କାମର ସୁଯୋଗ ଲାଭକରିବେ।

**ସିଂହ** ପୂର୍ବାଫାଲଗୁନୀ ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଖର୍ଚ୍ଚାନ୍ତ ହେବେ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ କରିପାରେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ପାଇଁ ଚେଷ୍ଟା କରିପାରନ୍ତି। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** ନିଜ ଅପେକ୍ଷା ଅନ୍ୟମାନଙ୍କ ସକାଶେ ଅଧିକ ବ୍ୟସ୍ତତା ଅନୁଭବ କରିବେ। କର୍ମକ୍ଷେତ୍ରରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟାକଲେ ସଫଳତା ମିଳିବ। ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ପରିବାରର ବରାଦ ଅନୁଯାୟୀ ଅଳଙ୍କାର ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ତୁଳା** ଆଜି ସ୍ୱାତୀ ନକ୍ଷତ୍ର ଯେଉଁ କାମରେ ହାତ ଦେବେ ତାହା ପୂରଣ ହେବ। ଯାହାକୁ ଯାହା କହିବେ ସେ ନିର୍ବିବାଦରେ ତାହାକୁ ସ୍ୱୀକାର କରିନେବ। ମାତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଘରୋଇ ସମସ୍ୟା ସମାଧାନ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

**ବିଛା** ଅନୁରାଧା ନକ୍ଷତ୍ର କର୍ମାରମ୍ଭ ସକାଶେ ମାନସିକତା ସୃଷ୍ଟି କରିବେ। ଅତୀତର ଅପମାନ, ସମସ୍ୟା ଓ କାର୍ଯ୍ୟ ସାଧନରେ ଅସାମର୍ଥ୍ୟତା ବିଷୟରେ ସମୀକ୍ଷା କରିପାରନ୍ତି। କାମ ହାସଲ ଉଦ୍ଦେଶ୍ୟରେ ବନ୍ଧୁଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବିବାଦୀୟ ଘଟଣାର ଫଳାଫଳ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ଧନୁ** ସ୍ଥଗିତ ରହିଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ଆଜି ସମ୍ପନ୍ନ ହୋଇଯିବ। ଘରୋଇ ସମସ୍ୟା କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୋଇ ମନ୍ତବ୍ୟ ଦେବା ଠିକ୍ ହେବନାହିଁ। ଉତ୍ତରାଷାଢା ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ଖେଳକୁଦରେ ପ୍ରଶଂସା ପାଇବେ। ଆତ୍ମୀୟଙ୍କ ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟକରି ସାମୟିକ ଚିନ୍ତା ପ୍ରକଟ କରିପାରନ୍ତି।

**ମକର** ସାଧାରଣ କେତେକ ସମସ୍ୟାକୁ ବାଦ୍ ଦେଲେ ଦିନଟି ଭଲରେ ଭଲରେ କଟିବ। ଧନିଷ୍ଠା ନକ୍ଷତ୍ର ପାଇଁ ପ୍ରତ୍ୟେକ ପ୍ରକାରର ଅନୁକୂଳ ବାତାବରଣ ରହିଥିଲେ ମଧ୍ୟ ସଂଗଠନ, ରାଜନୀତି, ସଭାସମିତି, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅତି ନିକଟରେ ରହିଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**କୁମ୍ଭ** ନିଜ ଲୋକ ଆପଣଙ୍କ କାମକୁ ପଛରେ ରଖି ପର ପାଇଁ ବ୍ୟଗ୍ରତା ସୃଷ୍ଟି କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ଫଳରେ ଆଶ୍ୱସ୍ତି ଅନୁଭବ କରିବେ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସହ ପ୍ରାତଃ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଆର୍ଥିକ ସ୍ଥିତି ବିଶେଷ ଥିବା କାରଣରୁ ଚାହୁଁଥିବା ଜିନିଷ ପାଇବେ କିମ୍ବା ଭାବୁଥିବା କାମଟି କରିବାରେ ସମର୍ଥ ହେବେ।

**ମୀନ** ଆଜି ଯେମିତି ମନଟି ଉଚ୍ଛା କାମଗୁଡ଼ିକ ମଧ୍ୟ ତଦ୍ରୂପ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ପରିବର୍ତ୍ତିତ ପରିସ୍ଥିତିରେ ପାରିବାରିକ ଜୀବନ ସୁଖରେ କଟିବ। ଆଇନ ଅଦାଲତରେ, ପରିବହନରେ କିମ୍ବା କୌଣସି ବାଦବିବାଦରେ ଆପୋସ ସମାଧାନ ଘଟିପାରେ। ରେବତୀ ନକ୍ଷତ୍ର ବୃଥାଭ୍ରମଣ, ଜମା ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ସକାଶେ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ।

ଆଜି ଜୁନ୍ ୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୭ ଗତେ ଘ.୧୨।୧୨ମଧ୍ୟେ, ଘ.୦୩।୦୩ ଗତେ ଘ.୦୩।୪୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୮ ଗତେ ଘ.୧୦।୦୭ ମଧ୍ୟେ ରାହୁକାଳ।

# ରେପୋ ରେଟ୍ ୬.୫%ରେ ସ୍ଥିର ରହିଲା

**ଆରବିଆଇ ଏମ୍‌ପିସି ବୈଠକ**

ଭୁବନେଶ୍ୱର,୭।୬ (ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି (ଏମ୍‌ପିସି) ବୈଠକ ଫଳାଫଳ ଆସିଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଏହି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଘୋଷଣା କରିଛନ୍ତି। ଏଥର ମଧ୍ୟ ରେପୋ ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ରେପୋ ହାର ୬.୫%ରେ ସ୍ଥିର ରହିଛି। କମିଟିର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ଏହି ନିଷ୍ପତ୍ତି ନେଇଥିଲେ। ୨୦୨୩ ଫେବୃଆରୀରୁ ଆର୍‌ବିଆଇ ରେପୋ ରେଟ୍ ଅପରିବର୍ତ୍ତିତ ରହିଛି। ଆର୍‌ବିଆଇ ପ୍ରତି ଦୁଇ ମାସରେ ଏମ୍‌ପିସି ବୈଠକ କରୁଥିବାବେଳେ ୨୦୨୪-୨୫ର ଏହା ଦ୍ୱିତୀୟ ବୈଠକ ଥିଲା। ଏହାପୂର୍ବରୁ ଏପ୍ରିଲ ମାସରେ ବୈଠକ ବସିଥିଲା। ମୁଦ୍ରାସ୍ଫୀତି ମୁକାବିଲା ପାଇଁ ରେପୋ ରେଟ୍ ହେଉଛି ଏକ ଶକ୍ତିଶାଳୀ ଉପାଦାନ, ଯାହା



ଶକ୍ତିକାନ୍ତ ଦାସ

ଆର୍ଥିକ ପରିସ୍ଥିତି ଅନୁଯାୟୀ ଆର୍‌ବିଆଇ ସମୟ ସମୟରେ ବ୍ୟବହାର କରିଥାଏ। ଯେତେବେଳେ ମୁଦ୍ରାସ୍ଫୀତି ବହୁତ ଅଧିକ ରହିଥାଏ, ଆର୍‌ବିଆଇ ରେପୋ ହାର ବଢ଼ାଇଥାଏ। ସାଧାରଣତଃ ୦.୫୦ କିମ୍ବା ତା'ଠାରୁ କମ୍ ହାରରେ ରେପୋ ରେଟ୍ ବୃଦ୍ଧି ହୁଏ। ମାତ୍ର ଯେତେବେଳେ ଅର୍ଥନୀତି ଏକ ଖରାପ ପର୍ଯ୍ୟାୟ ଦେଇ ଗତି କରୁଥାଏ, ପୁନରୁଦ୍ଧାର ପାଇଁ ଅର୍ଥ ପ୍ରବାହ ବୃଦ୍ଧି କରିବାର ଆବଶ୍ୟକତା ଥାଏ, ଏପରି ସ୍ଥିତିରେ ଆର୍‌ବିଆଇ ରେପୋ ହାର ହ୍ରାସ କରିଥାଏ। ରେପୋ ହାର ବୃଦ୍ଧି ହେଲେ ଋଣ ମଧ୍ୟ ମହଙ୍ଗା ହୁଏ। ଏହା ସାଧାରଣ ଲୋକଙ୍କ ଉପରେ ଇଏମ୍‌ଆଇ ଭାର ବଢ଼ାଇଥାଏ। ସେହିପରି ୨୦୨୫ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୭.୨ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି, ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ଅଧିକ। ଗତ ଆର୍ଥିକ ବର୍ଷରେ ଏହା ୭ ପ୍ରତିଶତ ରହିଥିଲା। ଏହା ବ୍ୟତୀତ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତକୁ ଫେରାଇ ଆଣିବା ଲାଗି ଆର୍‌ବିଆଇ ପ୍ରତିଶ୍ରୁତିବଦ୍ଧ ବୋଲି ଶକ୍ତିକାନ୍ତ ଦାସ କହିଛନ୍ତି।

# ୧୨ରୁ ଶିମିଳିପାଳ ବନ୍ଦ




ବାରିପଦା,୭।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବର୍ଷାଋତୁ ଆଗମନକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ଜୁନ୍ ୧୨ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ବିଭାଗୀୟ ବିଜ୍ଞପ୍ତି ଜାରି କରିଛନ୍ତି।

ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ଭାବେ ଶିମିଳିପାଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପ୍ରତିବର୍ଷ ବର୍ଷାଋତୁ ଆଗମନ ପୂର୍ବରୁ ପର୍ଯ୍ୟଟକମାନଙ୍କୁ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ବନ୍ଦ କରାଯାଇଥାଏ। ତେବେ ଚଳିତ ବର୍ଷ ମୌସୁମୀର ଆଗମନ ହେବା ସୂଚନା ପାଇ ଜୁନ୍ ୧୫ ପରିବର୍ତ୍ତେ ୧୨ତାରିଖରୁ ଶିମିଳିପାଳ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବର୍ଷା ଯୋଗୁ ଶିମିଳିପାଳ ମଧ୍ୟରେ ଥିବା ରାସ୍ତାଗୁଡ଼ିକ ଧୋଇଯାଇ ବିପଦସଙ୍କୁଳ ହୋଇପଡ଼ିଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ପ୍ରବେଶ ନିଷେଧ କରାଯାଇଥାଏ। ଏହି ସମୟ ମଧ୍ୟରେ ଅଭୟାରଣ୍ୟରେ ଥିବା ରାସ୍ତାର ମରାମତି କରାଯାଇଥାଏ। ସେହିପରି ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଜାମୁଆଣି, ଗୁଡୁଗୁଡିଆ, କୁମାରୀ, ବରେହିପାଣି ଓ ରାମତୀର୍ଥ ଇକୋ ଟୁରିଜମ୍‌ରେ ପର୍ଯ୍ୟଟକଙ୍କ ରହଣି ସମେତ ପର୍ଯ୍ୟଟନ ପାଇଁ ଖୋଲା ରହିବ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ୨୦୨୨-୨୩ରେ ମୋଟ ୪୧,୩୪୬ ପର୍ଯ୍ୟଟକ ୭୯୩୩ଟି ଗାଡ଼ିରେ ଅଭୟାରଣ୍ୟକୁ ବୁଲିବାକୁ ଆସିଥିବା ବେଳେ ୩,୮୮,୭୯୫ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ତେବେ ୨ ମାସ ଧରି ବିଭିନ୍ନ ଦାବି ନେଇ ସ୍ଥାନୀୟ ଲୋକେ ଅଭୟାରଣ୍ୟ ରାସ୍ତାକୁ ଅବରୋଧ କରିବା ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ନେଇ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ଗୋଗିନେନୀ କହିଛନ୍ତି। ସେହିପରି ୨୦୨୩-୨୪ ବର୍ଷରେ ପିଠାବଟା ଗେଟ୍ ଦେଇ ୨୩୪୯ ଗାଡ଼ିରେ ୧୨,୯୦୯ ଓ କାଳିଆମି ଗେଟ୍ ଦେଇ ୨୩୫୬ ଗାଡ଼ିରେ ୧୩,୨୧୦ ପର୍ଯ୍ୟଟକ ଶିମିଳିପାଳକୁ ପ୍ରବେଶ କରିଥିଲେ। ଅଦ୍ୟାବଧି ୨ଟି ଗେଟ୍ ଦେଇ ମୋଟ ୪୬୫୪ଟି ଗାଡ଼ିରେ ୨୫,୮୪୬ ପର୍ଯ୍ୟଟକ ଶିମିଳିପାଳ ବୁଲିବାକୁ ଆସିଥିବା ନେଇ ବିଭାଗ ସୂଚନା ଦେଇଛି।

# ଯୁକ୍ତ୨ ଆବେଦନ ଆରମ୍ଭ

ଭୁବନେଶ୍ୱର, ୭।୬ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଷୟରେ ନାମଲେଖା ପାଇଁ ଶୁକ୍ରବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲ ତଥ୍ୟାନୁସାରେ, ଶୁକ୍ରବାର ରାତି ୧୦ଟା ୩୦ ସୁଦ୍ଧା ୨୨,୩୮୨ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୨୨,୧୭୪ ଜଣ ଅନ୍‌ଲାଇନ୍‌ରେ ଫି ଦାଖଲ କରିଛନ୍ତି। ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲ www. samsodisha.gov.inରେ ଜୁଲାଇ ୬ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୧୮ ତାରିଖରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୧୯ରୁ ୨୩ତାରିଖ ପର୍ଯ୍ୟନ୍ତ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ନାମଲେଖାଇବେ। ଅଗଷ୍ଟ ୧ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୨ରୁ ୬ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ସୂଚନାଯୋଗ୍ୟ, ରାଜ୍ୟର ୨,୨୨୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଷୟରେ ମୋଟ ୫,୨୫,୪୬୫ ସିଟ୍ ରହିଛି। ସେଥିମଧ୍ୟରୁ କଳାରେ ୨,୯୪,୮୪୦, ବିଜ୍ଞାନରେ ୧,୬୬,୯୨୯, ବାଣିଜ୍ୟରେ ୪୦,୧୦୪, ଧନ୍ଦାମୂଳକ ଶିକ୍ଷାରେ ୧୦,୫୦୪ ଏବଂ ସଂସ୍କୃତରେ ୧୩,୦୮୮ ସିଟ୍‌ରେ ଏହି ନାମଲେଖା ହେବ।

## ପ୍ରଥମ ପୃଷ୍ଠାରୁ...

### ସରକାର ଗଢ଼ିବାକୁ ...

ମୋଦି ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ। ରାଷ୍ଟ୍ରପତି ମୁର୍ମୁ ଏନ୍‌ଡିଏ ସଂସଦୀୟ ଦଳ ନେତା ନରେନ୍ଦ୍ର ମୋଦିଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ରାଷ୍ଟ୍ରପତି ତାଙ୍କୁ ଏ ସଂକ୍ରାନ୍ତ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଭାଜପା ଏନ୍‌ଡିଏର ନେତାମାନେ ରାଷ୍ଟ୍ରପତିଙ୍କୁ ଭେଟି ମୋଦିଙ୍କ ପ୍ରତି ସମର୍ଥନପତ୍ର ଦେଇଥିଲେ। ଭାବୀ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଅଷ୍ଟାଦଶ ଲୋକ ସଭା ଦେଶବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବାକୁ ଯାଉଛି। ଏହା ପୂର୍ବରୁ ପୂର୍ବାହ୍ନରେ ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂର ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏର ନବନିର୍ବାଚିତ ଏମ୍‌ପିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସହଯୋଗୀ ଦଳଗୁଡ଼ିକ ମୋଦିଙ୍କୁ ଏନ୍‌ଡିଏ ନେତା ଚୟନ ଉପରେ ସର୍ବସମ୍ମତିକ୍ରମେ ଏକ ସଂକଳ୍ପନାମା ପାରିତ କରିଥିଲେ। ଏନ୍‌ଡିଏର ୨୧ ଜଣ ନେତା ମୋଦିଙ୍କ ରାଷ୍ଟ୍ର ନିର୍ମାଣ ପ୍ରୟାସକୁ ପ୍ରଶଂସା କରିବା ସହ ଉକ୍ତ ପ୍ରସ୍ତାବରେ ସ୍ୱାକ୍ଷର କରିଥିବା ନେଇ ଶାସକ ମେଣ୍ଟର ସଂସଦୀୟ ଦଳ ବୈଠକରେ ଭାଜପା ନେତା ପ୍ରହ୍ଲାଦ ଜୋଷୀ ସୂଚନା ଦେଇଛନ୍ତି। ଏହି ଅବସରରେ ସମ୍ବୋଧିତ କରି ମୋଦି କହିଥିଲେ, ଏନ୍‌ଡିଏ ତାଙ୍କୁ ମେଣ୍ଟର ନେତୃତ୍ୱ ନେବାକୁ ଚୟନ କରିବା ତାଙ୍କ ପାଇଁ ସୌଭାଗ୍ୟର କଥା। ଏନ୍‌ଡିଏ ଭଳି ଅନ୍ୟ କୌଣସି ମେଣ୍ଟ କେବେ ସଫଳ ହୋଇନାହିଁ। ଆମକୁ ସଂଖ୍ୟାଗରିଷ୍ଠତା ମିଳିଛି। କିନ୍ତୁ ଦେଶ ଚଳାଇବାକୁ ହେଲେ ସହମତି ଗୁରୁତ୍ୱପୂର୍ଣ୍ଣ। ନୂଆ ସରକାର ମଧ୍ୟବିତ୍ତଙ୍କ ସଞ୍ଚୟ ବୃଦ୍ଧି ଓ ସେମାନଙ୍କ ଜୀବନର ମାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେବ। ରାଜନାଥ ସିଂ ଏନ୍‌ଡିଏ ନେତା ଭାବେ ମୋଦିଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ, ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାର, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ଶିନ୍ଦେ, ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି-ରାମ ବିଳାସ) ମୁଖ୍ୟ ଚିରାଗ ପାଶ୍ୱାନ ଏବଂ ଅନ୍ୟ ନେତାମାନେ ସମର୍ଥନ କରିଥିଲେ। ପ୍ରକାଶ ଯେ, ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଭାଜପା ୨୪୦ ଆସନରେ ସୀମିତ ରହିଯାଇଥିବାବେଳେ ଏନ୍‌ଡିଏ ୨୯୩ ଆସନ ଦଖଲ କରିଛି। ତେଣୁ ସହଯୋଗୀ ଦଳଗୁଡ଼ିକର ବିନା ସମର୍ଥନରେ ସରକାର ଗଢ଼ିବା ଭାଜପା ପାଇଁ ଅସମ୍ଭବ। ଶପଥ ଗ୍ରହଣ ଉତ୍ସବକୁ ବାଂଲାଦେଶ ପ୍ରଧାନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ 'ପ୍ରଚଣ୍ଡ', ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗୟ, ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ ଓ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ନିମନ୍ତ୍ରଣ କରାଯାଇଛି।

# ରେଜଲ୍ଟ ବିଭ୍ରାଟରୁ ତେଜିଲା ଅସନ୍ତୋଷ

ଭୁବନେଶ୍ୱର, ୭।୬(ଅସମାପିକା ସାହୁ)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ଲାଗି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି(ୟୁଜି)-୨୦୨୪ ଫଳ ପ୍ରକାଶ ପାଇବା ପରେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ତେଜିଛି। ଜୁନ୍ ୧୪ରେ ଫଳ ବାହାରିବାର ଥିଲେ ମଧ ୧୦ଦିନ ପୂର୍ବରୁ, ତାହା ପୁଣି ସାଧାରଣ ନିର୍ବାଚନ ଫଳାଫଳ ବାହାରିବା ଦିନ ପ୍ରକାଶ କରାଯାଇଛି। ପୁଣି କେତେକ ପିଲାଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ସନ୍ଦେହ ପ୍ରକାଶ କରିବା ସହ ଏନ୍‌ଇଇଟି ପରୀକ୍ଷା ଫଳରେ ସ୍କାମ୍ ହୋଇଥିବା କହୁଛନ୍ତି। ପୁଣି ଏକ ସାଙ୍ଗରେ ୬୭ଜଣ ର୍‍ୟାଙ୍କ-୧ ପାଇବା ଏବଂ ଗ୍ରେସ୍ ମାର୍କ ଦିଆଯିବା ମଧ ଏନ୍‌ଇଇଟିରେ ପ୍ରଥମ ବୋଲି କୁହାଯାଉଛି।




## ଭଲ ର୍‍ୟାଙ୍କ୍ ଆସିପାରିଥାନ୍ତା



ମୋର ୭୧୫ ସ୍କୋର୍ ରହିଛି। ସ୍କୋର୍ ଭଲ ଥିଲେ ମଧ ର୍‍ୟାଙ୍କ କମିଯାଇଛି। ପରୀକ୍ଷା ଯେପରି ହୋଇଥିଲା ଆହୁରି ଭଲ ରେଜଲ୍ଟ ଆସିପାରିଥାନ୍ତା। ଭଲ ଜାଗାରେ ନାମଲେଖାଇ ପାରିଥାନ୍ତି। କିନ୍ତୁ ଏବେ ତାହା ହୋଇପାରିବ ନାହିଁ। ଆଉଥରେ ପରୀକ୍ଷା କରାଯିବା ସପକ୍ଷରେ ମୁଁ ନାହିଁ। ଯେଉଁ ସେଣ୍ଟରରେ ସମୟ ଅଭାବ ଯୋଗୁ ଗ୍ରେସ୍ ମାର୍କ ଦିଆଗଲା, ସେହି ପିଲାଙ୍କ ପାଇଁ ଆଉଥରେ ପରୀକ୍ଷା କରାଗଲେ ଚଳିବ।

- ପ୍ରୀତମ ପାତ୍ର, ପରୀକ୍ଷାର୍ଥୀ

## ଅନିୟମିତତା ହୋଇଥିବା ଜଣାପଡୁଛି



ମୋର ୬୮୧ ନମ୍ବର ଓ ର୍‍ୟାଙ୍କ ୮,୧୭୪ ରହିଛି, ଯାହାକି ମୁଁ ଆଶା କରି ନ ଥିଲି। ଗତବର୍ଷ ଏହିଭଳି ସ୍କୋର ରଖିଥିବା ପିଲା ୧୬୦୦ ପାଖାପାଖି ର୍‍ୟାଙ୍କ୍ ପାଇଥିଲେ। ତେଣୁ ଏଥର ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ହୋଇଥିବା ଜଣାପଡୁଛି। ଏନ୍‌ଟିଏ ଗ୍ରେସ୍ ମାର୍କ ଦିଏ ବୋଲି ମୁଁ ପ୍ରଥମଥର ଶୁଣୁଛି। ତେବେ ଆଉଥରେ ପରୀକ୍ଷା କରାଯିବା ସପକ୍ଷରେ ମୁଁ ନାହିଁ। କାରଣ ଏବେ ପରୀକ୍ଷା ପ୍ରସ୍ତୁତି ପାଇଁ ପୂର୍ବଭଳି ସମୟ ପାଇବୁ ନାହିଁ। ଆଉଥରେ ପରୀକ୍ଷା ହେଲେ ମୁଁ ନିଜେ ଦେଇପାରିବି ନାହିଁ।

- ରୋନିତ କୁମାର ରାଉତ, ପରୀକ୍ଷାର୍ଥୀ

## ଏନ୍‌ଇଇଟିରେ ଗ୍ରେସ୍ ମାର୍କ ସମ୍ପର୍କରେ ଜାଣି ନ ଥିଲି



ଚଳିତ ଏନ୍‌ଇଇଟି-ୟୁଜି ପରୀକ୍ଷାକୁ ନେଇ ମନରେ ବହୁ ଆଶଙ୍କା ରହିଛି। ମୋର ୬୯୦ ସ୍କୋର୍ ଥିଲେ ମଧ ର୍‍ୟାଙ୍କ୍ ୫,୦୩୯ ରହିଛି। ଗତବର୍ଷ ୬୯୦ ସ୍କୋର୍‌ରେ ବି ପିଲାଙ୍କର ଭଲ ର୍‍ୟାଙ୍କ ଆସିଥିଲା। ଏଥର ଯେଉଁ ର୍‍ୟାଙ୍କ ଆସିଛି, ତାହା ଆଶା କରି ନ ଥିଲି। ସେହିଭଳି ଏନ୍‌ଇଇଟିରେ ଗ୍ରେସ୍ ମାର୍କ ଦିଆଯାଏ ବୋଲି କେବେ ଶୁଣି ନ ଥିଲି। କେଉଁ ଆଧାରରେ କିଛି ପିଲାଙ୍କୁ କେମିତି ଗ୍ରେସ୍ ମାର୍କ ଦିଆଗଲା ତାହା ଜାଣିପାରିଲୁନି। ଆଉଥରେ ପରୀକ୍ଷା କରାଗଲେ ସମୟ ନଷ୍ଟ ହେବ। କିନ୍ତୁ ଅନିୟମିତତା ପାଇଁ ପରୀକ୍ଷା ଆଉଥରେ ହେବା ଉଚିତ।

- ସୁପ୍ରିତ ମିଶ୍ର, ପରୀକ୍ଷାର୍ଥୀ

## ପିଲାଙ୍କ ମାନସିକ ସ୍ଥିତି ବିଗୁଡୁଛି



ମୋର କିଛି ଡାକ୍ତରୀ ବନ୍ଧୁଙ୍କ ପିଲା ଚଳିତଥର ଏହି ପରୀକ୍ଷା ଦେଇଥିଲେ। ସେମାନେ ବହୁତ ପରିଶ୍ରମ କରିଥିଲେ। ମାତ୍ର ଗୋଟିଏ ବା ଦୁଇଟି ପ୍ରଶ୍ନର ଭୁଲ୍ କରି ମଧ ସେମାନେ ଉପଯୁକ୍ତ ର୍‍ୟାଙ୍କ ପାଇବାରୁ ବଞ୍ଚିତ ହେବା ପରେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। କ୍ୟାରିୟର ଆରମ୍ଭରୁ ଏମିତି ଶକ୍ତ ଧକ୍କା ଲାଗିବା ଛାତ୍ରସମାଜ ପାଇଁ ଶୁଭଙ୍କର ନୁହେଁ। ପରୀକ୍ଷା ବାତିଲ କରି ପୁଣି ପରୀକ୍ଷା ଦେବା ମଧ ପିଲାଙ୍କ ପାଇଁ ସହଜ କଥା ନୁହେଁ। ଯେଉଁ ପିଲାମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି ସେ ମାର୍କ ପ୍ରତ୍ୟାହାର କରି ପୁଣିଥରେ ର୍‍ୟାଙ୍କ ପ୍ରଦାନ କରାଯିବା ଦରକାର।

- ପ୍ରଫେସର ଡା. ଶୁଭେନ୍ଦୁ ମିଶ୍ର, ଭୁବନେଶ୍ୱର

## ଗ୍ରେସ୍ ମାର୍କ ପ୍ରତ୍ୟାହାର କରାଯାଉ



ମୋ ପୁଅ ୭୨୦ରୁ ୭୦୫ ମାର୍କ ରଖିଥିଲେ ମଧ ର୍‍ୟାଙ୍କ ୧୧୩୦ ପାଇଛି। ଏତେ ପରିଶ୍ରମ କରି ମଧ ପିଲାଙ୍କ ଭବିଷ୍ୟତ ଅନ୍ଧାର ଘେରରେ ରହିଛି। ଏମ୍ସ ବିଏଚ୍ୟୁ ଭଳି ମେଡିକାଲ କଲେଜରେ ନାମ ଲେଖାଇ ନ ପାରିବା ଦୁଃଖଦାୟକ। ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷାଫଳ ପ୍ରକାଶ, ଗ୍ରେସ୍ ମାର୍କ ପ୍ରଦାନ, ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ପାଇଁ ଅତିରିକ୍ତ ସମୟ ପ୍ରଦାନ ଏସବୁ ଘଟଣାରୁ ବଡ଼ ସ୍କାମ୍‌ର ଗନ୍ଧ ବାରି ହୋଇପଡୁଛି। କୋଲକାତା ହାଇକୋର୍ଟ ଅନିୟମିତତା ହୋଇଥିବା ପ୍ରଶ୍ନ ଉପରେ ଏନ୍‌ଟିଏକୁ ଉତ୍ତର ମାଗିଛନ୍ତି। ତେବେ କେଉଁ ଆଧାରରେ କେଉଁ ସେଣ୍ଟର କେତେଜଣ ପିଲାଙ୍କୁ କେତେ ଗ୍ରେସ୍ ମାର୍କ ରଖାଯାଇଛି ସେ ସେସମ୍ପର୍କରେ ତଥ୍ୟ ରଖିବା ସହ ଗ୍ରେସ୍ ମାର୍କ କମାଇ ପୁଣିଥରେ ର୍‍ୟାଙ୍କ ପ୍ରଦାନ କରାଯାଉ।

- ପ୍ରଫେସର ପ୍ରିୟରଞ୍ଜନ ଦାଶ, ଅଭିଭାବକ, କଟକ

## ର୍‍ୟାଙ୍କରେ ଖୁସି ନୁହେଁ



ମୋର ୬୯୫ ସ୍କୋର୍ ରହିଥିଲେ ବି ୨,୭୭୫ ର୍‍ୟାଙ୍କ ରହିଛି। ମୋର ମାର୍କ ପାଇଁ ମୁଁ ଖୁସି ଅଛି। କିନ୍ତୁ ଏଥର ଏନ୍‌ଟିଏ ରେଜଲ୍ଟ ଫେୟାର ହୋଇନାହିଁ। ବହୁ ଛାତ୍ରୀଛାତ୍ର ଭଲ ସ୍କୋର ପାଇଥିଲେ ମଧ ର୍‍ୟାଙ୍କ ଭଲ ନ ଥିବାରୁ ଭଲ ମେଡିକାଲ କଲେଜରେ ଆଡ଼ମିଶନ ମିଳିବ ନାହିଁ। ସେହିଭଳି କିଛି ପିଲାଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି, ଯାହାକୁ ନେଇ ଏନ୍‌ଟିଏ ପୂର୍ବରୁ କିଛି କହି ନ ଥିଲା। ହଠାତ୍ ଏଭଳି ରେଜଲ୍ଟ ପ୍ରକାଶ କରିବା ଠିକ୍ ହୋଇନାହିଁ।

- ରୌନକ ମଲ୍ଲିକ, ପରୀକ୍ଷାର୍ଥୀ

## ଆଉଥରେ ପରୀକ୍ଷା କରାଯାଉ



ଏନ୍‌ଇଇଟି-ୟୁଜିରେ ଏକାଥରକେ ୬୭ଜଣ ର୍‍ୟାଙ୍କ-୧ ପାଇବାରୁ ଜଣାପଡୁଛି ଏଥିରେ ଅନିୟମିତା ହୋଇଛି। ଏତେ ସଂଖ୍ୟକ ପ୍ରଥମ ସ୍ଥାନରେ ରହିବା ପ୍ରଥମ ଘଟଣା। ପିଲା ଭଲ ସ୍କୋର୍ ରଖିଲେ ମଧ ର୍‍ୟାଙ୍କ ଭଲ ପାଇବେ ନାହିଁ। ଆଉ ମେଡିକାଲ କଲେଜରେ ସିଟ୍‌ର ବି ଅଭାବ ହେବ। ତେଣୁ ଆଉଥରେ ପରୀକ୍ଷା କରାଯାଇ ମେଧାବୀ ଛାତ୍ରୀଛାତ୍ର ପ୍ରତି ନ୍ୟାୟ ଦିଆଯାଉ। ତେବେ ଏଭଳି ଅନିୟମିତତା ପ୍ରଥମ ନୁହେଁ। ଏଥିପାଇଁ ର୍‍ୟାକେଟ ଚାଲୁଛି। ଏହି ପରୀକ୍ଷା ପାଇଁ ମୋ ପାଖକୁ ଗତ ଡିସେମ୍ବରରେ ଫୋନ ଆସିଥିଲା ଏବଂ ୮୦ଲକ୍ଷ ଟଙ୍କା ମଗାଯାଇଥିଲା। ମୋତେ କୁହାଯାଇଥିଲା, 'ଆପଣଙ୍କର କିଏ ପିଲା ଅଛନ୍ତି କହିବେ ତାଙ୍କୁ ଆମେ ଭଲ ର୍‍ୟାଙ୍କ ଦେବୁ ଏବଂ ଭୁବନେଶ୍ୱର ଏମ୍ସରେ ବି ପଢ଼ିବାର ସୁଯୋଗ ଦେବୁ'। ମୁଁ କିନ୍ତୁ ରୋକଠୋକ ମନାକରିଥିଲି।

- ଆର୍. ଏନ୍. ପଣ୍ଡା, ଶିକ୍ଷାବିତ୍

## ସୋସିଆଲ ମିଡିଆରେ ଉଠୁଥିବା ପ୍ରମୁଖ ପ୍ରଶ୍ନ

- ଏନ୍‌ଟିଏ ପରିଚାଳିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପାଇଁ ଦାୟୀ କିଏ?
- ପରୀକ୍ଷାକେନ୍ଦ୍ରରେ ଅବ୍ୟବସ୍ଥା କାହିଁକି? ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚିଲା କାହିଁକି?
- କେଉଁ ଆଧାରରେ କେତେ ଗ୍ରେସ୍ ମାର୍କ ଦିଆଯାଇଛି?
- କେତେଜଣ ପିଲାଙ୍କୁ ଗ୍ରେସ୍ ମାର୍କ ବା ଅତିରିକ୍ତ ସମୟ ପ୍ରଦାନ କରାଯାଇଛି?
- ଗୋଟିଏ ସେଣ୍ଟରରୁ ପ୍ରାୟ ୬ଜଣ ପିଲାଙ୍କୁ ପୂର୍ଣ୍ଣମାର୍କ(୭୨୦) ମିଳିଲା କିପରି?
- ଗୋଟିଏ ପ୍ରଶ୍ନ ଭୁଲ୍ ଲେଖିଲେ ୪ ମାର୍କ କଟିବ, ଅର୍ଥାତ୍ ସର୍ବନିମ୍ନ ୭୧୬ କିମ୍ବା ତା'ଠାରୁ କମ୍ ମାର୍କ ରହିବ। ମାତ୍ର ପିଲାମାନେ ୭୧୮ ବା ୭୧୯ ମାର୍କ କିପରି ରଖିଲେ?
- ନର୍ମାଲାଇଜେଶନ ମାର୍କ ବିଷୟରେ ଏନ୍‌ଟିଏ ବିସ୍ତୃତ ତଥ୍ୟ ରଖୁନାହିଁ କାହିଁକି?
- ନିର୍ଦ୍ଧାରିତ ତାରିଖ ଜୁନ୍ ୧୪ର ୧୦ ଦିନ ପୂର୍ବରୁ ଅର୍ଥାତ୍ ଜୁନ୍ ୪ ନିର୍ବାଚନୀ ଫଳାଫଳ ଘୋଷଣା ଦିନ କାହିଁକି ଏନ୍‌ଇଇଟି ଫଳ ପ୍ରକାଶ କରାଗଲା?

# ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ହେଉ: କଂଗ୍ରେସ



ଏନ୍‌ଇଇଟି ରେଜଲ୍ଟରେ ଦୁର୍ନୀତି ଅଭିଯୋଗ ଆଣି ତଦନ୍ତ ପାଇଁ ଶୁକ୍ରବାର କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଦାବି କରୁଛନ୍ତି।

ନୂଆଦିଲ୍ଲୀ, ୭।୬

ଏନ୍‌ଇଇଟି ପରୀକ୍ଷାରେ ହୋଇଥିବା ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ କଂଗ୍ରେସ ଶୁକ୍ରବାର ଦାବି କରିଛି। ଭାଜପା ଯୁବବର୍ଗଙ୍କୁ ଠକିବା ସହ ସେମାନଙ୍କ ଭବିଷ୍ୟତ ସହ ଖେଳୁଛି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ପେପର ଲିକ୍, ରିଗିଂ ଏବଂ ଦୁର୍ନୀତି ଏନ୍‌ଇଇଟି ସମେତ ଅଧିକାଂଶ ପରୀକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଗଲାଣି। ଏଥିପାଇଁ ମୋଦି ସରକାର ଦାୟୀ ବୋଲି ଖାର୍ଗେ ଏକ୍ସ'ରେ ଲେଖିଛନ୍ତି। ନିଟ୍ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନଙ୍କୁ ନ୍ୟାୟ ଦେବାକୁ ହେଲେ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ହେବା ଲାଗି ଆମେ ଦାବି କରୁଛୁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଲକ୍ଷ ଲକ୍ଷ ପିଲା ଦେଇଥିବା ପରୀକ୍ଷାରେ ଅନିୟମିତତା ଆଦୌ ଗ୍ରହଣୀୟ ନୁହେଁ ଏବଂ ଏହା କ୍ଷମାଯୋଗ୍ୟ ନୁହେଁ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ ପରୀକ୍ଷା ଅନିୟମିତତା ପାଇଁ ମୋଦି ସରକାରଙ୍କୁ ନିନ୍ଦା କରିଛନ୍ତି। ପ୍ରଥମେ ପ୍ରଶ୍ନପତ୍ର ଲିକ୍ ହେଲା। ଏବେ ରେଜଲ୍ଟରେ ଦୁର୍ନୀତି ହୋଇଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ତଦନ୍ତ ଜରିଆରେ ସେମାନଙ୍କ ବୈଧ ଅଭିଯୋଗର ସମାଧାନ କରାଯିବାକୁ ପ୍ରିୟଙ୍କା ଆହ୍ୱାନ ଦେଇଛନ୍ତି। ପରୀକ୍ଷାର୍ଥୀମାନଙ୍କ ଅଭିଯୋଗ ଅନୁଯାୟୀ, ୬୭ ଜଣଙ୍କୁ ୧୦୦ ପ୍ରତିଶତ ନମ୍ବର ଦିଆଯାଇ ସେମାନଙ୍କୁ ଶୀର୍ଷ ର୍‍ୟାଙ୍କ୍‌ରେ ରଖାଯାଇଛି, ଯେଉଁଥିରେ ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ରହିଛନ୍ତି। ଅନ୍ୟପକ୍ଷରେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏ ଅନିୟମିତତା ଅଭିଯୋଗକୁ ଖଣ୍ଡନ କରିଛି। ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ପରିବର୍ତ୍ତନ କରାଯାଇଥିଲା। ଏଥିସହିତ ପରୀକ୍ଷା କେନ୍ଦ୍ରରେ ପିଲାମାନେ ହରାଇଥିବା ସମୟ ପାଇଁ ଗ୍ରେସ୍ ମାର୍କ ଦିଆଯିବା ଯୋଗୁ କେତେଜଣ ପିଲା ଅଧିକ ନମ୍ବର ରହିଥିବା ଏନ୍‌ଟିଏ କହିଛି।

# 'ଶୀଘ୍ର ଆଉଥରେ ଏନ୍‌ଇଇଟି କରାଯାଉ'

## ଏନ୍‌ଟିଏକୁ ପତ୍ର ଲେଖିଲା ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର, ୭।୬(ଅସମାପିକା ସାହୁ)

ଡାକ୍ତରୀ ପଢ଼ିବା ଲାଗି ହୋଇଥିବା ଏନ୍‌ଇଇଟି ପ୍ରବେଶିକା ପରୀକ୍ଷାରେ ବଡ଼ ଘୋଟାଲା ହୋଇଛି। ଲକ୍ଷାଧିକ ପିଲାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏହି ପରୀକ୍ଷା ବାତିଲ କରି ଖୁବ୍‌ଶୀଘ୍ର ଆଉଥରେ ସମ୍ପୂର୍ଣ୍ଣ ସ୍ୱଚ୍ଛ ଭାବେ ପରୀକ୍ଷା କରି ଫଳାଫଳ ପ୍ରକାଶ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ଏନେଇ ମହାସଂଘ ସଭାପତି ବାସୁଦେବ ଭଞ୍ଜ ଏନ୍‌ଟିଏକୁପତ୍ର ଲେଖିଛନ୍ତି। ବାସୁଦେବ କହିଛନ୍ତି, ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡୁଛି। ୬୭ଜଣ ପିଲା ଶତ ପ୍ରତିଶତ ମାର୍କ ରଖିବା, ଗୋଟିଏ ପରୀକ୍ଷା କେନ୍ଦ୍ରରୁ ୬ଜଣ ଶତ ପ୍ରତିଶତ ନମ୍ବର ରଖିବା, ପୂର୍ବ ଘୋଷିତ ଜୁନ୍ ୧୪ ବଦଳରେ ୧୦ଦିନ ପୂର୍ବରୁ ନିର୍ବାଚନ ଫଳାଫଳ ଘୋଷଣା ଦିନ ଜୁନ ୪ରେ ଫଳାଫଳ ପ୍ରକାଶ କରିବା, ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ହେବା, ଗ୍ରେସ୍ ମାର୍କ ପ୍ରଦାନ କରିବା ଭଳି ଅନେକ ଘଟଣା ଏହି ଆଶଙ୍କାକୁ ଆହୁରି ଦୃଢ଼ଭୂତ କରୁଛି। ଗତବର୍ଷ ଦୁଇଜଣ ପିଲା ଶତ ପ୍ରତିଶତ ମାର୍କ ରଖିଥିଲେ। ଦୁଇ ତିନି ବର୍ଷ ପୂର୍ବରୁ କେହି ପିଲା ଶତ ପ୍ରତିଶତ ରଖୁ ନ ଥିଲେ। ଏବର୍ଷ କିନ୍ତୁ ବିରଳ। ସେପଟେ ପ୍ରଶ୍ନ ପତ୍ର ଲିକ୍ ଓ ଅନିୟମିତତାକୁ ନେଇ ନ୍ୟାୟାଳୟଙ୍କ ଆଦେଶରେ ପିଲାଙ୍କୁ ଗ୍ରେସ ମାର୍କ ପ୍ରଦାନ କରିଥିବା କଥା ଏନ୍‌ଟିଏ କହିଛି। ପରୀକ୍ଷା ପରିଚାଳନାରେ ଏନ୍‌ଟିଏ କିପରି ଦାୟିତ୍ୱହୀନ ଭାବେ କାର୍ଯ୍ୟ କରୁଛି ତାକୁ ନେଇ ଶିକ୍ଷାବିତମାନେ ମଧ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲକ୍ଷାଧିକ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳି କିଛି ଅସାଧୁ ଶିକ୍ଷା ମାଫିଆ ଓ ବଡ଼ବଡ଼ିଆଙ୍କୁ ଖୁସି କରିବାକୁ ଏପରି କରାଯାଇଛି ବୋଲି ମହାସଂଘ କହିଛି। ବାହାର ରାଜ୍ୟରେ ଅଧିକ ଅଭିଯୋଗ ଆସୁଥିବା ଗଣମାଧ୍ୟମରୁ ଜଣାପଡୁଛି। କିନ୍ତୁ ଓଡ଼ିଶାରେ ବିବହୁପିଲା ଏହାର ଶିକାର ହୋଇଛନ୍ତି। ସର୍ବଭାରତୀୟସ୍ତରୀୟ ପରୀକ୍ଷା ହୋଇଥିବାରୁ ସେମାନେ ସାମ୍ନାକୁ ଆସିପାରୁନାହାନ୍ତି ବୋଲି ବାସୁଦେବ କହିଛନ୍ତି।

# ଏନ୍‌ଟିଏକୁ ଜବାବ ମାଗିଲେ କଲିକତା, ଦିଲ୍ଲୀ ହାଇକୋର୍ଟ

## ଏନ୍‌ଇଇଟି ପରୀକ୍ଷା ଅନିୟମିତତା

କୋଲକାତା/ନୂଆଦିଲ୍ଲୀ,୭।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ହୋଇଥିବା ନାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ପରିଚାଳନାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏହା ଉପରେ କଲିକତା ହାଇକୋର୍ଟ ଶୁକ୍ରବାର ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ଅପୂର୍ବ ସିହ୍ନା ରାୟ ଏବଂ କୌଶିକ ଚାନ୍ଦଙ୍କ ଖଣ୍ଡପୀଠ ଏନ୍‌ଇଇଟି ପରୀକ୍ଷା ଅନିୟମିତତା ନେଇ ପିଟିଶନ୍‌ର ଶୁଣାଣି କରିଥିଲେ।

ନିଟ୍ ପରୀକ୍ଷାରେ ୬୭ ଜଣ ଛାତ୍ରୀଛାତ୍ରଙ୍କୁ ୭୨୦ରୁ ୭୨୦ ନମ୍ବର ଦିଆଯାଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ତ୍ରୁଟିପୂର୍ଣ୍ଣ ମାର୍କିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସର୍ବାଧିକ ନମ୍ବର ୭୨୦ରୁ କେତେଜଣ ଛାତ୍ରୀଛାତ୍ର ୭୧୮ କିମ୍ବା ୭୧୯ ରଖିପାରିଲେନି କିପରି ବୋଲି ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ୨୦୧୮ରେ ଏକ ରିଟ୍ ପିଟିଶନ୍ (ଅକ୍ଷତ ଅଗ୍ରୱାଲ ଓ ଅନ୍ୟମାନେ ବନାମ କେନ୍ଦ୍ର ସରକାର) ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆଧାର କରି ଏଭଳି ନମ୍ବର ଦିଆଯାଇଥିବା ଏନ୍‌ଟିଏ ଯଥାର୍ଥତା ଦର୍ଶାଇବା ପାଇଁ ପ୍ରୟାସ କରିପାରନ୍ତି। ତେବେ ଏନ୍‌ଟିଏ ବିନା ସତ୍ୟପାଠରେ ଏଭଳି ନିଷ୍ପତ୍ତି ନେଇପାରିବେ ନାହିଁ। ସେହି ଅନୁଯାୟୀ ପିଟିଶନ୍‌ରେ ହୋଇଥିବା ଅଭିଯୋଗ ଉପରେ ଜବାବ ରଖିବା ତାରିଖଠାରୁ ୧୦ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବା ନିମନ୍ତେ ହାଇକୋର୍ଟ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମେଧା ତାଲିକା ପ୍ରସ୍ତୁତିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂରକ୍ଷଣ ନୀତିକୁ ଅନୁପାଳନ କରାଗଲା, ତାହା ସତ୍ୟପାଠରେ ଦର୍ଶାଇବାକୁ ହାଇକୋର୍ଟ କହିଛନ୍ତି। ୨ ସପ୍ତାହ ପରେ ମାମଲାକୁ ନିୟମିତ ଖଣ୍ଡପୀଠରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ କୁହାଯାଇଛି। କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏନ୍‌ଟିଏକୁ ଏନ୍‌ଇଇଟି(ୟୁଜି) ୨୦୨୪ ପରୀକ୍ଷା ସମ୍ପର୍କିତ ସମସ୍ତ ରେକର୍ଡ ସଂରକ୍ଷିତ କରି ରଖିବାକୁ ହେବ। ରିଟ୍ ପିଟିଶନ ରାୟ ଅନୁଯାୟୀ କାଉନସେଲିଂ ପ୍ରକ୍ରିୟାର ଫଳାଫଳ ଆସିବ ବୋଲି ଖଣ୍ଡପୀଠ କହିଛନ୍ତି।




ସେହିପରି ଦିଲ୍ଲୀ ହାଇକୋର୍ଟ ଏନ୍‌ଇଇଟି (ୟୁଜି) ପରୀକ୍ଷାର୍ଥୀଙ୍କ ପିଟିଶନ ଆଧାରରେ ଏନ୍‌ଟିଏକୁ ମତାମତ ରଖିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ନିଟ୍ ପରୀକ୍ଷାରେ ଗୋଟିଏ ପ୍ରଶ୍ନର ଦୁଇଟି ଠିକ୍ ଉତ୍ତର ଆନ୍ସର ଶିଟ୍‌ରେ ରହିଥିବାରୁ ଏହା ଉପରେ ପରୀକ୍ଷାର୍ଥୀ ଜଣଙ୍କ ପ୍ରଶ୍ନ ଉଠାଇଛନ୍ତି। ଯେଉଁମାନେ ଏହି ପ୍ରଶ୍ନର ଉତ୍ତର ଦେଇନାହାନ୍ତି ଏବଂ ଯେଉଁମାନେ ଦୁଇଟି ଠିକ୍ ଉତ୍ତର ମଧ୍ୟରୁ ଗୋଟିଏ ଦେଇଛନ୍ତି, ସେମାନଙ୍କୁ ସମାନ ମାର୍କ ମିଳିବା ଆବଶ୍ୟକ ବୋଲି ପରୀକ୍ଷାର୍ଥୀ ପିଟିଶନରେ ନିବେଦନ କରିଥିବାବେଳେ ଜଷ୍ଟିସ୍ ଡି.କେ. ଶର୍ମାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏନ୍‌ଟିଏ ଓକିଲଙ୍କଠାରୁ ଏହା ଉପରେ ଜବାବ ମାଗିଛନ୍ତି। ପିଟିଶନର ଦର୍ଶାଇଥିଲେ, ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିଷ୍ପକ୍ଷତା ଜରୁରୀ। ସମସ୍ତଙ୍କୁ ସମାନ ଆଧାରରେ ମୂଲ୍ୟାୟନ କରାଯିବା ଆବଶ୍ୟକ। କେବଳ ଗୋଟିଏ ଅପ୍ସନ ଠିକ୍ ବୋଲି ପ୍ରଶ୍ନପତ୍ରରେ ସ୍ପଷ୍ଟ ଉଲ୍ଲେଖ ଥିବାବେଳେ କର୍ତ୍ତୃପକ୍ଷ ଦୁଇଟି ଠିକ୍ ଉତ୍ତର ରଖି ଉକ୍ତ ନିଷ୍ପକ୍ଷତା ସହ ସାଲିସ୍ କରିଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀ ୨ ଠିକ୍ ଉତ୍ତର ଥିବା ପ୍ରଶ୍ନର ସମାଧାନ କରି ନ ଥିଲେ। ସେ ୭୨୦ରୁ ୬୩୩ ନମ୍ବର ରଖିଛନ୍ତି। ମୋଟ ପର୍ସେଣ୍ଟାଇଲ୍ ପ୍ରାୟ ୯୮ ଥିବାବେଳେ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ର୍‍ୟାଙ୍କ ୪୪,୭୦୦ ପାଖାପାଖି ରହିଛି। ଗୋଟିଏ ମାତ୍ର ମାର୍କ ପାଇଁ ତାଙ୍କର ଅଲ୍ ଇଣ୍ଡିଆ ର୍‍ୟାଙ୍କ୍ ବଦଳି ଯାଇପାରେ। ତେଣୁ ଏନ୍‌ଇଇଟି ରେଜଲ୍ଟକୁ ସଂଶୋଧନ କରି ପୁନଃପ୍ରକାଶ କରିବା ନିମନ୍ତେ ଏନ୍‌ଟିଏକୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନକାରୀ ନିବେଦନ କରିଛନ୍ତି।

ବୈଦ୍ୟନାଥ
ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍‌ସୁଲ୍ |
| କୋଷ୍ଠକାଠିନ୍ୟ | ବୈଦ୍ୟନାଥ ତ୍ରିଫଳା ଚୂର୍ଣ୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300

ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ- ତେବେ ତାଙ୍କୁ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। -ଶ୍ରୀଅରବିନ୍ଦ



# ଅଭିଜ୍ଞତାକୁ ସ୍ୱୀକୃତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସଚିବ ସୌରଭ ଗର୍ଗଙ୍କୁ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତ କରାଯାଇଛି। ଉଲ୍ଲେଖନୀୟ ଯେ, ଜୁଲାଇ ୩୧ ରେ ଅବସର ପରେ ୧ ବର୍ଷ ପର୍ଯ୍ୟନ୍ତ ଗର୍ଗ ଏହି ପଦବୀରେ କାର୍ଯ୍ୟ କରିବେ। ସେ ଜାତୀୟ ପରିସଂଖ୍ୟାନ ଆୟୋଗର ସଚିବ ଭାବରେ ମଧ୍ୟ ଦାୟିତ୍ୱ ବହନ କରିବେ। କୌତୂହଳର ବିଷୟ, ପି.କେ. ତ୍ରିପାଠୀଙ୍କୁ ଭାରତର ଲୋକପାଳ ସଚିବ ଭାବରେ ତାଙ୍କ ସେବା ନିବୃତ୍ତି ପର୍ଯ୍ୟନ୍ତ ଏବଂ ତା' ପରେ ଚୁକ୍ତିରେ ୨ ବର୍ଷ ପର୍ଯ୍ୟନ୍ତ ସେହି ଦାୟିତ୍ୱରେ ନିଯୁକ୍ତ କରିବା ପରେ ତତ୍‌କ୍ଷଣାତ ଗର୍ଗଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି। ଜଣେ ସଫଳ ଅର୍ଥନୀତିଜ୍ଞ ଭାବେ ଗର୍ଗଙ୍କ ଏକାଡେମିକ ପ୍ରମାଣପତ୍ର ପ୍ରଭାବଶାଳୀ। ସେ ଆଇଆଇଏମ୍,ଅହମ୍ମଦାବାଦ ଏବଂ ଆଇଆଇଟି, ଦିଲ୍ଲୀ ବ୍ୟତୀତ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ଅଧ୍ୟୟନ କରିଥିଲେ। ନୀତି ତଥା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଏହି ଓଡ଼ିଶା କ୍ୟାଡର ଅଧିକାରୀଙ୍କ ବିଶେଷ ଅବଦାନ ରହିଛି। ବିଶେଷକରି ଓଡ଼ିଶାରେ କାଳିଆ ଯୋଜନା ଆରମ୍ଭକରି ତାହାକୁ କାର୍ଯ୍ୟକାରୀ କରାଇବାରେ ତାଙ୍କର ଭୂମିକା ରହିଛି। ଏହା ମଧ୍ୟ ଜାତୀୟ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିଛି। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ)ର ସିଇଓ ଥିବା ସମୟରେ ଡାଇରେକ୍ଟ ଟ୍ରାନ୍ସଫର ସ୍କିମ୍ ଆଣିବାରେ ଗର୍ଗଙ୍କର ପ୍ରମୁଖ ହାତ ରହିଥିଲା। ଗର୍ଗଙ୍କ ନିଯୁକ୍ତିକୁ ନେଇ ଦିଲ୍ଲୀର ବାବୁ ପରିସରରେ କିଛି ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ ଏହା ଉପରେ କି ଧାରଣା ସୃଷ୍ଟି ହୋଇଛି ତାହା ସମୟାନୁସାରେ ସାମ୍ନାକୁ ଆସିବ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ, ଅବସର ପରେ ଗର୍ଗଙ୍କ ଅବିରତ ସେବା ତାଙ୍କର ବହୁମୂଲ୍ୟ ଅଭିଜ୍ଞତାକୁ ସ୍ୱୀକୃତି ଦେବା ସହ ନେତୃତ୍ୱରେ ନିରନ୍ତରତାର ଇଚ୍ଛାଶକ୍ତିକୁ ସୂଚିତ କରେ।

### ଆଗାମୀ ଲକ୍ଷ୍ୟରେ ଅଦଳବଦଳ

ଏକ ବ୍ୟସ୍ତବହୁଳ ନିର୍ବାଚନ ମଝିରେ କେନ୍ଦ୍ର ସରକାର ଯୁଗ୍ମ ସଚିବ ସ୍ତରରେ ପ୍ରମୁଖ ନିଯୁକ୍ତି ଘୋଷଣାକରି ନେତୃତ୍ୱରେ ଏକ ରଣନୀତିକ ପରିବର୍ତ୍ତନର ସଙ୍କେତ ଦେଇଛନ୍ତି। ଏହି ଅମଲାତାନ୍ତ୍ରିକ ପୁନର୍ଗଠନରେ ଅତିରିକ୍ତ ସଚିବ ଭାବରେ ୧୯୯୪ରୁ ୧୯୯୯ ବ୍ୟାଚ୍ ପର୍ଯ୍ୟନ୍ତ ୨୬ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତି ଚୟନ ଅନ୍ତର୍ଭୁକ୍ତ। ପ୍ରମୁଖ ନିଯୁକ୍ତି ମଧ୍ୟରେ ରହିଛନ୍ତି ଭାରତର ନିର୍ବାଚନ ଆୟୋଗ (ଇସି)ରେ କାର୍ଯ୍ୟରତ ଅଜୟ ଭାଦୋ, ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ର ଅଧିକାରୀ ତଥା ଏବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ରେ କାର୍ଯ୍ୟରତ ଭି.ଶେଷାଦ୍ରି ଏବଂ ତେଲଙ୍ଗାନା ଶକ୍ତି ବିଭାଗର ମୁଖ୍ୟ ସୟଦ ଅଲି ମୁର୍ତାଜା ରିଜ୍‌ଭି। ନିଯୁକ୍ତିର ଏଭଳି ହଠାତ୍ ପରିବର୍ତ୍ତନରେ ନୂଆଦିଲ୍ଲୀ ପ୍ରଶାସନର ନିରନ୍ତରତା ଏବଂ ସ୍ଥିରତାକୁ ନେଇ ଏବେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କିନ୍ତୁ ଏହା କେବଳ ଆଗାମୀ ଦିନରେ ଆହୁରି ବ୍ୟାପକ ପରିବର୍ତ୍ତନର ଏକ ସଙ୍କେତ ବୋଲି ବୁଝିବାକୁ ହେବ। ସୂତ୍ରରୁ ପ୍ରକାଶ ଯେ,ସରକାର ଖୁବ୍ ଶୀଘ୍ର ଅନ୍ୟ ଏକ ନିଯୁକ୍ତି ତାଲିକା ପ୍ରକାଶ କରିପାରନ୍ତି। ଏହା ମଧ୍ୟ ଅନୁମାନ କରାଯାଉଛି ଯେ, ମୋଦି ସରକାରରେ କେତେଜଣ ପ୍ରମୁଖ ବ୍ୟକ୍ତିତ୍ୱ ସେମାନଙ୍କ ପଦବୀରେ ପୂର୍ବବତ୍ ରହିପାରନ୍ତି। ଯେତେବେଳେ ନୂତନ ସରକାର ଘୋଷଣା ହେବ ସେତେବେଳେ ତୁମେ ଏହା ଜାଣିପାରିବ। ଏହା ବ୍ୟତୀତ ଏହିସବୁ ପଦକ୍ଷେପ ମୋଦି ସରକାରଙ୍କ କ୍ଷମତାକୁ ଫେରିବାର ଆତ୍ମବିଶ୍ୱାସକୁ ବି ସ୍ପଷ୍ଟ କରିଛି। ତେଣୁ, ନିର୍ବାଚନ ବ୍ୟସ୍ତତା ସତ୍ତ୍ୱେ ଏହା ନିଶ୍ଚିତ କରିଛି ଯେ, ଏହି ସମୟ ମଧ୍ୟରେ ପ୍ରଶାସନର କିଛି ପ୍ରମୁଖ ଦିଗକୁ ଅଣଦେଖା କରାଯାଇ ନାହିଁ।

### ନିର୍ବାଚନ ବର୍ଷରେ ଚଢ଼ାଉ

ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ଦୁର୍ନୀତି ମାମଲାରେ ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଏନ୍‌ଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଅନ୍ୟାନ୍ୟ ଅନୁସନ୍ଧାନକାରୀ ଏଜେନ୍ସିର ତଦନ୍ତ ପରିସରରେ ରହିଥିବା ଦେଖାଯାଇଛି। ସେମାନଙ୍କ ବିରୋଧରେ ଦୁର୍ନୀତିଠାରୁ ଆରମ୍ଭକରି ଅର୍ଥ ହେରଫେର ପର୍ଯ୍ୟନ୍ତ ଅଭିଯୋଗ ରହିଛି ଏବଂ କେତେକ ଚଢ଼ାଉକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସମାଲୋଚନା କରାଯାଇଛି। ନିକଟରେ ୨୦୦୨ ବ୍ୟାଚ୍ ଝାଡ଼ଖଣ୍ଡ କ୍ୟାଡର ଆଇଏଏସ୍ ଅଧିକାରୀଙ୍କୁ ଅର୍ଥ ହେରଫେର ମାମଲାରେ ପଚରାଉଚରା ପାଇଁ ଇଡି ଡକାଇଥିଲା। ସେହିଭଳି ଜଣେ ଛତିଶଗଡ଼ କ୍ୟାଡର ୨୦୦୩ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କୁ ଇଡି ଗିରଫ କରିଥିଲା ଏବଂ ଅନୁସନ୍ଧାନରେ ରାଜ୍ୟରେ ଏକ ମଦ ସିଣ୍ଡିକେଟ କାର୍ଯ୍ୟକଳାପରେ ତାଙ୍କର ପ୍ରମୁଖ ଭୂମିକା ଥିବା ଜଣାପଡ଼ିଛି। ଅନ୍ୟ ଏକ ଘଟଣାରେ, ମହାଦେବ ବେଟିଂ ଆପ୍ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଛତିଶଗଡ଼ର ଅତି କମ୍‌ରେ ୫ଜଣ ଆଇପିଏସ୍ ଅଧିକାରୀ ଦୁର୍ନୀତି ନିବାରଣ ବ୍ୟୁରୋ ସ୍କାନରରେ ଅଛନ୍ତି। ଅନ୍ୟ ଏକ ହାଇପ୍ରୋଫାଇଲ ମାମଲାରେ ଇଡି ଜଣେ ପୂର୍ବତନ କେନ୍ଦ୍ର ସଚିବ(ଡିପିଆଇଆଇଟି)ଙ୍କ ଅଫିସରେ ଚଢ଼ାଉକରି ଟଙ୍କା ହେରଫେର ଘଟଣାର ତଦନ୍ତ କରିଥିଲା। ନିର୍ବାଚନ ବର୍ଷରେ ହୋଇଥିବା ଏହି ଚଢ଼ାଉ ଏବଂ ଗିରଫଦାରି ସମୟ ପଛରେ ଥିବା ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା କାହାକୁ ଅଛପା ନାହିଁ ଯେ, ଏହି ଅଧିକାରୀମାନଙ୍କ ମଧ୍ୟରୁ କେତେକେ ବିରୋଧୀ ଶାସିତ ରାଜ୍ୟରେ ଅଛନ୍ତି। ଏହି କାର୍ଯ୍ୟଗୁଡ଼ିକ କେବଳ ନ୍ୟାୟର ସ୍ୱାର୍ଥରେ ଅଛି ନା ଏକ ରାଜନୈତିକ ବିବାଦର ଏକ ବିଷୟ ଅଛି ? ଏହାର ଉତ୍ତର ହୁଏତ ଅସ୍ପଷ୍ଟ ହୋଇପାରେ ଏବଂ ଏହା କେବଳ ଭାରତର ଜଟିଳ ରାଜନୈତିକ ଦୁନିଆରେ ଆଉ ଏକ ଷଡ଼ଯନ୍ତ୍ର ଯୋଗ କରିଥାଏ।

Email: dilipcherian@gmail.com

# ମାଟି: ସୃଷ୍ଟି ଓ ସ୍ଥିତିର କାରକ



ପ୍ରକାଶ ତ୍ରିପାଠୀ

ନିକଟରେ ସୋସିଆଲ ମିଡିଆରେ ଗୋଟିଏ ଭିଡିଓ ଦେଖୁଥିଲି। ଖାଦ୍ୟକୁ କିପରି ଅଧିକ ସୁସ୍ୱାଦୁ କରାଯିବ, ତାହା ଉପରେ ଭିଡିଓଟି ପ୍ରସ୍ତୁତ ହୋଇଥିଲା। ଆଲୁମିନିୟମ ପାତ୍ରରେ ରୋଷେଇ କଲାବେଳେ କିଛି ଛୋଟ ଛୋଟ ମାଟିଦୀପ ସେଥିରେ ପକାଇ ଦିଆଯାଉଛି। ଏହା ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମାଟିପାତ୍ରରେ ପ୍ରସ୍ତୁତ ଖାଦ୍ୟ ପରି ସୁସ୍ୱାଦୁ ହୋଇଯାଉଛି। ଏହା ସମସ୍ତେ, ବିଶେଷ କରି ସତୁରି ଦଶକ ପୂର୍ବରୁ ଜନ୍ମ ହୋଇଥିବା ପ୍ରତ୍ୟେକ ମଣିଷ ସ୍ୱୀକାର କରିବେ ଯେ, ମାଟିପାତ୍ରରେ ଓ କାଠ ଚୁଲିରେ ରନ୍ଧାଯାଉଥିବା ଖାଦ୍ୟ ଅନ୍ୟ ଯେ କୌଣସି ପାତ୍ରରେ ପ୍ରସ୍ତୁତ ଖାଦ୍ୟଠାରୁ ନିଶ୍ଚିତ ଅଧିକ ସୁସ୍ୱାଦୁ। ସେଥିପାଇଁ ଏବେ ଛୋଟ-ବଡ଼ ସବୁ ସହରରେ ମାଟିହାଣ୍ଡି ମାଂସ, ମାଟିହାଣ୍ଡି ଲସି, ମାଟିହାଣ୍ଡି ଚା ଆଦି ଫଳକ ଲଗାଯାଇ ଗରାଖମାନଙ୍କୁ ଆକର୍ଷିତ କରାଯାଉଛି। ଏବେ ଲୋକେ ବୁଝିଲେଣି ଯେ ଅତୀତରେ ଲୋକମାନେ ଯେଉଁ ମାଟି ହାଣ୍ଡିରେ ରୋଷେଇ କରୁଥିଲେ, ତାହାର ସ୍ୱାଦ ଉତ୍କୃଷ୍ଟ ଥିଲା ଓ ଖାଦ୍ୟର ଗୁଣାତ୍ମକ ମାନ ଓ ପୋଷକ ତତ୍ତ୍ୱ ବି ଅକ୍ଷୁଣ୍ଣ ରଖୁଥିଲା। ସତୁରି ଦଶକ ବା ତା' ପୂର୍ବରୁ ପ୍ରତି ପରିବାରରେ ମାଟି ନିର୍ମିତ ପାତ୍ର ଓ ଘରୋଇ ଉପକରଣ ବ୍ୟବହୃତ ହେଉଥିଲା। ଅନ୍ନ, ଡାଲି ଓ ସମସ୍ତ ଦୈନନ୍ଦିନ ଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି କ୍ଷୀର ସିଝିବା, ଦହି ପ୍ରସ୍ତୁତି, ଘିଅ ପ୍ରସ୍ତୁତି ଓ ଯାବତୀୟ ପିଠା ପ୍ରସ୍ତୁତି ମାଟିପାତ୍ରରେ ହେଉଥିଲା। ମାଟିହାଣ୍ଡିରେ ପ୍ରସ୍ତୁତ ଖାଦ୍ୟ ନଷ୍ଟ ନ ହୋଇ ଅନେକ ସମୟ ରହିପାରୁଥିଲା। ମାଟିହାଣ୍ଡି, ତେଲୁଣି ବା ଯେ କୌଣସି ମାଟିପାତ୍ରରେ ପ୍ରସ୍ତୁତ ଖାଦ୍ୟର ସ୍ୱାଦ ଓ ବାସ୍ନା ଥିଲା ନିଆରା। ମାଟିପାତ୍ରଠାରୁ ଦୂରେଇ ଆମେ ଏବେ ଖୋଜୁଛୁ ତାହାର ସ୍ୱାଦ ଓ ବାସ୍ନାକୁ। ସେଥିପାଇଁ ଉପରୋକ୍ତ ଫଳକ ଲଗାଯାଇଥିବା ହୋଟେଲ ବା ରେସ୍ତୋରାଁରେ ଆମେ ଅଧିକ ଭିଡ଼ ଲଗାଉଛୁ।

ମାଟି ଓ ମଣିଷର ସମ୍ପର୍କ ଅତି ପୁରାତନ। ସେଥିପାଇଁ ଦାର୍ଶନିକମାନେ ମଣିଷ ଶରୀରକୁ ମାଟିର କଣ୍ଢେଇ ସହ ତୁଳନା କରିଥାନ୍ତି। ଦିନେ ନା ଦିନେ ସମସ୍ତଙ୍କୁ ଏଇ ମାଟିରେ ମିଶିବାକୁ ପଡ଼ିବ। ମାଟିକୁ ନେଇ କେତେ ଗଳ୍ପ, ଉପନ୍ୟାସ, କବିତା, ଚଳଚ୍ଚିତ୍ର ପ୍ରସ୍ତୁତ ହେଉଛି ତା'ର ହିସାବ ନାହିଁ। ସମାଜସେବାକୁ ଜୀବନର ଏକମାତ୍ର ବ୍ରତ କରିଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ହୃଦୟସ୍ପର୍ଶୀ କବିତା ''ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ'' ଏବେ ବି ଜନମାନସରେ ଆଦୃତ। ଯଦି ଜୀବନର ଅନ୍ତ ପରେ ମାଟିରେ ମିଶିବା ସତ୍ୟ, ତେବେ ଜୀବନ ଥିବା ସମୟରେ ମାଟିଠାରୁ ଆମର ଏ ଦୂରତା କାହିଁକି। ମାଟିକୁ ମା' ସହ ତୁଳନା କରି ଜନ୍ମମାଟିର ସମ୍ମାନ ପ୍ରଦର୍ଶନ କରୁ, ମାଟିକୁ ପୂଜା କରୁ। ନୂଆ ଘରଟିଏ କରିବା ପୂର୍ବରୁ, ମାଟି ମା'



ର ପୂଜା କରୁ। ମାଟି ନିର୍ମିତ ଘର ଓ ତା' ଭିତରେ ମାଟିର ଆଟୁ ପ୍ରକୃତି ପ୍ରଦତ୍ତ ଶୀତତାପ ନିୟନ୍ତ୍ରିତ ଘର ହୋଇଥାଏ। ମାଟି ମାଠିଆ ବା ସୁରେଇ ପିଇବା ପାଣିକୁ ଥଣ୍ଡା ରଖେ। ମାଟି ନିର୍ମିତ କୋଠିରେ ଶସ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ରୋଗ ପୋକରୁ ସୁରକ୍ଷିତ ରଖାଯାଇପାରେ। ପୂର୍ବେ ମାଟି ନିର୍ମିତ ନନ୍ଦ ଦ୍ୱାରା ଗଭୀର କୂପ ନିର୍ମାଣ କରାଯାଉଥିଲା, ଯାହାକି ରୋଷେଇ ଠାରୁ ଆରମ୍ଭ କରି ସମସ୍ତ ଗୃହ କାର୍ଯ୍ୟ ଓ କୃଷି କାର୍ଯ୍ୟ ସମ୍ପାଦନ ହେଉଥିଲା। ଏଇ ମାଟିକୁ ନେଇ କୁମ୍ଭକାର ସମ୍ପ୍ରଦାୟଙ୍କ ବୃତ୍ତି ମଧ୍ୟ ସ୍ୱୀକୃତି ପାଇଥିଲା। ପଇସା ସଞ୍ଚିବା ମାଟିଘଡ଼ିଠାରୁ ଆରମ୍ଭ କରି ସମସ୍ତ ରୋଷେଇ ଉପକରଣ, ଘର ନିର୍ମାଣଠାରୁ ଆରମ୍ଭ କରି ଯଜ୍ଞକୁଣ୍ଡ ପର୍ଯ୍ୟନ୍ତ ସବୁ ମାଟିରେ ନିର୍ମାଣ ହେଉଥିଲା ଓ ମଣିଷ ସହ ମାଟି ପ୍ରତି କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ଥିଲା। ହୋମ, ଯଜ୍ଞ ଆଦି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ବ୍ୟବହୃତ ଦୀପ, ସରା, ପୂର୍ଣ୍ଣକୁମ୍ଭ ଆଦି ସମସ୍ତ ଉପକରଣ ମାଟି ନିର୍ମିତ ଥିଲା। ବିଭିନ୍ନ ପର୍ବ ପର୍ବାଣିରେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଏବେ ବି ମାଟିରେ ନିର୍ମାଣ ହେଉଛି। କେତେକ ଗାଁରେ ମାଟି ନିର୍ମିତ ଦେବଦେବୀ ମଧ୍ୟ ପୂଜିତ ହେଉଛନ୍ତି।

ସଭ୍ୟତାର ବିକାଶ ହେଉଛି। ତା' ସହ ମଣିଷ ଓ ମାଟିର ଦୂରତା ବଢ଼ି ବଢ଼ି ଚାଲିଛି। ରୋଷେଇ ଘରେ ଇନ୍ଧନ ପରିବର୍ତ୍ତନ ସହ ରୋଷେଇ ପାତ୍ର ବି ବଦଳି ଗଲା। ମାଟିପାତ୍ରକୁ ବଦଳେଇ ତା' ସ୍ଥାନରେ ବିଭିନ୍ନ ଧାତୁ ନିର୍ମିତ ପାତ୍ର ଆପଣାଇବା ପରଠାରୁ ନୂଆ ନୂଆ ରୋଗକୁ ଆମନ୍ତ୍ରଣ କରିବା ସହ ଖାଦ୍ୟର ଗୁଣାତ୍ମକ ମାନ ଓ ସ୍ୱାଦକୁ ପଛରେ ଛାଡ଼ି ଆସିଲେ। ଶସ୍ୟ ସଂରକ୍ଷଣରେ ମାଟି କୋଠି ବଦଳରେ ଧାତୁ ନିର୍ମିତ ପାତ୍ର ଅବା ସିନ୍ଥେଟିକ୍ ଓ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରୁଛୁ। ଏପରିକି ମାଟି ପ୍ରସ୍ତୁତ ଇଟା ଘର ନିର୍ମାଣରେ ବନ୍ଦ ହେବାକୁ ବସିଲାଣି। ବିବାହ, ବ୍ରତ ଓ ଅନ୍ୟାନ୍ୟ ହୋମଯଜ୍ଞରେ ବେଦି ଓ ଯଜ୍ଞକୁଣ୍ଡ ଆଉ ମାଟିରେ ନିର୍ମାଣ ହେଉନାହିଁ। ପିଇବା ପାଣି ଆଉ ମାଠିଆ ବା ସୁରେଇରେ ଶୀତଳ ନ କରି ପ୍ଲାଷ୍ଟିକ ବା ଷ୍ଟିଲ୍ ନିର୍ମିତ ରେଫ୍ରିଜରେଟରରେ ଶୀତଳ ହେଉଛି। ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ଜାଣି ମଧ୍ୟ ଏହାକୁ ଅଧିକରୁ ଅଧିକ ବ୍ୟବହାର କରୁଛୁ। ଛୋଟ ଛୋଟ ପିଲାଙ୍କ ହାତରେ ଏବେ ମାଟି କଣ୍ଢେଇ ବଦଳରେ ପ୍ଲାଷ୍ଟିକ ଓ ଇଲେକ୍ଟ୍ରୋନିକ୍ସ କଣ୍ଢେଇ ଶୋଭା ପାଉଛି। ଏ ସବୁ ପରିବେଶ ପାଇଁ କ୍ଷତିକାରକ ଜାଣି ମଧ୍ୟ ଆଧୁନିକ ସଭ୍ୟତାର ଦ୍ୱାହିଦେଇ ଆମେ ଏସବୁକୁ ଆପଣେଇ ଚାଲିଛୁ।

ଏବେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମାଟିର ବ୍ୟବହାର କମି କମି ଯାଉଛି। ସହରରେ ମାଟି ଆଉ ଦେଖାଯାଉନି । ନିକଟସ୍ଥ ଗାଁ ଗଣ୍ଡାରୁ କିଛି ବେପାରୀ ସହରବାସୀଙ୍କୁ କେଜି ଦରରେ ମାଟି ବିକୁଛନ୍ତି। ଜାଗା ଯେତିକି ଘର ସେତିକି। ଖୋଲା ଜାଗା ଥିଲେ ତ ମାଟି ମିଳିବ ନା । ଯଦିବା କେଉଁଠି ଖୋଲା ଜାଗା ଅଛି ତାକୁ ବି ସିମେଣ୍ଟ ପ୍ଲାଷ୍ଟର କରିଦିଆଯାଉଛି। କାଳେ ମାଟି ଲାଗି ପାଦ ଅପରିଷ୍କାର ହୋଇଯିବ। ଖାଲି ପାଦରେ ଦୈନିକ କିଛି ସମୟ ମାଟି ଜାଗାରେ ଚାଲିବାକୁ ଏବେ ଡାକ୍ତରମାନେ ପରାମର୍ଶ ଦେଲେଣି। ସେଥିପାଇଁ ସହର ଭିତରେ ଥିବା ପାର୍କରେ ଭାରି ଭିଡ। ସହରରେ ମାଟିର କୃତ୍ରିମ ଅଭାବ। ମାଟି ଆଜି କଂକ୍ରିଟର ଆବରଣ ତଳେ ଅଣ ନିଃଶ୍ୱାସୀ। ଘରର ସାଜସଜ୍ଜା ତଥା ଆଭିଜାତ୍ୟ ପ୍ରଦର୍ଶନ ପାଇଁ କିଛି ଲୋକ ମାଟି କିଣି ଫୁଲକୁଣ୍ଡ ପ୍ରସ୍ତୁତ କରୁଛନ୍ତି ତ ଆଉ କିଛି ଲୋକ ପ୍ଲାଷ୍ଟିକ କୁଣ୍ଡରେ ପ୍ଲାଷ୍ଟିକ ଫୁଲଗଛରେ ଆତ୍ମସନ୍ତୋଷ ପାଉଛନ୍ତି। ଡ୍ରଇଂ ରୁମ୍‌ରେ ଏବେ ମାଟି ନିର୍ମିତ ପାତ୍ର ଓ କିଛି ଆସବାବପତ୍ର ପ୍ରାଚୀନ ବସ୍ତୁ ଭାବେ ଶୋଭା ପାଇଲାଣି। ମାଟିର ବ୍ୟବହାର ଏବେ ସୀମିତ। ପରମ୍ପରା ରକ୍ଷା ଆଳରେ କିଛି ଧାର୍ମିକ ତଥା ପାରମ୍ପରିକ ଉତ୍ସବରେ ମାଟି ପାତ୍ରର ବ୍ୟବହାର ହେଉଥିବା ବେଳେ ବିଭିନ୍ନ ପର୍ବପର୍ବାଣିରେ ଦେବୀଦେବତାଙ୍କ ମୂର୍ତ୍ତି ପ୍ରସ୍ତୁତିରେ ବି ମାଟିର ବ୍ୟବହାରକୁ ସୀମିତ କରାଗଲାଣି। ଶ୍ରାବଣର ପହିଲି ପରଶରେ ଓଦା ମାଟିର ବାସ୍ନା ଆଉ କବି ବା ଲେଖକଙ୍କୁ ଭାବପ୍ରବଣ କରୁନାହିଁ କି ଏବର ନୂଆପିଢ଼ି ମାଟି କାଦୁଅରେ ଚାଷକାମ କରିବାକୁ ଆଉ ଆଗ୍ରହ ସୃଷ୍ଟି କରୁନାହିଁ।

ଆଧୁନିକତା ଆଡ଼କୁ ଅଗ୍ରସର ହେଉଥିବା ମଣିଷ ପ୍ରକୃତିଠାରୁ ଦୂରେଇ ଯାଉଥିବା ସତ୍ୟ। ଏହି କ୍ରମରେ ପ୍ରକୃତିର ମୁଖ୍ୟ ଉପାଦାନ ମାଟିଠାରୁ ବି ମଣିଷ ଦୂରେଇ ଯାଉଛି। ଏହାର ଅର୍ଥ ନୁହେଁ ଯେ ମାଟିକୁ ନଷ୍ଟ କରିଦେବା। ପଲିଥିନ, ପ୍ଲାଷ୍ଟିକ, ରାସାୟନିକ ଦ୍ରବ୍ୟ, ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ ଦ୍ୱାରା ମାଟି ଆଜି ବ୍ୟାଧିଗ୍ରସ୍ତ। କଂକ୍ରିଟ ଆବରଣ ଯୋଗୁ ମାଟି ପାଖରେ ଆଉ ବର୍ଷାଜଳ ପହଞ୍ଚି ପାରୁନି। ମଣିଷ ସହ ପ୍ରତ୍ୟେକ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ମୃତ୍ତିକା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ମାଟି ଉଦ୍ଭିଦଗୁଡ଼ିକର ବୃଦ୍ଧି ଏବଂ ବିକାଶରେ ସାହାଯ୍ୟ କରେ, ଯାହାକି ମଣିଷକୁ ଖାଦ୍ୟ, ପୋଷାକ, ଆସବାବପତ୍ର ଏବଂ ଔଷଧ ଯୋଗାଇଥାଏ । ଏହା ଜୀବାଣୁ, କବକ ଇତ୍ୟାଦି ସହିତ ଅନେକ ଜୀବ ସୃଷ୍ଟିକୁ ସମର୍ଥନ କରେ। ମୃତ ଜୀବମାନଙ୍କୁ କ୍ଷୟ କରି ପରିବେଶ ସନ୍ତୁଳନ ବଜାୟ ରଖେ। ମାଟି ବିନା ଜୀବନର ସୃଷ୍ଟି ଓ ସ୍ଥିତି ଅସମ୍ଭବ। ସେଥିପାଇଁ ମାଟିକୁ ସୁସ୍ଥ ରଖିବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେଉ।

ମୋ:୯୪୩୭୨୩୨୪୬୩

# ପରା, ଅପରା ବିଦ୍ୟା



ଶ୍ରୀବତ୍ସ ନାୟକ

ଶିକ୍ଷାର୍ଥୀମାନଙ୍କର ମାନସିକ, ଭୌତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ କରିବା ଏବଂ ତତ୍ ସଙ୍ଗେ ସଙ୍ଗେ ଆର୍ଥିକ ପ୍ରଗତି ଓ ସାମାଜିକ ଉନ୍ନତି ମାଧ୍ୟମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଭାରତବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ଼, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇଆସୁଛି। ଏହି ଶିକ୍ଷା ବ୍ୟବସ୍ଥା ଦୁଇଟି ତତ୍ତ୍ୱ ଉପରେ ଆଧାରିତ ଥିଲା ଯଥା ପରା ବିଦ୍ୟା (ପରା ପ୍ରକୃତିରୁ ଜାତ) ଓ ଅପରା ବିଦ୍ୟା(ଅପରା ପ୍ରକୃତିରୁ ଜାତ)। ପରା ବିଦ୍ୟା ଚେତନତତ୍ତ୍ୱ (ଆଧ୍ୟାତ୍ମିକ ବିଦ୍ୟା, ବୁଦ୍ଧି, ମନ, ଚିତ୍ତ, ଆତ୍ମତତ୍ତ୍ୱ ଇତ୍ୟାଦି) ଉପରେ ଏବଂ ଅପରା ବିଦ୍ୟା(ଚିକିତ୍ସାଶାସ୍ତ୍ର, ଯୁଦ୍ଧଶାସ୍ତ୍ର, ବିଜ୍ଞାନ, ବାଣିଜ୍ୟ, ଗଣିତ ବିଦ୍ୟା, ଭୂତତ୍ତ୍ୱ ବିଦ୍ୟା, ପ୍ରାଣୀ ବିଦ୍ୟା, ଉଦ୍ଭିଦ ବିଦ୍ୟା, ବ୍ୟବହାରିକ ବିଦ୍ୟା, ଅର୍ଥଶାସ୍ତ୍ର, କୃଷି ଓ ଗୋପାଳନ ଇତ୍ୟାଦି) ଭୌତିକ ବିଦ୍ୟା ବା ଜଡତତ୍ତ୍ୱ ଉପରେ ପର୍ଯ୍ୟବସିତ। ଜଡ଼ବସ୍ତୁ ଭାବେ ରକ୍ତ, ମାଂସ, ହାଡ଼, ବାୟୁ, ପାଣି ସ୍ନାୟୁ, ମାଂସପେଶୀକୁ ନେଇ ମଣିଷ ଶରୀର ତିଆରି ହୋଇଥିବାବେଳେ, ତା' ମଧ୍ୟରେ ଏକ କ୍ଷୁଦ୍ରାତିକ୍ଷୁଦ୍ର ଈଶ୍ୱରୀୟ ସତ୍ତା ଭାବେ ଚେତନାର ଇନ୍ଦ୍ରିୟ ଲୁକ୍କାୟିତ ଭାବେ ଅଛି। ଏହି ଜଡ଼ଶରୀର ଓ ଚେତନାର ସତ୍ତାର ସମିଶ୍ରଣରେ ଏକ ମନୁଷ୍ୟ ଜୀବନ ସମ୍ଭବପର ହୋଇଥାଏ। ଜଡ଼ ଶରୀର ପାଇଁ ଯେଉଁଭଳି ଜଡ ତତ୍ତ୍ୱର ଗୁରୁତ୍ୱ ରହିଛି ଅନୁରୂପ ଭାବେ ଚେତନାର ସତ୍ତା ନିମନ୍ତେ ଚେତନ ତତ୍ତ୍ୱର ଆବଶ୍ୟକ ରହିଛି। ତେଣୁ ଏକ ସୁସ୍ଥ ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତି ନିମନ୍ତେ ଉଭୟ ବିଦ୍ୟା ଅପରିହାର୍ଯ୍ୟ। ପୁରାଣ ଶାସ୍ତ୍ର ଅନୁସାରେ ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ରଙ୍କୁ ମହର୍ଷି ବଶିଷ୍ଠ ପରା ବିଦ୍ୟା ଶିକ୍ଷା ଦେଇଥିବାବେଳେ ମହର୍ଷି ବିଶ୍ୱାମିତ୍ର ଅପରା ବିଦ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଫଳରେ ଶ୍ରେଷ୍ଠ ପୁରୁଷର ଆଖ୍ୟା ବହନ କରିଥିଲେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର। ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ମାନବଜାତି ଅପରା ବିଦ୍ୟା ଅଧ୍ୟୟନ କରି ଉଗ୍ର ଆଧୁନିକତାର ଚରମ ସୀମାରେ ପହଞ୍ଚିସାରିଛି, ଅସମ୍ଭବ ମନେହେଉଥିବା କାର୍ଯ୍ୟକୁ ସମ୍ଭବପର କରିଛି, ବିଜ୍ଞାନର ଗ୍ରାହକ ବନିଯାଇ ଦିନକୁ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହେଉଛି, ମହାକାଶ ଉପରେ ଗବେଷଣା କରୁଛି, କୃଷି କ୍ଷେତ୍ରରେ ଜୈବିକ ସାର ଓ ବିହନର ପ୍ରୟୋଗକରି କମ୍ ସମୟରେ ଅଧିକ ଉତ୍ପାଦନକ୍ଷମ ହୋଇପାରିଛି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ପ୍ରୟୋଗ କରି ଶିଳ୍ପ, ସ୍ୱାସ୍ଥ୍ୟ ଓ ଗମନାଗମନ ଆଦି କ୍ଷେତ୍ରରେ ସଫଳତାର ଶିଖର ଛୁଇଁଥିଲେ ମଧ୍ୟ ପରା ବିଦ୍ୟାର ଅଭାବ ଯୋଗୁ ଆମକୁ ଏକ ପୂର୍ଣ୍ଣାଙ୍ଗ ବିକଶିତ ମାନବ ରୂପେ ପରିଗଣିତ କରିବା ଶ୍ରେୟସ୍କର ନୁହେଁ। ପରା ବିଦ୍ୟାକୁ ଉପେକ୍ଷା କରି କେବଳ ଅପରା ବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ଆମ ସମାଜରେ ଶିକ୍ଷିତଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଉଥିଲେ ମଧ୍ୟ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ ହୋଇଯାଉଛି। ଫଳରେ ବିକାଶ ଆଳରେ ଆମେ କେତେ ବିନାଶ କରୁଛେ ତା'ର ଆତ୍ମସମୀକ୍ଷା କରୁନାହିଁ।

ଗୀତା ଶାସ୍ତ୍ର ଅନୁସାରେ 'ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନାମ ଅର୍ଥାତ୍ ଅଧ୍ୟାତ୍ମ ବିଦ୍ୟା କେବଳ ବିଦ୍ୟା ଏବଂ ଆଉ ସବୁ ଅବିଦ୍ୟା। ଏହି ଅଧ୍ୟାତ୍ମ ବିଦ୍ୟା ହିଁ ହେଉଛି ପରା ବିଦ୍ୟା। ଉପନିଷଦଗୁଡ଼ିକ ଏହାକୁ ଆତ୍ମବିଦ୍ୟା ଓ ବ୍ରହ୍ମ ବିଦ୍ୟା ବୋଲି ଆଖ୍ୟା



ଦେଇଥିବାବେଳେ ମାର୍କସ ମୁଲର ଏହାକୁ ଗୁପ୍ତ ଶିକ୍ଷା ବା ଶ୍ରେଷ୍ଠ ବିଦ୍ୟା ଭାବେ ଅଭିହିତ କରିଛନ୍ତି। ଅତୀତରେ ପାରମ୍ପରିକ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଓ ଯୌଥ ପରିବାରରୁ ଏହି ପରା ବିଦ୍ୟାକୁ ଅଧ୍ୟୟନ କରିବା ବିଦ୍ୟାର୍ଥୀମାନଙ୍କର ନିତ୍ୟନିୟତ କର୍ମ ଥିଲା। ଏହାକୁ ଅଧ୍ୟୟନ କରିବା ଦ୍ୱାରା ଇନ୍ଦ୍ରିୟର ସଂଯମତା ଆସୁଥିଲା, ମନରୁ ଅକର୍ମ, କୁକର୍ମ, ଅଧର୍ମ, ଅବଗୁଣ, କାମ, କ୍ରୋଧ, ଈର୍ଷା, ଲୋଭ, ଅହଂକାର, ବୃଥା ଆସ୍ଫାଳନ, ଦ୍ୱେଷ, ମୋହ ଆଦି ବିକାର ଭାବ ଦୂରୀଭୂତ ହୋଇ ମାନବିକ ଭାବନା, ସହନଶୀଳତା, ନିଃସ୍ୱାର୍ଥପରତା, ବିବେକୀ ଓ ସଂଯମୀ ଭାବ ପରିପ୍ରକାଶ ହେବା ଦ୍ୱାରା ବ୍ରହ୍ମଜ୍ଞାନ ପ୍ରାପ୍ତ ହେଉଥିଲା, ଫଳରେ ଏକ ବ୍ୟକ୍ତି ସର୍ବ କୁବନ୍ଧନରୁ ମୁକ୍ତ ହୋଇ ମୋକ୍ଷ ପ୍ରାପ୍ତି ହେଉଥିଲା। ଜୀବସତ୍ତା ବ୍ୟତୀତ ଯେଉଁ ସ୍ୱତନ୍ତ୍ର ଇନ୍ଦ୍ରିୟ ଭାବେ ମନୁଷ୍ୟକୁ ଚେତନାର ଇନ୍ଦ୍ରିୟ ପ୍ରଦାନ କରି ବଶ୍ୱନିୟନ୍ତା ତାଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ଭାବେ ମନୁଷ୍ୟକୁ ବିବେଚନା କରିଛନ୍ତି। ପରା ବିଦ୍ୟାକୁ ଅଧ୍ୟୟନ କରି ଏହି ଚେତନାର ଇନ୍ଦ୍ରିୟ ମାଧ୍ୟମରେ ମନୁଷ୍ୟ ଜୀବସତ୍ତା ସମ୍ପର୍କରେ ଧାରଣା ସୃଷ୍ଟିକରେ, ଭୁଲ୍ ଠିକ୍‌ର ବିଚାର କରେ, ଈଶ୍ୱରୀୟ ଶକ୍ତିକୁ ଅନୁଭବ କରେ, ଜୀବଜଗତର ସୁରକ୍ଷା କରେ, ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ, ଆତ୍ମ ସମୀକ୍ଷା କରେ କିନ୍ତୁ ପରା ବିଦ୍ୟାର ଅଭାବ ଯୋଗୁ ମନୁଷ୍ୟ ଠାରେ ଏହାର ବିପରୀତ କାର୍ଯ୍ୟ ପ୍ରତିଫଳିତ ହୋଇଥାଏ। ପରା ବିଦ୍ୟା ଭଳି ଅପରା ମଧ୍ୟ ବିଦ୍ୟାର ଏକ ତତ୍ତ୍ୱ। ଏହାକୁ ଅଧ୍ୟୟନ କରିବା ଦ୍ୱାରା ମଣିଷ ଜଡ଼ବସ୍ତୁ ଉପରେ ଆଧିପତ୍ୟ ବିସ୍ତାର କରିଥାଏ। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ଏହା ପ୍ରଦାନ କରାଯାଇଥାଏ। ଏହାକୁ ଆହରଣ କରି ମଣିଷ ତା'ର ଜୀବନ କାଳ ମଧ୍ୟରେ ଅନେକ ଅର୍ଥ, ସମ୍ମାନ, କ୍ଷମତା ପ୍ରାପ୍ତି ହୋଇଥାଏ ସତ କିନ୍ତୁ ତଥାପି ମଣିଷ ଆଜି ସୁଖ, ଶାନ୍ତିରେ ଜୀବନଯାପନ କରିପାରୁନାହିଁ। ସବୁ ପାଇ ମଧ୍ୟ ଅଭାବ। ସମସ୍ତେ ଥାଇ ମଧ୍ୟ ଏକଲା ଭାବେ ବଞ୍ଚିଛି। ସବୁ ଥାଇ ଆଜି ଅଶାନ୍ତିର ବାତାବରଣ ଭିତର ଗତି କରୁଛେ। ବାସ୍ତବତାକୁ ଅନୁଭବ ନ କରି କଳ୍ପନାତୀତ ହୋଇପଡିଛି। ବିଶ୍ୱର ଅନେକ ବଳଶାଳୀ ଓ ବିତ୍ତଶାଳୀ ଦେଶ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ନ୍ୟୁକ୍ଲିଅର୍ ବମ୍, ଉନ୍ନତ ଯାନ୍ତ୍ରିକ ଯୁଦ୍ଧ ବିମାନ, ଲକ୍ଷାଧିକ ପଦାତିକ ବାହିନୀ ସତ୍ତ୍ୱେ ମଧ୍ୟ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏକଦା ଏକ ସମୟ ଥିଲା କିଛି ନ ଥାଇ ମଧ୍ୟ ମଣିଷ ଖୁସି ଥିଲା କିନ୍ତୁ ଆଜି ସର୍ବସ୍ୱ ହାସଲ କଲା ପରେ ମଧ୍ୟ ସବୁ ଥାଇ ବି ମଣିଷ ମନରେ ଅନେକ ଦୁଃଖ। ଏଥିରୁ ଜଣାଯାଏ ଯେ କେବଳ ଅପରା ବିଦ୍ୟା ଅଧ୍ୟୟନ କଲେ ହେବ ନାହିଁ ବରଂ ସମୟ ଆସିଛି ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ।

ଭାଗବତରେ ବର୍ଣ୍ଣିତ ଅଛି, ''ଅବିଦ୍ୟା ବଳେ ଜୀବ ବନ୍ଦୀ, ଜ୍ଞାନ ଉଦୟେ ସର୍ବସିଦ୍ଧି''। ଅର୍ଥାତ୍ ଅପରା ବିଦ୍ୟା ଦ୍ୱାରା ମନୁଷ୍ୟ ବନ୍ଧନ ଯୁକ୍ତ ହୋଇଥାଏ କିନ୍ତୁ ପରା ବିଦ୍ୟା ମାଧ୍ୟମରେ ଜ୍ଞାନ ଉଦୟ ହେଲେ ସର୍ବସିଦ୍ଧି ହୋଇଥାଏ। ତେଣୁ ଯଥାର୍ଥରେ କୁହାଯାଇଛି ଯେ ବିଦ୍ୟା ତ ତାହା ଯାହା ମଣିଷକୁ ମୁକ୍ତି ପ୍ରଦାନ କରିଥାଏ। ଭାରତର ଗରିମାମୟ ଶିକ୍ଷା ବ୍ୟବସ୍ଥାରେ ଯେଉଁ ପରା ଓ ଅପରା ବିଦ୍ୟାର ତତ୍ତ୍ୱ ଅଛି ତାହାକୁ ନିଶ୍ଚିତ ଭାବେ ଅଧ୍ୟୟନ କଲେ ଏକ ସୁସ୍ଥ ରାଷ୍ଟ୍ର ନିର୍ମାଣ ହୋଇପାରିବ ଏଥିରେ ସନ୍ଦେହ ନାହିଁ।

ଅଧ୍ୟାପକ,ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ
ମୋ: ୯୪୩୮୦୭୦୮୪୯

## ଏଇ ଭାରତରେ

ଚାକିରି ଜୀବନରୁ ଅବସର ନେବା ପରେ ଲୋକେ ବିଶ୍ରାମ ଚାହାନ୍ତି। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏଥିରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ, ଯାହା ଘଟୁଛି ତାମିଲନାଡୁର ଏକ ଦମ୍ପତିଙ୍କ କ୍ଷେତ୍ରରେ। ଧରମପୁରୀ ଜିଲାର ଏନ୍. ମଧୁବଲାନ ଓ ଆର୍.ଆର୍. ସୁଶେଲା କୃଷି ବିଭାଗରୁ ଅବସର ନେବା ପରେ ଏକ ଫାର୍ମ କରିଛନ୍ତି। ଅନ୍‌ଲାଇନରେ ସେମାନେ ବଗିଚା ସମ୍ପର୍କରେ ଚାଷୀମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି ଏବଂ ଅଧ ଏକର ଜମିରେ ମିନି ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। କେବଳ ଏତିକି ନୁହେଁ ସେମାନେ ଛାତ ଉପରେ ୧୫୦୦ ବର୍ଗଫୁଟ ଜାଗାରେ ସୁନ୍ଦର ବଗିଚା କରିଛନ୍ତି। ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଏହି ବଗିଚାରୁ ସେମାନେ ବିଭିନ୍ନ ପ୍ରକାର ଫଳ ଉତ୍ପାଦନ କରୁଛନ୍ତି। ଏହି ଦମ୍ପତି ମାଗଣାରେ ଅନ୍‌ଲାଇନ କ୍ଲାସ୍ କରୁଛନ୍ତି ଓ ସେଥିରେ ବଗିଚା, ସିଞ୍ଚନ ଜଳସେଚନ ବିଷୟରେ ପ୍ରଶିକ୍ଷଣ ଦେଉଛନ୍ତି। ଏହା ସହ ଜୈବିକ ଉପାୟରେ ମାଟିର ଉର୍ବରତା ବୃଦ୍ଧି ସମ୍ପର୍କରେ ୫୦ଟି କ୍ଲାସ ମାଧ୍ୟମରେ ଶିକ୍ଷା ଦେଉଛନ୍ତି। ସେମାନେ ୩୦ରୁ ଅଧିକ ଭର୍ଚୁଆଲ କ୍ଲାସ୍ କରି ୩,୦୦୦ରୁ ଅଧିକ ଲୋକଙ୍କୁ ପ୍ରଶିକ୍ଷଣ ଦେଇ ସାରିଲେଣି। ସେମାନେ ଛାତ ଉପରେ ବଗିଚା କରି ଉତ୍ପାଦନ କରିବାର ଫଟୋ ମଧ୍ୟ ଶେୟାର କରୁଛନ୍ତି, ଯାହା ଅତ୍ୟନ୍ତ ଖୁସିର ବିଷୟ ବୋଲି କୁହନ୍ତି ମଧୁବଲାନ।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୭୫

- ଏଲ୍.ଏନ୍. ମିଶ୍ର ହତ୍ୟା ଘଟଣାରେ ସମ୍ପୃକ୍ତ ଅରୁଣ କୁମାର ଠାକୁର, ଉମାକାନ୍ତ ଝା ଓ ଯୋଗେନ୍ଦ୍ର ଝା ଜାମିନରେ ଖଲାସ।
- ବାଂଲାଦେଶର ବହୁପ୍ରତୀକ୍ଷିତ ଜାତୀୟ ଦଳର ସଙ୍ଗଠନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଦ୍ୱାରା ଘୋଷିତ।
- ବିଶ୍ୱବିଶ୍ରୁତ ଚିତ୍ରଶିଳ୍ପୀ ପାବ୍‌ଲୋ ପିକାସୋଙ୍କ ଏକମାତ୍ର ସନ୍ତାନ ପାଉଲୋ ପିକାସୋଙ୍କ ୫୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଚକିତେ ଆସେ ପଶି ସବୁ ଘରେ ନବ ରାଗେ
ଗୋପନତମ ଗତି
ଅନୁମତି ନାହିଁ ମାଗେ !
ଛଡ଼ାଇ ଯାଏ ଘେନି ବଦନରୁ ସବୁ କଥା
ଦାରୁଣ ପରଶରେ
ଝଡ଼ିପଡ଼େ ତନୁଲତା।

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 4 | | | 5 | 7 | | |
| 9 | 1 | | | | | | | |
| 7 | | 5 | | | 6 | | | 4 |
| | | | | | | | 6 | 3 |
| 6 | | | | | | 4 | | |
| | | | | | | 1 | | 2 |
| | 3 | | 6 | | 2 | | | |
| | | 2 | 4 | 9 | | | 5 | |
| | | | 7 | 1 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 3 | 6 | 7 | 5 | 9 | 8 | 4 |
| 5 | 9 | 7 | 2 | 4 | 8 | 3 | 6 | 1 |
| 8 | 6 | 4 | 9 | 1 | 3 | 7 | 5 | 2 |
| 1 | 4 | 8 | 3 | 6 | 2 | 5 | 7 | 9 |
| 7 | 2 | 9 | 5 | 8 | 1 | 6 | 4 | 3 |
| 6 | 3 | 5 | 7 | 9 | 4 | 1 | 2 | 8 |
| 9 | 5 | 2 | 4 | 3 | 6 | 8 | 1 | 7 |
| 3 | 8 | 6 | 1 | 2 | 7 | 4 | 9 | 5 |
| 4 | 7 | 1 | 8 | 5 | 9 | 2 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଯୋଡ଼ି ପୀଠର ବିକାଶ ହେଉ

ମହାଶୟ,

କଟକ ସଦର ଅନ୍ତର୍ଗତ ସିଦ୍ଧେଶ୍ୱରପୁର ନିକଟସ୍ଥ ରତ୍ନଯୋଡ଼ି ପୀଠ ଅବସ୍ଥିତ। ଏଠାରେ ବିଶ୍ୱଶାନ୍ତି ଯଜ୍ଞ, ନାମ ସଂକୀର୍ତ୍ତନ ଏବଂ ଶ୍ରୀରାମଚରିତ ମାନସ ପାରାୟଣ ନିୟମିତ ଭାବେ କରାଯାଏ। ପୀଠର ମହିମା ମାଳିକାରେ ଉଲ୍ଲେଖ କରାଯାଇଅଛି। ଏଠାରେ ବହୁ ସାଧୁସନ୍ଥଙ୍କ ସମାବେଶ ହୁଏ। ଏଣୁ ପୀଠରେ ପାଚେରି, ରାସ୍ତା ଓ ଗୃହର ଆବଶ୍ୟକ। ଏହିସବୁ ସମସ୍ୟା ପ୍ରତି ସରକାର ଅଧିକ ଧ୍ୟାନ ଦିଅନ୍ତୁ। ସାଧୁସନ୍ଥଙ୍କ ପାଇଁ ଅତିଥିଗୃହ ଏବଂ ସଭାସମିତି କକ୍ଷର ଅଭାବ ପୂରଣ କରାଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୧୦ରେ ଆସିବେ ମୋଦି

■ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବେ
■ ଆଜି ବସିବ ନବ ନିର୍ବାଚିତ ବିଧାୟକ ଦଳ ବୈଠକ

ଭୁବନେଶ୍ୱର,୭।୬(ଅନିଲ ଦାସ)



ଆସନ୍ତା ୧୦ ତାରିଖରେ ରାଜ୍ୟରେ ଭାଜପା ସରକାରଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ପାଇଁ ଶୁକ୍ରବାର ଏସ୍‌ପିଜି ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୂଚୀ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇ ନ ଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ୧୦ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ଶପଥଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଦିନ ସନ୍ଧ୍ୟାରେ କିମ୍ବା ୧୧ ତାରିଖ ସକାଳେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଶପଥଗ୍ରହଣ କାର୍ଯ୍ୟକ୍ରମରେ ଅମିତ ଶାହା ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଶପଥଗ୍ରହଣ କାର୍ଯ୍ୟକ୍ରମ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଜନତା ମଇଦାନରେ ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଥିପାଇଁ ମଞ୍ଚ ସଜ୍ଜା ଜୋରସୋରରେ ଚାଲିଛି। ଅନ୍ୟପକ୍ଷରେ ଭାଜପାର ନବ ନିର୍ବାଚିତ ବିଧାୟକମାନଙ୍କର ବୈଠକ ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ବୈଠକରେ ନବ ନିର୍ବାଚିତ ବିଧାୟକମାନେ ଦଳର କେନ୍ଦ୍ରୀୟ କମିଟି ଅନୁମୋଦନ କ୍ରମେ ମୁଖ୍ୟମନ୍ତ୍ରୀ ଚୟନ କରିବେ ବୋଲି କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଭାବେ ଏଭଳି ଜଣେ ବ୍ୟକ୍ତିଙ୍କୁ ଚୟନ କରାଯିବ ଯାହାଙ୍କର ରାଜନୈତିକ ଅଭିଜ୍ଞତା ଥିବା ସହ ଓଡ଼ିଶାର ଇତିହାସ ଓ ସଂସ୍କୃତି ଉପରେ ଧାରଣା ରହିଥିବ। ସମସ୍ତ ନବ ନିର୍ବାଚିତ ବିଧାୟକ ଦଳର ଜଣେ ଜଣେ ଶୃଙ୍ଖଳିତ କର୍ମୀ। ମୁଖ୍ୟମନ୍ତ୍ରୀ ଚୟନ ସମ୍ପର୍କରେ କେନ୍ଦ୍ରୀୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ଖୁସିରେ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଭାଜପା ସରକାର ଓଡ଼ିଶାର ବିକାଶ ପାଇଁ କାମ କରିବ। ନିର୍ବାଚନ ବେଳେ ଦଳ ପକ୍ଷରୁ ଇସ୍ତାହାରରେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଛି ସେସବୁକୁ ପୂରଣ କରାଯିବ ବୋଲି ରବି ନାରାୟଣ କହିଛନ୍ତି।

# ୯ରେ ଦକ୍ଷିଣ ଓଡ଼ିଶା ଛୁଇଁପାରେ ମୌସୁମୀ

## ୩ ଜିଲାରେ ଗ୍ରୀଷ୍ମ ପ୍ରବାହ, ୧୧ ଜିଲାରେ ଗୁଳୁଗୁଳି

ଭୁବନେଶ୍ୱର,୭।୬(ଅନିଲ ଦାସ)

ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏଥିପାଇଁ ପାଗ ଅନୁକୂଳ ହୋଇଛି। ମୌସୁମୀ ପ୍ରଥମେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲାର କେତେକ ଭାଗରେ ପ୍ରବେଶ କରିବ। ୯ ଓ ୧୦ ତାରିଖରେ ଉକ୍ତ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୧୧ରୁ ଏହା ଦୁର୍ବଳ ହୋଇଯିବ। ଆସନ୍ତା ୧୭ ତାରିଖ ଯାଏ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାକୁ ଥିବାରୁ ମୌସୁମୀ ଅଗ୍ରସର ପାଇଁ ପାଗ ଅନୁକୂଳ ହେବ ନାହିଁ। ଏହି ସମୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ରୁ ୪୪ ଡିଗ୍ରୀକୁ ଛୁଇଁବା ସମ୍ଭାବନା ରହିଛି। ଆସନ୍ତା ୧୮ ଏବଂ ୧୯ ତାରିଖରେ ପାଗ ଅନୁକୂଳ ରହିବ। ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳରେ ଘୂର୍ଣ୍ଣିବଳୟ ରହିଛି। ଏହା ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମୌସୁମୀ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲାରେ ପ୍ରବେଶ କରିବା ସମ୍ଭାବନା ରହିଛି। ପାଗ ଅନୁକୂଳ ହେବା ପରେ ରାଜ୍ୟର ଅନ୍ୟ ଭାଗକୁ ମୌସୁମୀ ପ୍ରବେଶ କରିବ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବାବେଳେ ଉପକୂଳ ଓଡ଼ିଶାରେ ଗରମ ସାଙ୍ଗକୁ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବରଗଡ଼, ବଲାଙ୍ଗୀର ଏବଂ ନୂଆପଡ଼ା ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାରେ ଗରମ ସାଙ୍ଗକୁ ଆର୍ଦ୍ରତା ବୃଦ୍ଧି ପାଇବ। ଅସହ୍ୟ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଦିଆଯାଇଛି। ତେବେ ଏହି ସମୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଏବଂ ଢେଙ୍କାନାଳ ଆଦି ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ରାଜ୍ୟର ବିଭିନ୍ନ ଭାଗରେ ଆସନ୍ତା ୧୧ ତାରିଖ ଯାଏ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି।

# ୬ ମାସ ଛୁଟିରେ ଗଲେ ସୁଜାତା କାର୍ତ୍ତିକେୟନ



ଭୁବନେଶ୍ୱର,୭।୬(ଅନିଲ ଦାସ)

ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ତଥା ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଜାତା ଆର୍. କାର୍ତ୍ତିକେୟନ ୧୮୦ ଦିନ (ମେ' ୩୧ରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ) ଛୁଟିରେ ଯାଇଛନ୍ତି। ତାଙ୍କ ଝିଅ ଦଶମ ପରୀକ୍ଷା ଦେବାକୁ ଥିବାରୁ ଯତ୍ନ ନେବା ପାଇଁ ସେ ଛୁଟି ନେଇଥିବା ଦର୍ଶାଇଛନ୍ତି। ସର୍ବଭାରତୀୟ ପ୍ରଶାସନିକ ସେବା ରୁଲ୍‌ସ-୧୯୫୫ର ରୁଲ୍(୧୮-ଘ)ରେ ଥିବା ବ୍ୟବସ୍ଥା ଅନୁସାରେ ସୁଜାତାଙ୍କୁ ଏହି ଛୁଟି ମଞ୍ଜୁର କରାଯାଇଥିବା ସାଧାରଣ ପ୍ରଶାସନ ବିଭାଗ ଅଫିସ ଅର୍ଡରରେ ଦର୍ଶାଇଛି। ସୁଜାତା ନେଇଥିବା ଅବଧିର ଛୁଟିକୁ ସାଧାରଣ ଛୁଟିରୁ ବାଦ୍ ଦିଆଯିବ ନାହିଁ। ପିଲାର ଯତ୍ନ ପାଇଁ ନେଇଥିବା ଛୁଟିକୁ ସର୍ବୈତନିକ ଛୁଟି ଭାବେ ବିବେଚନା କରାଯିବ। ଛୁଟି ସରିବା ପରେ ଉକ୍ତ ଦରମା ପାଇବାକୁ ସେ ହକ୍‌ଦାର ହେବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅଫିସ୍ ଅର୍ଡର ଅନୁସାରେ ସୁଜାତା ମେ' ୧୦ ତାରିଖରୁ ଛୁଟିରେ ରହିଛନ୍ତି। ପିଲା ଯତ୍ନ ପାଇଁ ୬ମାସ ଛୁଟି(ମେ' ୩୧ରୁ ନଭେମ୍ବର ୨୬) ଅବଧିକୁ ପିଛିଲା ଭାବେ ଜୁନ୍ ୫ ତାରିଖରେ ମଞ୍ଜୁର ହୋଇଥିବା ଜଣାପଡ଼ିଛି।

# ୧୮ରୁ ଖୋଲିବ ସ୍କୁଲ

## ଦିନକ ପୂର୍ବରୁ ଯୋଗଦେବେ ଶିକ୍ଷକ, କର୍ମଚାରୀ

ଭୁବନେଶ୍ୱର,୭।୬(ଅସମାପିକା ସାହୁ)

ରାଜ୍ୟରେ ଗ୍ରୀଷ୍ମ ଛୁଟି ସରି ଆସୁଥିବାବେଳେ ଆସନ୍ତା ୧୮ ତାରିଖରୁ ସ୍କୁଲ ଖୋଲିବ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବା ଆଗରୁ ସମସ୍ତ ପ୍ରସ୍ତୁତି ସରିବ। ସ୍କୁଲ ଖୋଲିବାର ଏକ ସପ୍ତାହ ପୂର୍ବରୁ ସ୍ୱଚ୍ଛତା ନେଇ ସୁନିଶ୍ଚିତ କରାଯିବ। ଏହାସହ ଦିନକ ପୂର୍ବରୁ ସମସ୍ତ ଶିକ୍ଷକ, କର୍ମଚାରୀ କାର୍ଯ୍ୟରେ ଯୋଗଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗର ବାର୍ଷିକ କ୍ୟାଲେଣ୍ଡର ଅନୁଯାୟୀ ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ଖୋଲିବ। ବିଦ୍ୟାଳୟ ଖୋଲିବାକୁ ଆଉ ମାତ୍ର ୧୦ଦିନ ଥିବାବେଳେ ବିଭାଗୀୟ ସଚିବ ଅଶ୍ୱଥି ଏସ୍. ଭର୍ଚ୍ଚୁଆଲରେ ସମୀକ୍ଷା କରିଛନ୍ତି। ସ୍କୁଲ ଖୋଲିବାର ସପ୍ତାହେ ପୂର୍ବରୁ ସମସ୍ତ ଶ୍ରେଣୀଗୃହ ଓ କ୍ୟାମ୍ପସକୁ ସଫାସୁତୁରା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପାଣି ଟାଙ୍କି ସଫା କରିବା, ଶ୍ରେଣୀଗୃହର ଆସବାବପତ୍ର ସଫା କରି ଠିକ୍ ଭାବେ ସଜାଇବା ଓ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବାକୁ କହିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର, ଗ୍ୟାସ୍ ଚୁଲା ପରି ଆନୁଷଙ୍ଗିକ ପ୍ରସ୍ତୁତି କରିବା, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ସହ ଇଣ୍ଟରନେଟ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଖୋଲିବାର ଦିନକ ପୂର୍ବରୁ ଅର୍ଥାତ୍ ୧୭ତାରିଖ ଦିନ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ରୋଷେୟା ଓ ସହାୟକ କାର୍ଯ୍ୟରେ ଯୋଗଦେବେ। ସ୍କୁଲରେ ସ୍ୱଚ୍ଛତା ନେଇ ସମସ୍ତ କାର୍ଯ୍ୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ୧୭ ତାରିଖରେ ଜିଲା ଏବଂ ରାଜ୍ୟ ଯାଞ୍ଚ ଟିମ୍ ସ୍କୁଲ ପରିଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ୨୮ରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଭୁବନେଶ୍ୱର,୭।୬(ଅସମାପିକା ସାହୁ)

ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଯେଉଁ ଛାତ୍ରୀଛାତ୍ର ଏଗ୍ରିଗେଟ୍ ମାର୍କ ରଖି ସମସ୍ତ ବିଷୟରେ ପାସ୍ ହୋଇ କେବଳ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ତେବେ ଏହି ପରୀକ୍ଷା ଲାଗି ପ୍ରଥମ ପର୍ଯ୍ୟାୟ ଫର୍ମପୂରଣ ଗତ ୧ରୁ ୫ ତାରିଖରେ ଶେଷ ହୋଇଥିବା ବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱିତୀୟ ସୁଯୋଗ ଦେଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯିବ।

## ଜୁଲାଇ ୧୫ରେ ଫଳ ପ୍ରକାଶ

୧୩ ତାରିଖ ସୁଦ୍ଧା ଆବେଦନକାରୀ ସେମାନଙ୍କ ଡକ୍ୟୁମେଣ୍ଟ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ୨୦ ତାରିଖରେ ଆଡମିଟ୍ କାର୍ଡ ପ୍ରଦାନ ଓ ୨୮ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଜୁଲାଇ ୧୫ରେ ଫଳ ପ୍ରକାଶ କରାଯିବ ବୋଲି ପରିଷଦ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ଇନ୍‌ଷ୍ଟାଣ୍ଟ ପରୀକ୍ଷାରେ ପ୍ରାୟ ୧୫ଶହ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ସୂଚନା ଦିଆଯାଇଛି।

# ଆର୍‌ଜିଏଚ୍‌ରେ ଶିଶୁ ମୃତ୍ୟୁ

## ଚିକିତ୍ସା ଅବହେଳା ନେଇ ପରିବାର ଲୋକଙ୍କ ଅଭିଯୋଗ

ରାଉରକେଲା,୭।୬(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ର ମାତୃଶିଶୁ ବିଭାଗ କକ୍ଷରେ ଶୁକ୍ରବାର ୮ମାସର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ପକ୍ଷରୁ ଡାକ୍ତରଖାନାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ବୀରମିତ୍ରପୁର ରାୟପୁରା ଅଞ୍ଚଳର ସୁସ୍ମିତା ଜୟପୁରିଆଙ୍କ ୮ ମାସର ପୁଅଙ୍କ ଶରୀର ଓଜନ ବଢ଼ୁ ନ ଥିବାରୁ ଗତ ୨୪ ତାରିଖରେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇବାକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆର୍‌ଜିଏଚ୍‌କୁ ପଠାଇଥିଲେ। ଶିଶୁଟି ଡାକ୍ତରଖାନାରେ ୧୫ ଦିନ ଧରି ଚିକିତ୍ସିତ ହେଉଥିଲା। ଶୁକ୍ରବାର ସକାଳେ ଡିସ୍‌ଚାର୍ଜ ହେବାର ଥିଲା। ମାତ୍ର ଡିସ୍‌ଚାର୍ଜ ହେବାରେ ବିଳମ୍ବ ଯୋଗୁ ମା' ସୁସ୍ମିତା ଶିଶୁଙ୍କୁ ଦେଖିବାକୁ ଚାହିଁଥିଲେ। କିନ୍ତୁ ମାତୃଶିଶୁ ବିଭାଗ ସମ୍ମୁଖରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ତାଙ୍କୁ ଭିତରକୁ ଛାଡି ନ ଥିଲେ। ଏହି କଥାକୁ ନେଇ ସ୍ୱାମୀ ଶେଖର ବିରୋଧ କରି ପାଟିତୁଣ୍ଡ କରିଥିଲେ। ପରେ ଉକ୍ତ ବିଭାଗର ଦାୟିତ୍ୱରେ ଥିବା ଡାକ୍ତର ଆସି ଶିଶୁର ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ଚିକିତ୍ସାରେ ଅବହେଳା ଯୋଗୁ ଶିଶୁର ମୃତ୍ୟୁ ଘଟିଥିବା ମା' ସୁସ୍ମିତା ଅଭିଯୋଗ କରିଛନ୍ତି। ଏନେଇ ଡାକ୍ତରଖାନା ନିର୍ଦ୍ଦେଶକ ଜି.ପି. ଦାସଙ୍କ ସହ ନମ୍ବର ୯୪୩୭୦୫୧୪୦୮ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଡାକ୍ତରଖାନା ଉପ ନିର୍ଦ୍ଦେଶକ ପଣ୍ଡିତ ସାହୁଙ୍କ ସହ ଯୋଗାଯୋଗ କରିବାରୁ, ସେ ଘଟଣା ବିଷୟରେ ଜାଣି ନ ଥିବା କହିଥିଲେ।

# ୫ ମାଓବାଦୀ ନିହତ

ମାଲକାନଗିରି,୭।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଅଞ୍ଚଳରେ ପୋଲିସ ସହ ଗୁଳି ବିନିମୟ ଘଟି ୫ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ନାରାୟଣପୁର ଓ ଦାନ୍ତେୱାଡା ସୀମାବର୍ତ୍ତୀ ଗୋଭେଲ ଜଙ୍ଗଲରେ ପୋଲିସର ତଲାସି ଅଭିଯାନ ବେଳେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ପୋଲିସ ପକ୍ଷରୁ ତଲାସି ଅଭିଯାନ ବେଳେ ୫ ମାଓବାଦୀଙ୍କ ମୃତଦେହ ଜବତ କରିଥିବା ସୂଚନା ମିଳିଛି। ଦାନ୍ତେୱାଡା ଏସ୍‌ପି ଗୌରଭ ରାୟ ଏବଂ ନାରାୟଣପୁର ଏସ୍‌ପି ପ୍ରଭାତ କୁମାର ଏନେଇ ସୂଚନା ଦେଇଛନ୍ତି।

# ବଜ୍ରପାତରେ ଗଲା ୬ ଜୀବନ

ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ)/କାମାକ୍ଷାନଗର (ସୁଧୀର କୁମାର ପରିଡ଼ା)/ ଖଡ଼ିଆଳ (ସୁଜିତ କୁମାର ପ୍ରଧାନ)/ ଖଣ୍ଡପଡ଼ା, (ଅଜୟ କୁମାର ମହାରଣା)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଫୁଲବାଣୀ, (ରାକେଶ କୁମାର ରାଉତ), ୭।୬



ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇ ୬ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ହୋଇଛନ୍ତି।

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ମହୁଲଡ଼ିହା ପଞ୍ଚାୟତ କୁଇଲିପାଳ ଗ୍ରାମରେ ଅପରାହ୍ନରେ ବଜ୍ରପାତରେ ଝିଅର ମୃତ୍ୟୁ ହୋଇଥିବା ବେଳେ ମା' ବାପା ଗୁରୁତର ହୋଇଛନ୍ତି। ମୃତ ନାବାଳିକା ହେଲେ ସମବାରୀ ନାଏକ (୧୫)। ତାଙ୍କ ବାପା ଝୁଦୁରାଇ ନାଏକ ଓ ମା' ଜିରା ନାଏକଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେଙ୍ଗାଳି ବାମ ପାର୍ଶ୍ୱ କେନାଲର ବାଘୁଆ ଗ୍ରାମ ନିକଟରେ ବଜ୍ରପାତ ଘଟି ଜଣେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ବଡ଼ମ୍ବା ଥାନା କୃଷ୍ଣଚନ୍ଦ୍ରପୁର ଗ୍ରାମର ସନ୍ତୋଷ କୁମାର ବେହେରା (୨୦)। ତାଙ୍କ ସହ ଥିବା ଢେଙ୍କାନାଳ ଟାଉନପ୍ଲାନିଂ ଅଞ୍ଚଳର ସୋନିଆ ରାଣୀ ଜେନା(୧୯) ଗୁରୁତର

## ୮ ଗୁରୁତର

ହୋଇଛନ୍ତି। ଦୁହେଁ କାମାକ୍ଷାନଗରସ୍ଥିତ ଏକ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବିରାଶାଳ ଅଞ୍ଚଳରୁ ଟଙ୍କା ଆଦାୟ କରି କାମାକ୍ଷାନଗର ଫେରୁଥିବା ବେଳେ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ଉପରେ ବଜ୍ରପାତ ଘଟିଥିଲା। ଖବରପାଇ କାମାକ୍ଷାନଗର ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୋନିଆରାଣୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ମାଳପୁରା ଗ୍ରାମର ଦେବସ୍ମିତା ନାଏକ(୩୦) ଘରେ ବସିଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଲୋକନାଥପୁର ଶାଶନ ଗ୍ରାମର ସ୍ୱାଗତିକା ଜେନା (୩୭), ଆଶା ପାତ୍ର (୩୮), ମହୁଲପାଳ ଗ୍ରାମର କୌଶଲ୍ୟା ଦେହୁରୀ (୭୦) ମଧ୍ୟ ବଜ୍ରପାତରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅଧୀନ କିରକିଟା ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସେହି ଗ୍ରାମର ତହସିଲ ମାଝି (୬୪)। ସେହିପରି ଗୁରୁତର ହୋଇଥିବା ସିଙ୍ଗଲ ମାଝି (୬୫) ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅପରାହ୍ନ ୪ଟାରେ ତହସିଲ ଓ ସିଙ୍ଗଲ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତହସିଲଙ୍କ ମୃତ୍ୟୁ ହୋଇଥିଲା। ମୃତ ଓ ଆହତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ଗୌଡପାଟଣା ଗାଁର ଯୁଗଳ ବେହେରାଙ୍କ ସ୍ତ୍ରୀ ସୁକାନ୍ତି(୫୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ନିକଟସ୍ଥ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇ ଫେରିବା ବାଟରେ ବଳଭଦ୍ରପ୍ରସାଦ ପଞ୍ଚାୟତ ସମ୍ମୁଖରେ ବଜ୍ରପାତର ଶୀକାର ହୋଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

କେନ୍ଦୁଝର ଟାଉନ ଥାନା ଅଧୀନ ଗୁମୁରା ଗ୍ରାମରେ ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରଦୀପ କୁମାର ଜେନା(୬୦)। ଗାଈ ଚରାଇବାକୁ ଯାଇଥିବା ବେଳେ ସେ ବଜ୍ରପାତରେ ଟଳି ପଡ଼ିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୩/୨୪) ରୁଜୁ ହୋଇଛି।

କନ୍ଧମାଳ ଜିଲା ଟିକାବାଲି ବ୍ଲକ ପାବୁରିଆ ପଞ୍ଚାୟତ ଜିଡିଙ୍ଗିସାହିରେ ବର୍ଷା ପବନ ଆସିବା ବେଳେ ଆମ୍ବ ଗୋଟାଇବାକୁ ଯାଇଥିବା ଜଣେ ନାବାଳକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ସନତ ପ୍ରଧାନଙ୍କ ଏକ ପାତ୍ର ପୁଅ ଗାଙ୍ଗୁରାମ(୧୪)।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ
ମାର୍ବଲ ଏବଂ ସାନିଟାରି ଦୋକାନ ପାଇଁ ମାର୍କେଟିଙ୍ଗ୍ ପିଲା ଆବଶ୍ୟକ। ବୟସ : 20-35, ଦରମା - 15,000 to 20,000। ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
Mob - 8249410328

ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଆବଶ୍ୟକ
■ TOURIST CAR DRIVER (Innova Crysta) : 3 Nos.
■ GUEST HOUSE INCHARGE : 2 Nos.
■ FRONT OFFICE ASSISTANT: 1 No.
■ SECURITY GUARD : 2 Nos.
(ATTRACTIVE SALARY WITH OTHER PERKS)
WALK-IN-INTERVIEW
at Residency 24x7, 13 West, Ashok Nagar, (Behind Khadi Niketan), BBSR (10AM to 5PM)
Contact: 7656915989

ଶିକ୍ଷକ ଆବଶ୍ୟକ
ଉଭୟ ଇଂରାଜୀ ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ, ଭୁବନେଶ୍ୱର ପାଇଁ ୧୦ଟି ଶିକ୍ଷକ ଆବଶ୍ୟକ।
ମୋ. ନଂ.: 7978084379, 9337119851

See Career Appointment on every Wednesday & Saturday

LCJ SILVER-LALCHAND JEWELLERS REQUIRES
SALES STAFF: 7Nos. For the Bhubaneswar Store.
Minimum Quali: +3 & 2 Years Retail Experience.
Send Resume at Mail ID: indramani_r@yahoo.com
or Call: 0674-2535555, 9776456453.

WANTED
ଧରିତ୍ରୀ Oriya daily
is looking for
HR EXECUTIVE
● MBA Graduates having 2-3 years+ experience in HR & Administration.
● Responsibilities will include:
➢ Recruitment, screening, compiling & conducting joining formalities.
➢ Well versed with sourcing & job posting on popular job portals & social networking sites.
➢ Coordinating/ scheduling interviews & following upon the process status.
➢ Administrative duties such as updating employee records and other official registers / documents.
➢ Should have excellent verbal / written communication & interpersonal skills.
➢ Should be flexible for working hours based on the need.
➢ Good analytical skills with grasp on MS Office (Word, Excel, PPT) is a must.
Apply immediately to : recruitment@dharitri.com
Attractive salary commensurate with experience

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत | In assessment, India trusts us
Scan to visit Website
ସିଆର୍‌ପି ଆର୍‌ଆର୍‌ବିଏସ୍ XIII
ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବିଏସ୍)ରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XIII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ନିମ୍ନପ୍ରଦତ୍ତ ସମ୍ଭାବ୍ୟ ଅନୁସୂଚୀ ଅନୁଯାୟୀ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର, ୨୦୨୪ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବିଏସ୍ - XIII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ଏବଂ ଆଇବିପିଏସ୍‌ର ପ୍ରାଧିକୃତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବା ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ ଇଣ୍ଟିମେଶନ ଦେୟ ପୈଠ | ୦୭।୦୬।୨୦୨୪ରୁ ୨୭।୦୬।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ ● | ୨୨।୦୭।୨୦୨୪ରୁ ୨୭।୦୭।୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ/ସେପ୍ଟେମ୍ବର, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୪ |

● ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୭।୦୬।୨୦୨୪ ନିର୍ଦ୍ଦେଶକ

## ସଂକ୍ଷେପରେ

### ସର୍ବଭାରତୀୟ ସ୍ତରୀୟ ଡାକ୍ତରୀ ପରୀକ୍ଷାରେ ଆଶୁତୋଷଙ୍କ କୃତିତ୍ୱ

ରାଜକନିକା,୭।୬(ସଞ୍ଜୟ କୁମାର ଦାଶ)



ସର୍ବଭାରତୀୟ ସ୍ତରୀୟ ଡାକ୍ତରୀ ପରୀକ୍ଷାରେ ଆଶୁତୋଷ ପାଲ ସଫଳତା ଲାଭ କରିଛନ୍ତି। ଆଶୁତୋଷ କେନ୍ଦ୍ରାପଡ଼ା ଜିଲା ରାଜକନିକା ଓଲାଭର ଅଞ୍ଚଳର ବାଲିସାହି ଗାଁ ତଥା ଓଲାଭର ରାଧାନାଥ ରଥ ହସ୍ପିଟାଲର ଫାର୍ମାସିଷ୍ଟ ଅମର କୁମାର ପାଲ ଓ ପଦ୍ମାବତୀ ପାଲଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ୭୨୦ରୁ ୬୩୮ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଜଣେ ମେଧାବୀ ଛାତ୍ର। ଡାକ୍ତର ହେଲେ ଗରିବଙ୍କ ସେବା କରିବେ ବୋଲି କହିଛନ୍ତି। ତାଙ୍କ ପାଖକୁ ଗାଁ ତଥା ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି। ତେବେ ଏହି ସଫଳତା ପାଇଁ ଶିକ୍ଷୟିତ୍ରୀଶିକ୍ଷକ ତାଙ୍କ ମା' ଓ ବାପାଙ୍କୁ ଶ୍ରେୟ ଦେଇଛନ୍ତି। ପରିଶ୍ରମର ବିକଳ୍ପ ନାହିଁ ବୋଲି ସେ କହିଛନ୍ତି।

### କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ

ଯାଜପୁରରୋଡ୍,୭।୬(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବହୁ ଛୋଟ ବଡ଼ ଗଛ ଉପୁଡ଼ିବା ସହ ଡାଳ ଭାଙ୍ଗି ବିଦ୍ୟୁତ୍ ତାର ଛିଡ଼ିଯାଇଛି। ଫଳରେ ଅପରାହ୍ନ ୩ଟାଠାରୁ ଖବର ଲେଖା ହେବା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବର୍ଷା ହେବାଦ୍ୱାରା ବିଭିନ୍ନ ୱାର୍ଡ ଓ ବସ୍ତି ଅଞ୍ଚଳରେ ପାଣି ଜମିରହିଛି। ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଚାଲୁଛି। ତୁହାକୁ ବର୍ଷା ସହ ଘଡ଼ଘଡ଼ି ହେବା ଫଳରେ ଲୋକେ ଭୟଭିତ ହୋଇ ଘରୁ ବାହାରିନାହାନ୍ତି। ଅନ୍ୟପକ୍ଷରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିବାରୁ ଜନ ଜୀବନ ବ୍ୟାହତ ହୋଇଛି। ସେହିପରି ଗୁରୁବାର ମଧ କାଳବୈଶାଖୀ ପ୍ରଭାବରେ ସହରରେ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଏଥିପାଇଁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ସମୟରେ ବିଦ୍ୟୁତ୍ ସେବା ଘଣ୍ଟାଘଣ୍ଟା ଧରି ବିଚ୍ଛିନ୍ନ ରହୁଥିବାରୁ ଟାଟା ପାୱାର ଉପରେ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ଭାଜପାର ବିଜୟ ଉତ୍ସବ

ଏରସମା, ୭।୬(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଏକ ମଣ୍ଡପ ପରିସରରେ ଶୁକ୍ରବାର ଭାଜପା ପକ୍ଷରୁ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦା-ଏରସମାର ଭାଜପା ବିଧାୟକ ପ୍ରାର୍ଥୀ ସତ୍ୟସାରଥି ମହାନ୍ତି ଯୋଗଦେଇ କହିଥିଲେ, ଦୀର୍ଘବର୍ଷ ପରେ ରାଜ୍ୟର ଜନସାଧାରଣ ରାଜନୀତି କ୍ଷେତ୍ରରେ ପଟ୍ଟ ପରିବର୍ତ୍ତନ କରିଛନ୍ତି। ଭାଜପା ରାଜ୍ୟରେ ସରକାର ଗଢୁଥିବାରୁ ରାଜ୍ୟବାସୀ ଆନନ୍ଦିତ। ଏହି ଅବସରରେ ସେ ଭାଜପା ପକ୍ଷରୁ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ଭାଜପା ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଲକ୍ଷ୍ମୀଧର ଓଝା, ସୁଶାନ୍ତ ସାଇଁ, କୃପାସିନ୍ଧୁ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

# ପୌରାଞ୍ଚଳରେ ଅଧିକ ଭୋଟ ପାଇଲେ ଅମରେନ୍ଦ୍ର

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ଜଗତ୍‌ସିଂହପୁର, ୭।୬(ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ସରିଛି। ଫଳାଫଳ ଘୋଷଣା ପରେ କେଉଁଠି ତ୍ରୁଟି ରହିଲା ତା'ଉପରେ ବିଶେଷକରି ପରାଜିତ ପ୍ରାର୍ଥୀମାନେ ସମୀକ୍ଷା ଆରମ୍ଭ କରିଦେଇଛନ୍ତି। ବିଜୟୀମାନେ ମଧ ଆଉ କ'ଣ କରିଥିଲେ ଅଧିକ ସଫଳତା ମିଳିଥାନ୍ତା ତା'ଉପରେ ତର୍ଜମା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ପୌରାଞ୍ଚଳ କଥା ଦେଖିଲେ ଜଣାଯାଏ, ଏଥର ଜନମତ ନୂଆ ଧାରା ସୃଷ୍ଟି କରିଛି। କାରଣ ୨ଟି କ୍ରମାଗତ ନିର୍ବାଚନରେ ଜଗତ୍‌ସିଂହପୁର ପୌରାଧକ୍ଷ ପଦବୀ କଂଗ୍ରେସ ଦଖଲକୁ ଆସିଥିବାବେଳେ ୨୦୨୪ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି। ପ୍ରତିପକ୍ଷ ବିଜେଡି ପ୍ରାର୍ଥୀଙ୍କଠାରୁ ୪,୮୫୫ ଖଣ୍ଡ ଅଧିକ ଭୋଟ ଯିବା ସବୁ ସମୀକରଣକୁ ଓଲଟପାଲଟ କରିଦେଇଛି। ବଡ଼କଥା ହେଲା, ୪ଟି ବୁଥ୍ ଯଥା ୫୨ (ମାର୍କଣ୍ଡପୁର ୧), ୫୨ ଏ (ମାର୍କଣ୍ଡପୁର ୧), ୫୩ (ମାର୍କଣ୍ଡପୁର ୨) ଓ ୫୪ (ମାର୍କଣ୍ଡପୁର ୩) ନମ୍ବର ବୁଥ୍‌ରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କଠାରୁ ଭାଜପା ପ୍ରାର୍ଥୀ ଅମରେନ୍ଦ୍ର ଅଧିକ ୧୧୬୪ ଖଣ୍ଡ ଭୋଟ ପାଇଛନ୍ତି। ସେଥିରୁ ୫୩ ନମ୍ବର ବୁଥ୍‌ରେ ପ୍ରଶାନ୍ତଙ୍କଠାରୁ ଅମରେନ୍ଦ୍ରଙ୍କୁ ସର୍ବାଧିକ ୩୬୩ ଖଣ୍ଡ ଅଧିକ ଭୋଟ ମିଳିଛି। ପ୍ରଶାନ୍ତଙ୍କୁ ୨୧୬ ଓ ଅମରେନ୍ଦ୍ରଙ୍କୁ ୫୭୯ ଖଣ୍ଡ ଭୋଟ ମିଳିଥିଲା। ଅନ୍ୟ ବୁଥ୍ ଯଥା ୫୨ ନଂ.ବୁଥ୍‌ରେ ବିଜେଡିଠାରୁ ଭାଜପା ସପକ୍ଷରେ ୩୩୯, ୫୨ଏରେ ୧୭୬ ଓ ୫୪ରେ ୨୮୬ ଖଣ୍ଡ ଅଧିକ ଭୋଟ ଯାଇଛି। ମୋଟାମୋଟି ଭାବେ ଜଗତ୍‌ସିଂହପୁର ପୌରାଞ୍ଚଳର ସମସ୍ତ ବୁଥ୍ ଫଳାଫଳ ଅନୁଶୀଳନ କଲେ ଜଣାଯାଏ, ମୋଟ ୨୫ ବୁଥ୍ ମଧ୍ୟରୁ ୪ଟି ଯଥା ୬୯ (କଣ୍ଟାବଲ୍ଲଭପୁର ୨), ୭୦ (ଜଗତ୍‌ସିଂହପୁର ୧), ୭୨ (ଜଗତ୍‌ସିଂହପୁର ୩) ଓ ୯୯ (ଦେଉଳି ଗ୍ରାମେଶ୍ୱର) ନମ୍ବର ବୁଥ୍‌କୁ ବାଦ୍ ଦେଲେ ଅବଶିଷ୍ଟ ସମସ୍ତରେ ପ୍ରଶାନ୍ତଙ୍କଠାରୁ ଅମରେନ୍ଦ୍ରଙ୍କୁ ଅଧିକ ଭୋଟ ମିଳିଛି। ୬୯ରେ ଭାଜପାଠାରୁ ବିଜେଡିକୁ ୮୬, ୭୦ରେ ୨୦୪, ୭୨ରେ ୧୫୧ ଓ ୯୯ରେ ୧୮୩ ଖଣ୍ଡ ଅର୍ଥାତ୍ ମୋଟ ୬୨୪ ଖଣ୍ଡ ଅଧିକ ଭୋଟ ମିଳିଛି। କିନ୍ତୁ ଭାଜପା ସପକ୍ଷରେ ଅବଶିଷ୍ଟ ବୁଥ୍‌ରେ ଭଲ ସଫଳତା ମିଳିଛି। ଗତ ପୌର ନିର୍ବାଚନରେ ଜଗତ୍‌ସିଂହପୁର ପୌରାଞ୍ଚଳର ମୋଟ ୨୧ଟି ୱାର୍ଡ ମଧ୍ୟରୁ ବିଜେଡି ସପକ୍ଷରେ ସର୍ବାଧିକ ୯, କଂଗ୍ରେସ ୭, ଭାଜପା ୨ (ୱାର୍ଡ ୧୩, ୧୪) ଓ ସ୍ୱାଧୀନ ୩ ପ୍ରାର୍ଥୀ ଜିତିଥିଲେ ସୁଦ୍ଧା ପୌର ଉପାଧ୍ୟକ୍ଷ ପଦବୀ ଭାଜପା ଦଖଲକୁ ଯାଇଥିଲା। କାରଣ ଭାଜପାକୁ କଂଗ୍ରେସ ସମର୍ଥନ କରିଥିଲା। କଂଗ୍ରେସର ୭, ଭାଜପା ୨ ଓ ସ୍ୱାଧୀନ ୨ (ୱାର୍ଡ ୭, ୧୭) କାଉନ୍‌ସିଲର ମିଶିଯିବାରୁ ବିଜେଡି ଉପାଧ୍ୟକ୍ଷ ପଦବୀ ହାତେଇବାରେ ବିଫଳ ହୋଇଥିଲା। ଚଳିତ ନିର୍ବାଚନ ପୂର୍ବରୁ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ବିଜେଡିରେ ମିଶିଥିଲେ। କେବଳ ଏତିକି ନୁହେଁ, ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଯେହେତୁ ଜଗତ୍‌ସିଂହପୁର ପୌର ପରିଷଦରେ ଚିରଞ୍ଜୀବଙ୍କ ଯୋଗୁ କଂଗ୍ରେସ ୱାର୍ଡସ୍ତରୀୟ ନେତୃତ୍ୱମାନେ ବିଜେଡିରେ ମିଶିଯାଇଥିଲେ ତେଣୁ ସଫଳତା ବିଜେଡିକୁ ମିଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ପ୍ରଶାନ୍ତଙ୍କ ସମସ୍ତ ଅଙ୍କ ଭୁଲ୍ ପ୍ରମାଣିତ ହୋଇଯାଇଛି। ବୁଥ୍‌ସଂଖ୍ୟା ୧୦୪ (ଚାଟରା)ରେ ପ୍ରଶାନ୍ତଙ୍କଠାରୁ ଅମରେନ୍ଦ୍ରଙ୍କୁ ଦ୍ୱିତୀୟ ସର୍ବାଧିକ ଅର୍ଥାତ୍ ୩୫୨ ଖଣ୍ଡ ଭୋଟ ମିଳିଛି। ଅମରେନ୍ଦ୍ରଙ୍କୁ ୬୬୮ ଓ ପ୍ରଶାନ୍ତଙ୍କୁ ୩୧୬ ଖଣ୍ଡ ଭୋଟ ମିଳିଥିଲା। ଅନ୍ୟ ବୁଥ୍‌ଗୁଡିକରେ ମଧ ପ୍ରଶାନ୍ତଙ୍କଠାରୁ ଅମରେନ୍ଦ୍ରଙ୍କୁ ଅଧିକ ଭୋଟ ମିଳିଛି। ଏହି ବୁଥ୍‌ଗୁଡ଼ିକ ମଧ୍ୟରୁ ୫୦ (ସୁଜଙ୍ଗ ୧) ନମ୍ବରରେ ୨୪୮, ୫୧ (ସୁଜଙ୍ଗ ୨)ରେ ୧୨୬, ୬୮ (କଣ୍ଟାବଲ୍ଲଭପୁର)ରେ ୧୨୦, ୭୧ (ଜଗତ୍‌ସିଂହପୁର ୨)ରେ ୨୮୩, ୯୫ (ପୁରୋହିତପୁର)ରେ ୨୭, ୯୬(ଖେରସ ୧)ରେ ୧୩, ୯୭ (ଖେରସ ୨)ରେ ୧୯୩, ୯୮ (ଦେଉଳିଗ୍ରାମେଶ୍ୱର)ରେ ୯୭, ୧୦୦ (ଜୟବଡ଼)ରେ ୧୯୧, ୧୦୧ (ପାଣିଶାଳିଆ)ରେ ୨୨୭, ୧୦୨ (ଚାଟରା)ରେ ୧୦୫, ୧୦୩ (ଚାଟରା)ରେ ୨୬୮, ୧୦୫ (ଗାଲୁପଡ଼ା)ରେ ୧୬୯, ୧୦୬ (ଗାଲୁପଡ଼ା ୨)ରେ ୨୯୩, ୧୨୧ (ମକୁନ୍ଦପୁର ୧)ରେ ୧୮୭ ଓ ୧୨୨ (ମକୁନ୍ଦପୁର ୨)ରେ ପ୍ରଶାନ୍ତଙ୍କଠାରୁ ଅମରେନ୍ଦ୍ରଙ୍କୁ ୧୬୮ ଖଣ୍ଡ ଅଧିକ ଭୋଟ ମିଳିଛି।

# ଆଦର୍ଶ ଛାତ୍ର ହିଁ ପ୍ରକୃତ ଗୁରୁଦକ୍ଷିଣା ଦେଇପାରେ



ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

ପଟ୍ଟାମୁଣ୍ଡାଇ, ୭।୬ (କଳ୍ପତରୁ ନାୟକ)

ଗୁରୁ ଶିଷ୍ୟର ସମ୍ପର୍କ ଅତୁଟ, ଯଦି ଗୁରୁ ଠିକ୍ ଭାବରେ ଛାତ୍ରକୁ ଗଢି ତୋଳିଥିବ ସେ କେବେ ଗୁରୁନିନ୍ଦା କରିବ ନାହିଁ। ଆଦର୍ଶ ଛାତ୍ର ହିଁ ପ୍ରକୃତ ଗୁରୁ ଦକ୍ଷିଣା ଦେଇପାରିବ ବୋଲି ପଟ୍ଟାମୁଣ୍ଡାଇ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠ ୧୯୮୯ ମସିହା ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ଓ ବନ୍ଧୁମିଳନ ସମାରୋହ ଉପସ୍ଥିତ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଖବରଦାତା ଭାସ୍କର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିଲେ। ସେତେବେଳର ଗୁରୁଶିଷ୍ୟର ସମ୍ପର୍କ ଆଉ ଦେଖିବାକୁ ମିଳୁନାହିଁ। ସେ ସମୟରେ ଶିକ୍ଷକଙ୍କୁ ଦେଖିଲେ ମନରେ ଶଙ୍କା କରୁଥିଲା ଛାତ୍ର। ଏବେ ଛାତ୍ରକୁ ଦେଖି ଶିକ୍ଷକ ଭୟଭୀତ। ମଉଳି ଯାଉଛି ଶିକ୍ଷକ ଛାତ୍ରର ସମ୍ପର୍କ। ଦୁରେଇ ଯାଉଛି ଗୁରୁ ଶିଷ୍ୟର ସମ୍ପର୍କ। ସେଦିନ ପରି ଗୁରୁଙ୍କୁ ଭକ୍ତି କରୁନି ଛାତ୍ର ଆଉ ଛାତ୍ର ମଧ ଗୁରୁଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ହେବାରେ ଲାଗିଛନ୍ତି। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସାହିତ୍ୟିକ ସଚିନନ୍ଦନ ଦାସ, ପଞ୍ଚାନନ ଧଳ, ରାଜକିଶୋର ପଣ୍ଡା, ପ୍ରଫୁଲ୍ଲ ଶତପଥୀ, ପ୍ରଧାନ ଶିକ୍ଷକ ହେମନ୍ତ କୁମାର ରାଉତ, ଚିତ୍ତରଞ୍ଜନ ବାରିକ, ନିରଞ୍ଜନ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତ ଛାତ୍ରୀଛାତ୍ରଙ୍କ ଏଭଳି ଗୁରୁ ପୂଜନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁଙ୍କ ପାଦ ଧୋଇ ବନ୍ଦନା କରିଥିଲେ। ପରେ ପୁଷ୍ପଗୁଚ୍ଛ ସହିତ ଉପାୟନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପୁରାତନ ଛାତ୍ରୀଛାତ୍ର ୩୬ ବର୍ଷ ତଳର ଅଭୁଲା ଅନୁଭୂତିକୁ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ସୁକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ମିରାପ୍ରିୟଦର୍ଶିନୀ ଦାସ, ଅଭିନ୍ନ ଦାସ, ସୁରେଶ ମଲିକ, ଭାଗ୍ୟଧର ନାୟକ, କୃଷ୍ଣଚନ୍ଦ୍ର ପାଣି, ଅଜୟ ବାୟୀ, ଜଗନ୍ନାଥ ପାତ୍ର ପୁରାତନ ସମସ୍ତ ସହପାଠୀ ଏହାକୁ ପରିଚାଳନା କରିଥିଲେ।

# ନିର୍ବାଚନମଣ୍ଡଳୀର ବିକାଶ, ଲୋକଙ୍କ ହକ୍ ପାଇଁ ଲଢେଇ ହେବ



ନୂତନ ବିଧାୟକ ଧ୍ରୁବ ସାହୁଙ୍କୁ କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର, ୭।୬(ଭାସ୍କର ରାଉତରାୟ)

ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ଧ୍ରୁବ ସାହୁ ୨ୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ବିଧାୟକ ଭାବେ ନିର୍ବାଚିତ ହେବା ପରେ ସାହୁ ଶୁକ୍ରବାର ପ୍ରଥମଥର ପାଇଁ ନିର୍ବାଚନମଣ୍ଡଳୀକୁ ଆସିଛନ୍ତି। ଅପରାହ୍ନରେ ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ଦଳୀୟ କର୍ମୀ, ବ୍ଲକ ଓ ପଞ୍ଚାୟତସ୍ତରୀୟ ନେତାମାନେ ବିଧାୟକ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ସରକାର ଥାଉ କି ନ ଥାଉ ବିଜେଡି ଓ ବିଧାୟକଙ୍କ ସହ ରହିବେ ବୋଲି ନେତା ଓ କର୍ମୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ସାହୁ ପ୍ରତିକୂଳ ପରିସ୍ଥିତି ଓ ସାରା ରାଜ୍ୟରେ ସରକାର ବିରୋଧୀ ହାୱା ସତ୍ତ୍ୱେ ତାଙ୍କୁ ଭରସା କରି ଆଶୀର୍ବାଦ ଦେଇଥିବାରୁ ଆଣ୍ଠୁମାଡି କର୍ମୀମାନଙ୍କୁ ନମସ୍କାର କରିଥିଲେ। ୨୦୧୯ରେ ସେ ସରକାରୀ ଦଳର ବିଧାୟକ ହୋଇ କରୋନା ମହାମାରୀ ସତ୍ତ୍ୱେ ରାଜନଗରରେ ଆଖିଦୃଶିଆ ବିକାଶ କରିଛନ୍ତି। ଏବେ ସେ ବିଧାୟକ ହୋଇଛନ୍ତି, ସରକାର ଆମର ନାହିଁ। ଏପରି ପରିସ୍ଥିତିରେ ସେ ୨୪ ଘଣ୍ଟା ଅଞ୍ଚଳରେ ରହି କାମ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅଞ୍ଚଳର ବିକାଶ ଓ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସେ ଯେକୌଣସି ସ୍ତରକୁ ଯାଇପାରିବେ। କାଚ ଘରେ ବସି କାମ କରିବାର ବିଧାୟକ ସେ ନୁହନ୍ତି, ମାଟିରେ ମିଶି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ରାସ୍ତାରେ ବସିବା ଠୁଁ ଆରମ୍ଭ କରି ଥାନା, ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସିପାରିବେ ବୋଲି କର୍ମୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ପରେ ସେ କର୍ମୀମାନଙ୍କ ସହ ଅଞ୍ଚଳର ଆରାଧ୍ୟା ଦେବୀ ମା'ମାଟିଆମଙ୍ଗଳାଙ୍କ ପୀଠକୁ ଯାଇ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ରମେଶ ଚନ୍ଦ୍ର ବେହେରା, ଗୋବର୍ଦ୍ଧନ ପ୍ରଧାନ, ବିଜୟ ନାୟକ, ସାଗର କୁମାର ପରିଡା, ଖଗେଶ୍ୱର ଲେଙ୍କା, ନିରଞ୍ଜନ ସ୍ୱାଇଁ, କରୁଣାକର ସ୍ୱାଇଁ, ମଙ୍ଗୁଳି ଚରଣ ଦାସ ପ୍ରମୁଖ କର୍ମକର୍ତ୍ତା ଓ କର୍ମୀ ବିଧାୟକଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।

### ଏନ୍‌ସିସି ପ୍ରଶିକ୍ଷଣ ଶିବିର ଆରମ୍ଭ

ଚଣ୍ଡିଖୋଲ,୭।୬(ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ବାଟାଲିୟନ ଏନସିସି କଟକ ଆନୁକୂଲ୍ୟରେ ଏନ୍‌ସିସି ପ୍ରଶିକ୍ଷଣ ଶିବିର କମାଣ୍ଡିଂ ଅଫିସର କର୍ନେଲ ସଞ୍ଜୟ ଯାଦଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହା ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରିଚାଲିବ। ଏଥିରେ ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କଟକ ଜିଲାର ୩୭ ବିଦ୍ୟାଳୟ ଓ ୨୦ ମହାବିଦ୍ୟାଳୟର ୬୦୦ ଏନସିସି କ୍ୟାଡେଟ ଯୋଗଦାନ କରିଛନ୍ତି। କର୍ନେଲ ସଞ୍ଜୟ ଯାଦଙ୍କ ନେତୃତ୍ୱରେ ଏନସିସି ଅଫିସର ମେଜର ଦିଲୀପ ନାୟକ, କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କ୍ୟାପେଟନ ଗୌତମ ଦାଶ, ଲେଫ୍ଟନାଣ୍ଟ ଅନୁପମ ଡାକୁଆ, ଫାଷ୍ଟ ଅଫିସର ରଶ୍ମିକାନ୍ତ ଦାଶ, ରମାକାନ୍ତ ଖଣ୍ଡୁଆଳ, ଗୌତମ ପୁହାଣ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଥାର୍ଡ ଅଫିସର ସୁପ୍ରିୟା ଶତପଥୀ, ସୁବେଦାର ମେଜର ଅନନ୍ତ କିଶୋର ସାମଲ, ୫ ଜଣ ଜେସିଓ ଓ ୧୨ ଜଣ ଏନସି ଓ ଏବଂ ଅନ୍ୟ ୨୩ ଜଣ ସିଭିଲିୟାନ ଷ୍ଟାଫ ଶିବିରକୁ ପରିଚାଳନା କରୁଛନ୍ତି। ସବୁଦିନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି। କ୍ୟାଡେଟଙ୍କୁ ନିଆଁ ଲିଭାଇବାର କୌଶଳ ବିଷୟରେ ଶିକ୍ଷା ଦିଆଯାଉଛି। ୧୨ ତାରିଖରେ ଶିବିର ଉଦ୍‌ଯାପିତ ହେବ ବୋଲି ଏନସିସି ଅଫିସର କ୍ୟାପେଟନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ଆଶାକର୍ମୀଙ୍କୁ ମେଡିକାଲ କିଟ୍ ବଣ୍ଟନ



କୁଜଙ୍ଗ, ୭।୬(ମନୋଜ ପ୍ରଧାନ)

ଆଇଓସିଏଲ୍ ପାରାଦୀପ ପକ୍ଷରୁ ଶୁକ୍ରବାର ଆଶାକର୍ମୀମାନଙ୍କୁ ମେଡିକାଲ କିଟ୍ ପ୍ରଦାନ କରାଯାଇଛି। ଏଥିରେ ଷ୍ଟେଥୋ ସ୍କୋପ୍, ରକ୍ତଚାପ ମାପିବା ଯନ୍ତ୍ର ଓ ଥର୍ମୋମିଟର ଆଦି ୭ ପ୍ରକାର ଯନ୍ତ୍ର ସାମିଲ ରହିଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆୟୋଜିତ ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ପୁଷ୍ପାଞ୍ଜଳି ସାହୁ ଯୋଗଦେଇ ଆଶାକର୍ମୀମାନଙ୍କୁ କିଟ୍ ବଣ୍ଟନ ସହ ପ୍ରଦତ୍ତ ସରଂଯାମର ବ୍ୟବହାର ପ୍ରଣାଳୀ ଶିଖାଇଥିଲେ। ଅନ୍ୟତମ ଅତିଥିଭାବେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ ଯୋଗଦେଇ ନବନିର୍ବାଚିତ ବିଧାୟକ ସମ୍ପଦ ସ୍ୱାଇଁଙ୍କ ଅନୁରୋଧ ରକ୍ଷାକରି ଭାରତୀୟ ତୈଳନିଗମ ତା'ର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏଭଳି ବ୍ୟବସ୍ଥା କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ଉତ୍ସବରେ ଭାରତୀୟ ତୈଳ ନିଗମ ପାରାଦୀପର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଡିଜିଏମ୍ ବିଦ୍ୟୁତ୍ ପ୍ରକାଶ ସୁବୁଦ୍ଧି ଓ ଜିଏମ୍ ମାନସ ରଞ୍ଜନ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସମସ୍ତ ୧୯୫ ଆଶାକର୍ମୀଙ୍କୁ ଏହି କିଟ୍ ଯୋଗାଇ ଦିଆଯାଇଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରିଣୀ ସନ୍ଧ୍ୟାବତୀ ସାହୁ ଏହି ଉତ୍ସବ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ନବନିର୍ବାଚିତ ବିଧାୟକ ପ୍ରଦୀପ ବଳ ସାମନ୍ତଙ୍କୁ ସମ୍ବର୍ଦ୍ଧନା

କଳିଙ୍ଗନଗର,୭।୬(ଶୁଭାଶିଷ ରାଉତ)

ସୁକିନ୍ଦା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ପ୍ରଦୀପ ବଳସାମନ୍ତଙ୍କୁ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ କର୍ମକର୍ତ୍ତା ଶୁକ୍ରବାର ତାଙ୍କ ବାସ ଭବନରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଏଥିରେ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଯାଜପୁର ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ ଓ ଲମ୍ବୋଦର ଦଳବେହେରା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ପୀତବାସ ଭୂୟାଁ, ଉପସଭାପତି ପବିତ୍ର ରଞ୍ଜନ ମହାନ୍ତି, ରବିନାରାୟଣ କର, ଶୁଭାଶିଷ ରାଉତ, ଦୁଷ୍ମନ୍ତ ଘଡ଼ାଇ, ବିଜୟ ସାହୁ, ଯତିଶ ମଲିକ, ସତ୍ୟବ୍ରତ ନାୟକ, ରବୀନ୍ଦ୍ର କୁମାର ରାଉତ ଓ ଜ୍ୟୋତି ପ୍ରକାଶ ଭୂୟାଁ ପ୍ରମୁଖ ଉପସ୍ଥିତ ରହିଥିଲେ। ସୁକିନ୍ଦା ବିକାଶରେ ଖବରଦାତାମାନେ ସହଯୋଗ କରନ୍ତୁ ବୋଲି ପ୍ରଦୀପ କହିଥିଲେ।



ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଭାଜପାକୁ ବିଜୟୀ କଲା ପୋଷ୍ଟାଲ ଭୋଟ

**ଯାଜପୁର ସଂସଦୀୟ କ୍ଷେତ୍ର**

■ ବିଜେଡିକୁ ମିଳିଛି ୩,୨୨୪, ଭାଜପାକୁ ୫,୨୮୦

ଯାଜପୁର,୭।୬(ହର୍ଷବର୍ଦ୍ଧନ ବେହେରା)

ସାଧାରଣ ନିର୍ବାଚନ ସରିବା ପରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଆତ୍ମସମୀକ୍ଷାରେ ଲାଗି ପଡ଼ିଛନ୍ତି। ଯାଜପୁର ଜିଲାରେ ଭାଜପା ଲୋକ ସଭା ଆସନ ସମେତ ୪ ବିଧାନସଭା ଆସନ (ଭାଜପା-୩ ଓ ସ୍ୱାଧୀନ-୧) ଅକ୍ତିଆର କରିଛି। ୨୦୧୯ରେ ବିଜେଡିର ଭୋଟ ହାର ହ୍ରାସ ପାଇଥିବାବେଳେ ଏହା ଦଳ ପାଇଁ ସତର୍କଘଣ୍ଟି ହୋଇପାରେ ବୋଲି ସେତେବେଳେ ଅନେକେ ଆଶଙ୍କା କରିଥିଲେ, ଯାହା ଏଥର ସତ ହୋଇଛି। ଲୋକ ସଭା ଆସନଟି ଭାଜପା ସପକ୍ଷରେ ଯାଇଥିଲେ ହେଁ ପୋଷ୍ଟାଲ ଭୋଟ ହାରଜିତ୍‌ରେ ନିର୍ଣ୍ଣାୟକ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଭାଜପା ୫,୨୮୦ ଓ ବିଜେଡି ୩୨୨୪ ପୋଷ୍ଟାଲ ଭୋଟ ପାଇଛନ୍ତି। ସାଧାରଣତଃ ଶିକ୍ଷିତ, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀମାନେ ପୋଷ୍ଟାଲ ଭୋଟ ଦେଇଥାନ୍ତି। ଏଥିରୁ ଅନୁମାନ କରାଯାଉଛି ଯେ, ଜିଲାରେ ଶିକ୍ଷିତ ଭୋଟର ଏଥର ଭାଜପାକୁ ପସନ୍ଦ କରିଛନ୍ତି। ସେହିପରି ଜିଲାର ଅଧିକାଂଶ ବିଧାନସଭା ଆସନରେ ପୋଷ୍ଟାଲ ଭୋଟ ଭାଜପା ସପକ୍ଷରେ ଯାଇଛି।

ଭାଜପା ୨୦୧୪ ସାଧାରଣ ନିର୍ବାଚନଠାରୁ ୨୦୧୯ରେ ୨ ଗୁଣରୁ ଅଧିକ ଅର୍ଥାତ୍ ୪୦.୫% ଭୋଟ୍ ପାଇଥିବାବେଳେ ବିଜେଡି ୫୫%ରୁ ୪୯.୮୧%କୁ ଖସିଥିଲା। ଏଥର ବିଜେଡି ୪୫.୮୭%କୁ ଖସିଥିବାବେଳେ ଭାଜପା ୪୬.୦୧%କୁ ବଢ଼ିଛି। ବରୀ ନିର୍ବାଚନ ମଣ୍ଡଳୀରେ ବିଜେଡି ସର୍ବାଧିକ ୬୩.୭୭% ଭୋଟ ପାଇ ବିଜୟୀ ହୋଇଛି। ଅନ୍ୟସବୁଠି ଭାଜପା ଓ ବିଜେଡି ମଧ୍ୟରେ କଡ଼ା ମୁକାବିଲା ହୋଇଛି। ୨୦୧୯ ନିର୍ବାଚନର ଭୋଟ ହାରକୁ ବିଜେଡିର ଅଭିଜ୍ଞ ନେତାମାନେ ଭଲ ଭାବରେ ବୁଝିପାରିଥିଲେ ଏଭଳି ସ୍ଥିତି ହୋଇ ନ ଥାନ୍ତା ବୋଲି ଚର୍ଚ୍ଚା ହେଉଛି। ଏହାବାଦ୍ ସବୁଠି ଜଣେ ଅଣଓଡ଼ିଆ ନେତାଙ୍କ ଅଯଥା ହସ୍ତକ୍ଷେପ ବିଜେଡିର ପରାଜୟ ପାଇଁ ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଉଛି। ବିଜେଡି ଏଥିପ୍ରତି ଉପଯୁକ୍ତ ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଦଳର ସ୍ଥିତି ସମ୍ପୂର୍ଣ୍ଣ ବିପଦରେ ପଡ଼ିପାରେ ବୋଲି ଆଲୋଚନା ହେଉଛି।

# ଟମାଟୋ ଦର ଆକାଶଛୁଆଁ, ଗ୍ରାହକ ଅତିଷ୍ଠ

ପଟ୍ଟାମୁଣ୍ଡାଇ, ୭।୬ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ଓ ଆଖପାଖ ଅଞ୍ଚଳରେ ଟମାଟୋ ଦର ଆକାଶଛୁଆଁ ହୋଇଛି। ସାଧାରଣ ଖାଉଟି ଟମାଟୋ ବଜାରରୁ କିଣିପାରୁନାହିଁ। ୨ ସପ୍ତାହ ମଧ୍ୟରେ ଟମାଟୋ ଦର ୪୦ ଟଙ୍କାରୁ ବୃଦ୍ଧି ପାଇ ୮୦ ଟଙ୍କାରେ ପହଞ୍ଚି ଥିବା ବେଳେ ଶୁକ୍ରବାର ୬୦ରୁ ୭୦ରେ ବିକ୍ରି ହେଉଛି। ଚାଷୀ ସୁରେନ୍ଦ୍ର ପରିଡା କୁହନ୍ତି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଟମାଟୋ ଗଛଗୁଡ଼ିକ ଭୁରୁଙ୍ଗା ମାରିଯିବା ଫଳରେ ଫଳ ଧରୁନାହିଁ। କେନାଲ ପାଣି ନ ଆସିବାରୁ ଗାଡିଆ, ପୋଖରୀ ସବୁ ଶୁଖିଲା ପଡ଼ିଛି। ଚାଷୀମାନେ ଟମାଟୋ ଫସଲରେ ପାଣି ମଡ଼ାଇ ପାରୁନାହାନ୍ତି। ଫଳରେ ଗଛଗୁଡ଼ିକ ମରିଯିବାକୁ ବସିଥିବା ବେଳେ ରବିବାରଠାରୁ କେତେ ବେଳେ କେମିତି ଝିପିଝିପି ବର୍ଷା ହେଉଛି। ମାତ୍ର ଟମାଟୋ ଫସଲ ଉଜୁଡ଼ି ଯାଉଥିବାରୁ ଦର ବଢ଼ିଛି ବୋଲି ସେ କହିଛନ୍ତି। ସେହିପରି ଧୋୟାଞ୍ଚଳ ଚାଷୀ ନରେନ୍ଦ୍ର ଧଳ କୁହନ୍ତି, ଧୋୟାଞ୍ଚଳରେ ପ୍ରାୟ ଚାଷୀ ଟମାଟୋ ଚାଷ କରିଥାନ୍ତି। ଏକର ଏକର ଜମିରେ ଟମାଟୋ ଫଳେ। କିନ୍ତୁ ଏବର୍ଷ ଚିତ୍ର ଭିନ୍ନ। ଟମାଟୋ ଗଛ ଲାଗିଲା। ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ିଲା, ହେଲେ ଟମାଟୋ ଫଳିଲାନି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଫଳ ଧରି ନ ଥିବା କ୍ଷେତକୁ ଦେଖି ଟମାଟୋ ଚାଷୀ ଚିନ୍ତାରେ ପଡିଛନ୍ତି। ଧାର କରଜ କରି ଚାଷ କରିଥିବାବେଳେ ପରିବାର ପ୍ରତିପୋଷଣ ଓ ଋଣ ଟଙ୍କା ଶୁଝିବାକୁ ନେଇ ଚିନ୍ତାରେ ପଡିଛନ୍ତି। ଏଠାକାର ଟମାଟୋ ଆଖପାଖ ଅଞ୍ଚଳରେ ବିକ୍ରି ସହ କଟକ ଓ ଯାଜପୁର ପରି ମାର୍କେଟକୁ ସୁଲଭ ଦରରେ ଯୋଗାଇ ଦିଆଯାଏ।

ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୀତଳଭଣ୍ଡାର ନ ଥିବାରୁ ଟମାଟୋକୁ ସଂରକ୍ଷଣ କରାଯାଇ ପାରୁନାହିଁ। ବାହାର ରାଜ୍ୟରୁ ଟମାଟର ଆସୁଥିବାରୁ ରେଟରେ ପରିବର୍ତ୍ତନ ହୋଇ କେତେବେଳେ ୮୦ ତ କେତେବେଳେ ୬୦ରେ ବିକ୍ରି ହେଉଛି। ଶୁକ୍ରବାର ପଟ୍ଟାମୁଣ୍ଡାଇକୁ ବାଙ୍ଗାଲୋରରୁ ଟମାଟର ଅସିଥିବାରୁ କାଳେ ଗୁଳୁଗୁଳୁରେ ନଷ୍ଟ ହୋଇଯିବ ସେଥି ନେଇ ୬୦ ଟଙ୍କାରେ ମପେଇ ଦେଉଛୁ ବୋଲି ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି। ଟମାଟୋ ଆମଦାନୀ କମ୍ ହେଉଥିବାରୁ ଏହା ଲୋକଙ୍କ ଚାହିଦା ପୂରଣ କରିବାରେ ସକ୍ଷମ ହେଉନାହିଁ। ଏହି ସୁଯୋଗରେ ପାଇକାରୀ ବିକ୍ରେତାମାନେ ଦର ବଢ଼ାଇ ଚାଲିଛନ୍ତି ବୋଲି ବହୁ ଗ୍ରାହକ କହିଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କ ପିତୃ ବିୟୋଗ

ରଣପୁର,୭।୬ (ସୁକାନ୍ତ କିଶୋର ଡ଼ାକୁଆ)

ରଣପୁର ବ୍ଲକର ଦୈନିକ ଏକ ଖବରକାଗଜରେ ଖବରଦାତା ଭାବେ କାର୍ଯ୍ୟ କରୁଥିବା ସୁକାନ୍ତ ପଟ୍ଟନାୟକଙ୍କ ପିତୃ ସତ୍ୟବାଦୀ ପଟ୍ଟନାୟକ(୮୭)ଙ୍କ ପରଲୋକ ଶୁକ୍ରବାର ସକାଳ ୪ ଟାରେ ନିଜ ଗ୍ରାମ ବିଲଗାଡ଼ିଆ ବାସଭବନରେ ହୋଇଯାଇଛି। ସେ କିଛି ଦିନ ହେବ



ବାର୍ଦ୍ଧକ୍ୟଜନିତ ରୋଗରେ ପଡିଥିଲେ। ସକାଳୁ ଗ୍ରାମ ନିକଟରେ ଥିବା ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଛି। ତାଙ୍କର ୫ ପୁଅ, ପୁତ୍ରବଧୂ, ନାତୁଣୀନାତିଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ବଡପୁଅ କିଶୋର ମୁଖାଗ୍ନି ଦେଇଥିଲେ। ବିଲଗାଡ଼ିଆର ଗ୍ରାମର ସତ୍ୟବାଦୀ ପେସାରେ ଜଣେ ପ୍ରଧାନ ଶିକ୍ଷକ ଥିଲେ। ତାଙ୍କ ମୃତ୍ୟୁରେ ରଣପୁର, ବିଲଗାଡ଼ିଆ ଓ ଆଖପାଖ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ପରେ ମୃତଦେହକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇଥିଲା।

### ଲକ୍ଷ୍ମୀ ବସ୍ ଧକ୍କାରେ ନାବାଳକ ଗୁରୁତର

ପୋଲସରା,୭।୬ (ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ରୁମାଗଡ ଗ୍ରାମଠାରେ ଲକ୍ଷ୍ମୀ ବସ୍ ଧକ୍କାରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ମହୁଲପଲ୍ଲୀ ଗ୍ରାମର ରବୀନ୍ଦ୍ର ବିଷୋୟୀ (୧୨)। ତାଙ୍କୁ ପୋଲସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁବାର ପୋଲସରାରୁ ଲକ୍ଷ୍ମୀ ବସ୍‌ଟି ରୁମାଗଡକୁ ଯାଉଥିବା ବେଳେ ଆଇଙ୍କ ଘରକୁ ଆସି ସାଇକେଲ ଧରି ଠିଆ ହୋଇଥିବା ରବୀନ୍ଦ୍ରଙ୍କୁ ଦେଇଥିଲା। ଫଳରେ ତାଙ୍କ ଗୋଡ, ପାଦ, ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଗ୍ରାମ ଲୋକଙ୍କ ସହଯୋଗରେ ତାଙ୍କୁ ସେହି ବସରେ ପୋଲସରା ଡାକ୍ତରଖାନାକୁ ନିଆଯାଇଥିଲା।

### ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

ଖଲ୍ଲିକୋଟ,୭।୬(ପ୍ରଶାନ୍ତ କୁମାର ମିଶ୍ର)

ଜଣୈକା ବିବାହିତା ମହିଳାଙ୍କୁ ପୁନଃ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଓ ପରେ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ କୈରାଶି ପଞ୍ଚାୟତରେ ଜଣେ ବିବାହିତ ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାର ସୁଯୋଗ ନେଇ ସେହି ପଞ୍ଚାୟତର ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଗତ ଦୁଇ ବର୍ଷ ହେଲା ଶାରୀରିକ ସମ୍ପର୍କ ରଖି ଆସିଥିଲା। ସମ୍ପୃକ୍ତ ମହିଳାଙ୍କ ଗୋଟିଏ କନ୍ୟା ସନ୍ତାନ ରହିଛି। ତେବେ ବର୍ତ୍ତମାନ ବିବାହ କରିବାକୁ ମନା କରିଦେବା ପରେ ମହିଳା ଜଣକ ଖଲ୍ଲିକୋଟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୪୮୧/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଶୁକ୍ରବାର ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।

# ଗଞ୍ଜାମରେ ହାତୀ ସଂଖ୍ୟା ୬୩କୁ ବୃଦ୍ଧି

ଭଞ୍ଜନଗର,୭।୬(ବାବୁଲା ପ୍ରଧାନ):

ରାଜ୍ୟରେ ହାତୀ ଗଣନା ସରିବା ସହ ଗତ ୫ ତାରିଖରେ ଚୂଡ଼ାନ୍ତ ରିପୋର୍ଟ ଆସିଯାଇଛି। ଏହି ଅନୁସାରେ ଗଞ୍ଜାମ ଜିଲାରେ ୬୩ଟି ହାତୀ ଥିବା ଜଣାପଡ଼ିଛି। ସେଥିମଧ୍ୟରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ୩୯ଟି ହାତୀ ସ୍ଥାୟୀ ଭାବେ ରହୁଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ୧୪ଟି ହାତୀ ଅଛନ୍ତି। ଏଥିସହ ବ୍ରହ୍ମପୁର ବନଖଣ୍ଡରେ ୧୦ଟି ହାତୀ ଅଛି। ଗତ ମାସ ୨୨ ତାରିଖରୁ ୨୪ ତାରିଖ ମଧ୍ୟରେ ହାତୀ ଗଣନା ସମୟରେ ଉତ୍ତର ଓ ଦକ୍ଷିଣ ବନଖଣ୍ଡରେ ଅଧିକ ହାତୀ ଥିଲା । ବଳକା ହାତୀ ଅନ୍ୟ ଡ଼ିଭିଜନକୁ ବାରମ୍ବାର ଯାତାୟତ କରିଥାନ୍ତି । ତେଣୁ ବଳକା ହାତୀକୁ ପଡ଼ୋଶୀ ଜିଲାର ବନଖଣ୍ଡରେ



ଘୁମୁସର ବନଖଣ୍ଡରେ ଥିବା ହାତୀ ।

ଦେଖାଯାଇଥିବା ଜଣାପଡ଼ିଛି। ଏହି ଗଣନା ଅନୁସାରେ ଜିଲାରେ ମାଖନା ହାତୀ ନାହିଁ। ଏଥିସହ ବହ୍ମପୁର ଆଞ୍ଚଳିକ ବନ ସଂରକ୍ଷକଙ୍କ ଅଧୀନରେ ଆସୁଥିବା ବାଲିଗୁଡ଼ା ବନଖଣ୍ଡରେ ୫୨ଟି ହାତୀ ଥିବାବେଳେ ବଉଦ ବନଖଣ୍ଡରେ ୩୦, ପାରଳାଖେମୁଣ୍ଡି ବନଖଣ୍ଡରେ ୭ ଏବଂ ଫୁଲବାଣୀ ବନଖଣ୍ଡରେ ୨୫ଟି ହାତୀ ଏହିଭଳି ମୋଟ ୧୭୭ଟି ହାତୀ ଥିବା ଜଣାପଡ଼ିଛି। ୨୦୧୭ରେ ହାତୀ ଗଣନା ସମୟରେ ଘୁମୁସର ଉତ୍ତର ବନଖଣ୍ଡରେ ୧୭ଟି ହାତୀ ଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ୨୫ଟି ଏବଂ ବ୍ରହ୍ମପୁର ବନଖଣ୍ଡରେ ୧୧ଟି ହାତୀ ଥିଲା । ରାଜ୍ୟରେ ପ୍ରତି ଦୁଇବର୍ଷକୁ ଥରେ ହାତୀ ଗଣନା ହେଉଥିବା ବେଳେ ୨୦୧୯ରେ ହାତୀ ଗଣନା ହେବାର ଥିଲା। କିନ୍ତୁ କରୋନା ଆସିଯିବା ଯୋଗୁ ରାଜ୍ୟରେ ଆଉ ହାତୀ ଗଣନା ହୋଇନଥିଲା। ୬ ବର୍ଷ ପରେ ଗତ ମାସରେ ହାତୀ ଗଣନା ହୋଇଥିଲା । ୨୦୧୭ରେ ୫୩ଟି ହାତୀ ଥିବାବେଳେ ବର୍ତ୍ତମାନ ତାହା ୬୩କୁ ବୃଦ୍ଧି ପାଇଛି। ୬ ବର୍ଷ ମଧ୍ୟରେ ଜିଲାରେ ୧୦ଟି ହାତୀ ବୃଦ୍ଧି ପାଇଥିବା ବେଳେ ଏକାଧିକ ହାତୀ ମୃତ୍ୟୁବରଣ କରିଛନ୍ତି ।

# ଶ୍ରୀଜଗନ୍ନାଥଙ୍କ ନୂତନ ବିଗ୍ରହ ସ୍ଥାପନ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

ରମ୍ଭା,୭।୬(ବନବାସୀ ସେଠୀ)

ରମ୍ଭା ଶ୍ରୀଜଗନ୍ନାଥ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏବଂ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ସ୍ନାନ ପୂର୍ଣ୍ଣମାରେ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କରିବା ପାଇଁ ସ୍ଥିର କରାଯାଇଥିଲା। ଏହି ବିଗ୍ରହ ପୁରୀଠାରୁ ସଂସ୍କାର କରି ଆଣି ଏଠାରେ ସ୍ଥାପନ କରିବା ପାଇଁ ସ୍ୱାମୀ ଶଙ୍କରାନନ୍ଦ ମତ ରଖିଥିଲେ। ନିର୍ମାଣାଧୀନ ମନ୍ଦିର ଏବଂ ସଂସ୍କାର କରି ବିଗ୍ରହ ପ୍ରତିଷ୍ଠା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ଟି.କେଦାରନାଥ ସୁବୁଦ୍ଧି, ଟି. ନଗେନ କୁମାର ସେନାପତି, ଉମେଶ ଚନ୍ଦ୍ର ମହାନ୍ତି, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଏମ. ନରସିଂହ ସୁବୁଦ୍ଧି ରହିଥିବା ବେଳେ କମିଟି ସଭ୍ୟ ଭାବେ ମହେନ୍ଦ୍ର ସେନାପତି, କାହ୍ନା ସ୍ୱାଇଁ, ଉପେନ୍ଦ୍ର ତ୍ରିପାଠୀ, ସୁବାଷ ଚନ୍ଦ୍ର ପତି, ସୁଦର୍ଶନ ସେନାପତି, ବାନାମ୍ବର ସେଠ, ପ୍ରସାଦ ରାଓ ପୃଷ୍ଟି, ସୁରେନ୍ଦ୍ର ପରିଡା, ସୁରେନ୍ଦ୍ର ତରାଇ, ବୁଲୁ ବିଶ୍ୱାଳ, ସିମାଞ୍ଚଳ ବାଡତ୍ୟା, ରାମପ୍ରସାଦ ସେନାପତି, ରାମ ଚନ୍ଦ୍ର ବାଡତ୍ୟା, ଯୋଗୀନ୍ଦ୍ର ସ୍ୱାଇଁ, ରାମଚନ୍ଦ୍ର ଆଚାରୀ, ଲୋକନାଥ ଗୌଡ଼, ନାଗରାଜ ତରାଇ ଏବଂ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀ ନାରାୟଣ ସେନାପତିଙ୍କୁ ଚୟନ କରାଯାଇଛି। ପଣ୍ଡିତ ଜଗନ୍ନାଥ ଦାଶ, ଅନିଲ ପାଢ଼ୀ ଓ ଟି. ବାପୁଜୀ ସୁବୁଦ୍ଧି, ଭିକାରୀ ବିଶ୍ୱାଳ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ପାରଳା ରଥଯାତ୍ରା ପାଇଁ ଚଳଚଞ୍ଚଳ ରଥ ଖଳା

ପାରଳାଖେମୁଣ୍ଡି, ୭।୭ (ଗିରିଧାରୀ ପରିଛା):

ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା।ଏଥିପାଇଁଚଳଚଞ୍ଚଳହୋଇଉଠିଛି ରଥ ଖଳା। ପବିତ୍ର ରଥ ଯାତ୍ରା ଲାଗି ତିନି ରଥ ଜୋରଦାରରେ ପ୍ରସ୍ତୁତି କରାଯାଉଛି। ପୁରୀ ରଥଯାତ୍ରା ପରେ ପାରଳାଖେମୁଣ୍ଡି ରଥଯାତ୍ରା ହେଉଛି ଦ୍ୱିତୀୟ ପ୍ରସିଦ୍ଧ ଯାତ୍ରା। ଚଳିତ ବର୍ଷ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବାକୁ ଯାଉଛି ପାରଳା ରଥଯାତ୍ରା । ଯାତ୍ରା ଯେତେ ପାଖେଇ ଆସୁଛି ୩ ରଥ ନିର୍ମାଣ କାମ ସେତିକି ପରିମାଣରେ ଆଗେଇ ଚାଲିଛି। ୭ ତାରିଖରେ ହେବାକୁ ଥିବା ରଥଯାତ୍ରା ପାଇଁ ପ୍ରଶାସନ ଓ ରଥଯାତ୍ରା କମିଟି ମଧ୍ୟ ପ୍ରସ୍ତୁତିକୁ ଜୋର୍‌ଦାର କରିଛନ୍ତି। ସେହିପରି ରଥ ନିର୍ମାଣକାରୀ ଦଳ ତଥା ମହାରଣାମାନେ ନିଜ ନିଜ କାର୍ଯ୍ୟରେ ନିମଗ୍ନ ଥିବାର ଦେଖିବାକୁ ମିଳୁଛି । ମୋଟ ୨୨ଟି ଚକ ଓ ୧୧ଟି ଅଖ ପ୍ରସ୍ତୁତ ହେବ। ଜଗନ୍ନାଥଙ୍କ ରଥରେ ୮ଟି ଚକ ଓ ୪ଟି ଅଖ, ବଳଭଦ୍ରଙ୍କ ରଥରେ ୮ଟି ଚକ ଓ ୪ଟି



ରଥଖଳାରେ ରଥ ନିର୍ମାଣ ଚାଲିଛି।

ଅଖ, ସୁଭଦ୍ରାଙ୍କ ରଥରେ ୬ଟି ଚକ ଓ ୩ଟି ଅଖ ଲାଗିବ ବୋଲି ରଥ ନିର୍ମାଣକାରୀ ମହାରଣା ସୁବାସ ଚନ୍ଦ୍ର ମହାରଣା କହିଛନ୍ତି। ସେପଟେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି ଫାଉଣ୍ଡେଶନ କାମ ମଧ୍ୟ ପ୍ରାୟ ସମାପନ ଅବସ୍ଥାରେ। ଏଭଳି ସ୍ଥଳେ ଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁମାନେ ଚଳିତ ବର୍ଷ ରଥଯାତ୍ରାକୁ ବହୁ ଆଡମ୍ବର ସହକାରେ ପାଳିବା ପାଇଁ ପ୍ରସ୍ତୁତ ହୋଇଥିବା ଜଣାପଡିଛି। ୩ରଥ ନିର୍ମାଣ କାର୍ଯ୍ୟ ଦେଖିବା ଲାଗି ଦେଖଣାହାରୀଙ୍କ ଭିଡ ଜମୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ପ୍ରଶାସନିକ ଅଧିକାରୀ ୩ ରଥ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି। ଚଳିତ ବର୍ଷ ବହୁ ଧୁମଧାମରେ ପାଳନ ହେବ ଏବଂ ବହୁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ପୂର୍ବାନୁମାନ କରାଯାଇ ବ୍ୟାପକ ବନ୍ଦୋବସ୍ତ କରାଯିବ ବୋଲି ଉଭୟ ପ୍ରଶାସନ ଓ ଜିଲ୍ଲା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## କେନାଲ ନିର୍ମାଣରେ ପଥର ବ୍ଲାଷ୍ଟିଂକୁ ବିରୋଧ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଡେଙ୍ଗାଜାନିଗୁଡ଼ାବାସୀ

କୋରାପୁଟ, ୭।୬(ଅମିତାଭ ବେହେରା)

କେନାଲ ନିର୍ମାଣବେଳେ ପଥର ବ୍ଲାଷ୍ଟିଂକୁ କୋରାପୁଟ ସଦର ଥାନା ଅଧୀନ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ ବିରୋଧ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଗ୍ରାମବାସୀ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ସୂଚନାନୁଯାୟୀ, ଗ୍ରାମ ନିକଟରେ ନାଲ୍‌କୋ ପକ୍ଷରୁ ନୂତନ ଡ୍ୟାମ୍ ସହ କେନାଲ କାମ କରାଯାଉଛି। କେନାଲ ନିର୍ମାଣ ନିମନ୍ତେ ବେଧଡ଼କ ଭାବେ ପଥର ବ୍ଲାଷ୍ଟିଂ କରାଯାଉଛି। ଫଳରେ ଡେଙ୍ଗାଜାନିଗୁଡ଼ାରେ ଥିବା ୧୦୦ ପରିବାର ଭୟଭୀତ ଅବସ୍ଥାରେ ରହୁଛନ୍ତି। ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ। ନିକଟରେ ଥିବା ଦୁଇଟି ଗ୍ରାମକୁ ବିସ୍ଥାପିତ ଘୋଷଣା କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଡେଙ୍ଗାଜାନିଗୁଡ଼ାକୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର କରି ବିସ୍ଥାପିତ ଭାବେ ସମସ୍ତ ମୌଳିକ ସୁବିଧା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

# ବଜ୍ରପାତରେ ୭ ଗୋରୁ ମୃତ

ରାଇକିଆ, ୭।୬ (ପ୍ରଦୀପ ବେହେରା):

କନ୍ଧମାଳ ଜିଲା ରାଇକିଆ ବ୍ଲକ ଇନ୍ଦ୍ରଗଡ ପଞ୍ଚାୟତରେ ଲଣ୍ଡାବାଲି ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ପ୍ରବଳ ବର୍ଷା, ପବନ ଓ ବଜ୍ରପାତ ଯୋଗୁଁ ୭ଟି ଗୋରୁଙ୍କର ମୃତ୍ୟୁ ଘଟିଛି। ଗ୍ରାମର ଭଗବାନ ପାତ୍ରଙ୍କର ଗୋଟିଏ, କଇଳାସ ମୁଲିଙ୍କର ଗୋଟିଏ, କୋରା ନାୟକଙ୍କର ଦୁଇଟି, ସୁରେନ୍ଦ୍ର ପାତ୍ରଙ୍କର ଗୋଟିଏ, ବିଜୟ ସେଠିଙ୍କର ଗୋଟିଏ, ଶୁକ୍ରୁ ନାୟକଙ୍କର ଗୋଟିଏ ଗୋରୁ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବର୍ଷା, ପବନ, ବିଜୁଳି, ଘଡଘଡି ମାରିଥିଲା। ଫଳରେ ବିରାଟ ଗଛ ଭାଙ୍ଗି ସେମାନଙ୍କ ଉପରେ



ପଡିଥିଲା ଏବଂ ଏହି ସମୟରେ ବଜ୍ରପତ ଘଟିଥିଲା। ଫଳରେ ଘଟଣାସ୍ଥଳରେ ଗୋରୁ ଗୁଡ଼ିକର ମୃତ୍ୟୁ ଘଟିଥିଲା।

# ସିଂହାସନୀ ପୀଠରେ ରଜପର୍ବ ପ୍ରସ୍ତୁତି ବୈଠକ

## ଯୋଗଦେଲେ ନୂଆ ବିଧାୟକ

ପୋଲସରା,୭।୬(ସୁବ୍ରତ ବେହେରା)

ମା' ସିଂହାସନୀଙ୍କ ପୀଠରେ ଆସନ୍ତା ୧୪,୧୫ ଓ ୧୬ ତାରିଖରେ ରଜ ପର୍ବ ପାଳନ ହେବ। ଏଥିନିମନ୍ତେ ଶୁକ୍ରବାର ଅନୁଷ୍ଠିତ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୋଲସରାର ନବ ନିର୍ବାଚିତ ବିଧାୟକ ତଥା ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ବିଧାୟକ ତଥା ମା' ସିଂହାସନୀ ଉନ୍ନୟନ କମିଟିର ସଭାପତି ମଲ୍ଲିକ ବୈଠକରେ ସଭାପତିତ୍ୱ କରି ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ, କମିଟି ସଦସ୍ୟ ଓ ଅଞ୍ଚଳର ଜନପ୍ରତିନିଧିମାନଙ୍କ ସହ ପର୍ବ ବିଷୟରେ ଆଲୋଚନା କରିଥିଲେ। ସମସ୍ତେ ରଜ ପର୍ବରେ ନିରବଚ୍ଛିନ୍ନ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଥିଲେ। କମିଟିର ସଦସ୍ୟମାନଙ୍କୁ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ଦେବାସହ ସୁଚାରୁ ରୂପେ ସମ୍ପାଦନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମା' ସିଂହାସନୀ ଉନ୍ନୟନ କମିଟିର ସଦସ୍ୟ ସଂଖ୍ୟା ବହୁତ କମ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ହେଲେ



ପ୍ରସ୍ତୁତି ବୈଠକରେ ଆଲୋଚନା ଚାଲିଛି।

ମା'ଙ୍କ କୃପାରୁ ୪୦୦ରୁ ଉର୍ଦ୍ଧ୍ୱ ଆଜୀବନ ସଦସ୍ୟ ହେବାପାଇଁ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ବିଡିଓ କୁରେଶ ଚନ୍ଦ୍ର ଜାନୀ, ପୋଲସରା ଥାନାଧିକାରୀ କୌଶିକ ମାଝୀ, ତହସିଲଦାର ରୁବି ବେହେରା, ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ସରପଞ୍ଚ ଭଗବାନ ସାହୁ, ରଘୁନାଥ ଭୂୟାଁ, ମନୋଜ କୁମାର ଖଟୁଆ, କମିଟି ସଦସ୍ୟଙ୍କ ମଧ୍ୟରେ ରଘୁନାଥ ପ୍ରଧାନ, ପୀତବାସ ପ୍ରଧାନ, ସୂର୍ଯ୍ୟ ନାରାୟଣ ପାଢ଼ୀ, ସୁରେନ୍ଦ୍ରନାଥ ପ୍ରଧାନ, ରଘୁନାଥ ସାହୁ, ବିପିନି ବିହାରୀ ପ୍ରଧାନ, ମନୁ ଗୌଡ଼, ସତ୍ୟନାରାୟଣ ସାହୁ, ସୁଶାନ୍ତ କୁମାର ମଲ୍ଲିକ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଞ୍ଜିବ ପାତ୍ର, ବିଜୁଳି ବିଭାଗ ଯନ୍ତ୍ରୀ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ମାଟ୍ରିକ୍ ଟପ୍ ଟେନ୍ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ବୁଗୁଡା,୭।୬(କାଳିଚରଣ ଦାଶ):

ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରେମ ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଜାକବ୍ ଥୁନ୍ଦେଲ୍‌ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଓ ତପସ୍ୱିନୀ ସାହୁ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମ୍ୟାଟ୍ରିକ ବୋର୍ଡ ପରୀକ୍ଷାରେ ୫୫୩ ମାର୍କ ହାସଲ ବୁଗୁଡା ବ୍ଲକ ଟପ୍ପର ରୂପେ ବିବେଚିତ ହୋଇଥିବା ମା' କାଳୀ କୃଷକ ବିଦ୍ୟାପୀଠ, ପୋଚାଲୁଣ୍ଡିର ଛାତ୍ର ଦୀପକ କୁମାର ବେହେରା, ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ତରପଡା ଶାଙ୍କୁଳାଇ ବିଦ୍ୟାପୀଠର ଛାତ୍ର ସ୍ୱସ୍ତି ସ୍ୱରାଜ ଶତପଥିଙ୍କ ସମେତ ପିପୁଲ୍ସ ହାଇସ୍କୁଲ, ବୁଗୁଡ଼ାର ଛାତ୍ର ଓମ୍ କୁମାର ଗୌଡ(୫୩୨), ବିରଞ୍ଚି



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜେ.ସ୍ନେହାରାଣୀ ପାତ୍ର (୫୩୧), ଶ୍ରୀୟା ସାହୁ (୫୨୮), ଇଶାରାଣୀ ପଣ୍ଡା (୫୧୯) ଓ କମଳିନୀ ପ୍ରଧାନ (୫୧୧), ଶ୍ରୀ ଗୋପିନାଥ ବିଦ୍ୟାପୀଠ, ମୋଟାବାଡିର ଛାତ୍ର ଆଶିଷ କୁମାର ଗୌଡ (୫୧୪), ଶ୍ରୀ ଭାଗବତ ସ୍ୱାମୀ ହାଇସ୍କୁଲ, ସଙ୍କୁରୁର ଛାତ୍ର ମଳୟ କୁମାର ପ୍ରଧାନ (୫୧୦) ଓ ଶ୍ରୀ ବାଲୁଙ୍କେଶ୍ୱର ହାଇସ୍କୁଲ, ସୋରଡର ସୁନୟା ପାଣିଗ୍ରାହୀ (୫୦୯) ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ସମେତ ସେମାନଙ୍କ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

# ଦିଲୀପ ପାହାନ ହତ୍ୟା ମାମଲାରେ ରାଜକୋଟରୁ ୨ ଗିରଫ

## ଗିରଫ ସଂଖ୍ୟା ୧୯କୁ ବୃଦ୍ଧି

ଛତ୍ରପୁର/ଖଲ୍ଲିକୋଟ,୭।୬(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/ପ୍ରଶାନ୍ତ ମିଶ୍ର):

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ଭାଜପା କର୍ମୀ ଦିଲୀପ ପାହାନ ହତ୍ୟାକାଣ୍ଡରେ ଜଡ଼ିତ ଆଉ ୨ ଜଣଙ୍କୁ ଖଲ୍ଲିକୋଟ ପୋଲିସ ଗିରଫ କରିଛି । ଫଳରେ ଗିରଫ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ଏମାନଙ୍କୁ ଗୁଜୁରାଟ ରାଜ୍ୟ ରାଜକୋଟରୁ ପୋଲିସ ଧରିଥିଲା। ଗିରଫ ବ୍ୟକ୍ତି ହେଲେ କେଶପୁରର ଆଶିଷ ସାହୁ ଓ ଶ୍ରୀକୃଷ୍ଣଶରଣପୁର ଗୋପୀ ଗୌଡ଼। ଏହା ପୂର୍ବରୁ ବାଙ୍ଗାଲୋରରୁ ୩ ଜଣଙ୍କୁ ଧରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ଠାରୁ ତିନୋଟି ବାଇକ ଓ ତିନୋଟି କାର,



ମାରଣାସ୍ତ୍ର ଜବତ କରାଯାଇଛି। ତଦନ୍ତ ଚାଲିଛି ଏବଂ ଏଥିରେ ଯେକେହି ଆଉ ସମ୍ପୃକ୍ତ ଅଛନ୍ତି ସମସଙ୍କୁ ଗିରଫ କରାଯିବ ବୋଲି ସୂଚନା ଦିଆଯାଇଛି।

# ଲକ୍ଷ୍ମୀ ବସ୍‌ରୁ ହଟିଲା ଯୋଡ଼ି ଶଙ୍ଖ ଚିହ୍ନ

ଧରାକୋଟ/ଆସିକା, ୭।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ/ସୁରେନ୍ଦ୍ର ନାଥ ସାହୁ):

ରାଜ୍ୟର ଗ୍ରାମାଞ୍ଚଳର ଜନସାଧାରଣଙ୍କ ସୁଷମ ପରିବହନ ସେବାକୁ ସହଜ କରିବା ପାଇଁ ନବୀନ ସରକାର ଗତ ଫେବୃୟାରୀ ମାସ ୨୨ ତାରିଖ ଠାରୁ ଆରମ୍ଭ କରିଥିଲେ ଲକ୍ଷ୍ମୀ ବସ ସେବା। ଲକ୍ଷ୍ୟ ଥିଲା ପଞ୍ଚାୟତର ବିଭିନ୍ନ ଗାଁରୁ ବ୍ଲକ ସଦର ମହକୁମା ଓ ଜିଲା ସଦର ମହକୁମା ପର୍ଯ୍ୟନ୍ତ ଏହା ଲୋକଙ୍କୁ ଯୋଡ଼ି ପ୍ରଶାସନିକ କାର୍ଯ୍ୟକୁ ସରଳୀକରଣ କରିବ। ତେବେ ରାଜ୍ୟରେ ବିଜେଡି ସରକାର ହଟିବା ପରେ ଧୀରେ ଧୀରେ ଏହି ବସ୍ ସେବା କାର୍ଯ୍ୟକାରୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶା ରାଜ୍ୟ ପରିବହନ ବିଭାଗର ସମ୍ପୂର୍ଣ୍ଣ ହେପାଜତରେ ଚାଲିଥିବା



ଏହି ଲକ୍ଷ୍ମୀ ବସ୍‌ଗୁଡିକରୁ ଗତ ବୁଧବାର ରାତିରେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ବସ୍‌ରେ ଲାଗିଥିବା ନବୀନ ପଟ୍ଟନାୟକ, ଯୋଡି ଶଙ୍ଖ ଓ ମହିଳାଙ୍କ ଷ୍ଟିକରକୁ ହଟାଇ ଦିଆଯାଇଛି। ଏଥିରେ କେବଳ ରାଜ୍ୟ ପରିବହନ ବିଭାଗର ଲୋଗୋ ରହିଛି। ଧରାକୋଟ ବ୍ଲକରେ ଚାଲୁଥିବା ୪ଟି ଲକ୍ଷ୍ମୀ ବସ୍‌ରୁ ମଧ୍ୟ ଲୋଗୋ ଓ ଷ୍ଟିକର ହଟାଇ ଦିଆଯାଇଛି। ଲୋକମାନଙ୍କୁ ଉତ୍ତମ ପରିବହନ ସେବା ଯୋଗାଇ ଦେଉଥିବା ଏହି ବସ ସେବାକୁ ନୂତନ ସରକାର ସ୍ଥାୟୀ କରିବା ପାଇଁ ବ୍ଲକସ୍ତରରେ ଲୋକେ ଦାବି କରିଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ପରେ ଆସିକା ବ୍ଲକରେ ଚାଲୁଥିବା ଲକ୍ଷ୍ମୀ ବସରୁ ଯୋଡିଶଙ୍ଖ ଓ ନବୀନଙ୍କ ପଟଚିତ୍ର ଥିବା ହଟିଯାଇଥିବା ଲକ୍ଷ୍ୟ କରାଯାଇଛି। କିଏ ଏହି ସବୁ ଷ୍ଟିକର ହଟାଇଲା ତାହା ଜଣାପଡିନାହିଁ। ତେବେ ୫ ତାରିଖ ସକାଳେ ଏହାକୁ ଦୃଷ୍ଟିକୁ ଆସିବା ପରେ ଘଟଣା ସମ୍ପର୍କରେ ରାଜ୍ୟ ପରିବହନ ବିଭାଗକୁ ଜଣାଇ ଦିଆଯାଇଥିବା ପରିବହନ ନିଗମର ଆସିକା ଦାୟିତ୍ୱରେ ଥିବା ଲକ୍ଷ୍ମୀ ବସ ସୁପରଭାଇଜର ଶଙ୍କର ପାଳ ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ଏହି ଫଟୋ ଚିତ୍ର ଥିବା ଷ୍ଟିକର ଉପରେ ଧଳା ଷ୍ଟିକର ଲଗାଇ ଦିଆଯାଇଥିଲା। ତେବେ ନିର୍ବାଚନ ଫଳାଫଳ ଘୋଷଣା ରାତିରେ ହିଁ ଏହି ସବୁ ଷ୍ଟିକର ବସରୁ କେହି କାଢ଼ି ଦେଇଥିବା ପାଳ କହିଛନ୍ତି।

# ପ୍ରଶ୍ନବାଚୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର

କେନ୍ଦ୍ରାପଡ଼ା, ୭।୬ (ଜଗନ୍ନାଥ ଧଳ)



ମହାକାଳପଡା ଆଖଡ଼ାଶାଳୀରେ ପ୍ରସ୍ତାବିତ ନଦୀଭିତ୍ତିକ ବନ୍ଦର ସ୍ଥାନ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡାଶାଳୀ ଗ୍ରାମ ନିକଟ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ହେବ। ପିପିପି ମୋଡରେ ପାରାଦୀପ ପୋର୍ଟ ଏହାର ଉନ୍ନତୀକରଣ କରିବ। ୨୦୨୦ ଡିସେମ୍ବରରେ ଏହି ସ୍ଥାନକୁ ପୂର୍ବତନ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ଓ ଏମ୍‌ଓୟୁ ପାଇଁ ରାଜ୍ୟ ସରକାରଙ୍କ ସହିତ ସେହି ବର୍ଷ ମାର୍ଚ୍ଚରେ ଆର୍ସେଲର ମିତ୍ତଲ ସହିତ କଥାବାର୍ତ୍ତା ଜିଲାବାସୀଙ୍କୁ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଶା ସଞ୍ଚାର କରିଥିଲା। ତେବେ ପରିବର୍ତ୍ତିତ ଓ ସମ୍ଭାବ୍ୟ ରାଜ୍ୟନୀତି ଯୋଗୁ ରାଜ୍ୟର ଏହି ପ୍ରଥମ ନଦୀଭିତ୍ତିକ ବନ୍ଦର ଏବେ ପ୍ରଶ୍ନବାଚୀରେ ଗତି କରୁଛି। ଇତିମଧ୍ୟରେ ୫ ବର୍ଷ ବିତିଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏବେ ବିଜେଡି ପରିବର୍ତ୍ତେ ଭାଜପା ସରକାର ଗଠନ ହେବାକୁ ଯାଉଥିବା ବେଳେ ବନ୍ଦରର ଭାଗ୍ୟ ପଥର କିମ୍ବା ପତର ତଳେ ରହିବ ଆଗକୁ ଦେଖିବାକୁ ବାକି ରହିଛି ବୋଲି କେନ୍ଦ୍ରାପଡ଼ା ଜିଲାର ବହୁ ବୁଦ୍ଧିଜୀବୀ ମତ ରଖିଛନ୍ତି।

ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ସାମାଜିକ କର୍ମୀ ଗୟାଧର ଧଳ, ପ୍ରତାପ କୁମାର ତ୍ରିପାଠୀ, ସୁଶୀଲ କୁମାର ରାଉତ ପ୍ରମୁଖ କହିଛନ୍ତି, ଅର୍ଥନୈତିକ ବିକାଶ କ୍ଷେତ୍ରରେ ରାଜ୍ୟର ୨୬ତମ ସ୍ଥାନରେ ଥିବା କେନ୍ଦ୍ରାପଡ଼ା ଜିଲାକୁ ସର୍ବଦା ଅବହେଳା କରାଯାଇଛି। ଲୋକସମ୍ପଳ ବିନିଯୋଗ ପାଇଁ ସୁଚିନ୍ତିତ ଯୋଜନା ନାହିଁ। ତେବେ ରାଜନେତାମାନେ ଏଠାରେ ପ୍ରତିଶ୍ରୁତି ଦେବାରେ ସିଦ୍ଧହସ୍ତ ହୋଇଛନ୍ତି। ୨୦୦୯ ମସିହାରେ ଉପାନ୍ତ ଅଞ୍ଚଳରେ ଥିବା ବରୁଣେଇଠାରେ ବନ୍ଦର ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା।

ସେହିପରି ୨୦୧୪ ମସିହାରେ କେନ୍ଦ୍ରାପଡ଼ା ସହରର ବିକାଶ ସହିତ ମାର୍ଶାଘାଇ ବ୍ଲକ ଅଳାଇଲୋଠାରେ ପାୱାର ପ୍ଲାଣ୍ଟ ପାଇଁ ଘୋଷଣା ନିର୍ବାଚନ ପୂର୍ବରୁ ହେଲା। ଏହି ଦୁଇ ପ୍ରକଳ୍ପର ଆରମ୍ଭ ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ୨୦୧୯ ନିର୍ବାଚନ ପୂର୍ବରୁ ଆଖଡାଶାଳୀ ବନ୍ଦର,

- ନିର୍ମାଣ ଅପେକ୍ଷାରେ ଗଲାଣି ଦୀର୍ଘ ୫ ବର୍ଷ
- ୨୦୧୮ରେ ପୂର୍ବତନ ମୁଖ୍ୟମନ୍ତ୍ରୀ କରିଥିଲେ ଘୋଷଣା
- ବାର୍ଷିକ ୧୮ ନିୟୁତ ଟନ୍ ପଣ୍ୟ ପରିବହନର ଥିଲା ପ୍ରସ୍ତାବ

ମହାକାଳପଡ଼ାରେ ଏସିଆର ସର୍ବବୃହତ ଶିଳ୍ପ ପ୍ରକଳ୍ପର ଘୋଷଣା ହେଲା। ମହାକାଳପଡ଼ା ଆଖଡାଶାଳୀଠାରେ ନଦୀ ଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୮ରେ ଏହି ଜିଲା ଗସ୍ତ ଅବସରରେ ଘୋଷଣା କରିଥିଲେ। ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଜୁଲାଇରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବନ୍ଦର ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ସେହିପରି ବାର୍ଷିକ ୧୮.୪୩ ନିୟୁତ ଟନ୍ ପଣ୍ୟ କାରବାର ହେବ ବୋଲି ପ୍ରସ୍ତାବ ରହିଥିଲା। ରାଜ୍ୟ ସରକାରଙ୍କ ବୈଠକକୁ ୬ ବର୍ଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ୫ ବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣକୁ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ଏହି ନଦୀଭିତ୍ତିକ ବନ୍ଦର ନିର୍ମାଣ ନିର୍ବାଚନ ପୂର୍ବର ବରୁଣେଇ ବନ୍ଦର, ପାୱାର ପ୍ଲାଣ୍ଟ ପ୍ରତିଷ୍ଠା, କେନ୍ଦ୍ରାପଡ଼ା ସହରକୁ ଗୁରଗାଁଓ ପରି ଗଢ଼ି ତୋଳିବା ପ୍ରତିଶ୍ରୁତି ପରି ମିଳେଇ ଯାଉଛି। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ଏହି ପ୍ରତିଶ୍ରୁତି ପାଳନ ପାଇଁ ରାଜନେତା ଓ ପ୍ରଶାସକଙ୍କ କସରତ ୨୦୧୯ ନିର୍ବାଚନ ପରେ ଦେଖିବାକୁ ମିଳିଥିଲା।

ପାରାଦୀପ ପୋର୍ଟ ସହଯୋଗରେ ଆଖଡାଶାଳୀର ଉନ୍ନତୀକରଣ ଓ ଆର୍ସେଲର ମିତ୍ତଲ ସହିତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ଏମ୍‌ଓୟୁ ହେଉଥିବା ଆଲୋଚନା ହେଲା। ଏପରିକି ପୂର୍ବତନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ବନ୍ଦର ପ୍ରତିଷ୍ଠା ହେବ ବୋଲି ଜିଲା ଗସ୍ତରେ ଆସି ଦୃଢ଼ ପ୍ରତିଶ୍ରୁତି ଦେଇଗଲେ। ଇଣ୍ଡଷ୍ଟ୍ରିଆଲ କରିଡର ପାଇଁ ହୋଇଥିବା ଏହି କସରତର ଫଳ ଜିଲାବାସୀଙ୍କ ପାଇଁ ଏବେ ବି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିତ୍ତଲଙ୍କ ଇସ୍ପାତ କାରଖାନା ନିର୍ମାଣ କାର୍ଯ୍ୟ କେବେଠାରୁ ଆରମ୍ଭ ହୋଇ ଶେଷ ହେବ, କଞ୍ଚାମାଲ କେଉଁଠୁ ଆସିବ, କାରଖାନାରୁ କେବେ ଉତ୍ପାଦ ବାହାରିବ ଆଦି ପ୍ରଶ୍ନର ଉତ୍ତର ଅଦ୍ୟାବଧି ଜିଲାବାସୀ ପାଇ ପାରୁନାହାନ୍ତି। ରାଜ୍ୟ ସରକାର ପରିବର୍ତ୍ତନ ପରେ ଏହି ପ୍ରକଳ୍ପ କିପରି ରହିବ ବୋଲି ଆଶଙ୍କା ରହିଛି। ଏହି ବନ୍ଦର ପ୍ରତିଷ୍ଠା ହୋଇଥିଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜିଲାର ୧୫ ହଜାରରୁ ଅଧିକ ଲୋକଙ୍କୁ କର୍ମନିଯୁକ୍ତି ମିଳିବାର ଆଶା ଥିଲା ବୋଲି ସେମାନେ ମତ ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରାଜେଶ



@ ବିଶ୍ୱଜିତ୍



@ ଓମ୍ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



## ରଜ ମହୋତ୍ସବ ନୃତ୍ୟରେ ଝୁମିଲେ ଦର୍ଶକ

**ଏରସମା,୭।୬(ଦୀପ୍ତି ଖଣ୍ଡୁଆଳ):** ଏରସମା ବ୍ଲକ ମୁଖ୍ୟାଳୟର ଦେବୀ ପଡ଼ିଆରେ ରଜ ମହୋତ୍ସବ ଆରମ୍ଭ ହୋଇଛି। ରଜ ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଲେପୁରର ନ୍ୟୁ ଷ୍ଟାଇଲ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ରେକର୍ଡ ନୃତ୍ୟ, ଏକକ ଅଭିନୟ, ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କମିଟିର ସଭାପତି ସମୀର କୁମାର ମଲ୍ଲିକ, ସମ୍ପାଦକ ନିରାକାର ସ୍ୱାଇଁ, ଉପଦେଷ୍ଟା ଉମାକାନ୍ତ ତରାଇଙ୍କ ସହ ଏରସମା ଗ୍ରାମବାସୀ ସହଯୋଗ କରିଥିଲେ। ସହସ୍ରାଧିକ ଲୋକ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଅଟୋକୁ ଧକ୍କା ଦେଲା ଟ୍ରକ୍: ୪ ଗୁରୁତର

ଆଳି,୭।୬(ବନମାଳୀ ସେନାପତି)



କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ଅନ୍ତର୍ଗତ ସିଙ୍ଗିରି ଛପୋଲିଆ ନିକଟରେ ଶୁକ୍ରବାର ସକାଳେ ଏକ ଅଟୋକୁ ପଛପଟରୁ ଏକ ଟ୍ରକ୍ ଧକ୍କା ଦେବାରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ, ରାଜକନିକା ଥାନା ଅନ୍ତର୍ଗତ ପେଗରପଡା ଗ୍ରାମର ଗୋଟିଏ ପରିବାରର ରଶ୍ମିତା ସେଠୀ, ବାସନ୍ତୀ ସେଠୀ, ମହେନ୍ଦ୍ର ସେଠୀ ଅଟୋ ନଂ. ଓଡି ୨୯ଏମ୍ ୬୯୮୫ ଅଟୋରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ସିଙ୍ଗିରି ଛପୋଲିଆ ନିକଟରେ ରାଜକନିକା ପଟରୁ ଦ୍ରୁତ ବେଗରେ କେନ୍ଦ୍ରାପଡ଼ା ଆଡ଼କୁ ଯାଉଥିବା ଟ୍ରକ୍ ନଂ. ଓଡି ୫ ଏଆର ୮୨୮୩ ଅଟୋକୁ ପଛପଟୁ ଧକ୍କା ଦେଇ କିଛି ଦୂରକୁ ଘୋଷାଡ଼ି ନେଇଥିଲା। ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଅଟୋରୁ ଛିଟିକି ପଡିଥିବା ରଶ୍ମିତା,ବାସନ୍ତୀ, ମହେନ୍ଦ୍ରଙ୍କୁ ଆମ୍ବୁଲାନ୍ସରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍ଗୀନ ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ ଅଟୋ ଚାଳକ କାହ୍ନୁ ଚରଣ ମଳିକଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ଓ ଟ୍ରକ୍‌କୁ ଜବତ କରି ଥାନାରେ ରଖିଛି।

## ଲକ୍ଷ୍ମୀ ବସ୍‌ରୁ ଶଙ୍ଖ ଚିହ୍ନ ଥିବା ଲକ୍ଷ୍ମୀ ଉଭାନ

ରାଜକନିକା,୭।୬(ସଞ୍ଜୟ କୁମାର ଦାଶ)



ଲକ୍ଷ୍ମୀ ବସ୍‌ରୁ ଶଙ୍ଖ ଚିହ୍ନ ଥିବା ଷ୍ଟିକର ଲକ୍ଷ୍ମୀ ଉଭାନ ହୋଇଛି। ସରକାର ପରିବର୍ତ୍ତନ ହେଲେ ସରକାରୀ ଯୋଜନା ଉପରେ କ'ଣ ପ୍ରଭାବ ପଡ଼େ ତାହା ଦେଖିବାକୁ ମିଳିଛି। ଦୀର୍ଘବର୍ଷ ଶାସନରେ ଥିବା ବିଜେଡି ବା ନବୀନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାରୁ ଲକ୍ଷ୍ମୀ ବସ୍ ଯୋଜନା ଅନ୍ୟତମ। ସରକାର ପରିବର୍ତ୍ତନ ହେବା ଫଳରେ ବସ୍‌ରେ କିଛି ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଛି। ଯଦିଓ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିଛି, ଏକାକୀ ସରକାର ଗଠନ କରିବ। ହେଲେ ସରକାର ଗଠନ ପୂର୍ବରୁ ବସର ଚିତ୍ରପଟରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ନିର୍ବାଚନ ଫଳାଫଳ ବିଧିବଦ୍ଧ ଭାବେ ଘୋଷଣା ପରେ ଲକ୍ଷ୍ମୀ ବସ୍‌ରୁ ଶଙ୍ଖ ଚିହ୍ନ ଥିବା ଲକ୍ଷ୍ମୀ ଲୋଗୋକୁ କାଢି ଦିଆଯାଇଛି। ଏହା ହେଉଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ ଚାଲୁଥିବା ଲକ୍ଷ୍ମୀ ବସ୍‌ର ଚିତ୍ର। କିଛିଦିନ ପୂର୍ବେ ଏହି ଯୋଜନା ପୂର୍ବତନ ବିଜେଡି ସରକାର ଆରମ୍ଭ କରିଥିବା ବେଳେ, ନିର୍ବାଚନ ପରେ ଏହାର ଚିତ୍ର ବଦଳି ଯାଇଛି। ଏ ସମ୍ପର୍କରେ ରାଜକନିକା ବସ୍‌ଷ୍ଟାଣ୍ଡ ଦାୟିତ୍ୱରେ ଥିବା ସୁପର ଭାଇଜର ସୂର୍ଯ୍ୟକାନ୍ତ ବାରିକ ଏବଂ ସମୀର କୁମାର ବିଶ୍ୱାଳଙ୍କୁ ପଚାରିବାରେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଥିବା ବେଳେ ରାତ୍ରି ଦାୟିତ୍ୱରେ ଥିବା ସିକ୍ୟୁରିଟି କହିଛନ୍ତି, ବୁଧବାର ବିଳମ୍ବିତ ରାତ୍ରିରେ କିଏ ଆସିଥିଲେ ପରେ ଆଉ ଚିହ୍ନି ନାହିଁ। କିନ୍ତୁ ହେଡ ଅଫିସରୁ ଆସିଥିବା କଥା କହିବାରୁ ଗେଟ୍ ଖୋଲିଥିଲି। ସେମାନେ ବସ୍‌ରେ ଲାଗିଥିବା ଷ୍ଟିକରକୁ ଉଠାଇଥିବା କହିଥିଲେ। ତେବେ ଏହି ଲକ୍ଷ୍ମୀ ବସ ଯୋଜନାକୁ ଓଏସ୍‌ଆର୍‌ଟିସି ମୁମ୍ବାଇର ଏକ ଘରୋଇ ସଂସ୍ଥାକୁ ଚଳାଇବା ପାଇଁ ଟେଣ୍ଡର ଦିଆଯାଇଥିବା ବେଳେ, କିଏ କାହିଁକି ଓ କାହା ନିର୍ଦ୍ଦେଶରେ ଷ୍ଟିକରଗୁଡ଼ିକୁ କାଢିଲା ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ରାଜକନିକା ବିଡିଓଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ।

## ଭଙ୍ଗା ଚାଳଘରେ ଦିନ କଟୁଛି

ଜେନାପୁର,୭।୬(ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ବିଧବା ବାସନ୍ତୀ ରାଉତ ତାଙ୍କ ପୁଅଙ୍କ ସହ ଏକ ଭଙ୍ଗା ଚାଳଘରେ ଦିନ କାଟୁଛନ୍ତି। ଘରେ ଖଣ୍ଡେ ପାଇଁ ସେ ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସଫଳ ହୋଇ ପାରିନାହାନ୍ତି। ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି ଏହି

**ପକ୍କାଘର ଅପେକ୍ଷାରେ ବାସନ୍ତୀ**

ପରିବାର। ବାସନ୍ତୀଙ୍କୁ କେବଳ ଭତ୍ତା ଓ ଚାଉଳ ମିଳୁଛି। ସେ ଘର ଖଣ୍ଡେ ପାଇଁ ବାରମ୍ବାର ଅଭିଯୋଗ କଲା ପରେ ବି କୌଣସି ଜନପ୍ରତିନିଧି ସହଯୋଗ କରୁ ନ ଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏଥିସହିତ ପ୍ରଶାସନ ତାଙ୍କ ପ୍ରତି ଧ୍ୟାନ ଦେବାକୁ ସେ ନିବେଦନ କରିଛନ୍ତି।



ଭଙ୍ଗା ଚାଳଘରେ ବାସନ୍ତୀ ରାଉତ ତାଙ୍କ ପରିଚୟପତ୍ର ଦେଖାଉଛନ୍ତି।



କାଏମା ବଜାରରେ ଜମିରହିଥିବା ବର୍ଷା ପାଣି।

## ଅସରାଏ ବର୍ଷାରେ କାଏମା ବଜାରରେ ଜମୁଛି ପାଣି

କାଏମା,୭।୬(ଶିବପ୍ରସାଦ ମହାନ୍ତି)

- ଡ୍ରେନ୍ ଅଛି, ସଫେଇ ହେଉନି
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ବଜାରରେ ଅସରାଏ ବର୍ଷା ହେଲେ ପାଣି ଜମିରହୁଛି। ଫଳରେ ଯାତାୟାତ ପ୍ରଭାବିତ ହେଉଛି। ଏ ସମସ୍ୟା ଆଜିର ନୁହେଁ ବରଂ ବର୍ଷ ବର୍ଷ ଧରି ଲାଗିରହିଛି। ଏଠାରେ ଡ୍ରେନଜ୍ ବ୍ୟବସ୍ଥା ରହିଛି। ହେଲେ ତାହା ସଫେଇ ହେଉନାହିଁ। ତେଣୁ ଡ୍ରେନ ଜାମ ହେତୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଏହି ବଜାର ଉପରେ ନିତିଦିନିଆ ଜିନିଷ କିଣା ବିକା ପାଇଁ ଶହଶହ ଲୋକେ ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଡ୍ରେନେଜ୍ ବ୍ୟବସ୍ଥା କରାଯାଇଥିଲା। ଡ୍ରେନ ନିର୍ମାଣ ସମୟରେ ଠିକ କାମ କରାଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସନ୍ଧ୍ୟା ପରେ ବ୍ଲକ କାର୍ଯ୍ୟାଳୟ ଖୋଲା ରହିବାରୁ ବିରୋଧ

କୁଜଙ୍ଗ,୭।୬(ମନୋଜ ପ୍ରଧାନ)



- ଆଦର୍ଶ ଆଚରଣ ବିଧି ଉଠିଲା
- ବ୍ଲକ କାର୍ଯ୍ୟାଳୟରେ ଠିକାଦାର, ରାଜନୈତିକ ବ୍ୟକ୍ତିଙ୍କ ଭିଡ
- ତରବରିଆ ଭାବେ ବିଲ ପାସ ନ କରିବାକୁ ଚେତାବନୀ

ଗୁରୁବାର ନିର୍ବାଚନ ଆଚରଣ ବିଧି ଉଠିବା ପରେ ଶୁକ୍ରବାର ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସମେତ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କେତେଜଣ ସମର୍ଥକ ଓ ଠିକାଦାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଭିଡ଼ ଜମାଇଥିଲେ। ଏପରିକି ସନ୍ଧ୍ୟା ପ୍ରାୟ ୭ଟା ୩୦ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ଖୋଲା ରହିଥିଲା।

ଏହାକୁ କେତେଜଣ ସରପଞ୍ଚ ଓ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ବିରୋଧ କରିଛନ୍ତି। ଏବେ କୌଣସି ଜରୁରିକାଳୀନ ପରିସ୍ଥିତି ନ ଥିବା ବେଳେ ସନ୍ଧ୍ୟା ପରେ କାହିଁକି ବ୍ଲକ କାର୍ଯ୍ୟାଳୟ ଖୋଲାରହିଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ପାରାଦୀପଗଡ଼ ସରପଞ୍ଚଙ୍କ ପ୍ରତିନିଧି ଆଇନଜୀବୀ ସଞ୍ଜୟ ବେହେରା, ଭୂତମୁଣ୍ଡାଇ ସରପଞ୍ଚ ରୋହିତ୍ ଜେନା, ବାଲିଆ ସରପଞ୍ଚ ସରୋଜିନୀ ନାୟକ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ମଙ୍ଗରାଜପୁର ସରପଞ୍ଚ ପ୍ରମୋଦ ବେହେରା, ଜିଳାନାଶି ସରପଞ୍ଚଙ୍କ ପ୍ରତିନିଧି ଅଭୟ ପରିଡ଼ା, ବନିତୋ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଗୋଚ୍ଛାୟତ ପ୍ରମୁଖ ପହଞ୍ଚି ତୁରନ୍ତ କାର୍ଯ୍ୟାଳୟ ବନ୍ଦ କରିବାକୁ କହିବା ସହ ଆଗାମୀ ଦିନରେ ବିନା କାରଣରେ ରାତିରେ ଓ ଛୁଟି ଦିବସରେ କାର୍ଯ୍ୟାଳୟ ଖୋଲା ରହିଲେ ତାଲା ପକାଇ ଦିଆଯିବ ବୋଲି ସେମାନେ କହିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଯାଇଛି। ଏନେଇ ଶେଷ ହୋଇଥିବା ଓ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ବିଲ୍ କିପରି ମିଳିବ ସେନେଇ ଠିକାଦାରମାନଙ୍କୁ ଚିନ୍ତା ଘାରିଛି। ଆଦର୍ଶ ନିର୍ବାଚନ ଆଚରଣ ବିଧି ଆଇନ ଉଠିଯିବା ପରେ ଠିକାଦାରମାନେ ଏସବୁ ପ୍ରକଳ୍ପର ବିଲ୍ କରାଇନେବାକୁ ବ୍ଲକ କାର୍ଯ୍ୟାଳୟରେ ଭିଡ଼ ଜମାଇଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ବିରୋଧ କରାଯିବା ସହ ତରବରିଆ ଭାବେ ବିଲ୍ ପାସ୍ ନ କରିବାକୁ ଆଇନଜୀବୀ ବେହେରା ଓ ଅଗପାଳ ସରପଞ୍ଚ ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ମୋବାଇଲ ଉଠାଇ ନ ଥିଲେ।

# ପାନୀୟ ଜଳ ସମସ୍ୟା ସୁଧାରିବାରେ ପ୍ରଶାସନ ବିଫଳ

ନୟାଗଡ଼/ନୂଆଗାଁ, ୭।୬
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏ ନେଇ ବିଭିନ୍ନ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସହ ଆନ୍ଦୋଳନ ହୋଇ ଆସିଛି। ପାନୀୟ ଜଳ ଯୋଗାଣ ପାଇଁ ମାଳମାଳ ଯୋଜନା ସାଙ୍ଗକୁ ଅନେକ କୋଟି ଟଙ୍କା ବ୍ୟୟ ହେଉଛି। ତଥାପି ପାନୀୟ ଜଳ ସମସ୍ୟା ସୁଧାରିବାରେ ପ୍ରଶାସନ ବିଫଳ ହୋଇଛି।

ନୂଆଗାଁ ବ୍ଲକରେ ପାନୀୟ ଜଳ ସମସ୍ୟା ଏକ ପ୍ରମୁଖ ସମସ୍ୟା ହୋଇଛି। ବ୍ଲକର ସଦର ପଞ୍ଚାୟତ ନୂଆଗାଁ ଗ୍ରାମରେ ପାନୀୟ ଜଳ ଅଭାବ ନେଇ ବାରମ୍ବାର ଅଭିଯୋଗ ପରେ ଡାଲା ଅଟୋରେ ଟାଙ୍କି ଲୋଡ କରି ପାଣି ଯୋଗାଇ ଦିଆଯାଉଛି। ତେବେ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପାଖରେ ପାନୀୟ ଜଳ ଯୋଗାଣ ହୋଇ ନ ଥିବାବେଳେ ଅନ୍ୟ ପଞ୍ଚାୟତର ଅବସ୍ଥା ସହଜରେ ଅନୁମେୟ। ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ପ୍ରଥମ ସମିତି ବୈଠକରେ ନୂଆଗାଁ ବ୍ଲକରେ ପାନୀୟ ଜଳ ଯୋଗାଣ ସମସ୍ୟାକୁ ଦୂର କରିବା ପାଇଁ ଦୃଢ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏପରିକି ଅର୍ଥ ବ୍ୟୟ କରି ବିଭିନ୍ନସ୍ଥାନରେ ଜଳ ପ୍ରକଳ୍ପମାନ ନିର୍ମାଣ କରାଗଲା। ହେଲେ ଜଳ ଯୋଗାଣ ହୋଇପାରିଲାନାହିଁ। ପ୍ରକଳ୍ପ ନିର୍ମାଣରେ ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଓ ଠିକାଦାର ଲାଭବାନ ହେଲେ କିନ୍ତୁ ଜନସାଧାରଣଙ୍କୁ କୌଣସି ସୁଫଳ ମିଳିଲାନାହିଁ।

ସିଙ୍ଗାରପଲି ଶୁଣ୍ଡିଖୋଲା ଗ୍ରାମରେ ଲୋକମାନେ ଚୁଆପାଣିକୁ ଭରସା କରୁଥିଲେ। ତେଣୁ ସେମାନଙ୍କୁ ପାଇପ୍ ଯୋଗେ ପାଣି ଯୋଗାଇ ଦେବା ପାଇଁ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ କରାଗଲା। ପ୍ରକଳ୍ପ ନିର୍ମାଣ ସରିବାର ଦୀର୍ଘ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ସେଠାରେ ପାଇପ ଯୋଗେ ଜଳ ଯୋଗାଣ ହୋଇପାରିଲାନାହିଁ। ବାହାଡାଖୋଲା ପଞ୍ଚାୟତ ଗଡେଇବନ୍ଧ ଗ୍ରାମ ସମେତ ଅନେକ ଗାଁରେ ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତାରୋକୋ କରାଯାଇଥିଲା। ଉଦୟପୁର ପଞ୍ଚାୟତ ହରିପୁର ଗ୍ରାମରେ ପାନୀୟ ଜଳ ଅଭାବରେ ଲୋକେ ଅତିଷ୍ଠ ହୋଇ ଗରାବାଲଟି ଧରି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସିକ୍ରିଡା ପଞ୍ଚାୟତ ଅମେଇମୁହାଁ ଗ୍ରାମରେ ପାନୀୟ ଜଳ ନ ଥିବାରୁ ଗ୍ରାମବାସୀ ନଦୀରେ ଚୁଆ କରି ପାଣି ଆଣୁଛନ୍ତି। ଏଭଳି ଅନେକ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିଲେ ମଧ୍ୟ କେଉଁଠି ହେଲେ ସମସ୍ୟାର ସ୍ଥାୟୀ ସମାଧାନ କରାଯାଇନାହିଁ। ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ବିଭିନ୍ନ ସମୟରେ ପଞ୍ଚାୟତରୁ ଅର୍ଥ, ଗ୍ରାମ ପରିମଳ ଓ ଜଳ ଯୋଗାଣ ବିଭାଗରୁ ଅର୍ଥ ଦିଆଯାଉଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟା ଦୂର ନ ହେବା ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେଉଁଠି ଜଳ ଯୋଗାଣ ପ୍ରକଳ୍ପ ଅଧପନ୍ତରିଆ ଭାବେ ପଡି ରହିଛି ଆଉ କେଉଁଠାରେ ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନି। ଆଉ କେଉଁଠି ଟାଙ୍କିକୁ ପାଣି ଉଠୁନି। ନୂଆଗାଁ ବ୍ଲକର ପାନୀୟ ଜଳ ସମସ୍ୟା ଦୂର ବାବଦରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଆମେ ଚେଷ୍ଟା କରୁଛୁ। ପାନୀୟ ଜଳର ଯେପରି ଅଭିଯୋଗ ନ ଆସେ ସେ ବ୍ୟବସ୍ଥା କରିବା ସହ ଲୋକଙ୍କୁ ପାଣି ଯୋଗାଇ ଦେବା ପାଇଁ ବିଭାଗୀୟ ଯନ୍ତ୍ରୀ ଓ ସରପଞ୍ଚମାନଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଶୁଣ୍ଡିଖୋଲା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ୍ୟ ସମ୍ପୃକ୍ତ ସରପଞ୍ଚ ଦାୟିତ୍ୱ ନେଉ ନାହାନ୍ତି ବୋଲି ଆରଡବ୍ଲୁଏସ୍ଏସ୍ ଯନ୍ତ୍ରୀ ସିଲାପ୍ରିୟା ସେଠୀ କହିଛନ୍ତି।




ଢିପାମାଳ ଗ୍ରାମରେ ଅଧାପନ୍ତରିଆ ପ୍ରକଳ୍ପ। ଶୁଣ୍ଡିଖୋଲାରେ ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉନି ।

### ନୂଆଗାଁ ବ୍ଲକ୍‌ରେ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜେଶ



@ ବିଶ୍ୱଜିତ୍



@ ଓମ୍‌ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କପିଳେଶ୍ୱରଙ୍କ ଯଜ୍ଞ ପାଇଁ କଳସଯାତ୍ରା



କଳସ ଯାତ୍ରାରେ ମହିଳା ଓ ପୁରୁଷମାନେ ।

ଦଶପଲ୍ଲା,୭।୬
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସିମିଳିସାହି ପଞ୍ଚାୟତର ଦେଢଶର ଗ୍ରାମରେ ଥିବା କପିଳେଶ୍ୱର ଦେବଙ୍କ ମନ୍ଦିରର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ କୁଆଁରିଆ ନଦୀ ତଟରୁ କଳସରେ ଜଳ ଭରି ମହିଳାପୁରୁଷ ଏକ ଶୋଭାଯାତ୍ରାରେ ବାହାରି ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ମନ୍ଦିରଠାରେ କଳସ ସ୍ଥାପନ କରିଥିଲେ। ଏଥି ନିମନ୍ତେ ମନ୍ଦିର ପରିସରରେ ହୋମ ଯଜ୍ଞ, ନାମ ସଂକୀର୍ତ୍ତନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଉତ୍ସବରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ, ପୂର୍ବତନ ଚେୟାରମ୍ୟାନ ଉପେନ୍ଦ୍ର କୁମାର ସାହୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।

# ସରକାରଙ୍କ ୩ ବର୍ଷିଆ ବଦଳି ଯୋଜନା କାର୍ଯ୍ୟକାରୀ ହେଉ

ଖଣ୍ଡପଡ଼ା,୭।୬(ଅଜୟ କୁମାର ମହାରଣା)

ସମ୍ପ୍ରତି ଏକଚାଟିଆ ଭାବେ ଶାସନ ଦାୟିତ୍ୱରେ ଥିବା ବିଜେଡି ସରକାରଙ୍କ ପତନ ଘଟିଛି। ସରକାର ପରିବର୍ତ୍ତନ ହୋଇ ଏବେ ଭାଜପା ସରକାର ଶାସନ ଗାଦି ସମ୍ଭାଳିବ। ଏ ପରିପ୍ରେକ୍ଷୀରେ ସରକାର ବଦଳି ହେବା ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଦୀର୍ଘବର୍ଷରୁ କାର୍ଯ୍ୟ କରି ଆସୁଥିବା ତଥା ବିଭିନ୍ନ ପଦପଦବୀରେ ଥିବା ପ୍ରଶାସକମାନଙ୍କ ଅନ୍ୟତ୍ର ବଦଳି ହେବା ଆବଶ୍ୟକ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଖଣ୍ଡପଡ଼ା ବ୍ଲକ, ତହସିଲ, ଏନ୍ଏସି କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଦୀର୍ଘବର୍ଷ ଧରି ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକରି ଆସୁଥିଲେ ହେଁ ସେମାନଙ୍କର ଅନ୍ୟତ୍ର ବଦଳି ହେଉ ନ ଥିବା ଜଣାପଡିଛି। ବିଭିନ୍ନ ବିଭାଗରେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନେକ ସରକାରୀ କର୍ମଚାରୀ କାର୍ଯ୍ୟ କରୁଥିବା ଜଣାପଡିଛି। ଗୋଟିଏ ଗୋଟିଏ ପଦବୀରେ ଦୀର୍ଘବର୍ଷ ଧରି କାର୍ଯ୍ୟକରି ଆସୁଥିବା ପ୍ରଶାସକମାନେ ନିଜର ପତିଆରା ଜାହିର କରି ସେବା ନାମରେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ରାଜ୍ୟ ସରକାର ପ୍ରଶାସନିକ ଅଧିକାରୀମାନଙ୍କ କ୍ଷେତ୍ରରେ ଏକ ୩ ବର୍ଷିଆ ବଦଳି ଯୋଜନା କାର୍ଯ୍ୟକାରୀ କରିଥିଲେ। ମାତ୍ର ରାଜ୍ୟ ସରକାରଙ୍କ ଏହି ୩ ବର୍ଷିଆ ବଦଳି ଯୋଜନା ପ୍ରହସନରେ ପରିଣତ ହୋଇଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋଟିଏ ଗୋଟିଏ ପଦବୀରେ ବର୍ଷ ବର୍ଷ ଧରି କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ଦୁର୍ନୀତିରେ ଲିପ୍ତଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ବିଭିନ୍ନ ବିଭାଗରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କର ଅନ୍ୟତ୍ର ବଦଳି ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଖଣ୍ଡପଡ଼ା ଥାନା ଇଲାକାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ

ଖଣ୍ଡପଡ଼ା,୭।୬(ଅଜୟ କୁମାର ମହାରଣା)

### ନିର୍ବାଚନ ପରବର୍ତ୍ତୀ ହିଂସା

ନିର୍ବାଚନ ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ, ଶାନ୍ତି ଶୃଙ୍ଖଳା ଭଙ୍ଗ ଆଦି ଘଟଣାମାନ ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଥାନା ଅଧୀନ ସମସ୍ତ ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ନୟାଗଡ଼ ଏସ୍‌ପି ରାହୁଲ ଜୈନ ଖଣ୍ଡପଡ଼ା ଥାନା ପୋଲିସକୁ କଡା ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ବିଶେଷକରି ନିର୍ବାଚନ ପରବର୍ତ୍ତୀ ସମୟରେ ଗାଁ ଗାଁରେ ଯେପରି କୌଣସି ଗଣ୍ଡଗୋଳ ଘଟଣା ନ ଘଟେ ଶାନ୍ତି ଶୃଙ୍ଖଳା ବଜାୟ ରହିବ ସେ ଦିଗରେ ଗ୍ରାମର ଜନସାଧାରଣ ସଚେତନ ରହିବାକୁ ଏସ୍‌ପି ଜୈନ ପରାମର୍ଶ ଦେଇଛନ୍ତି। ଖଣ୍ଡପଡା ଥାନା ଅଧୀନ କଣ୍ଟିଲୋ, ଗଡିଆସାହି ଓ କୋସକା ଫାଣ୍ଡି ଅଞ୍ଚଳରେ ଥିବା ଗ୍ରାମଗୁଡିକ ପ୍ରତି ସମ୍ପୃକ୍ତ ଫାଣ୍ଡି ଅଧିକାରୀ କଡ଼ା ନଜର ଦେବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ ରହିଛି। ନୟାଗଡ ଏସ୍‌ପି ଜୈନ ଖଣ୍ଡପଡ଼ା ଅଞ୍ଚଳକୁ ଗସ୍ତରେ ଆସି ବିଭିନ୍ନ ଗ୍ରାମ ପରିଦର୍ଶନ କରି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିବା ଜଣାଯାଇଛି। ଏ ପରିପ୍ରେକ୍ଷୀରେ ବିଭିନ୍ନ ଛକ, ବଜାର ଓ ସନ୍ଦେହଜନକ ସ୍ଥାନରେ ଏବେ ପୋଲିସ ବାହିନୀ ଉପସ୍ଥିତ ରହି ସତର୍କ ନଜର ରଖୁଥିବା ପରିଲକ୍ଷିତ ହୋଇଛି। ବିଶେଷକରି ଗାଁରେ ହିଂସାକୁ ରୋକିବା ଦିଗରେ ନୟାଗଡ଼ ଜିଲା ଏସ୍‌ପିଙ୍କ ପ୍ରୟାସକୁ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ସଚେତନ ନାଗରିକ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ଓ ଯୁବବର୍ଗଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

# ନିର୍ବାଚନ ପରବର୍ତ୍ତୀ ବିଜେଡି ପକ୍ଷରୁ ସମୀକ୍ଷା ବୈଠକ



ବିଜେଡିର ସମୀକ୍ଷା ବୈଠକରେ ଯୋଗଦେଇଥିବା ନେତା ଓ କର୍ମୀମାନେ ।

ଖଣ୍ଡପଡା,୭।୬(ଅଜୟ କୁମାର ମହାରଣା)

୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ମା' କଳାପାଟ ଠାକୁରାଣୀଙ୍କ ପୀଠରେ ନିର୍ବାଚନ ପରବର୍ତ୍ତୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଖଣ୍ଡପଡ଼ା ବ୍ଲକର ୩୯ଜଣ ସରପଞ୍ଚ ଓ ସମିତିସଭ୍ୟାସଭ୍ୟଙ୍କ ସମେତ ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଏବଂ ଜିଲା ପରିଷଦ ସଦସ୍ୟ ପ୍ରମୁଖ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀ, ସଙ୍ଗଠକ ଉପସ୍ଥିତ ରହି ପରାଜୟର ସମୀକ୍ଷା କରିଥିଲେ। ତେବେ ଆଗାମୀଦିନରେ ସମସ୍ତେ ସଙ୍ଗଠିତ ହୋଇ ଜନସାଧାରଣଙ୍କ ନିକଟତର ହେବା ସହ ଦଳକୁ ମଜଭୁତ କରିବା ପାଇଁ ଶପଥ ନେଇଥିଲେ। ବୈଠକରେ ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉପସ୍ଥିତ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ।

# ସ୍କୁଟି ସହ ଗଞ୍ଜେଇ ଜବତ, ଯୁବକ ଗିରଫ

ବ୍ରହ୍ମପୁର,୭।୬ (ସୁବାସ ଚନ୍ଦ୍ର ପାଢ଼ୀ):

ଗୋସାଇଁ ନୂଆଗାଁ ଥାନା ମାଛବନ୍ଧ ନିକଟରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କଠାରୁ ଗଞ୍ଜେଇ ଜବତ ହୋଇଛି। ତାଙ୍କ ସ୍କୁଟିକୁ ମଧ୍ୟ ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଅନ୍ତରବା ଖ୍ରୀଷ୍ଟିଆନ ସାହିର ରୋହେନ କୁମାର ମାଲି(୨୩)। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସ୍କୁଟିରେ ଏକ ବସ୍ତା ଧରି ଯାଉଥିବା ଯୁବକଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଥାନା ଏସଆଇ ପବିତ୍ର ମୋହନ ପଲେଇ ଓ ତାଙ୍କ ଟିମ ଯାଞ୍ଚ କରିବାରେ ଉକ୍ତ ବସ୍ତା ଭିତରୁ ୨୪ କେଜି ୧୮୦ ଗ୍ରାମ ଗଞ୍ଜେଇ ବାହାରିଥିଲା । ପୋଲିସ ସ୍କୁଟି ସହ ଗଞ୍ଜେଇକୁ ଜବତ କରିଥିଲା । ଅଭିଯୁକ୍ତ ରୋହେନ ଗଜପତି ଜିଲାରୁ ଗଞ୍ଜେଇ ଆଣି ବ୍ରହ୍ମପୁରର ରେଳ ଷ୍ଟେଶନକୁ ଯାଇ ସେଠାରୁ ଟ୍ରେନ ଯୋଗେ ବାହାର ରାଜ୍ୟକୁ ଚାଲାଣ କରିଥାନ୍ତେ ବୋଲି ଜଣାପଡିଥିଲା। ଏ ନେଇ ନଂ.୧୪୧/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ରୋହେନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପଣ୍ଡୁସର ପୋଲକୁ ସଂଯୋଗ ରାସ୍ତା ନିର୍ମାଣରେ ବିଳମ୍ବ



ନୟାଗଡ଼,୭।୬ (ଲୋକନାଥ ମିଶ୍ର)

### ଯାତାୟାତରେ ବାଧା
### ବିପଦସଙ୍କୁଳ ପୁରୁଣା ପୋଲରେ ଲୋକେ ଯାଉଛନ୍ତି

ନୟାଗଡ଼ ଜିଲା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୂଆ ପଣ୍ଡୁସର ପୋଲ ନିର୍ମାଣ ହୋଇ ପ୍ରାୟ ୧ ବର୍ଷ ହେଲା ପଡି ରହିଛି। ପ୍ରାୟ ୫୦୦ ମିଟର ସଂଯୋଗ ରାସ୍ତା ନିର୍ମାଣ ନ ହେବାରୁ ନୂଆ ପୋଲ କାର୍ଯ୍ୟକ୍ଷମ ହୋଇପାରୁନି। ଏଣୁ ପୁରୁଣା ବିପଦସଙ୍କୁଳ ପୋଲରେ ଲୋକେ ଯାତାୟାତ କରୁଛନ୍ତି। ପୋଲର ସଂଯୋଗ ରାସ୍ତାକୁ ତୁରନ୍ତ ଶେଷ କରିବାକୁ ନୟାଗଡ଼ ଜିଲାପାଳ ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏଯାବତ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଅପରପକ୍ଷେ ସଂଯୋଗ ରାସ୍ତା ତୁରନ୍ତ ଶେଷ କରି ନୂଆ ପୋଲକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ଛାତରୁ ପାଣି ଗଳୁଛି, ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ନାହିଁ

ଖଣ୍ଡପଡ଼ା,୭।୬(ଅଜୟ କୁମାର ମହାରଣା)



### ପଠାଣି ସାମନ୍ତ ସଂଗ୍ରହାଳୟ

ନୟାଗଡ଼ ଜିଲା ଖଣ୍ଡପଡାଠାରେ ଅବସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟଟି ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି। ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ବର୍ଷାଦିନେ ଛାତରୁ ପାଣି ଗଳୁଛି। ଫଳରେ ସଂଗ୍ରହାଳୟ ମଧ୍ୟରେ ସ୍ଥାନ ପାଇଥିବା ସାମଗ୍ରୀଗୁଡିକ ନଷ୍ଟ ହେବାରେ ଲାଗିଛି। ଘରର ଝରକା କବାଟ ସବୁକିଛି ଏବେ ନଷ୍ଟ ହେବାକୁ ବସିଛି।

ପ୍ରକାଶ ଥାଉକି ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ତଥା ସିଦ୍ଧାନ୍ତ ଦର୍ପଣର ରଚୟିତା ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜନ୍ମମାଟି ଖଣ୍ଡପଡ଼ାଠାରେ ଏହି ସଂଗ୍ରହାଳୟଟି ପ୍ରତିଷ୍ଠା ହେବା ପରେ ଏହା ଗତ ୮ବର୍ଷ ଧରି କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଏହି ସଂଗ୍ରହାଳୟଟି ୨୦୧୬ ଡିସେମ୍ବର ୨୫ରେ କାର୍ଯ୍ୟକ୍ଷମ ହୋଇଥିଲା। ବର୍ଷତମାମ ରାଜ୍ୟର କୋଣ ଅନୁକୋଣ ସମେତ ରାଜ୍ୟ ବାହାରରୁ ବହୁସଂଖ୍ୟାରେ ପର୍ଯ୍ୟଟକ ଓ ଛାତ୍ରୀଛାତ୍ରମାନେ ପଠାଣି ସାମନ୍ତ ସଂଗ୍ରହାଳୟକୁ ପରିଦର୍ଶନରେ ଆସି ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥାନ୍ତି। ସଂଗ୍ରହାଳୟଟି କାର୍ଯ୍ୟକ୍ଷମ ହେବା ପରଠାରୁ ୭ବର୍ଷ ମଧ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ, ଅନୁଷ୍ଠାର ଛାତ୍ରୀଛାତ୍ର ଓ ଗବେଷକମାନେ ଏଠାକୁ ଆସି ପଠାଣି ସାମନ୍ତଙ୍କ ଜୀବନ ଦର୍ଶନ ଓ ସୁଦୂରପ୍ରସାରୀ ପ୍ରତିଭା ସମ୍ପର୍କରେ ଜ୍ଞାନ ଆହରଣ କରିଥିବା ସଂଗ୍ରହାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି। ପଠାଣି ସାମନ୍ତଙ୍କ ଜୀବନ ବୃତ୍ତାନ୍ତ ସମ୍ପର୍କରେ ଅବଗତ ହୋଇ ପର୍ଯ୍ୟଟକମାନେ ବିଶେଷ ଆନନ୍ଦ ଅନୁଭବ କରୁଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଅଦ୍ୟାବଧି ଏଠାରେ ଏକ ଟେଲିସ୍କୋପ ଓ ମିନି ପ୍ଲାନେଟୋରିୟମ ପ୍ରତିଷ୍ଠା ହୋଇ ନ ପାରିବା ପରିତାପର ବିଷୟ। ସେହିପରି ସଂଗ୍ରହାଳୟ ସମ୍ମୁଖରେ ଯାନବାହନଗୁଡିକ ପାର୍କିଂ ନିମନ୍ତେ ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। କେବଳ ପର୍ଯ୍ୟଟନ ଋତୁ କାହିଁକି ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକ ଓ ଛାତ୍ରୀଛାତ୍ର ସଂଗ୍ରହାଳୟକୁ ପରିଦର୍ଶନରେ ଆସୁଥିବା ଜଣାପଡିଛି। ସଂଗ୍ରହାଳୟ କୋଠାର ଆନୁଷଙ୍ଗିକ ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ନତୁବା ଲୋକପ୍ରତିନିଧି କେହି ହେଲେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଯଦି ସଂଗ୍ରହାଳୟ କୋଠାର ମରାମତି କାର୍ଯ୍ୟ ଶୀଘ୍ର କରା ନ ଯାଏ ତାହା ହେଲେ ବର୍ଷା ପାଣି ଯୋଗୁ ତାହା ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ପଠାଣି ସାମନ୍ତ ସଂଗ୍ରହାଳୟଟିର ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ, ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ନଚେତ ନିକଟ ଭବିଷ୍ୟତରେ ସଂଗ୍ରହାଳୟ କୋଠାଟି ଭୁଶୁଡି ପଡି ଲକ୍ଷାଧିକ ଟଙ୍କା କ୍ଷୟକ୍ଷତି ହେବାର ଆଶଙ୍କା ପ୍ରକାଶ ପାଇଛି।



ନରେନ୍ଦ୍ର ମୋଦି ଏନ୍‌ଡିଏ ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ନୂଆଦିଲ୍ଲୀରେ ଭାଜପାର ବର୍ଷୀୟାନ ନେତା ଏଲ୍.କେ. ଆଡ୍‌ଭାନୀଙ୍କୁ ଭେଟୁଛନ୍ତି।



## ମୋଦିଙ୍କୁ ଦହି ଖୁଆଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୭।୬

ଭାଜପା ନେତା ନରେନ୍ଦ୍ର ମୋଦି ଶୁକ୍ରବାର ଏନ୍‌ଡିଏ ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ କେନ୍ଦ୍ରରେ ସରକାର ଗଢ଼ିବା ପାଇଁ ଆନୁଷ୍ଠାନିକ ଭାବେ ଆମନ୍ତ୍ରଣ କରିଛନ୍ତି। ରବିବାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଥିବା ମୋଦିଙ୍କୁ ରାଷ୍ଟ୍ରପତି ଏହି ଅବସରରେ ମିଠାଦହି ଖୁଆଇଥିଲେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେବା ପୂର୍ବରୁ ଦହି-ଚିନି ଖାଇବା ଭାରତୀୟ ସଂସ୍କୃତି ଅନୁଯାୟୀ ଶୁଭ ବିବେଚନା କରାଯାଇଥାଏ।

# ଯାଜପୁରରେ ପରିବାରବାଦ ରାଜନୀତି ବିଫଳ

ଯାଜପୁର,୭।୬(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ପରିବାରବାଦ ରାଜନୀତିକୁ ଭୋଟର ଏଥର ନାପସନ୍ଦ କରିଛନ୍ତି। ଫଳରେ ଚଳିତ ସାଧାରଣ ନିର୍ବାଚନରେ କୋରେଇ ଆସନରୁ ବିଜେଡିର ସନ୍ଧ୍ୟାରାଣୀ ଦାସ, ସୁକିନ୍ଦାରୁ ପ୍ରୀତିରଞ୍ଜନ ଘଡେଇ ଓ ଧର୍ମଶାଳାରୁ ପ୍ରଣବ ବଳବନ୍ତରାୟ ପରାଜିତ ହୋଇଛନ୍ତି। ଉତ୍ତରାଧିକାରୀ ଭାବେ ରାଜନୀତିକୁ ଆସିଥିବା ପ୍ରୀତିରଞ୍ଜନ ଓ ପ୍ରଣବ ପୂର୍ବରୁ ସଫଳ ହୋଇଥିବାବେଳେ ସନ୍ଧ୍ୟାରାଣୀ ଆରମ୍ଭରୁ ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିନାହାନ୍ତି।

ଯାଜପୁର ଜିଲା ଦାନଗଦି ଓ ସୁକିନ୍ଦା ବ୍ଲକକୁ ନେଇ ଗଠିତ ଖଣି ତଥା ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା ପ୍ରଫୁଲ୍ଲ ଘଡ଼େଇ ଏବଂ ତାଙ୍କ ପୁଅ ପ୍ରୀତିରଞ୍ଜନ ନିର୍ବାଚିତ ହୋଇ ଆସୁଥିଲେ। ଏପରି କି ବାପପୁଅ ଏକାଧିକ ମନ୍ତ୍ରୀ ପଦବୀ ପାଇଛନ୍ତି। ୩ ଦଶନ୍ଧି ମଧ୍ୟରେ ରାସ୍ତାଘାଟ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଆଦି ସମସ୍ୟା ଲାଗି ରହିଛି। ଏହାବାଦ୍ ବିସ୍ଥାପିତଙ୍କୁ ଥଇଥାନ ଓ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇ ନାହିଁ। ଅଣଓଡ଼ିଆ ଯୁବତୀଯୁବକଙ୍କୁ ଏଠାକାର ବଡ଼ବଡ଼ ଖଣି ଓ ଶିଳ୍ପ ସଂସ୍ଥାରେ ପ୍ରାଧାନ୍ୟ ଦିଆଯାଇଛି। ଗତ ୧୦ ବର୍ଷ ମଧ୍ୟରେ କୌଣସି ନିର୍ବାଚିତ ଲୋକ ପ୍ରତିନିଧି ସ୍ଥାନୀୟ ନିଯୁକ୍ତି ସପକ୍ଷରେ ମୁହଁ ଖୋଲିନାହାନ୍ତି। ବରଂ ସେହି ଶିଳ୍ପ ଓ ଖଣି କର୍ତ୍ତୃପକ୍ଷଙ୍କ ସହଯୋଗୀ ହୋଇଛନ୍ତି। ଏହାର ବିରୋଧରେ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ, ଦାବି ହୋଇ ଆସୁଥିଲେ ହେଁ କେହି ସେମାନଙ୍କ ଦୁଃଖ ବୁଝିବାକୁ ଆଗଭର ହୋଇନାହାନ୍ତି। ଏହା ବେକାର ଯୁବତୀଯୁବକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି କରିଆସିଥିଲା। ତାହା ଭୋଟରେ ରୂପାନ୍ତର ହେବାରୁ ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ୯୫୭୭ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କଠାରୁ ପରାସ୍ତ ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାୟ ୨ ଦଶନ୍ଧି ପରେ ଭାଜପା କ୍ଷମତାକୁ ଫେରିଛି। ୧୯୭୪ରୁ ୨୦୦୦ ପର୍ଯ୍ୟନ୍ତ ଏଠାରେ ଅଶୋକ ଦାସ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୩ରେ ଯାଜପୁର ଏକ ସ୍ୱତନ୍ତ୍ର ଜିଲା ମାନ୍ୟତା ପାଇଥିଲା। ଏହାପରେ ୨୦୦୯ରେ ଅଶୋକଙ୍କ ପୁଅ ପ୍ରଣବ ପ୍ରକାଶ ଦାସ(ବବି) ଯାଜପୁର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ହୋଇ ହ୍ୟାଟ୍ରିକ କରିଥିଲେ। ଚଳିତ ନିର୍ବାଚନରେ ସେ ବିଜେଡିରୁ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ହୋଇ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷେ କୋରେଇରେ ଯେହେତୁ ତାଙ୍କ ପିତା ଦୀର୍ଘବର୍ଷ ଧରି ପ୍ରତିନିଧିତ୍ୱ କରିଥିଲେ, ସେହି ଦୃଷ୍ଟିରୁ ତାଙ୍କ ମାଆ ସନ୍ଧ୍ୟାରାଣୀଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। କିନ୍ତୁ କୋରେଇ ଭୋଟର ଏହାକୁ ଗ୍ରହଣ କରିନାହାନ୍ତି। କୋରେଇ ନିର୍ବାଚନମଣ୍ଡଳୀରେ ଥିବା ବ୍ୟାସନଗର ପୌରାଞ୍ଚଳର ବିକାଶ ଅତି ନଗଣ୍ୟ ହୋଇଥିବାରୁ ସହରବାସୀ ଭାଜପା ସପକ୍ଷରେ ଯାଇଥିବା କୁହାଯାଉଛି। ବ୍ୟାସନଗର ସହରରେ ଯେଉଁ କେତେକ ସରକାରୀ କାର୍ଯ୍ୟାଳୟ ରହିଛି ସେହିସବୁକୁ ପୁଣି ଥରେ ଯାଜପୁର ଟାଉନକୁ ଉଠାଇ ନିଆଯିବ ବୋଲି ସହରବାସୀ ଆଶଙ୍କା କରିଥିଲେ। ଏହି କ୍ରମରେ ଭାଜପା ପ୍ରାର୍ଥୀ ଆକାଶ ଦାସନାୟକ ୫୬୪୬ ଭୋଟ ବ୍ୟବଧାନରେ ସନ୍ଧ୍ୟାରାଣୀଙ୍କୁ ପରାସ୍ତ କରିଛନ୍ତି।

ଲଘୁ ଖଣିଜ ସମ୍ପଦରେ ଭରପୂର ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ପରିବାରବାଦ ରାଜନୀତି ଚାଲି ଆସିଥିଲା। ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ କଳ୍ପତରୁ ଦାସ ଲଗାତର ବିଧାୟକ ନିର୍ବାଚିତ ହୋଇଆସିଥିଲେ। ୨୦୧୨ରେ ସେ ପଞ୍ଚାୟତିରାଜ ମନ୍ତ୍ରୀ ହୋଇଥିଲେ। ଏହାପରେ ତାଙ୍କ ପୁତ୍ର ପ୍ରଣବ ବଳବନ୍ତରାୟ ୨୦୧୪ରୁ ବିଧାୟକ ନିର୍ବାଚିତ ହୋଇ ଆସିଥିବାବେଳେ ଏଥର ତାଙ୍କର ହ୍ୟାଟ୍ରିକ ଲକ୍ଷ୍ୟ ରହିଥିଲା। କିନ୍ତୁ ତାହା ପୂରଣ ହେଲା ନାହିଁ। ପ୍ରାୟ ୩ ଦଶନ୍ଧି ହେଲା ଏହି ନିର୍ବାଚନମଣ୍ଡଳୀର ବହୁ ମୂଲ୍ୟବାନ କଳାପଥର ଲୁଟ ହୋଇଥିବା ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ହାଇକୋର୍ଟରେ ଅଭିଯୋଗ ହୋଇଛି। ଏପରି କି ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ କରି ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ନିର୍ଦ୍ଦେଶ ହୋଇଛି। ହେଲେ ଏହି ପ୍ରକ୍ରିୟାରେ ୧୦ରୁ ଊର୍ଦ୍ଧ୍ୱ ରାଜନୈତିକ ପ୍ରଭାବଶାଳୀ ପଥର ବ୍ୟବସାୟୀଙ୍କୁ ଛାଡି ଦିଆଯାଇଥିବାରୁ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଇଥିଲେ ବୋଲି ଆଲୋଚନା ହୋଇଥିଲା। ଏହାକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରି ନିର୍ବାଚନ ଲଢ଼ିଥିଲେ। ଏଥିରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ସଫଳତା ପାଇବା ସହ ସେ ୪୧୫୦ ଭୋଟ ବ୍ୟବଧାନରେ ବିଧାୟକ ପ୍ରଣବଙ୍କୁ ପରାଜିତ କରିଛନ୍ତି।

## ନୋଟାରୁ କମ୍ ଭୋଟ ପାଇଲେ ୭ ପ୍ରାର୍ଥୀ

ବଲାଙ୍ଗୀର, ୭।୬
(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ**

■ନୋଟାରେ ପଡିଲା ୧୬,୦୬୪ ଖଣ୍ଡ ଭୋଟ

ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ଫଳାଫଳ ବହୁ ଦିଗରୁ ପ୍ରାର୍ଥୀ, କର୍ମୀ ଏବଂ ସମର୍ଥକଙ୍କୁ ଚକିତ କରିଛି। ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଭାଜପାର ଅବିଶ୍ୱସନୀୟ ବିଜୟ ଘଟିଛି। ବଲାଙ୍ଗୀର ଲୋକ ସଭା ଆସନ ଅକ୍ତିଆର କରିବା ସହ ୭ଟି ବିଧାନସଭାରୁ ୫ଟି ଆସନ ଭାଜପା ପ୍ରାର୍ଥୀ ହାତେଇଛନ୍ତି। ଦୁଇଟି ଆସନ ବିଜେଡିକୁ ମିଳିଛି। କଂଗ୍ରେସ ପ୍ରାର୍ଥୀ ସମସ୍ତ ଆସନ ହରାଇଛନ୍ତି। ବଲାଙ୍ଗୀର ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ରେକର୍ଡ ୫ ଥର ବିଜୟୀ ହୋଇଛନ୍ତି। ସେ ସମୁଦାୟ ୬,୧୭,୭୪୪ ଖଣ୍ଡ ଭୋଟ ପାଇଛନ୍ତି। ସେ ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ଠାରୁ ୧,୩୨,୬୬୪ ଖଣ୍ଡ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ୪,୮୫,୦୮୦ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମନୋଜ ମିଶ୍ର ୨,୩୦,୮୭୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଚଳିତ ଲୋକ ସଭା ନିର୍ବାଚନରେ ବଲାଙ୍ଗୀର ଆସନରୁ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳ ପ୍ରାର୍ଥୀଙ୍କୁ ବାଦ୍ ଦେଲେ ଅନ୍ୟ ୭ ଜଣ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା ନିରାଶାଜନକ ରହିଛି। ବଲାଙ୍ଗୀର ଲୋକ ସଭା ଆସନରେ ନନ୍ ଅଫ୍ ଦି ଏବଭ୍ (ନୋଟା)ରେ ୧୬,୦୬୪ ଖଣ୍ଡ ଭୋଟ ପଡିଛି। ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନି ପ୍ରମୁଖ ଦଳ ପ୍ରାର୍ଥୀ ସଙ୍ଗୀତା, ସୁରେନ୍ଦ୍ର ଓ ମନୋଜଙ୍କୁ ଛାଡ଼ିଦେଲେ ଅନ୍ୟ ୭ ଜଣ ପ୍ରାର୍ଥୀଙ୍କୁ ନୋଟାରେ ପଡିଥିବା ଭୋଟଠାରୁ ଢେର କମ୍ ଭୋଟ ମିଳିଛି। ବଲାଙ୍ଗୀର ଲୋକ ସଭା ଆସନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପ୍ରାର୍ଥୀ ଭାବେ ଯୁବ ସଙ୍ଗଠକ ସୁନୀଲ କୁମାର ଭୋଇ ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ୧୦,୩୫୫ ଖଣ୍ଡ ଭୋଟ ମିଳିଛି। ସେ ଚତୁର୍ଥ ସ୍ଥାନରେ ରହିଛନ୍ତି। ବହୁଜନ ସମାଜ ପାର୍ଟି ତରଫରୁ ଜଗଦୀଶ ଚନ୍ଦ୍ର ବିଭାର ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ୯,୪୬୯ ଖଣ୍ଡ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ବଳରାମ ସିଂ ଯାଦବଙ୍କୁ ୮,୬୭୪ ଖଣ୍ଡ ଭୋଟ ମିଳିଛି। ଆମ୍ବେଦକ୍ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ମଧୁସୂଦନ ବାରିକଙ୍କୁ ୭,୨୫୨ ଖଣ୍ଡ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ବଳରାମ ସା ୬,୦୯୭ ଖଣ୍ଡ ଭୋଟ ପାଇଛନ୍ତି। ନ୍ୟାଶନାଲ ଅପନି ପାର୍ଟି ପ୍ରାର୍ଥୀ ଅକ୍ଷୟ ଦିଶ୍ରୀ ୫,୪୬୯ ଖଣ୍ଡ ଭୋଟ ପାଇଛନ୍ତି। ଏକମ୍ ସନାତନ ଭାରତ ଦଳ ପ୍ରାର୍ଥୀ ରାଜେଶ କୁମାର ପଣ୍ଡା ସବୁଠୁ କମ୍ ୩,୧୭୦ ଖଣ୍ଡ ଭୋଟ ପାଇଛନ୍ତି। ଏହି ୭ ଜଣ ପ୍ରାର୍ଥୀ ନୋଟାରୁ ମଧ୍ୟ କମ୍ ଭୋଟ ପାଇଛନ୍ତି। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାକୁ ନେଇ ଗଠିତ ବଲାଙ୍ଗୀର ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ଆସନରୁ କଣ୍ଟାବାଞ୍ଜି ଆସନରେ ୧,୬୪୯ ଖଣ୍ଡ ଭୋଟ ନୋଟାରେ ପଡିଛି। ସେହିପରି ପାଟଣାଗଡ଼ରେ ୨,୪୬୦ ଖଣ୍ଡ, ବଲାଙ୍ଗୀରରେ ୧୫୫୬ ଖଣ୍ଡ, ଲୋଇସିଂହାରେ ୨,୧୬୦ ଖଣ୍ଡ, ଟିଟିଲାଗଡରେ ୨,୨୯୦ ଖଣ୍ଡ, ସୋନପୁରରେ ୧,୯୦୫ ଖଣ୍ଡ ଓ ବୀରମହାରାଜପୁର ଆସନରେ ୧,୫୫୯ ଖଣ୍ଡ ଭୋଟ୍ ନୋଟାରେ ପଡିଛି।

# ବିଜେଡି ହାରିବାରୁ ୪ କି.ମି. ଗଡ଼ିଲେ

**ମାନସିକ ପୂରଣ କଲେ ଜଗନ୍ନାଥ**

ନୟାଗଡ଼/ରଣପୁର,୭।୬(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ମହାପ୍ରଭୁ ଶ୍ରୀଜଗନ୍ନାଥ ମାନସିକ ପୂରଣ କରି ବିଜେଡିକୁ ଓଡ଼ିଶାରେ ପରାଜିତ କରିବା ପରେ ଡହ ଡହ ଖରାରେ ୪ କିମି ରାସ୍ତାରେ ଗଡ଼ି ଗଡ଼ି ଜଣେ ଯୁବକ ଯାଇଛନ୍ତି। ଏଭଳି ଘଟଣା ନୟାଗଡ଼ ଜିଲା ରଣପୁର ଏନ୍‌ଏସିରେ ଶୁକ୍ରବାର ଚର୍ଚ୍ଚାର ବିଷୟ ପାଲଟିଛି। ରଣପୁର ଏନ୍‌ଏସି ୨ ନମ୍ବର ୱାର୍ଡ ସାନଗଡ଼ ଭିତରସାହିର କେତନ ପ୍ରଧାନଙ୍କ ପୁଅ ତ୍ରିନାଥ (୩୪) ରଣପୁରର ଜଗନ୍ନାଥଙ୍କ ନିକଟରେ ମନାସିଥିଲେ ବିଜେଡି ପରାସ୍ତ ହେଲେ ଘରଠାରୁ ମନ୍ଦିର ପର୍ଯ୍ୟନ୍ତ ଖରାରେ ଗଡ଼ି ଗଡ଼ି ଯିବେ। ମାନସିକ ପୂରଣ ପରେ ଶୁକ୍ରବାର ନିଜ ଘରଠାରୁ ୪ କିମି ରାସ୍ତାରେ ରଣପୁର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ତ୍ରିନାଥ ଗଡ଼ି ଗଡ଼ି ଯାଇଥିଲେ। ଠାକୁରଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି। ୪ କିମି ରାସ୍ତା ଯିବାକୁ ତାଙ୍କୁ ୫ ଘଣ୍ଟା ଲାଗିଥିଲା। ଏହି ସମୟରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ ଉପସ୍ଥିତ ଥିଲେ। ତ୍ରିନାଥ କହିଛନ୍ତି, ମାନସିକ ପୂରଣ ହୋଇଥିବାରୁ ଏଭଳି କରିଛନ୍ତି। ସେ ଜଣେ ଗରିବ ଶ୍ରେଣୀର ଲୋକ। ସ୍ଥାନୀୟ ବିଜେଡିର ନେତା, କର୍ମୀ ତାଙ୍କୁ ଓ ତାଙ୍କ ପରିବାରକୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ। ତାଙ୍କ ପରି ଗରିବଙ୍କୁ ସବୁ ସରକାରୀ ଯୋଜନାରୁ ବଞ୍ଚିତ କରାଇଲେ। ଏପରି କି ନିର୍ଯାତନା ଦେଇ ଗାଁରେ ବାସନ୍ଦ କରାଇ ଏକଘରିଆ କରି ରଖିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଖବରପାଇ ରଣପୁର ଭାଜପା ନେତ୍ରୀ ସୁରମା ପାଢ଼ୀ ତାଙ୍କ ଘରକୁ ଯାଇ ସେତେବେଳେ ସହଯୋଗର ହାତ ବଢାଇଥିଲେ। ପରେ ତ୍ରିନାଥ ମାନସିକ କରିଥିଲେ କି, ବିଜେଡି ସରକାର ହଟି ରାଜ୍ୟରେ ଭାଜପା ସରକାର ଆସିଲେ ଗଡ଼ି ଗଡ଼ି ରଣପୁର ଜଗନ୍ନାଥ ମନ୍ଦିରକୁ ଯିବେ, ଯାହାକି ପୂରଣ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି।



ଖରାରେ ତ୍ରିନାଥ ରାସ୍ତାରେ ଗଡ଼ିଗଡ଼ି ଜଗନ୍ନାଥ ମନ୍ଦିରକୁ ଯାଉଛନ୍ତି।

## ୬ ବର୍ଷ ପାଇଁ କଟକ ଜିଲା କଂଗ୍ରେସ ସଭାପତି ବହିଷ୍କୃତ

ଭୁବନେଶ୍ୱର,୭।୬(ଅନିଲ ଦାସ)

କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀଙ୍କୁ ଶୁକ୍ରବାର ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ତାଙ୍କୁ ବହିଷ୍କାର କରିଛନ୍ତି। ଏ ନେଇ ପିସିସି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ବହିଷ୍କୃତ ପରେ ମାନସ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ ଗତ ୩୦ ବର୍ଷ ଧରି କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟକରି ଆସୁଥିଲେ। ଦଳର କାର୍ଯ୍ୟାନୁଷ୍ଠାନ ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଜ ଦୋଷକୁ ଘୋଡ଼ାଇବାକୁ ଯାଇ ପିସିସି ସଭାପତି ତାଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଦଳୀୟ ପ୍ରାର୍ଥୀ ଓ କର୍ମୀଙ୍କ ପାଇଁ ମୁହଁ ଖୋଲି ଯଦି ବହିଷ୍କାର ହେବାକୁ ପଡୁଛି, ତେବେ ସେ ଏଭଳି କାର୍ଯ୍ୟ ବାରମ୍ବାର କରିବେ ବୋଲି ମାନସ କହିଛନ୍ତି।

## ଓଟିଡିସି ଅଧ୍ୟକ୍ଷ ଲେନିନ୍ ମହାନ୍ତି ଇସ୍ତଫା ଦେଲେ

ଭୁବନେଶ୍ୱର,୭।୬(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର ଅଧ୍ୟକ୍ଷ ଲେନିନ୍ ମହାନ୍ତି ତାଙ୍କ ପଦବୀରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ସେ ୨୦୨୨ ମସିହାରେ ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଥିଲେ। ଏଥିସହ ମହାନ୍ତି ବିଜୁ ଜନତା ଦଳର ମୁଖପାତ୍ର ଅଛନ୍ତି। ଗତ ୪ ତାରିଖରେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ସେ ଓଟିଡିସି ଅଧ୍ୟକ୍ଷ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏ ନେଇ ମହାନ୍ତି କହିଛନ୍ତି, ସରକାର ପରିବର୍ତ୍ତନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। ପର୍ଯ୍ୟଟନ କ୍ଷେତ୍ରରେ ଏକ ରୂପାନ୍ତରୀକରଣ ହେବା ଆମେ ସମସ୍ତେ ଦେଖିଛୁ। ସମସ୍ତଙ୍କ ସହଯୋଗରେ ୪୦ବର୍ଷର ପେଣ୍ଡିଙ୍ଗ କାମକୁ ମୋ କାର୍ଯ୍ୟକାଳ ମଧ୍ୟରେ ଶେଷ କରିବାକୁ ଆମେ ସମସ୍ତେ ଚେଷ୍ଟା କରିଛୁ। ପଦବୀରୁ ଇସ୍ତଫା ଦେଲେ ମଧ୍ୟ ଓଡ଼ିଶା ଲୋକଙ୍କ ପାଇଁ ମୋ ନେତା ନବୀନ ପଟ୍ଟନାୟକଙ୍କ ସହ ରହି ଆଗାମୀ ଦିନରେ କାମ କରିବେ ବୋଲି ଲେନିନ୍ କହିଛନ୍ତି।

# ପ୍ରଶାନ୍ତ ଜଗଦ୍ଦେବଙ୍କୁ ୩ ଦିନ ଅନ୍ତରୀଣ ଜାମିନ

**ଇଭିଏମ୍ ଭଙ୍ଗାରୁଜା ମାମଲା**

ଖୋର୍ଦ୍ଧା,୭।୬(ପ୍ରଭାତ ପାଣିଗ୍ରାହୀ)

ଇଭିଏମ୍ ଭଙ୍ଗାରୁଜା ମାମଲାରେ ଖୋର୍ଦ୍ଧାର ନବନିର୍ବାଚିତ ଭାଜପା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ୩ ଦିନିଆ ଅନ୍ତରୀଣ ଜାମିନ ମିଳିଛି। ଶୁକ୍ରବାର ଖୋର୍ଦ୍ଧାର ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଅଜୟ ପ୍ରଧାନ ଏହି ଜାମିନ ମଞ୍ଜୁର କରିଛନ୍ତି।

ଆସନ୍ତା ୧୦ ତାରିଖରେ ଭାଜପା ରାଜ୍ୟରେ ସରକାର ଗଢ଼ିବା ପାଇଁ ଶପଥ ଗ୍ରହଣ କରିବ। ଶପଥ ଗ୍ରହଣ କାର୍ଯ୍ୟକ୍ରମ, ପୁତୁରାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦାନ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ପ୍ରଶାନ୍ତଙ୍କୁ ଜାମିନ ଦେବା ପାଇଁ ତାଙ୍କର ବରିଷ୍ଠ ଓକିଲ ପ୍ରଭାତ ଦାସ ଗୁରୁବାର ଏଡିଜେ-୧ଙ୍କ କୋର୍ଟରେ ମଧ୍ୟବର୍ତ୍ତୀକାଳୀନ (ଅନ୍ତରୀଣ) ଜାମିନ ପାଇଁ ଆବେଦନ କରିଥିଲେ। ଶୁକ୍ରବାର କୋର୍ଟ ଏହାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଉଲ୍ଲେଖଥାଉକି, ଗତ ୩୧ତାରିଖରେ ଏଡିଜେ-୨ୟ ପ୍ରଶାନ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ବୋଲଗଡ଼ ବ୍ଲକ କାଉଁରୀପାଟଣା ମତଦାନ କେନ୍ଦ୍ରରେ ଇଭିଏମ୍ ଭାଙ୍ଗିବା, ଗଣ୍ଡଗୋଳ, ପ୍ରିଜାଇଡିଂ ଅଫିସରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପ୍ରଶାନ୍ତ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରେ ସେ ଅସୁସ୍ଥ ହୋଇପଡ଼ିବାରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୮ ତାରିଖରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରଶାନ୍ତଙ୍କ ଶରୀରରେ ମଧୁମେହ ସ୍ତର ବଢ଼ିଯାଇ ରକ୍ତଚାପ ବୃଦ୍ଧି ପାଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ତାଙ୍କୁ ଅଧିକ ଚିକିତ୍ସା ପାଇଁ ୨୯ ତାରିଖରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିଦିନଠାରୁ ଏସ୍‌ସିବିରେ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତାଙ୍କର ଚିକିତ୍ସା ଜାରି ରହିଛି।

# ଜିତିଛନ୍ତି ବିଜେଡି ପ୍ରାର୍ଥୀ, କମିଛି ଭୋଟ

ହାଟଡ଼ିହୀ, ୭।୬(ଶୁଭକାନ୍ତ ନାୟକ)

**ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ**

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ବିଜୟଲାଭ କରିଛନ୍ତି। ସେ ୭୧ ହଜାର ୬୫୧ ଖଣ୍ଡ ଭୋଟ ପାଇଛନ୍ତି। ମାତ୍ର ଏଠାରେ ପୂର୍ବ ନିର୍ବାଚନ ଅପେକ୍ଷା ଦଳର ଭୋଟହାର ହ୍ରାସ ପାଇଛି। ଅନ୍ୟପକ୍ଷରେ କଂଗ୍ରେସ ଓ ଭାଜପାର ଭୋଟ ପରିମାଣ ବଢ଼ିଥିବା ପରିଲକ୍ଷିତ ହୋଇଛି।

ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ସଦ୍ୟ ସମାପ୍ତ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପୂର୍ବ ୩ ବିଧାନସଭା ନିର୍ବାଚନରେ ବିଜେଡି ଏଠାରେ କ୍ରମାଗତ ଭାବେ ବିଜୟୀ ହୋଇ ଆସୁଥିବା ବେଳେ ଏଥର ବି ଗଡ଼ ଦଖଲ କରିଛି। ମାତ୍ର ୨୦୧୯ ନିର୍ବାଚନଠାରୁ କଂଗ୍ରେସ, ଭାଜପା ଅଧିକ ସକ୍ରିୟ ହୋଇ ନିଜର ଭୋଟ ପରିମାଣକୁ ଯଥେଷ୍ଟ ବୃଦ୍ଧି କରିଛନ୍ତି, ଯାହାକି ଏଥର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେଉଛି। ୨୦୧୯ରେ କଂଗ୍ରେସକୁ ୪୫ ହଜାର ୬୫୭ ଖଣ୍ଡ, ବିଜେଡିକୁ ୮୯ ହଜାର ୮୫୦ ଏବଂ ଭାଜପାକୁ ୩୧ ହଜାର ୫୫୪ ଖଣ୍ଡ ଭୋଟ ମିଳିଥିଲା। ନୋଟା ଭୋଟ ସଂଖ୍ୟା ୧ ହଜାର ୨୯ ଖଣ୍ଡ ଥିଲା। ୨୦୨୪ ନିର୍ବାଚନରେ ମୋଟ ୧ ଲକ୍ଷ ୮୦ ହଜାର ୫୯୯ ଜଣ ଭୋଟ ଦେଇଥିଲେ। ପୋଷ୍ଟାଲ ଭୋଟ ଦେଇଥିବା ୫୧୪ ଜଣଙ୍କ ମଧ୍ୟରୁ କଂଗ୍ରେସକୁ ସର୍ବାଧିକ ୧୯୪ ଖଣ୍ଡ, ଭାଜପାକୁ ୧୬୩ ଖଣ୍ଡ, ବିଜେଡିକୁ ୧୩୫ ଖଣ୍ଡ, ଅନ୍ୟାନ୍ୟକୁ ୨୦ ଖଣ୍ଡ ଭୋଟ ମିଳିଥିଲା। ତେବେ ଇଭିଏମ୍ ଏବଂ ପୋଷ୍ଟାଲ ଭୋଟକୁ ମିଶାଇ କଂଗ୍ରେସକୁ ଏଥର ୬୦ ହଜାର ୬୮୫ ଖଣ୍ଡ, ବିଜେଡିକୁ ୭୧ ହଜାର ୬୫୧ ଖଣ୍ଡ, ଭାଜପାକୁ ୪୨ ହଜାର ୫୯୧ ଖଣ୍ଡ ଭୋଟ ମିଳିଛି। ନୋଟାକୁ ୧ ହଜାର ୬୦୫ ଖଣ୍ଡ ଭୋଟ ମିଳିଥିଲା। ଅପରପକ୍ଷେ ଲୋକ ସଭା କ୍ଷେତ୍ରରେ ନିର୍ବାଚନକୁ ଲକ୍ଷ୍ୟକଲେ ୨୦୧୪ ଏବଂ ୨୦୧୯ ନିର୍ବାଚନରେ ବିଜେଡି ବିଜୟୀ ହୋଇଥିବା ବେଳେ ୨୦୨୪ ନିର୍ବାଚନରେ ଭାଜପା ବିଜୟୀ ହୋଇଛି। ସୂଚନାଯୋଗ୍ୟ, ୨୦୧୯ରେ ଜିଲାରେ ୬ଟି ବିଧାନସଭା କ୍ଷେତ୍ରରୁ ୫ଟିରେ ବିଜେଡି ବିଜୟୀ ହୋଇଥିଲା। ଲୋକ ସଭା ଆସନ ମଧ୍ୟ ବିଜେଡି ହାତେଇଥିଲା। ୨୦୨୪ରେ ୩ ବିଧାନସଭା ଆସନରେ ବିଜେଡି ଏବଂ ୩ଟିରେ ଭାଜପା ବିଜୟୀ ହୋଇଛି। ଲୋକ ସଭା ଆସନ ଭାଜପା ହାତକୁ ଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ମେଘୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବୋଚ୍ଚସ୍ତରରେ ସେନ୍‌ସେକ୍ସ

■ଦିନକରେ ଯୋଡ଼ିଲେ ୭.୫ଲକ୍ଷ କୋଟି

■ନିଫ୍ଟି-୫୦ରେ ୪୬୯ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୭।୬ (ଅଭୟ ଦାଶ)**

ସାଧାରଣ ନିର୍ବାଚନ ୨୦୨୪ ଫଳାଫଳ ଘୋଷଣା ପରେ ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟୁଛି। ଏପରିକି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ଅଲ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର (୭୬,୬୯୩.୩୬)ରେ ପହଞ୍ଚିଛି।

ସେହିଭଳି ଚଳିତ ସପ୍ତାହ କାରବାରର ଶେଷ ଦିନରେ ଶେୟାର ବଜାରର ନିବେଶକମାନେ ୭.୫ ଲକ୍ଷ କୋଟି ଟଙ୍କାର ନିବେଶ ପୁଞ୍ଜି ବଜାର ଖାତାରେ ଯୋଡ଼ିଥିଲାବେଳେ ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି



ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୧୬ (୪୧୫.୯ଲକ୍ଷ କୋଟି) ଲକ୍ଷ କୋଟି ଥିଲାବେଳେ ଶୁକ୍ରବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୭.୫ ଲକ୍ଷ କୋଟି ବୃଦ୍ଧି ପାଇ ୪୨୩.୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ବିଏସ୍‌ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲାବେଳେ ପ୍ରାରମ୍ଭରେ ସେନ୍‌ସେକ୍ସ ଅଲ ଟାଇମ ହାଇ୭୬,୭୯୫.୩୧ ଅଙ୍କରେ ପହଞ୍ଚିବା ସହ ପ୍ରାୟ ୧୬୧୯ ପଏଣ୍ଟ ବା ୨.୧୬% ସହିତ ୭୬,୬୯୩.୩୬ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି ୫୦ରେ ମଧ୍ୟ ପ୍ରାୟ ୪୬୯ ପଏଣ୍ଟ ବା ୨.୦୫%ସହ ୨୩, ୨୯୦.୧୫ ଅଙ୍କରେ କାରବାର ବନ୍ଦ କରିଥିଲା।

ସେହିପରି ବିଏସ୍‌ଇ ସେନ୍‌ସେକ୍ସ ୨.୧୬% ବୃଦ୍ଧି ଘଟିଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୫୦ରେ ୨.୦୫% ବୃଦ୍ଧି ହୋଇଛି। ଏପରିକି ବିଏସ୍‌ଇ ସ୍ମଲକ୍ୟାପ ୧.୨୮% ଏବଂ ବିଏସ୍‌ଇ ମିଡ୍‌କ୍ୟାପ ୨.୧୮% ବୃଦ୍ଧିପାଇଥିବାବେଳେ ନିଫ୍ଟି ମିଡ୍‌କ୍ୟାପ ୧.୪୯% ଓ ନିଫ୍ଟି ସ୍ମଲକ୍ୟାପ ୨.୪୮% ଏବଂ ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ) ୧.୦୪% ବୃଦ୍ଧି ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସ ପଞ୍ଜିକୃତ ନିବେଶକଙ୍କ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍, ଏଚ୍‌ଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ବଜାଜ ଫାଇନାନ୍ସ, ଏୟାରଟେଲ,ଟିସିଏସ୍ ଏବଂ ଆକ୍ସିସ ବ୍ୟାଙ୍କ ଭଳି ନିବେଶକଙ୍କ ନିବେଶ ବୃଦ୍ଧି ଘଟିଛି। ଏପରିକି ସେକ୍ଟୋରାଲ କ୍ଷେତ୍ରରେ ଅଟୋ, ଆଇଟି, ଟେଲିକମ୍, ମେଟାଲ, ଏଫ୍‌ଏମ୍‌ସିଜି, ଫାର୍ମା, ହେଲ୍‌ଥ କେୟାର ଏବଂ ଘରୋଇ ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ନିବେଶ ସଂସ୍ଥାର ନିବେଶ ପୂର୍ବ ଦିନ ଅପେକ୍ଷା ଯଥେଷ୍ଟ ପରିମାଣରେ ବୃଦ୍ଧିଘଟିଛି।

### ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୬୧୯ (୧୬୧୮.୮୫) ପଏଣ୍ଟ ବଢି ୭୬,୬୯୩(୭୬,୬୯୩.୩୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୬୯ (୪୬୮.୭୫) ପଏଣ୍ଟ ବୃଦ୍ଧି ଘଟି ୨୩,୨୯୦ (୨୩,୨୯୦.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।


## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



ଇତିଶ୍ରୀ ସ୍ୱାଇଁ (ମେଘୁ)
ଗ୍ରାମ: ରୋକଟ, ପଟିଆ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ୮ବର୍ଷ ଜନ୍ମଦିନ ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ବାପା, ମାମା, ବଡ଼ବାପା, ବଡ଼ମାମା, ସାନବାପା, ସାନମାମା, ଦିଦି ଏବଂ କେକେମା, ଅଜା-ଆଈ।
ଧ-୪୫୯

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଫର୍ଚୁନ୍‌ର ନୂତନ ଅଭିଯାନ

**ଭୁବନେଶ୍ୱର, ୭।୬**

ଦେଶର ପ୍ରମୁଖ ଖାଇବା ତେଲ 'ଫର୍ଚୁନ'ର ନୂତନ ଅଭିଯାନ ବନାଓ କୁଛ୍ ହଟ୍‌କେର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫର୍ଚୁନ ସୋୟା ଚଙ୍କ୍‌ସ ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ସୋୟା ଚଙ୍କ୍‌ସକୁ ନେଇ ବିଭିନ୍ନ ପ୍ରକାର ଭୋଜନ ପ୍ରସ୍ତୁତ କରିବାର ବିକଳ୍ପ ମଧ୍ୟ ଉପସ୍ଥାପନ କରାଯାଇଛି। ଅପରପକ୍ଷରେ ଡିଡିବି ମୁଦ୍ରା ପକ୍ଷରୁ ପ୍ରସ୍ତୁତ ଏକ ଟିଭି କର୍ମସିଆଲ (ଟିଭିସି)କୁ ମଧ୍ୟ ଏହି ଅଭିଯାନରେ ସାମିଲ କରାଯାଇଛି। ଏଥିରେ ବଲିଉଡ୍ ତାରକା ଜାବେଦ ଜାଫ୍ରି ଓ ପୂର୍ବତନ ଭାରତୀୟ କ୍ରିଡାବିତ୍ତ ସୌରଭ ଗାଙ୍ଗୁଲିଙ୍କୁ ଦେଖିବାକୁ ମିଳିବ।

ଏ ସମ୍ପର୍କରେ ଆଦାନୀ ୱିଲମାର ଲିମିଟେଡ୍‌ର ମିଡିଆ ଓ ବ୍ରାଣ୍ଡ ମୁଖ୍ୟ ଜିଗ୍ନେଶ ଶାହା କହିଛନ୍ତି, ଏହି ଅଭିଯାନ ମାଧ୍ୟମରେ ଫର୍ଚୁନ୍ ସୋୟା ଚଙ୍କ୍‌ସ୍ ବ୍ୟବହାର କରି ଭିନ୍ନ ଭିନ୍ନ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଗ୍ରାହକମାନଙ୍କୁ ପ୍ରେରିତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ସୋୟା ଚଙ୍କ୍‌ସ୍ ଭଳି ଏକ ଉପାଦାନକୁ ଆକର୍ଷଣୀୟ ଢଙ୍ଗରେ ଉପସ୍ଥାପିତ କରିବାର ଉପାୟକୁ ଜାଣିବା ଏବଂ ପ୍ରଦର୍ଶନ କରିବାକୁ ଆମେ ବେଶ ଆନନ୍ଦିତ ଅଛୁ। ଏପରିକି ଆମେ ନିଆରା ରେସିପି ଉପରେ ଆଲୋକପାତ କରିବାକୁ ଚାହୁଁଥିଲୁ, ଯାହା ସୋୟା ଅଂଶ ସହିତ ତିଆରି କରାଯାଇପାରିବ ଏବଂ ଏହି ଫିଲ୍ମ ସେହି ବାର୍ତ୍ତାକୁ ନିରବଚ୍ଛିନ୍ନ ଭାବରେ ପ୍ରତିଫଳିତ କରିଛି।

## ଜୁନ୍ ୧୨ରେ ବିଓଆଇର ସମ୍‌ଝୋତା ଦିବସ

**ଭୁବନେଶ୍ୱର, ୭।୬**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସମ୍‌ଝୋତା ଦିବସ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶବ୍ୟାପୀ ବିଓଆଇର ସମସ୍ତ ଶାଖା, ଅଞ୍ଚଳ ଏବଂ ଏଫ୍‌ଜିଏମ୍‌ଓରେ ଏକକାଳୀନ ସମାଧାନ (ଓଟିଏସ୍) କାର୍ଯ୍ୟକ୍ରମ ମାଧ୍ୟମରେ ଋଣଗ୍ରହୀତାମାନଙ୍କର ଏନ୍‌ପିଏ ଆକାଉଣ୍ଟଗୁଡ଼ିକର ଫଇସଲା କରିବା ନିମନ୍ତେ ୨୦୨୪ ଜୁନ୍ ୧୨ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସମ୍‌ଝୋତା ଦିବସ' ଆୟୋଜନ କରିବାକୁ ଯାଉଛି। ଅପରପକ୍ଷରେ ଏହି ଦିବସ ବିଶେଷ ଭାବେ ସେହି ଋଣଗ୍ରହୀତାମାନଙ୍କ ପାଇଁ ଆୟୋଜନ କରାଯାଉଛି, ଯେଉଁମାନେ ବ୍ୟବସାୟ/ଚିକିତ୍ସା କିମ୍ବା ଅନ୍ୟ କୌଣସି ଅସୁବିଧା ପାଇଁ ଠିକ୍ ସମୟରେ ସେମାନଙ୍କ ଋଣ ପରିଶୋଧକରି ପାରିନାହାନ୍ତି। ଏପରିକି ବ୍ୟାଙ୍କ ପାଖରେ ସ୍ୱଳ୍ପ ମୂଲ୍ୟ ଖାତା ଓ ମଧ୍ୟମ ଆକାର ଖାତାର ଫଇସଲା ପାଇଁ ସ୍ୱତନ୍ତ୍ର ଏକକାଳୀନ ସମାଧାନ ଯୋଜନାର ସୁବିଧା ଦିଆଯାଉଛି। ଯେଉଁଥିରେ ଏନ୍‌ପିଏ ଋଣଗ୍ରହୀତାମାନଙ୍କୁ ସ୍ୱତନ୍ତ୍ର ଏବଂ ଉତ୍ତମ ରିହାତି ପ୍ରଦାନ କରାଯାଉଛି। ବ୍ୟାଙ୍କ ପକ୍ଷରୁ ଏନ୍‌ପିଏ ଆକାଉଣ୍ଟ ଥିବା ଋଣଗ୍ରହୀତାମାନଙ୍କୁ ଏହି ସୁବର୍ଣ୍ଣ ସୁଯୋଗର ଲାଭ ଉଠାଇବା ସହ ସେମାନଙ୍କ ଏନ୍‌ପିଏ ଆକାଉଣ୍ଟଗୁଡ଼ିକର ଫଇସଲା କରିବା ନିମନ୍ତେ ଆହ୍ୱାନ କରାଯାଉଛି।

## ଟ୍ରେଣ୍ଡସ୍ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୭।୬**

ରିଲାଏନ୍ସ ରିଟେଲର ପୋଷାକ ଓ ଆସେସୋରିଜ୍ ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡସ୍'ର ଓଡ଼ିଶା ୟୁନିଟ୍ ପକ୍ଷରୁ ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସେମିଳିଗୁଡ଼ା, ଯାଜପୁର ଟାଉନ, ଚାନ୍ଦବାଲି, ତାଳଚେର, ନିମାପଡ଼ା ଓ ରାଜସୁନାଖଳାଠାରେ ଥିବା ଟ୍ରେଣ୍ଡସ୍ ଆଉଟ୍‌ଲେଟ ପକ୍ଷରୁ ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କୃତକାର୍ଯ୍ୟ ସହ ଉତ୍କର୍ଷ ହାସଲ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।


# Classified Everyday 0674-2580101, 2549949



REAL ESTATE

**SALE**

**Duplex sale at Bhubaneswar @ 57,00,000/-. Only contact- 9777433701, 9090545126.** D-75964

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-461

ଭୁବନେଶ୍ୱର ହଂସପାଳ ନିକଟ ଭାରତଭିଲ୍ଲା କଲୋନୀରେ **2000sqft.** ଘରବାଡ଼ି **yellowzone plot** ପାଚେରି ସହ **70** ଲକ୍ଷ ଓ ଟଙ୍କପାଣିରୋଡ୍ **BJEM-2 back site** ଚିଙ୍ଗୁଡ଼ିଆ ଛକ ପାଖରେ ଘରବାଡ଼ି ପ୍ଲଟ୍ ପାଚେରି ସହ ବର୍ଗଫୁଟକୁ **1500/-. Bank Finance** ହୋଇପାରିବ। **8144658008, 9438220432.** D-466

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963



Healthcare

Monalisa massage Club:All types Body massage with hiprofile smart lady rooms service available. 9708545108. D-444

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

**Full body massage experience, good looking therapist @999 (Bhubaneswar). 9078484455.** D-426

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

Relax, refresh your body, mind by expert therapist. Contact- 9938843929. D-76124

**Relax, Refresh your body, mind at Saikrupa Spa with best therapies. 8984068077.** D-416

Newly open health benefits SPA special offer @ 999 Bapujinagar. 8018429809. D-76126

Fully relaxed body massage trained therapist. Central SPA. 9556483961. D-75747

Newly open Jyoti SPA positively health benefits (Expert therapist). 8458067955. D-76125

## LOST

I Dasari Pratap, S/o- Late Dasari Veer Raju, R/o- Bargarh Railway Station Road, P.S./Dist.- Bargarh, Trustee of Kalahandi Vikash Charitable Trust have purchased the land bearing Khata No.-100/91, Mouza- Dunguripali, Tah- Belpada, Dist.- Balangir. That on 27.05.2024 while I was going to Tahasil Office Belpada from Laxmi Vikas Concept School, Dunguripali. I lost the document i.e. record of right Khata No.-100/91, Mouza- Dunguripali and Redg. sale deed bearing No.- 520 dt. 11.03.1994. That of my sincere search I could not found the same any where. If any body found please contact Mob- 9778889999. D-469

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 7th June 2024, I, Mr. AKHANDAL NAYAK, Address- Plot No. N5/410, IRC Village, Bhubaneswar have changed my name from "AKHANDAL NAIK" to "AKHANDAL NAYAK". Henceforth, I shall be known as "Akhandal Nayak" for all purposes. D-467

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



√ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ : ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଷ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁସନ୍ସ)
ଧ-୪୬୨

### ଶ୍ରାଦ୍ଧ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ସରୋଜିନୀ ମହାନ୍ତି
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୬।୦୬।୧୯୩୯
ତିରୋଧାନ: ୦୮।୦୬।୨୦୨୦
ତୁମେ ଅଭିମାନ କରି ଆମ ସମସ୍ତଙ୍କୁ କନ୍ଦାଇ ସବୁ ଦିନ ପାଇଁ ଆରପାରିକୁ ଚାଲିଗଲ। ତୁମେ ଥିଲ ଦୃଢ଼ମନା, କର୍ମଠ, ସ୍ନେହୀ। ଘରର ରକ୍ଷକ ଥିଲ ତୁମେ। ତମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଧର୍ମ ପରାୟଣତା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସପରିବାର ଓ ଆତ୍ମୀୟସ୍ୱଜନ।
ଧ-୪୬୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ମାନସ କୁମାର ମହାନ୍ତି
ଆବିର୍ଭାବ: ୨୦।୧୦।୧୯୮୬
ତିରୋଧାନ: ୨୭।୦୫।୨୦୨୪
ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ।
ଶୋକସନ୍ତପ୍ତ: ପରିବାର ଓ ନେତାଜୀ କ୍ଲବ୍ ସଦସ୍ୟଗଣ, ଦେଉଳସାହି, ଢେଙ୍କାନାଳ ଟାଉନ୍।
ଧ-୭୫୪୩୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଏସିଆନ ପେଣ୍ଟସ୍‌ର ନୂତନ ଅଭିଯାନ

**ଭୁବନେଶ୍ୱର, ୭।୬**

ଭାରତର ଅଗ୍ରଣୀ ପେଣ୍ଟ ଆଣ୍ଡ ଡେକୋର କମ୍ପାନୀ 'ଏସିଆନ ପେଣ୍ଟସ'ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୫ରୁ ୧୪ ବର୍ଷ ବୟସର ଯୁବ କ୍ରିକେଟ ଉତ୍ସାହୀଙ୍କ ପାଇଁ 'କ୍ରିକେଟ ସ୍କଲାରସିପ ପାୱରଡ ବାଇ ନିଓଭାରତ'ର ଶୁଭାରମ୍ଭ ହୋଇଛି। ସେହିଭଳି କମ୍ପାନୀର ଏହି ପ୍ରୟାସ ତା'ର ବ୍ରାଣ୍ଡ ଉଦ୍ଦେଶ୍ୟ 'ହରଘର ଖେଲେଗା, ହରଘର ଖିଲେଗା'କୁ ପ୍ରତିଫଳିତ କରୁଛି,ଯାହା ପ୍ରତ୍ୟେକ ପରିବାରରେ ପ୍ରଗତି ଓ ଅଭିବୃଦ୍ଧି ନିମନ୍ତେ ସୁଯୋଗ ଯୋଗାଇଦେବାର ଆନ୍ତରିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଅପରପକ୍ଷରେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ବିରାଟ କୋହଲିଙ୍କୁ ନେଇ ଏକ ପ୍ରଚାର ଅଭିଯାନ ଆରମ୍ଭ ସହିତ ଏସିଆନ ପେଣ୍ଟସ ଉଭୟ ପିତାମାତା ଓ ପିଲାମାନଙ୍କୁ ଏହି ସୁଯୋଗର ସଦ ବ୍ୟବହାର କରିବା ଏବଂ କ୍ରିକେଟ ସ୍କଲାରସିପ ନିମନ୍ତେ ନାମ ଅନ୍ତର୍ଭୁକ୍ତ କରାଇବାକୁ ପ୍ରେରଣା ଦେବା ଲକ୍ଷ୍ୟ ରଖୁଛି। ସେହିପରି କମ୍ପାନୀର ଏହି ପ୍ରୟାସ ଭାରତର ଟିୟର ୨ ଓ ୩ ବଜାରଗୁଡ଼ିକରେ ଆକାଂକ୍ଷୀ ଭାରତୀୟଙ୍କୁ ସଶକ୍ତ କରିବା ନିମନ୍ତେ ନିଓଭାରତ ଲକ୍ଷ୍ୟର ଅଂଶ ବିଶେଷ ହୋଇଥିଲାବେଳେ ଏହା ଉଦୀୟମାନ କ୍ରିକେଟ ପ୍ରତିଭା ଅନ୍ୱେଷଣ ଏବଂ ସେମାନଙ୍କର ପରିପୋଷଣ ସହିତ ସେମାନଙ୍କୁ ସେମାନଙ୍କର କୁଶଳତାକୁ ଅଧିକ ପରିପୁଷ୍ଟ କରିବା ଏବଂ ସେମାନଙ୍କର ଆଗ୍ରହକୁ ନେଇ ଆଗକୁ ବଢ଼ିବା ପାଇଁ ଲକ୍ଷ୍ୟ ରଖିଛି। ନିଓଭାରତ ସମର୍ଥନ ଦ୍ୱାରା ପରିଚାଳିତ ଏହି କ୍ରିକେଟ ସ୍କଲାରସିପ ଅଧୀନରେ ୧୦୦ଉଦୀୟମାନ ଯୁବ ବର୍ଗଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କାର ସ୍କଲାରସିପ ପ୍ରଦାନ କରାଯିବ। ଏକ ବୃତ୍ତିଗତ ଖେଳ ସେଟ ଉପରେ ପ୍ରଦର୍ଶନ କରାଯାଉଥିବା କୁଶଳତା ଆଧାରରେ ଦୁଇଜଣ ପ୍ରାକ୍ତନ କ୍ରିକେଟରଙ୍କ ଦ୍ୱାରା ଆବେଦନପତ୍ରଗୁଡ଼ିକର ମୂଲ୍ୟାୟନ କରାଯିବ। ଏହି କ୍ରିକେଟ ସ୍କଲାରସିପ ନିମନ୍ତେ ଆବେଦନ ୨୦୨୪ ଜୁନ ୩୦ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିଛି, ଯାହା ନିଓଭାରତ ଏସିଆନ ପେଣ୍ଟ ଓ ୱେବସାଇଟ-https://www.asianpaints.com/products/paints-and-textures/interior-walls/plain-finishes/neobharat-latex-interior-paint.htmlରେ ସୁଯୋଗ ନିଆଯାଇପାରିବ।

## ଲକ୍ଷ୍ୟ ଦ୍ୱିଗୁଣିତ କରିବାକୁ ପ୍ରୟାସ



**ଭୁବନେଶ୍ୱର, ୭।୬**

ଆଭିଭା ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଅଭିଯାନ 'ଏଜେନ୍ସି ଚ୍ୟାନେଲ ବୃଦ୍ଧି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶବ୍ୟାପୀ ଏଜେନ୍ସି ଚ୍ୟାନେଲ ବୃଦ୍ଧି ଲାଗି କମ୍ପାନୀ ଆବଶ୍ୟକ ପଦକ୍ଷେପ ଆରମ୍ଭ କରିଛି। ଫଳରେ କମ୍ପାନୀ ଏଜେନ୍ସି ଆଧାରକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ ବା ଆଇଆର୍‌ଡିଏଆଇ ଇଣ୍ଡିଆର ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଦୃଷ୍ଟିକୋଣ ସହ ସମାନ। ବିଶେଷକରି ନିଯୁକ୍ତି ପ୍ରକ୍ରିୟାକୁ ବିବିଧ କରିବା ଉପରେ ଧ୍ୟାନଦେଇ ଆଭିଭା ଇଣ୍ଡିଆ ଆର୍ଥିକ ଯୋଜନା ପରାମର୍ଶଦାତାର ଏକ ସୁଦୃଢ଼ ନେଟ୍‌ୱର୍କ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି; ଯାହା କେବଳ ବୀମା କଭରେଜ ବୃଦ୍ଧି ନୁହେଁ ବରଂ ଗ୍ରାହକଙ୍କୁ ସାମଗ୍ରିକ ମାର୍ଗଦର୍ଶନରେ ସହାୟକ ହେବ।

ଏ ସମ୍ପର୍କରେ ଆଭିଭା ଇଣ୍ଡିଆର ଏମ୍‌ଡି ତଥା ସିଇଓ ଅସିତ ରଥ କହିଛନ୍ତି, ଆମେ ସାରା ଭାରତରେ ଏକ ଉନ୍ନତ ଗୋଷ୍ଠୀ ସୃଷ୍ଟି କରିବା ସହିତ ବ୍ୟବସାୟକୁ ସୁଦୃଢ଼ କରିବୁ। ଏପରିକି ଏହି ଅଭିଯାନ ଜରିଆରେ ଆମେ ଆମର ଲକ୍ଷ୍ୟକୁ ଦ୍ୱିଗୁଣିତ କରିବାକୁ ପ୍ରୟାସ କରିବୁ। ଏଥିପାଇଁ ଆମର ଏଜେନ୍ସି ନେଟ୍‌ୱର୍କର ବିସ୍ତାର ସହ ୨୦୪୭ ସୁଦ୍ଧା ବୀମାକୁ ସଭିଙ୍କ ପାଖରେ ପହଁଚାଇବା ପାଇଁ ଆଇଆର୍‌ଡିଏଆଇ ମିଶନରେ ଯୋଗ ଦେଇଛୁ। ସେହିଭଳି କମ୍ପାନୀ ସହିତ ଜୀବନ ଗଠନ ଅଭିଯାନ କେବଳ ବୀମା ବିତରକଙ୍କ ଜରିଆରେ ବୀମା ପରାମର୍ଶକୁ ବିକଶିତ କରିବାକୁ ଆଶା ରଖିଛୁ। ଏପରିକି ଲୋକଙ୍କ ଶାରୀରିକ ସୁସ୍ଥତା ଜରିଆରେ ସେମାନଙ୍କ ଜୀବନର ଅନିଶ୍ଚିତତାରୁ ସୁରକ୍ଷା ଦେବା ଲାଗି ଆମ ନେଟ୍‌ୱର୍କକୁ ବିସ୍ତାର କରୁଛୁ।

# ସୁସ୍ଥ ମସ୍ତିଷ୍କ ପାଇଁ ସତର୍କତା ଜରୁରୀ

## ଆଜି ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ



**ଶ**ରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ ଖପୁରି ଭିତରେ ଏହାକୁ ସୁରକ୍ଷିତ କରି ରଖିଛି ପ୍ରକୃତି। ମସ୍ତିଷ୍କଟି ବେଶ୍ ନରମ ଓ ଏହାର ଭିତର ଅଂଶ ଧଳା। ମସ୍ତିଷ୍କର ବିଭିନ୍ନ ଅଂଶ ହେଲା ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡ଼ିକର କାର୍ଯ୍ୟ ମଧ୍ୟ ଭିନ୍ନ ଭିନ୍ନ। ବ୍ରେନ୍ ଟ୍ୟୁମର ସଂକ୍ରାନ୍ତରେ ଜନ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୮ ତାରିଖରେ ପାଳିତ ହୋଇଥାଏ 'ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ' ବା 'ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ'। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ମସ୍ତିଷ୍କ ସ୍ୱାସ୍ଥ୍ୟ ଓ ନିବାରଣ' (ବ୍ରେନ୍ ହେଲ୍‌ଥ ଆଣ୍ଡ ପ୍ରିଭେନ୍‌ଶନ)। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, "ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ୍ୟ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ। ଅନ୍ୟାନ୍ୟ ଅଙ୍ଗ ଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡ଼ିକକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ।

ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷ । ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ। ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରିତ ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି ହେବା, ଆଖିକୁ ଭଲ ଦେଖା ନଯିବା, କାନରେ ଭଲ ଶୁଣି ନ ହେବା ଆଦି ଲକ୍ଷଣ ଦେଖାଦିଏ। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେ ରଖିପାରେନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ୍, ଏମ୍ଆର୍ଆଇ ସ୍କାନ୍, ପେଟ ସ୍କାନ, ଇସିଜି, ଆଞ୍ଜିଓଗ୍ରାମ୍, ଭେଣ୍ଟ୍ରିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି ତା'ର ବାୟୋଲୋଜି ପରୀକ୍ଷା କରେଇଥାନ୍ତି।

# 'ଦିଲବର୍-୨'ରେ ଜଲୱା ଦେଖାଇବେ ନୋରା ଫତେହି

ମୁମ୍ବାଇ



ଚମତ୍କାର ନୃତ୍ୟରୁ ଅଭିନେତ୍ରୀ ଭାବେ ବେଶ୍ ଲୋକପ୍ରିୟତା ପାଇଛନ୍ତି ନୋରା ଫତେହି। ହଟ୍‌କେ ଡ୍ୟାନ୍ସ ସହ ଚୁଲବୁଲି ବ୍ୟକ୍ତିତ୍ୱ ପାଇଁ ସେ ସବୁବେଳେ ଫ୍ୟାନ୍ସଙ୍କ ହୃଦୟରେ ରାଜ୍ କରନ୍ତି। ଦିଲବର ହେଉ କି ସାକିସାକି ଆହୁରି ଅନେକ ଆଇଟମ ଗୀତ ସେ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ଆଉ ଏହିସବୁ ଗୀତରେ ତାଙ୍କର ସିଗ୍ନେଚର ଷ୍ଟେପ ସର୍ବଦା ଟ୍ରେଣ୍ଡରେ ଥାଏ। ଏବେ ଚର୍ଚ୍ଚା ହେଉଛି କି, 'ଦିଲବର ୨.୦' ରେ ଏକ ନୂଆ ଅବତାରରେ ସେ ନଜର ଆସିବେ। ଯାହାକୁ ନେଇ ଫ୍ୟାନ୍‌ମାନେ ଖୁସି ହୋଇଯାଇଛନ୍ତି। ନୋରାଙ୍କୁ ଏକ ମ୍ୟୁଜିକ ଭିଡିଓରେ କାଷ୍ଟ କରାଯାଇଛି। ଏଥିରେ ଏକ ପାର୍ଟି ଗୀତରେ ନଜର ଆସିବେ ନୋରା।

# କାର୍ ବନେଟରେ ବସି ଏଣ୍ଟ୍ରି କଲେ କନ୍ୟା



**ଆ**ଜିକାଲି, ବିବାହରେ କିଛି ଅଲଗା କରିବା ଏକ ଟ୍ରେଣ୍ଡରେ ପରିଣତ ହୋଇଯାଇଛି। ବେଳେବେଳେ କନ୍ୟା ଏବଂ ବର ଭିନ୍ନ ନୃତ୍ୟ କରିବା ଆରମ୍ଭ କରନ୍ତି ଏବଂ ବେଳେବେଳେ ସେମାନଙ୍କର ଭିନ୍ନ ଷ୍ଟାଇଲର ଏଣ୍ଟ୍ରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସୋସିଆଲ ମିଡିଆରେ ଏମିତି ଏକ ଭିଡିଓରେ କନ୍ୟା ଏକ କାରର ବନେଟରେ ବସି ବିବାହ ମଣ୍ଡପରେ ପହଞ୍ଚିଛନ୍ତି। ତାଙ୍କର ଅନନ୍ୟ ଶୈଳୀ ସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଭିଡିଓଟି ଇନ୍‌ଷ୍ଟାଗ୍ରାମରେ aman.vlogs_ ନାମକ ଏକ ପୃଷ୍ଠାରୁ ଶେୟାର କରାଯାଇଛି। ଭିଡିଓରେ କନ୍ୟା ପକ୍ଷର ଲୋକମାନେ କନ୍ୟାଙ୍କୁ ସମ୍ପୂର୍ଣ୍ଣ ଫିଲ୍ମ ଷ୍ଟାଇଲରେ ଆଣୁଛନ୍ତି। ଜଣେ ଯୁବକ କାର ଉପରେ ଠିଆ ହୋଇ ବାଣ ଫୁଟାଉଥିବା ଦେଖାଯାଇଛି। ସେ ଆତସବାଜି ସହିତ ଆସୁଛନ୍ତି ଏବଂ କନ୍ୟା ତାଙ୍କ ଭାରୀ ଲେହେଙ୍ଗା ପିନ୍ଧି ସାମ୍ନାରେ କାରର ବନେଟରେ ବସିଛନ୍ତି। ତାଙ୍କ ଲେହେଙ୍ଗା ସହିତ ସେ ଏକ ମୂର୍ତ୍ତି ପରି ଦେଖାଯାଉଛନ୍ତି। ଏହି ଗ୍ରାଣ୍ଡ ଏଣ୍ଟ୍ରିର ଉତ୍ସାହରେ କନ୍ୟା ପକ୍ଷର ଲୋକମାନେ କାର ଆଗରେ ବାଣ ଫୁଟାଇବା ଆରମ୍ଭ କରିଛନ୍ତି। ଏହି ଭିଡିଓକୁ ୫.୩ ନିୟୁତ ଥର ଦେଖାଯାଇଛି ଏବଂ ଏହା ପ୍ରାୟ ୨ଲକ୍ଷ ଲାଇକ୍ ପାଇଛି। ଅନେକ ଲୋକ ଏହି ଭିଡିଓ ଉପରେ ମନ୍ତବ୍ୟ ମଧ୍ୟ ଦେଇଛନ୍ତି। ମନ୍ତବ୍ୟ ଦେବାବେଳେ ଜଣେ ସୋସିଆଲ ମିଡିଆ ୟୁଜର ଲେଖିଛନ୍ତି, ଆପଣ ବିବାହ କରିବାକୁ ଆସିଛନ୍ତି ନା ଗାଁ ଲୁଟିବାକୁ ଆସିଛନ୍ତି। ଅନ୍ୟ ଜଣେ ଲେଖିଛନ୍ତି, ଏହା କେଉଁ ଗ୍ୟାଙ୍ଗର ବିବାହ? ତୃତୀୟ ୟୁଜର ଲେଖିଛନ୍ତି, ଲାଗୁଛି ଯେମିତି ଶୋଲେ ଫିଲ୍ମର ଡାକୁ ଆସିଛି। ଅନ୍ୟ ଜଣେ ଲେଖିଛନ୍ତି, ଏହିପରି ନମୁନା କେଉଁଠୁ ଆସନ୍ତି।

# ସାମୁଦ୍ରିକ ସମ୍ପଦର ସଂରକ୍ଷଣ ଜରୁରୀ

## ଆଜି ବିଶ୍ୱ ମହାସାଗର ଦିବସ



**ପ୍ର**ତିବର୍ଷ ଜୁନ ୮ ତାରିଖକୁ ବିଶ୍ୱ ମହାସାଗର ଦିବସ ଭାବେ ପାଳନ କରାଯାଏ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମୁଦ୍ରର ମହତ୍ତ୍ୱ ଏବଂ ସାମୁଦ୍ରିକ ସମ୍ପଦର ସଂରକ୍ଷଣ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ସମୁଦ୍ର କେବଳ ଜଳର ଉତ୍ସ ନୁହେଁ ବରଂ ଖାଦ୍ୟ ଏବଂ ପୋଷଣର ଉତ୍ସ ମଧ୍ୟ। ଅନେକ ଲୋକଙ୍କ ଜୀବିକା ସମୁଦ୍ର ସହ ଜଡିତ। ତେଣୁ ସାମୁଦ୍ରିକ ସମ୍ପଦର ସଂରକ୍ଷଣ ଜରୁରୀ। ୨୦୦୮ ମସିହାରୁ ବିଶ୍ୱ ମହାସାଗର ଦିବସ ପାଳନ ଆରମ୍ଭ ହୋଇଥିଲା, ଯାହାର ଭିତ୍ତିପ୍ରସ୍ତର ୧୯୯୨ ମସିହାରେ ପୃଥିବୀ ଶିଖର ସମ୍ମିଳନୀରେ ରଖାଯାଇଥିଲା। ଓସେନ ଇନଷ୍ଟିଚ୍ୟୁଟ ଅଫ୍ କାନାଡା ଏବଂ କାନାଡାର ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଏହି ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ପୃଥିବୀ ଓ ଆମ ଜୀବନରେ ମହାସାଗରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ତଥାପି ଆମେ ଏହାର ସଂରକ୍ଷଣ ଉପରେ ବିଶେଷ ଧ୍ୟାନ ଦେଉନାହୁଁ। ସଂରକ୍ଷଣ କରିବା ପରିବର୍ତ୍ତେ ଆମେ ଏହାକୁ ଦୂଷିତ କରିବାରେ ଲାଗିଛୁ। ଯେଉଁ କାରଣରୁ ସାରା ବିଶ୍ୱର ସମୁଦ୍ର ଭୟଙ୍କର ଭାବେ ପ୍ରଦୂଷିତ ହେବାରେ ଲାଗିଛି। ଜୈବ ବିବିଧତା, ଖାଦ୍ୟ ନିରାପତ୍ତା, ପରିବେଶ ସନ୍ତୁଳନ, ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ସମ୍ପଦର ଅହେତୁକ ବ୍ୟବହାର ଇତ୍ୟାଦି ବିଷୟ ଉପରେ ଆଲୋକପାତ କରିବା ଏବଂ ସମୁଦ୍ର ଦ୍ୱାରା ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ପ୍ରତିବର୍ଷ ମହାସାଗର ଦିବସ ଏକ ସ୍ୱତନ୍ତ୍ର ଥିମ୍ ସହ ପାଳନ କରାଯାଏ। ଚଳିତବର୍ଷ ଏହାର ଥିମ ରହିଛି 'ନୂତନ ଗଭୀରତା ଜାଗ୍ରତ କର'।

## ଅନ୍ୟାନ୍ୟ ଖବର

# ଏଡିଏମ୍ ପୀତାମ୍ବର ସାମଲଙ୍କ ପଦୋନ୍ନତି

କେନ୍ଦ୍ରାପଡ଼ା, ୭।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଏଡିଏମ୍ ପୀତାମ୍ବର ସାମଲଙ୍କୁ ଗୁରୁବାର ପଦୋନ୍ନତି ମିଳିଛି। ଓଡ଼ିଶା ଲୋକସେବା ଆୟୋଗର ସୁପାରିସକ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଚିଠି ନଂ. ୧୬୨୯୧/ ଏସ୍‌ସିଏସ୍ ଯୋଗେ ପଦୋନ୍ନତି ପାଇଥିବା ମୋଟ ୫ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସେ ଅଛନ୍ତି। ସେମାନେ ଓଏଏସ୍ ସୁପର ଟାଇମ ସ୍କେଲରୁ ସୁପରିୟର ଆଡମିନିଷ୍ଟ୍ରେଟିଭ ଅଫିସର ଗ୍ରେଡକୁ ପଦୋନ୍ନତି ପାଇଛନ୍ତି। ଏ ନେଇ ଜିଲାର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଏଡିଏମ୍ ସାମଲ କହିଛନ୍ତି ଯେ, ପଦୋନ୍ନତି ତାଙ୍କ ପାଇଁ ଅଧିକ ଦାୟିତ୍ୱ ଆଣିଛି। ଏହାକୁ ସେ ପୂର୍ବପରି ନିଷ୍ଠା ଓ ପୂର୍ଣ୍ଣ ସମର୍ପଣ ଭାବ ସହ କାର୍ଯ୍ୟ ସମ୍ପାଦନ କରିବେ। ଏଥିସହ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଟି ସୁଆଦ
ପେଟ କି ଜାଣଇ ତହିଁର ଭେଦ ।**

ପାଟି ସୁଆଦିଆ ଚିଜ ବାରିପାରେ। ପରନ୍ତୁ ପେଟରେ ସ୍ୱାଦ ଅସ୍ୱାଦର ଭେଦ ନାହିଁ। ପେଟ ମଧ୍ୟ ପାଟିର ସ୍ୱାଦ ଜାଣିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପଥ ପଚାରି ପିତା ଘର ଯିବ
ଆଉ ଅଯୋଧ୍ୟାକୁ ମନ ନ କରିବ ।**

କଷ୍ଟ ଭୋଗିଲା ପରେ ଆଉ ସେ କର୍ତ୍ତବ୍ୟ ପ୍ରତି ମନ ବଳେଇବା ସମ୍ଭବପର ହୋଇ ନ ଥାଏ। ସକଳ ସମ୍ପର୍କ, ମୋହ, ବନ୍ଧନ ତୁଚ୍ଛ ଲାଗିଥାଏ। ସମ୍ପୂର୍ଣ୍ଣ ଭାବେ ପାଖରୁ ଦୂରେଇଯିବା ବା ପ୍ରତ୍ୟାଖ୍ୟାନ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର ।

# କାଳବୈଶାଖୀ: ଭାଙ୍ଗିଲା ଗଛ, ଘର



ଖଣ୍ଡପଡ଼ା,୭।୬(ଅଜୟ କୁମାର ମହାରଣା)

## ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ସରବରାହ ବନ୍ଦ

ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ନରେ ହଠାତ୍ ଆକାଶରେ କଳାବାଦଲ ଘୋଟି ଆସିବା ସହ ଆନୁମାନିକ ଶହେ କିମି ବେଗରେ ପବନ ବହିଥିଲା। ପରେ ପ୍ରବଳ ବର୍ଷା ହୋଇଥିଲା। ଏହା ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଓ ଏହାର ଆଖପାଖ କାଦୁଆ ଅଞ୍ଚଳରେ ଶତାଧିକ ସଂଖ୍ୟାରେ ଆମ୍ବ, ପଣସ, ଶାଗୁଆନ, ଜାମୁ ଆଦି ବଡ଼ ବଡ଼ ଗଛ ଭାଙ୍ଗି ଧରାଶାୟୀ ହୋଇଛି। ଏହାଛଡ଼ା କାଳବୈଶାଖୀ ପ୍ରଭାବରେ ଗଛଡାଳ ବିଦ୍ୟୁତ୍ ତାରରେ ପଡ଼ିବା ଫଳରେ ଅନେକ ଖୁଣ୍ଟ ଭାଙ୍ଗିପଡ଼ିଛି। ନିକଟସ୍ଥ କାଦୁଆ ଅଞ୍ଚଳରେ ଥିବା ବିଦ୍ୟୁତ୍ ଡିପି ଭାଙ୍ଗି ପଡ଼ିଥିବା ବିଭାଗୀୟ ଯନ୍ତ୍ରୀଙ୍କଠାରୁ ସୂଚନା ମିଳିଛି। ବର୍ଷା ପରେ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ଲାଇନ ସଜାଡୁଥିବା ଜଣାଯାଇଛି। ଅପରପକ୍ଷରେ କାଳବୈଶାଖୀ ପ୍ରଭାବରେ ଆମ୍ବଗଛ ପଡ଼ି କୁମ୍ଭାରପଡ଼ା ୨ ନଂ. ୱାର୍ଡର ବାମଦେବ ସେଠୀ ଓ ୬ନଂ. ୱାର୍ଡର ନୀଳକଣ୍ଠ ବେହେରାଙ୍କ ଘର ଭାଙ୍ଗି ଯାଇଥିବା ବେଳେ ୪ନଂ. ୱାର୍ଡର ସୁଶିଆ ପଣ୍ଡାଙ୍କ ଘର ଛପର ଉଡ଼ାଇ ନେଇଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବାକୁ ଦୀର୍ଘ ସମୟ ଲାଗିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।

# ୯ ମାଓବାଦୀ ଗିରଫ

ମାଲକାନଗିରି,୭।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଭିନ୍ନ ସ୍ଥାନରୁ ୯ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ଛତିଶଗଡ଼ ବିଜାପୁର ଜିଲାରେ ଚାଲିଥିବା ମାଓବାଦୀ ବିରୋଧୀ ଅଭିଯାନରେ ପୋଲିସ ଫରସେଗଡ ଏବଂ ମଦେଡ ଷ୍ଟେଶନର ବିଭିନ୍ନ ସ୍ଥାନରେ ତଲାସି କରୁଥିବା ବେଳେ ମାଓବାଦୀ ସଙ୍ଗଠନର ଏସିଏମ୍ ସଦସ୍ୟ ଓ ଏସିଏମ୍ ସଦସ୍ୟଙ୍କ ସହ ୯ ମାଓବାଦୀଙ୍କୁ ଗିରଫ କରିଛି। ମାଦେଡ ଅଞ୍ଚଳର ସୋମାନପାଲି ଏବଂ ବାନ୍ଦେପାରା ରାସ୍ତାରୁ ୪ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଲାଞ୍ଚୁ ପୁନେମର ଯିଏକି ଏସିଏମ୍ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାଁରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ସେହପରି ଅନ୍ୟମାନେ ହେଲେ ରମେଶ କୁଦିଆମ୍, ରମେଶ କୁମ୍ମା ଓ କୁମ୍ମା ପେଣ୍ଟା। ସେମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା। ଅପରପକ୍ଷରେ ଫରେସଗଡ ପୋଲିସ ଷ୍ଟେଶନ ଅଞ୍ଚଳରୁ ୫ ମାଓବାଦୀ ଗୁଡ୍ଡୁ କୁମ୍ମା, ବୁଦ୍ଧ କୁମ୍ମା, ସୁରେଶ ଓୟାମ, ବିନୋଦ କୋରସା ଓ ମୁନ୍ନା କୁମ୍ମାଙ୍କୁ ଗିରଫ କରାଯାଇଥିଲା। ଏହି ସମସ୍ତଙ୍କ ନାମରେ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା।

# ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ ମାଡ଼

ବାସୁଦେବପୁର,୭।୬
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆର୍ଡ଼ୁ ଛକଠାରୁ ଅନତି ଦୂରରେ ଏକ ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ ଶୁକ୍ରବାର ଅପରାହ୍ନରେ ୨ଜଣ ଯୁବକ ମାଡ଼ ମାରିଛନ୍ତି। ଏନେଇ ବାସୁଦେବପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ସୋର ବ୍ଲକରୁ ବାଲିଛନ୍ଦା ଘାଟ ଗୁଡ୍ ଗ୍ରାମ ରାସ୍ତାରେ ଛକ ପର୍ଯ୍ୟନ୍ତ ଏହି ବସ୍ ଆସିଥାଏ। ପ୍ରତିଦିନ ଭଳି ବସ୍‌ଟି ଏହି ବ୍ଲକରୁ ବାହାରି ସୋର ନିର୍ବାଚନମଣ୍ଡଳୀର ଗୁଡ୍ ଗ୍ରାମକୁ ଆସିଥିଲା। ରାସ୍ତାରେ ଗାଡ଼ି ପାସ୍ କଲା ବେଳେ ୨ ଯୁବକଙ୍କ ସହ ବସ୍ ଡ୍ରାଇଭରଙ୍କ ଯୁକ୍ତିତର୍କ ହୋଇଥିଲା। ସେମାନେ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ଏନେଇ ଲକ୍ଷ୍ମୀ ବସ୍‌ର ସୁପରଭାଇଜର ନିରାକାର ଜେନା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଛି।

# ଅର୍ପଣ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ ବଣ୍ଟନ ବନ୍ଦ

## ଭକ୍ତଙ୍କ ଅସନ୍ତୋଷ, ପ୍ରଶାସନର ନିଷ୍ପତ୍ତିକୁ ନାପସନ୍ଦ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଅର୍ପଣ ରଥ ମାଧ୍ୟମରେ ମିଳିଥିବା ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯାଉଥିଲା। ଗତ ଫେବୃଆରୀରୁ ପ୍ରତିଦିନ ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ରୋଷଶାଳାରେ ଏହି ଖେଚୁଡ଼ି ଓ କାନିକା ମହାପ୍ରସାଦ ପ୍ରସ୍ତୁତ କରାଯାଇ ଉତ୍ତର, ପଶ୍ଚିମ ଏବଂ ଦକ୍ଷିଣ ଦ୍ୱାର ନିକଟରେ ବଣ୍ଟାଯାଇଆସୁଥିଲା। ଫଳରେ ଭକ୍ତମାନେ ମାଗଣାରେ ମହାପ୍ରସାଦ ପାଇବା ସହ କେହି କେହି ଘରକୁ ନେଉଥିଲେ। ଏଥିଯୋଗୁ ଭକ୍ତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଉଥିଲା। ତେବେ ଗୁରୁବାରଠାରୁ ଏହି ମହାପ୍ରସଦ ବଣ୍ଟନ ବନ୍ଦ କରିଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କ୍ରମେ ମହାପ୍ରସାଦ ବଣ୍ଟନ ବନ୍ଦ କରାଯାଇଥିବା ସୁଆର ମହାସୁଆର ନିଯୋଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ସରକାର ବଦଳିବା ପରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏହି ନିଷ୍ପତ୍ତିକୁ ଭକ୍ତ ଏବଂ ଜଗନ୍ନାଥପ୍ରେମୀ ନାପସନ୍ଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ଅର୍ପଣ ରଥ ବୁଲିଥିଲା। ଭକ୍ତମାନେ ଉକ୍ତ ଅର୍ପଣ ରଥରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ, ନଡ଼ିଆ, ଗୁଆ ଓ ଟଙ୍କା ଆଦିପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଭକ୍ତଙ୍କଠାରୁ ସଂଗୃହୀତ ଅର୍ପଣ ଚାଉଳ କ'ଣ ହେବ ବୋଲି ବିଭିନ୍ନ ମହଲରୁ ସରକାରଙ୍କୁ ପ୍ରଶ୍ନ କରାଯିବା ସହ ଏପରି କାର୍ଯ୍ୟକୁ ସମାଲୋଚନା କରାଯାଇଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କ ନିଷ୍ପତ୍ତି କ୍ରମେ ଉକ୍ତ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବାକୁ ସ୍ଥିର ହୋଇଥିଲା। ସୁଆର ମହାସୁଆର ନିଯୋଗ ମଧ୍ୟ ଉକ୍ତ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବା ନିମନ୍ତେ ରାଜି ହୋଇଥିଲା। ସାରା ରାଜ୍ୟରୁ ସଂଗୃହୀତ ହୋଇଥିବା ଅର୍ପଣ ଚାଉଳ ପୁରୀରେ ପହଞ୍ଚିବା ପରେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଥିଲା। ପ୍ରାୟ ୧୩ କୁଇଣ୍ଟାଲରୁ ଅଧିକ ଚାଉଳ ସଂଗୃହୀତ ହୋଇଥିଲା। ପ୍ରତ୍ୟେକ ଦିନ ଉକ୍ତ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯାଉଥିଲା। ତେବେ ରାଜ୍ୟରେ ସରକାର ବଦଳିବା ପରେ ହଠାତ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅର୍ପଣ ଚାଉଳରେ ପ୍ରସ୍ତୁତ ଖେଚୁଡ଼ି ଓ କାନିକା ବଣ୍ଟନ କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ସୁଆର ମହାସୁଆର ନିଯୋଗକୁ ସୂଚନା ଦିଆଯାଇଥିଲା। ତେଣୁ ନିଯୋଗ ପକ୍ଷରୁ ଗୁରୁବାରଠାରୁ ଅର୍ପଣ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ ଓ ବଣ୍ଟନ କରିଦିଆଯାଇଛି। ଏନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଅର୍ପଣ ଚାଉଳରେ ପ୍ରସ୍ତୁତ ହେଉଥିବା କାନିକା ଓ ଖେଚୁଡ଼ି ଗୁରୁବାରଠାରୁ ବଣ୍ଟନ ବନ୍ଦ କରିଦିଆଯାଇଛି। ଏହା ବନ୍ଦ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଯୋଗକୁ କୁହାଯାଇଛି। ତେବେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ନିଯୋଗ ପକ୍ଷରୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କୁ ଭେଟି ଆଲୋଚନା କରାଯିବ। ଭକ୍ତଙ୍କୁ ଯେପରି ମହାପ୍ରସାଦ ପୂର୍ବଭଳି ମିଳିପାରିବ ସେନେଇ ପ୍ରସ୍ତାବ ଦିଆଯିବ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କିଛି ଜାଣି ନ ଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ କିଛି ନିଷ୍ପତ୍ତି ହୋଇନାହିଁ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯାହା କିଛି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ମହାପ୍ରସାଦ ବଣ୍ଟନ ବନ୍ଦ ହେବାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁ ଚରଣ ଦାସ ନାମକ ଭକ୍ତ କହିଛନ୍ତି, ଅର୍ପଣ ଚାଉଳରୁ ପ୍ରସ୍ତୁତ ହେଉଥିବା ମହାପ୍ରସାଦକୁ ଭକ୍ତମାନେ ପାଇ ଖୁସି ହେଉଥିଲେ। ତାହାକୁ ହଠାତ ଏପରି ବନ୍ଦ କରିଦେବା ଉଚିତ ହୋଇନାହିଁ। ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ପୁନର୍ବାର ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯଉ ବୋଲି ଦାସ ମତବ୍ୟକ୍ତ କରିଛନ୍ତି।

# ପାକିସ୍ତାନ ହାରିବା ପଛରେ ଭାରତୀୟ ବଂଶୋଦ୍ଭବ

**ଟି୨୦ ବିଶ୍ୱକପ୍**

**ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଗୁରୁବାର ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ଆମେରିକା। ପଦାର୍ପଣରେ ଆମେରିକାର ଏପରି ପ୍ରଦର୍ଶନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଆମେରିକା କ୍ରିକେଟପ୍ରେମୀଙ୍କୁ ଏହା ଉଲ୍ଲସିତ କରିଥିବାବେଳେ ପାକିସ୍ତାନ କ୍ରିକେଟ ସମୁଦାୟ ଏହାକୁ 'କଳା ଦିବସ' ଭାବେ ଅଭିହିତ କରିଛି। ଅନେକେ ସମ୍ଭବତଃ ଜାଣି ନ ଥିବେ ଯେ ପାକିସ୍ତାନକୁ ଆମେରିକା ହରାଇବା ପଛରେ ଅନେକ ଭାରତୀୟ ବଂଶୋଦ୍ଭବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବା ଆମେରିକା ଦଳର ଅଧିନାୟକ ମଧ୍ୟ ଜଣେ ଭାରତୀୟ। ଏପରି କେତେଜଣ ଖେଳାଳିଙ୍କୁ ନେଇ ରିପୋର୍ଟ...**

## ମୋନାକ ପଟେଲ

ଅହମଦାବାଦ ଜନ୍ମିତ ମୋନାକ ପଟେଲ ଆମେରିକା କ୍ରିକେଟ ଦଳର ଅଧିନାୟକ। ମ୍ୟାଚ ବିଜୟୀ ଅର୍ଦ୍ଧଶତକ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବା ମୋନାକ ଭାରତରେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପରେ ଆମେରିକାର ପେସାଦାର ଖେଳାଳି ହୋଇଥିଲେ। ୨୦୧୦ରେ ସେ ଗ୍ରୀନ୍‌କାର୍ଡ ପାଇଥିଲେ ଏବଂ ୨୦୧୬ରେ ସ୍ଥାୟୀଭାବେ ନ୍ୟୁ ଜର୍ସିରେ ବସବାସ କରିଥିଲେ। ଜଣେ ହାର୍ଡ ହିଟିଂ ଡାହାଣହାତୀ ବ୍ୟାଟରଭାବେ ପରିଚିତ ମୋନାକ ଯେତେବେଳେ ଜାତୀୟ ଦଳ ପକ୍ଷରୁ ଖେଳୁ ନ ଥାନ୍ତି ସପ୍ତାହରେ ୩ ଦିନ ପିଲାମାନଙ୍କୁ ନେଇ କୋଚିଂ କ୍ଲିନିକ୍ କରି କ୍ରିକେଟ ଶିକ୍ଷା ଦେଇଥାନ୍ତି। ପୂର୍ବରୁ ଆମେରିକାରେ ବହୁତ କମ୍ ଟର୍ଫ ଉଇକେଟ ଥିଲା। ତେଣୁ ମୋନାକ ଦେଶର ବିଭିନ୍ନ ସ୍ଥାନରେ ମ୍ୟାଟିଂ ଉଇକେଟରେ ୨୦ ଓ ୩୦ ଓଭର ବିଶିଷ୍ଟ କ୍ଲବ କ୍ରିକେଟ ଖେଳୁଥିଲେ।



ହରମିତ ସିଂ

## ସୌରଭ ନେତ୍ରାଭଲ୍କର

ସୁପର ଓଭରରେ ଚମତ୍କାର ବୋଲିଂ କରି ପାକିସ୍ତାନକୁ ପରାଜୟ ସ୍ୱାଦ ଚଖାଇଥିବା ମ୍ୟାନ ଅଫ୍ ଦି ମୋମେଣ୍ଟ ହେଉଛନ୍ତି ସୌରଭ ନେତ୍ରାଭଲ୍କର। ପୂର୍ବରୁ ପାକିସ୍ତାନ ଇନିଂସ ସମୟରେ ମଧ୍ୟ ସେ ଘାତକ ବୋଲିଂ କରି ଆଉଟ ସୁଇଙ୍ଗର ମାଧ୍ୟମରେ ମହମ୍ମଦ ରିଜୱାନ ଏବଂ ସ୍ଲୋ ଫୁଲଟସ ସହାୟତାରେ ଇଫ୍ତିକାର ଅହମଦଙ୍କୁ ଆଉଟ କରି ପାକିସ୍ତାନକୁ ବ୍ୟାକ୍‌ଫୁଟରେ ରଖିଥିଲେ। ପାଠପଢ଼ା ଏବଂ ଖେଳ ମଧ୍ୟରେ ସେ ଉତ୍ତମ ସମନ୍ୱୟ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୁମ୍ବାଇର ସୌରଭ ୨୦୧୦ରେ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ ଦଳର ସଦସ୍ୟ ଥିଲେ। ସେତେବେଳେ ସେ 'ନେତ୍ରା' ଭାବେ ଭାରତୀୟ କ୍ରିକେଟ ମହଲରେ ପରିଚିତ ଥିଲେ ଏବଂ ୧୯ ବର୍ଷରୁ କମ୍ ଇଂଲଣ୍ଡ କ୍ରିକେଟର ଗୋଲ୍ଡେନ ବ୍ୟାଟ୍ ଜୋ ରୁଟ୍, ଜୋସ ବଟଲର, ବେନ୍ ଷ୍ଟୋକ୍ସ ପ୍ରଭୃତି ଇଂଲଣ୍ଡ ଖେଳାଳିଙ୍କୁ ବୋଲିଂ କରିଥିଲେ। ବିଶ୍ୱକପ୍‌ରେ ସେ ଜୟଦେବ ଉନାଡକଟ୍ ଏବଂ ସନ୍ଦୀପ ଶର୍ମାଙ୍କ ବୋଲିଂ ପାର୍ଟନର ଥିଲେ। କେବଳ ଭଲ ଖେଳିଲେ ମୁମ୍ବାଇ କ୍ରିକେଟରେ ତିଷ୍ଠି ରହିବା କଷ୍ଟକର ହୋଇଥାଏ। ଏଥିପାଇଁ ସବୁବେଳେ ଶ୍ରେଷ୍ଠ ଦେଖାଇବାକୁ ପଡ଼ିଥାଏ। ସୌରଭ ଭଲ ପଢୁଥିଲେ ଏବଂ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ। ସୌଭାଗ୍ୟକ୍ରମେ ସେ ଆମେରିକାର କର୍ନେଲ ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍ କରିବା ପାଇଁ ସ୍କଲାରଶିପ୍ ପାଇ ଯାଇଥିଲେ। ତେବେ ସେ କ୍ରିକେଟ ଛାଡ଼ି ନ ଥିଲେ। ଆମେରିକା କ୍ରିକେଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ ଏବଂ ଆଗକୁ ବଢ଼ିଲେ। ମେଜର ଲିଗ୍ କ୍ରିକେଟର ପ୍ରଥମ ସଂସ୍କରଣରେ ସେ ପ୍ରଭାବୀ ପ୍ରଦର୍ଶନ କଲେ ଏବଂ ବିଶ୍ୱକପ୍ ପାଇଁ ଆମେରିକା ଦଳରେ ସ୍ଥାନ ପାଇବାର ସୁଯୋଗ ହାସଲ କଲେ। କ୍ରିକେଟ କ୍ୟାରିୟର ଛାଡ଼ିଦେଲେ ସିଲିକନ ଭାଲିରେ ଥିବା ଓରାକ୍‌ଲ ଅଫିସରେ ସେ ଜଣେ ସିନିୟର ଟେକ୍ନିସିଆନ।

## ହରମିତ ସିଂ

୨୦୧୨ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ କରିସ୍ମା ଦେଖାଇବା ପରେ ଇଆନ ଚାପେଲ ଚାହୁଁଥିଲେ ସେ ଭାରତୀୟ କ୍ରିକେଟ ଦଳର ଜଣେ ସଦସ୍ୟ ହୁଅନ୍ତୁ। ମାତ୍ର ଭାଗ୍ୟରେ ଅନ୍ୟକିଛି ଲେଖା ଥିଲା। ସେ ପଥହରା ହେଲେ। ରେଲୱେ ଷ୍ଟେଶନ ଭିତରେ କାର ଡ୍ରାଇଭିଂ ଅଭିଯୋଗରେ ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକ ରଖିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ମୁମ୍ବାଇ କ୍ରିକେଟରେ ତିଷ୍ଠିବା ତାଙ୍କ ପାଇଁ ଅସମ୍ଭବ ହେଲା। ସେ ପେସାଦାର କ୍ରିକେଟ ଖେଳିବା ପାଇଁ ତ୍ରିପୁରା ଗଲେ, ମାତ୍ର ସେଠାରେ ମଧ୍ୟ ବିଶେଷ ସଫଳତା ପାଇଲେ ନାହିଁ। ସେ ଦେଶ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଏହା ତାଙ୍କ ଭାଗ୍ୟ ବଦଳାଇଲା। ଆମେରିକାରେ ସେ ନିଜ କ୍ରିକେଟ ପ୍ରତିଭାକୁ ବିକଶିତ କରିବାରେ ସକ୍ଷମ ହେଲେ ଏବଂ ଗତ ବାଂଲାଦେଶ ବିପକ୍ଷ ସିରିଜରେ ଜଣେ ସ୍ଥିର ପ୍ରଦର୍ଶନକାରୀଭାବେ ଉଭା ହେଲେ। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ସୁପର ଓଭରରେ ବିଚକ୍ଷଣ ଫିଲ୍ଡିଂ ତାଙ୍କ ଫିଟ୍‌ନେସର ପରିଚୟ ଦିଏ।

## ନସ୍ଥୁସ କେଞ୍ଜେ

ଜଣେ ତାମିଲ-ଆମେରିକାନ ଭାବେ ନସ୍ଥୁସ କେଞ୍ଜେଙ୍କ କ୍ରିକେଟ ଯାତ୍ରା ସଫଳ ରହିଛି। ସେ ଛୋଟ ଥିବାବେଳେ ପରିବାରବର୍ଗଙ୍କ ସହ ଉଟି ଯାଇ ବାମହାତୀ ମିଡିୟମ ପେସର ଭାବେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ। ମାତ୍ର ପରେ ୧୩ ବର୍ଷ ବୟସରେ ସେ ସ୍ପିନ୍ ବୋଲିଂକୁ ଆପଣେଇଲେ। ୧୮ ବର୍ଷ ବୟସରେ କେଞ୍ଜେଙ୍କ ପରିବାର ତାଙ୍କୁ ବେଙ୍ଗାଲୁରୁ ପଠାଇଲେ। ସେଠାରେ ସେ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏଶନ ପକ୍ଷରୁ ପ୍ରଥମ ଡିଭିଜନ ଲିଗ୍ ଖେଳିଲେ। କର୍ଣ୍ଣାଟକ ରାଜ୍ୟ ପକ୍ଷରୁ ଖେଳିବା କଷ୍ଟକର ଜାଣିବା ପରେ ସେ ଜନ୍ମସ୍ଥାନକୁ ଫେରିଆସି ବାୟୋ-ମେଡିକାଲ ଇଞ୍ଜିନିୟରିଂ ପଢ଼ିଲେ। ନିଜ ରାଜ୍ୟକୁ ଆସିଲେ ତାଙ୍କୁ କ୍ରିକେଟ ଅନ୍ଧକାର ହେବ ବୋଲି ଜାଣି ମଧ୍ୟ ଚିନ୍ତିତ ନ ଥିଲେ। ମାତ୍ର ତାଙ୍କ ମା' ସୁଟ୍‌କେଶ୍‌ରେ ଏକ କ୍ରିକେଟ ବଲ୍ ରଖି ଦେଇଥିଲେ ଏବଂ ଏହାପରେ ଯାହା ହେଲା ତାହା ଇତିହାସ ପାଲଟିଗଲା। ସେ ୱାଶିଂଟନରେ ଚାକିରି ପାଇ ଆମେରିକା ଆସିଲେ। ସନ୍ଧ୍ୟା ସମୟରେ ସ୍କାଶ୍ ଖେଳିବାବେଳେ ସେ ନ୍ୟୁ ୟର୍କ କ୍ଲବ କ୍ରିକେଟ ସମ୍ପର୍କରେ ଜାଣିବାକୁ ପାଇଲେ। ଏହାପରେ ସମୟକ୍ରମେ ସେ ବାୟୋ-ମେଡିକାଲ ଅଫିସର ଚାକିରି ଛାଡ଼ିଦେଲେ ଏବଂ ଆମେରିକା ପକ୍ଷରୁ ଆଇସିସିର ଡବ୍ଲ୍ୟୁସିଏଲ୍ ଡିଭିଜନ୍-୪ କ୍ରିକେଟ ଖେଳିଲେ। ପାକିସ୍ତାନ ବିପକ୍ଷରେ ସେ ବୋଲିଂ ଆକ୍ରମଣ ଆରମ୍ଭ କରି ଉସମାନ ଖାଁ, ଶଦାବ ଖାଁ, ଆଜମ ଖାଁଙ୍କ ଉଇକେଟ ନେଇ ଆମେରିକାର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ମିଲିନ୍ଦ କୁମାର

ପିଲାବେଳେ ମିଲିନ୍ଦ କୁମାର ଦିଲ୍ଲୀ ସର୍କିଟରେ ଜଣେ ପ୍ରତିଭାସମ୍ପନ୍ନ କ୍ରିକେଟରଭାବେ ପରିଚିତ ଥିଲେ। ମାତ୍ର ପରେ ଭଲ ପ୍ରଦର୍ଶନ ନ ରହିବାରୁ ତାଙ୍କୁ ରଣଜୀ ଟ୍ରଫିରେ ଲୋୟର ଅର୍ଡରରେ ବ୍ୟାଟିଂ ସୁଯୋଗ ମିଳିଲା। ଫଳରେ ସିକ୍କିମ ଶିଫ୍ଟ ହୋଇ ପ୍ଲେଟ୍ ଲିଗ୍‌ରେ ଖେଳିଲେ। ୧୩୦୦ରୁ ଊର୍ଦ୍ଧ୍ୱ ରନ କଲେ ମଧ୍ୟ ତାଙ୍କୁ ଆଶାନୁରୂପ ଲୋକପ୍ରିୟତା ମିଳି ନ ଥିଲା। କୋଭିଡ୍-୧୯ ପରେ ସେ ଆମେରିକା ଚାଲି ଯାଇଥିଲେ ଏବଂ ସେଠାରେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କଲେ। ଫଳସ୍ୱରୂପ ଆମେରିକା ବିଶ୍ୱକପ ଦଳରେ ତାଙ୍କୁ ସୁଯୋଗ ମିଳିଲା। ସେ ଜଣେ ବିଚକ୍ଷଣ ଫିଲ୍ଡରଭାବେ ପରିଚିତ। ସୁପର ଓଭରରେ ତାଙ୍କର ଡାଇଭିଂ କ୍ୟାଚ୍ ଇଫ୍ତିକାର ଅହମଦଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲା ଏବଂ ପାକିସ୍ତାନର ବିଜୟ ସମ୍ଭାବନା ଶେଷ ହୋଇଯାଇଥିଲା।



ମୋନାକ ପଟେଲ



ପରିବାରବର୍ଗ ସହ ସୌରଭ ନେତ୍ରାଭଲ୍କର।



ନସ୍ଥୁସ କେଞ୍ଜେ

## ନୀତୀଶ କୁମାର

ଭାରତୀୟ ବଂଶୋଦ୍ଭବ ନୀତୀଶ କୁମାର ପ୍ରଥମେ କାନାଡ଼ା ଏବଂ ପରେ ଆମେରିକା ପକ୍ଷରୁ କ୍ରିକେଟ ଖେଳୁଛନ୍ତି। ୨୦୧୧ରେ ଯେତେବେଳେ ମହେନ୍ଦ୍ର ସିଂ ଧୋନୀ ବିଶ୍ୱକପ୍ ବିଜୟୀ ଛକା ମାରିଲେ ଏବଂ ବିରାଟ କୋହଲି ଭାରତର ପରବର୍ତ୍ତୀ ଶ୍ରେଷ୍ଠ କ୍ରିକେଟରଭାବେ ଉଭା ହେଲେ ସେତେବେଳେ ସ୍କୁଲ ଯାଉଥିବା ନୀତୀଶ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ସେ ୧୬ ବର୍ଷ ୨୮୩ ଦିନର ହୋଇଥିବାବେଳେ କାନାଡ଼ା ପକ୍ଷରୁ ଜିମ୍ବାୱେ ବିପକ୍ଷରେ ୫୦ ଓଭର ବିଶ୍ୱକପ ମ୍ୟାଚ ଖେଳି ବିରଳ ରେକର୍ଡ କରିଥିଲେ। ଏହାର ୧୩ ବର୍ଷ ପରେ ଗତ ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ମ୍ୟାଚରେ ହାରିସ ରୌଫଙ୍କ ଶେଷ ବଲ୍‌କୁ ବାଉଣ୍ଡାରୀ ମାରି ସେ ଉଲ୍ଲସିତ ହୋଇଥିଲେ।

## ଯଶଦୀପ ସିଂ

ପଞ୍ଜାବର ଯଶପ୍ରୀତ୍ ସିଂ ନ୍ୟୁ ଜର୍ସିରେ ଜନ୍ମିତ। କଠିନ ପରିଶ୍ରମ ଯୋଗୁ ସେ ଏବେ ଆମେରିକା କ୍ରିକେଟ ଦଳର ଜଣେ ନିୟମିତ ସଦସ୍ୟ। ପାକିସ୍ତାନ ବଂଶୋଦ୍ଭବ ଅଲୀ ଖାଁଙ୍କ ସହ ଆମେରିକା ଦଳର ପେସ୍ ଆକ୍ରମଣ ସମ୍ଭାଳି ଆସୁଛନ୍ତି। ଗତ ବିଶ୍ୱକପ୍ ମ୍ୟାଚରେ ସେ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ଉଇକେଟ ନେଇ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହା ବର୍ତ୍ତମାନ ସୁଦ୍ଧା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବଲ୍ ବୋଲି ବିବେଚନା କରାଯାଉଛି।

# ପାକିସ୍ତାନ କ୍ରିକେଟ ପାଇଁ 'କଳା ଦିବସ'

**କରାଚୀ, ୭।୬(ପି.ଟି.)**

ପ୍ରଥମ ଥର ଟି୨୦ କ୍ରିକେଟ ବିଶ୍ୱକପ୍ ଖେଳୁଥିବା ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍)ଠାରୁ ପରାଜୟ ପାକିସ୍ତାନ କ୍ରିକେଟ ସମାଜକୁ ଖୁବ୍ ବ୍ୟଥିତ କରିଛି। ସେମାନେ ଏହି ଦିନକୁ ଏକ 'କଳା ଦିବସ' ବୋଲି ଆଖ୍ୟା ଦେଇଛନ୍ତି। ଡଲାସର ଗ୍ରାଣ୍ଡ ପ୍ରେରୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଉଭୟ ଦଳ ନିର୍ଦ୍ଧାରିତ ଓଭରରେ ସମାନ ସ୍କୋର କରିବାରୁ ମ୍ୟାଚ ଟାଇ ରହିଥିଲା। ସୁପର ଓଭରରେ ପାକିସ୍ତାନକୁ ହରାଇ ୟୁଏସ୍ ବିଜୟୀ ହୋଇଥିଲା। ପୂର୍ବତନ ଅଧିନାୟକ ୟୁନିସ ଖାନ୍ କହିଛନ୍ତି, ପାକିସ୍ତାନ ଏହାର ରଣନୀତିରେ କେତୋଟି ତ୍ରୁଟି କରିବାରୁ ପରିଣତି ଭୋଗିବାକୁ ପଡ଼ିଲା। ବାମହାତୀ ସିମର ବିପକ୍ଷ ସୁପର ଓଭରରେ ବ୍ୟାଟିଂରେ ଫଖର ଜମାନଙ୍କୁ ପଠାଇବା ଉଚିତ ଥିଲା। ୟୁଏସ୍‌ଏରେ ବହୁ ସଂଖ୍ୟାରେ ପାକିସ୍ତାନୀ ବସବାସ କରନ୍ତି। ପଡ଼ିଆରେ ସେମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଦଳକୁ ଉତ୍ସାହିତ କରିଥିଲେ। ପରାଜୟ ସେମାନଙ୍କୁ ନୈରାଶ୍ୟ କରିଛି। ପେସ୍ କିମ୍ବଦନ୍ତୀ ୱାସିମ ଆକ୍ରମ ଦଳର ପ୍ରଦର୍ଶନକୁ ଦୟନୀୟ କହିଛନ୍ତି। ଟପ୍ ଦଳଗୁଡ଼ିକ ବିପକ୍ଷରେ ସୀମିତ ଅନୁଭବ ଥିବା ଦଳର ପରାଜୟ ଗ୍ରହଣୀୟ ନୁହେଁ। ପଡ଼ିଆରେ କେତେଜଣ ଖେଳାଳିଙ୍କ ପ୍ରଦର୍ଶନ ପ୍ରୟାସ ଯଥେଷ୍ଟ ନ ଥିଲା। ପୂର୍ବତନ ଓପନର ମହସିନ ଖାନ୍ କହିଛନ୍ତି, ପାକିସ୍ତାନ କ୍ରିକେଟର ଭବିଷ୍ୟତକୁ ନେଇ ସେ ଚିନ୍ତିତ। ଏହା କେବଳ ପରାଜୟ ନୁହେଁ, ଆମ ଖେଳାଳିଙ୍କ ମାନସିକ ଶକ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୋ ଦୃଷ୍ଟିରେ ଆମ ଖେଳାଳିମାନେ ୟୁଏସ୍‌ଏକୁ ହେୟଜ୍ଞାନ କରିଥିଲେ। ଖାନ୍ ୨୦୧୦ରୁ ୨୦୧୨ ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ରହିଥିଲେ। ସେ କହିଛନ୍ତି, ଏହି ପରାଜୟ ଦ୍ୱାରା ଆଗାମୀ ଭାରତ ବିପକ୍ଷ ମ୍ୟାଚ ଆମ ଲାଗି କର ଅବା ମର ପରିସ୍ଥିତି ସୃଷ୍ଟି କରିଛି। ଏହି ମ୍ୟାଚ ଯେନତେନ ଭାବେ ଆମକୁ ଜିତିବାକୁ ହେବ, ତା' ନ ହେଲେ ଆମେ ସୁପର -୮ ଦୌଡ଼ରୁ ବାଦ୍ ପଡ଼ିବୁ।



ୱାସିମ ଆକ୍ରମ

# ରୌଫ୍‌ଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ



**ଡଲାସ, ୭।୬(ପି.ଟି.):** ପାକିସ୍ତାନ ପେସର ହାରିସ ରୌଫ୍‌ଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ ଆଣିଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ) ବୋଲର ରଷ୍ଟି ଥେରନ। ଚଳିତ ଟି୨୦ ବିଶ୍ୱକପ୍ ଟୁର୍ନାମେଣ୍ଟରେ ଗୁରୁବାର ପାକିସ୍ତାନ ଓ ୟୁଏସ୍‌ଏ ମଧ୍ୟରେ ମ୍ୟାଚ ପରେ ସେ ଏହି ଅଭିଯୋଗ ଆଣିଛନ୍ତି। ଥେରନ ୟୁଏସ୍‌ଏ ଦଳର ପ୍ଲେଇଂ ଇଲେଭେନରେ ସ୍ଥାନ ପାଇ ନ ଥିଲେ। ସେ ଅଭିଯୋଗ କରିଥିଲେ ଯେ, ବଲ୍‌ଟିରେ ମାତ୍ର ୨ଓଭର ବୋଲିଂ ହୋଇଥିବା ବେଳେ ରୌଫ ତାଙ୍କ ବୃଦ୍ଧାଙ୍ଗୁଳିର ନଖରେ ବଲ୍‌ଟିକୁ ରାମ୍ପୁଥିବାର ସେ ଦେଖିଛନ୍ତି। ଫଳତଃ ସେ ରିଭର୍ସ ସୁଇଂ ବୋଲିଂ କରିପାରୁଥିଲେ। ୩୮ବର୍ଷୀୟ ଏହି ସିମର ପୂର୍ବରୁ ଦକ୍ଷିଣ ଆଫ୍ରିକା ପାଇଁ ଖେଳୁଥିଲେ। ଏହି ଅଭିଯୋଗକୁ ନେଇ ଆଇସିସି ଆଖି ବୁଜି ଦେଇଥିବାରୁ ତାହାର ସେ ସମାଲୋଚନା କରିଛନ୍ତି।

# ଇଣ୍ଡିଆନ ୟୁନିଭର୍ସିଟି ଦଳରେ କିଟ୍-କିସ୍‌ର ୬ ଖେଳାଳି

**ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ୍**

**ଭୁବନେଶ୍ୱର, ୭।୬ (ତପନ ସ୍ୱାଇଁ)**

ଚଳିତ ମାସ ୧୦ରୁ ୧୨ ପର୍ଯ୍ୟନ୍ତ ଫ୍ରାନ୍ସର ଏକ୍ସ-ଏନ୍-ପ୍ରୋଭିନ୍ସରେ ହେବାକୁ ଯାଉଥିବା ଏଫ୍ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ପାଇଁ ଇଣ୍ଡିଆନ ୟୁନିଭର୍ସିଟି ଦଳରେ କିଟ୍ ଓ କିସ୍‌ର ୬ ଖେଳାଳି ସାମିଲ ହୋଇଛନ୍ତି। ମହିଳା ଓ ପୁରୁଷ ଦଳପାଇଁ ଇଣ୍ଡିଆନ ୟୁନିଭର୍ସିଟିର ଚୟନ ଟ୍ରାଏଲ୍ ଓ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ୟୁନିଭର୍ସିଟି ଦଳରେ କିଟ୍‌ର ବିନୋଦ ମାର୍ଣ୍ଡି, ଆଶିଷ ସବର, ଗଣେଷ ଧାଙ୍ଗଡ଼ା ମାଝି ଓ ନିର୍ମାଲ୍ୟ ରାଉତ ଏବଂ କିସ୍‌ର ମରକନ୍ଦ ପ୍ରଧାନ ଓ ଡୁମୁନି ମାର୍ଣ୍ଡି ସ୍ଥାନ ପାଇଛନ୍ତି। ଦଳର କୋଚ୍‌ଭାବେ କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା ମନୋନୀତ ହୋଇଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଇଣ୍ଡିଆନ ୟୁନିଭର୍ସିଟି ଦଳରେ ସ୍ଥାନ ପାଇଥିବା କିଟ୍ ଓ କିସ୍‌ର ଖେଳାଳିଙ୍କ ସହ ଅଚ୍ୟୁତ ସାମନ୍ତ।

# ନୀଳକଇଁ

## ଗଳ୍ପ

**କୃଷ୍ଣା ମିଶ୍ର**

ସମୟ ମଧ୍ୟରାତ୍ରି। ଶ୍ୟାମଳୀ ବେଡ୍ ଉପରେ ଶୋଇ ନ ପାରି ଛଟପଟ ହେଉଛି। କାରଣ ଝରକା ଦେଇ ପ୍ରବେଶ କରିଛି ସେଇ ଦୁଷ୍ଟ ଜହ୍ନର ଆଲୁଅ। ଛୋଟିଆ ରୁମ୍‌ଟି ଭିତରେ ସତେକି ଜ୍ୟୋତ୍ସ୍ନାର ଫୁଆରା!

ଏଇତ କିଛି ସମୟ ପୂର୍ବରୁ, ଶୁଭ୍ରଙ୍କ ସହ ଗପୁଥିଲା ସେ। କେତେ ଯେ କଥା! ଗପ ପେଡ଼ିରୁ ବାହାରିଲା ଭଳି ଅସରନ୍ତି ଗପି ଚାଲିଥିଲେ ଦୁହେଁ। କିନ୍ତୁ ଏଇ ଜହ୍ନକୁ ଦେଖି, ଆଜି ମନରେ ତା' ଛନକା ପଶିଲାଣି।

ଏମିତି ପରା ହୁଏ!

ଏଇ ଜହ୍ନଟା କ'ଣ କାଲିକି ଆଜି ଭଳି ଶୀତଳ ନିଆଁରେ ଜଳୁଥିବ?

ଆଜି ଯେ ପୂର୍ଣ୍ଣିମା! ସେଇଥିପାଇଁ ତ ଏତେ ରୋମାଞ୍ଚ ଘେନି ପ୍ରବେଶିଛି ତା' କୋଠରିରେ... କାଲିଠାରୁ ପୁଣି କ୍ଷୀଣ ହେବାକୁ ଆରମ୍ଭିବ।

ହଁ, ଶୁଭ୍ର ମଧ ସେଇଭଳି କରନ୍ତି। ଯେଉଁଦିନ ଅନେକ ସମୟ ଧରି ଗପୁ ଗପୁ ନିଜର ପ୍ରୀତି ରୀତି ଅଜାଡ଼ି ଦିଅନ୍ତି ତା' ଉପରେ, ତା'ପରେ ଧୀରେ ଧୀରେ କମ୍ ହୋଇଯାଏ ତାଙ୍କର ବାର୍ତ୍ତାଳାପ। ସତେ କି ସୁଦୂର କେଉଁ ଆକାଶରେ ଲୁଚି ଯାଆନ୍ତି ସେ! ଶ୍ୟାମଳୀର ମାନସ ପଟରେ ନାଚିଗଲା ଅନେକ ସ୍ମୃତି... ଶୈଶବ, ଯୌବନ, ଆଉ ଜୀବନର ମଧ୍ୟାହ୍ନର...

ଛୋଟବେଳୁ ଜହ୍ନ ତା' ସାଥୀ। ତାକୁ ହିଁ ଦେଖି, ଶ୍ୟାମଳୀ ହସେ, ଖେଳେ, ଖାଏ ଆଉ ଶୁଏ...

ସେ ଅଗଣାକୁ ଧାଇଁଲେ, ଆକାଶରେ ଜହ୍ନଟା ତା' ପଛେ ପଛେ ଧାଏଁ।

ସେ ପଦାକୁ ବାହାରିଲେ, ମାଆଙ୍କ ହାତ ଧରି ରାସ୍ତା କଡ଼ରେ ଚାଲୁଥିବା ବେଳେ ଜହ୍ନ ତା' ସାଥେ ସାଥେ ଚାଲେ...

ଭାରି ଖୁସି ହୁଏ କୁନି ଝିଅ ଶ୍ୟାମଳୀ। ହେଲେ ସେଇ ଜହ୍ନଟା, ସବୁଦିନ ତାକୁ ଦିଶେ ନାହିଁ। ସେ ନେଇ ଝିଅ ମନରେ ଦୁଃଖ, ଜହ୍ନ ଉପରେ ରାଗ, ଅଭିମାନ... ଅମାବାସ୍ୟାରେ ତ ଆଦୌ ଦୃଶ୍ୟ ହୁଏ ନାହିଁ। କାନ୍ଦି କାନ୍ଦି ମାଆଙ୍କୁ ପଚାରେ ସେ। ମାଆ ଭାରି ଅଡୁଆରେ ପଡ଼ନ୍ତି। ତା' ପ୍ରଶ୍ନର ଉତ୍ତର ସେ କ'ଣ ବା ଦିଅନ୍ତେ! ଟିକି ଝିଅଟିକୁ କ'ଣ ବୋଲି ବୁଝାନ୍ତେ! ଶେଷରେ ମାଆ କୁହନ୍ତି, "ସେ ପରା ତୋ ସହ ଲୁଚକାଳି ଖେଳୁଛି! ଆକାଶର କେଉଁ କୋଣରେ ଲୁଚି ଯାଇଥିବ। ଦେଖିବୁ ରହ, କାଲିଠାରୁ ପୁଣି ଆଖିମିଟିକା ମାରିବ ଯେ! ତୋତେ ଛାଡ଼ି ସେ କୁଆଡ଼େ ଯିବନି ମ! ତୁ ଆମର ନୀଳକଇଁଟା ପରା!" ମଥାରେ ଚୁମ୍ବନଟିଏ ଦେଇ କଥା ବାଆଁରେଇ ଦିଅନ୍ତି ମାଆ।

କ୍ରମେ ଶ୍ୟାମଳୀ ସ୍କୁଲ୍‌ରେ ନାମ ଲେଖାଏ। ପାଠପଢ଼ା ମଧ୍ୟରେ ଅନେକ ଜ୍ଞାନ ବିଜ୍ଞାନର କଥା... "ଦିନରେ ସୂର୍ଯ୍ୟ ଆମକୁ ଦିଶନ୍ତି ମାତ୍ର ରାତିରେ ଦିଶନ୍ତି ନାହିଁ। କାରଣ, ସାର୍ କହିଛନ୍ତି, ପୃଥିବୀ ଘୂରୁଛି। ଆମ ଦେଶରେ ରାତି ହେଲେ ଅନ୍ୟ କେଉଁ ଦେଶରେ ଦିନ ହୋଇଥିବ।" କଥାଟି ତ ବୁଝି ହୁଏ। କିନ୍ତୁ ବୁଝିପାରେନା ସେ ଜହ୍ନ କଥା... "ପୂର୍ଣ୍ଣଚନ୍ଦ୍ର ସେ କମନୀୟ କାନ୍ତି ଦେଖାଇ, କ୍ରମେ କ୍ଷୀଣ ହୋଇ ହୋଇ ଅଦୃଶ୍ୟ ହୋଇଯାଏ ଜହ୍ନ! ପୁଣି ନୀଳ ଗଗନରେ ଉଙ୍କି ମାରୁ ମାରୁ ପୂର୍ଣ୍ଣ ସ୍ୱରୂପ ପ୍ରାପ୍ତ କରେ..."

କେବଳ ସେତିକି ନୁହେଁ! ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ ପଡ଼ିଲା ବେଳକୁ ମାଆ କହୁଥିଲେ, "ରାହୁ ଗୋଟିଏ ରାକ୍ଷସ! ସେ କୁଆଡ଼େ ଚନ୍ଦ୍ରକୁ ଗ୍ରାସ କରିନିଏ ଓ କିଛି ସମୟ ପରେ ଛାଡ଼ିଦିଏ! କେବଳ ସେତିକି ନୁହେଁ, ସୁନ୍ଦର କୋମଳ ବାଦଲ ମଧ୍ୟ ବେଳେବେଳେ ଜହ୍ନକୁ ଢାଙ୍କିଦିଏ!"

ଜହ୍ନ ପାଇଁ ଶ୍ୟାମଳୀ ମନରେ ଦୟା ଆସେ।

ବୟସ ଯମୁନାରେ ଭାସି ଯାଉ ଯାଉ ଯୁବତୀ ଶ୍ୟାମଳୀ କଲେଜ ମାଟିରେ ପାଦ ଦିଏ। ପ୍ରତ୍ୟେକ ଦିନ ବିଭିନ୍ନ ଚାଲିଚଳଣ, ଭିନ୍ନ ଭିନ୍ନ ଚିନ୍ତାଧାରାର ଯୁବକ ଯୁବତୀ ସହ ତା'ର ଭେଟହୁଏ। ଅନେକ ସମୟରେ ଝିଅମାନଙ୍କ ଫେଶନ ଦେଖି ସେ ଅନେଇ ରହିଥାଏ। ପାଖକୁ ଯାଇ କଥା ହେବାର ସାହସ ହୁଏ ନାହିଁ ତା'ର। ଯଦି ସେମାନେ କିଛି କହିଦେବେ! ନିଜେ ସାଧାରଣ ଝିଅଟିଏ ବୋଲି ଭାରି ସଙ୍କୋଚ ତା'ର। ପ୍ରାୟତଃ ସେ ଚୁପ୍‌ଚାପ୍ ରୁହେ। ସତ କହିବାକୁ ଗଲେ ତା' ସହ କେହି ସାଙ୍ଗ ହୁଅନ୍ତି ନାହିଁ। ଏମିତିକି ହଠାତ୍ ଯଦି କୌଣସି ପ୍ରଫେସରଙ୍କ କ୍ଲାସ୍ ଥାଏ, କେହି ତାକୁ ଖବର ମଧ୍ୟ କରନ୍ତି ନାହିଁ।

ଏହିଭଳି ଅନେକ ଅସୁବିଧାର ସମ୍ମୁଖୀନ ହେଉଥାଏ ସେ। ଦିନେ ପ୍ରଥମ ବର୍ଷର ଛାତ୍ର ଶୁଭ୍ରାଂଶୁ ଆଗେଇ ଆସନ୍ତି ତାକୁ ସାହାଯ୍ୟ କରିବାକୁ। ଜଣେ ସରଳ, ନିଷ୍କପଟ, ସାଧାରଣ ପରିପାଟୀର।

ନିରୀହ ପିଲା ସେଇ ଶୁଭ୍ରାଂଶୁ, ଏକ ସାଧାରଣ ପରିବାରରେ ଜନ୍ମିତ, ମେଧାବୀ ଛାତ୍ର। ପରିଚୟ ଆଦାନ ପ୍ରଦାନ...



ବୋଧହୁଏ ଉଭୟେ ଉଭୟଙ୍କର ସ୍ୱଭାବ, ଚାଲି ଚଳଣକୁ ପସନ୍ଦ କରନ୍ତି, ଆପଣେଇ ନିଅନ୍ତି ଏବଂ ଅଜାଣତରେ ପରସ୍ପରକୁ ଭଲପାଇ ବସନ୍ତି।

କେବେ କୃଷ୍ଣଚୂଡ଼ାର ଛାଇରେ ତ କେବେ କଲେଜ କ୍ୟାଣ୍ଟିନ୍‌ରେ ଦୁହେଁ ଦୁହିଁଙ୍କ ଦୁଃଖ ସୁଖ ଗପନ୍ତି। ଶୁଭ୍ରଙ୍କୁ ନିଜଠାରୁ ଅଧିକ ବିଶ୍ୱାସ କରେ ଶ୍ୟାମଳୀ। ଶୁଭ୍ର ମଧ୍ୟ ଶ୍ୟାମଳୀ ପାଇଁ ପାଦେ ପାଦେ ସୁରକ୍ଷାର ବଳୟ ସୃଷ୍ଟି କରନ୍ତି। କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅଥବା ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ ଅନେକ ସମୟରେ ଘରକୁ ଫେରିବାରେ ବିଳମ୍ବ ହୁଏ। ସନ୍ଧ୍ୟା ହୋଇଗଲେ ଶ୍ୟାମଳୀକୁ ସୁରକ୍ଷିତ ଭାବରେ ଘରେ ପହଞ୍ଚାଇବାର ଦାୟିତ୍ୱ ନିଅନ୍ତି ଶୁଭ୍ରାଂଶୁ।

କଲେଜ ଗଲାଦିନଠାରୁ ଶ୍ୟାମଳୀକୁ ଆଉ ଆକାଶର ଜହ୍ନ କଥା ଭାବିବାକୁ ସମୟ ହୁଏନାହିଁ। ଏଇ ଅନ୍ତରଙ୍ଗତା ଭିତରେ ଶୁଭ୍ରାଂଶୁଙ୍କର ଟିକେ ସ୍ୱାଭାବିକ ସାମାନ୍ୟ ଦୁଷ୍ଟାମି ବଢୁଥିଲା ନିଶ୍ଚୟ। ଥରେ ସେ ପିଲାଦିନର କଥା ସବୁ ଶୁଭ୍ରାଂଶୁ ସହ ଗପିଲା ବେଳେ ଶୁଭ୍ର ହସି ହସି ଥଟ୍ଟାରେ କହିଲେ, ଆଗୋ ନୀଳକଇଁ! ତୁମେ ଆକାଶରେ ଜହ୍ନଟାକୁ କାହିଁକି ଖୋଜ ଗୋ? ମୁଁ ପରା ଜହ୍ନଟିଏ, ସଶରୀରେ ତୁମ ପାଖେ ପାଖେ ଅଛି। ତୁମେ କ'ଣ ଆଉ ସେଇ କୁନିଝିଅ ହୋଇ ରହିଛ? ତୁମେ ଯେ ଯୌବନଶ୍ରୀ, ନୀଳକଇଁ!

ଲାଜରେ ରାଗି ପାଚି ଲାଲ ହୁଏ ଶ୍ୟାମଳୀ। କ୍ଷଣିକ ଲାଗି ବାତାବରଣ ଶାନ୍ତ। ପରମୁହୂର୍ତ୍ତରେ ପରିସ୍ଥିତିକୁ ହାଲୁକା କରି ନିଅନ୍ତି ଶୁଭ୍ର।

କଲେଜରେ ବର୍ଷ କେତୋଟି କେଇଟି ଦିନ ଭଳି ବିତିଯାଏ। ଅଜଣା ପ୍ରୀତି, କୋହ, ଲୁହ ସବୁ ଚାପି ପରସ୍ପରକୁ ବିଦାୟ ଦିଅନ୍ତି ଦୁହେଁ। ଭବିଷ୍ୟତରେ କେବେ ଭେଟ ହେଉ ବା ନ ହେଉ, ଯୋଗାଯୋଗର ପ୍ରତିଶ୍ରୁତି ଦିଅନ୍ତି ଉଭୟେ।

ବର୍ଷ ଅନେକ ବିତିଯାଇଛି ଏଇ ଭିତରେ...

ଯୋଗାଯୋଗ ହୋଇପାରି ନାହିଁ। ଶ୍ୟାମଳୀ ନିଜ ପାରିବାରିକ ଜଞ୍ଜାଳରେ ଗୁଡ଼େଇ ତୁଡ଼େଇ ହୋଇଛି। ଜୀବନର ଖାଲଢିପ, କଣ୍ଟକିତ ରାସ୍ତାରେ ଦଉଡ଼ି ଦଉଡ଼ି ଅଣନିଃଶ୍ୱାସୀ ହୋଇପଡ଼ିଛି। ତେଣେ ଶୁଭ୍ରାଂଶୁ ମଧ ଉଚ୍ଚ ଶିକ୍ଷା ପ୍ରାପ୍ତି ପରେ ଆର୍ଥିକ, ମାନସିକ ଚାପର ଶିକାର ହୋଇ ପରିବାରର ବୋଝ ନିଜ କାନ୍ଧକୁ ନେଇଛନ୍ତି।

ବୟସର ମଧ୍ୟାହ୍ନରେ ପୁଣି ଥରେ ଯୋଗାଯୋଗ ହୋଇଛି ଉଭୟଙ୍କ ମଧ୍ୟରେ।

ଶ୍ୟାମଳୀ ଏଇ ସହରରେ ଏକ ଛୋଟ ଘରଟିଏ ଭଡ଼ାରେ ନେଇ ରହୁଛି। ଚାକିରି କରୁଥିଲା, ହେଲେ ବର୍ତ୍ତମାନ ଆଉ ନାହିଁ। ପାଖ ଗାଁର ଗରିବ ଝିଅଟିକୁ ସାଙ୍ଗରେ ଧରି ଆସିଛି। ସେ ହିଁ ତା'ର ନିଃସଙ୍ଗ ଜୀବନର ସାଥୀ।

ସ୍ମୃତିପଟରେ ଗୋଟି ଗୋଟି ହୋଇ ସବୁ ଝଲସି ଉଠୁଛି ଆଜି...

"କେଉଁ ତାରା ରାଇଜରେ ଲୁଚି ଯାଇଥିଲ ଶୁଭ୍ରାଂଶୁ! ଏତେ ଖୋଜିଲି– ଧରା ଦେଇ ନ ଥିଲ। ଦୀର୍ଘ ପ୍ରତୀକ୍ଷା ପରେ ଆସିଲ! ପୁଣି ସେଇ କରୁଣ ମହ୍ଲାର ତୋଳି ଦେଲ। କିନ୍ତୁ ଆଜି ଖାଲି ତୁମକୁ ଦୂରରୁ ଶୁଣି ପାରିବି ସିନା, ପାଖରେ ପାଇବାର ସମସ୍ତ ସମ୍ଭାବନା ଯେ ମୁଁ ହରାଇ ସାରିଛି...।"

ଭାବନାରେ ହଜିଗଲା ସେ। ସେଦିନର ସେଇ ପୂର୍ଣ୍ଣ ଯୌବନା ଫୁଟନ୍ତା ଗୋଲାପ, ନା' ନା' ନୀଳକଇଁ ଆଜି ସମୟର ଧକ୍କାରେ ବୃନ୍ତଚ୍ୟୁତ। ଲୁହର ଲୁଣି ସାଗରରେ ଉବୁଟୁବୁ...

ଅସହ୍ୟ ଯନ୍ତ୍ରଣାରେ ଛଟପଟ...

ଲୁହଲାଳ, ହସକାନ୍ଦ ଯେମିତି ସବୁ ଏକାକାର...

ଆଖି ଖୋଲିଲା ବେଳକୁ ଝରକା ଫାଙ୍କରେ ଜହ୍ନ ଆଉ ଦିଶୁନି। କୋଠରି ଭିତରେ କେବଳ ଅନ୍ଧକାର! ଶ୍ୱାସରୁଦ୍ଧ ହେଲା ଭଳି ଅନୁଭବ କରୁଥିଲା ସେ। ବିଛଣା କଡ଼ରେ ଅଣ୍ଡାଳି ହେଲା। ଆଶାବାଡ଼ିଟି ବୋଧହୁଏ ତଳେ ପଡ଼ିଯାଇଥିଲା...

ମୋ: ୯୩୦୧୦୧୨୩୩୩

## ପୁସ୍ତକ ପରିଚୟ

### ନିଷିଦ୍ଧ ନୀଳାଚଳ




**ଲେଖକ:** ଡ. ରଜତ କୁମାର କର
**ପ୍ରକାଶକ:** ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/–

ଆଲୋଚ୍ୟ ନାଟକଟି ଲେଖକ ଡ. କରଙ୍କ ମୁଦ୍ରିତ ଶେଷ ନାଟକ, ଯାହା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କୃତି ଓ କରଣୀକୁ ନେଇ ପରିକଳ୍ପିତ। ଇଂରେଜ ସରକାରଙ୍କ ପରିଚାଳନା ଅଧୀନକୁ ଚାଲିଯାଇଥିବା ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ଭାର କିପରି ପୁନଶ୍ଚ ଗଜପତିଙ୍କ ହାତକୁ ଫେରିଆସିବ, ଏଇ ମହତ୍ ଲକ୍ଷ୍ୟରେ ଆଇନର ଲଢ଼େଇ ଲଢ଼ି ସଫଳକାମ ହୋଇଥିବା ମଧୁବାବୁଙ୍କ ସଂଗ୍ରାମର କାହାଣୀକୁ ଅତି ଜୀବନ୍ତ ଭାବେ ନାଟକରେ ରୂପାୟିତ କରାଯାଇଛି। ନାଟକରେ ରହିଛି ମୋଟ ୧୮ଟି ଦୃଶ୍ୟ ଓ ଏହାର ସମସ୍ତ ଚରିତ୍ର ଐତିହାସିକ। ପ୍ରତ୍ୟେକ ଦୃଶ୍ୟରେ ଉତ୍କଳ ଜନନୀ ପ୍ରତି ମଧୁବାବୁଙ୍କ ଉତ୍ସର୍ଗିତ ଜାତୀୟ ଭାବନା, ଗଭୀର ଆତ୍ମବିଶ୍ୱାସ, ସତ୍ୟର ପ୍ରତିଷ୍ଠା ପାଇଁ ନିଷ୍ଠା ଓ ସାହସର ଯେପରି ପ୍ରତିଫଳନ ଘଟିଛି, ତାହା ନାଟକକୁ ପ୍ରଭାବଶାଳୀ କେବଳ କରିନାହିଁ, ଦର୍ଶକଙ୍କୁ ଜାତୀୟ ଭାବନାରେ ଉଦ୍‌ବୁଦ୍ଧ କରିଛି। 'ପଞ୍ଚମ ଦୃଶ୍ୟ'ରେ କଲେକ୍ଟର ଆର୍ମଷ୍ଟ୍ରଙ୍ଗ୍ ଓ ମଧୁବାବୁଙ୍କ ମଧ୍ୟରେ ହୋଇଥିବା ବାଚନିକ ଯୁକ୍ତିର ଆଦାନପ୍ରଦାନକୁ ପ୍ରତ୍ୟକ୍ଷ କଲେ ଆମ ଭିତରେ ମଧୁବାବୁଙ୍କ ପରି ଜଣେ ଅଭୀକ ନେତା ଓ ଅକୁଣ୍ଠ ଜନସେବୀ ଯେ ଜନ୍ମ ନେଇଥିଲେ– ଏହି ଭାବନାରେ ମନ ପୂରିଉଠେ। ପୁରୀର ଗଜପତି ରାଜା ବ୍ରିଟିଶ୍ ସରକାର କର୍ତ୍ତୃକ ଆଣ୍ଡାମାନରେ ନିର୍ବାସିତ ଓ ତାଙ୍କ ଅନୁପସ୍ଥିତିରେ ଶିଶୁପୁତ୍ରଙ୍କ ତରଫରୁ ରାଣୀ ସୂର୍ଯ୍ୟମଣିଙ୍କୁ ଶ୍ରୀମନ୍ଦିର ପରିଚାଳନା ଭାର ପ୍ରତ୍ୟର୍ପଣ କରାଯାଉ– ଏହି ଦାବିକୁ ମଧୁବାବୁ ଯେପରି ସାବ୍ୟସ୍ତ କରିଛନ୍ତି, ତାହା ସ୍ତରେ ସ୍ତରେ, ସଂଳାପେ ସଂଳାପେ ନାଟକୀୟ ହୋଇଉଠିଛି। ଆଶା, 'ନିଷିଦ୍ଧ ନୀଳାଚଳ' ଲୋକପ୍ରିୟ ହେବ ଓ ମଞ୍ଚାଭିନୟ ଦ୍ୱାରା ଦର୍ଶକଙ୍କୁ ଅଭିଭୂତ କରିଚାଲିଥିବ।

### ଜଳନ୍ତର ଇତିହାସ

(ଏକ ଛିନ୍ନ ପୃଷ୍ଠାର ଆତ୍ମକଥା)




**ଲେଖକ:** ସ୍ୱଦେଶ ସୁନ୍ଦର ପଟ୍ଟନାୟକ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୭୯/–

'ଜଳନ୍ତର', ଯାହା ଦିନେ ଓଡ଼ିଶାର ଥିଲା ଓ ଔପନିବେଶିକ ଷଡ଼ଯନ୍ତ୍ର ଯୋଗୁଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ଆନ୍ଧ୍ରର ପରିସରଭୁକ୍ତ ହୋଇଗଲା– ସେହି ଜଳନ୍ତରର ଅଙ୍ଗେନିଭା କାହାଣୀ ହେଉଛି ଆଲୋଚ୍ୟ ପୁସ୍ତକ। ଲେଖକଙ୍କର ଜନ୍ମ ଜଳନ୍ତରଗଡ଼ରେ ଓ ସେଇଠି କଟିଛି ତାଙ୍କର ଶୈଶବ ଓ କୈଶୋର। ଏହି କାରଣରୁ ଲେଖକ ଜଳନ୍ତରର ମାଟି, ପାଣି, ପବନ ତଥା ଓଡ଼ିଆ ଭାଷା ଓ ସଂସ୍କୃତିକୁ ତୃଣମୂଳସ୍ତରରୁ ଜାଣିଛନ୍ତି। ୧୯୩୯ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଲଗ୍ନରେ ଓଡ଼ିଶା ହରାଇଛି ଟିକଲି, ମଞ୍ଜୁଷା ଓ ଜଳନ୍ତରକୁ। ଏଥି ସହିତ ସେହି ମାଟି ସହ ସଂଯୁକ୍ତ ଓଡ଼ିଆ ଭାଷା ଓ ଐତିହ୍ୟକୁ। ଦେଶ ସ୍ୱାଧୀନ ପରେ ଭାରତବର୍ଷରେ ଯେଉଁ ପ୍ରାଦେଶିକତାର ଉଗ୍ର ଉଦ୍‌ଭବ ହୋଇଛି, ତାହା ଫଳରେ ତେଲୁଗୁ ସଂସ୍କୃତି ଭିତରେ ଓଡ଼ିଶାର ନାମ ଓ ପରିଚୟ ଧୀରେ ଧୀରେ ବିଲୁପ୍ତ ହେବାରେ ଲାଗିଛି। ପୁସ୍ତକଟି ଦୁଇ ଭାଗରେ ବିଭକ୍ତ। ପ୍ରଥମ ଭାଗରେ ରହିଛି ଜଳନ୍ତର ତଥା ବିଚ୍ଛିନ୍ନାଞ୍ଚଳର ସଂକ୍ଷିପ୍ତ ଇତିହାସ ଓ ଦ୍ୱିତୀୟ ଭାଗରେ 'ଗଲାଣି ତ ଗଲା କଥା' ଶୀର୍ଷକରେ ଲେଖକଙ୍କ ସ୍ୱକୀୟ ତିକ୍ତ ମଧୁର ଅନୁଭୂତିର ବର୍ଣ୍ଣନା। ବିଚ୍ଛିନ୍ନାଞ୍ଚଳ, ବିଶେଷକରି ଜଳନ୍ତର ସମ୍ପର୍କରେ ପୁସ୍ତକଟି ହେଉଛି ଏକ ବିଶ୍ୱସ୍ତ ଦଲିଲ, ଯାହା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣକୁ ବ୍ୟଥିତ କରିବ। ପୂର୍ଣ୍ଣାଙ୍ଗ ଓଡ଼ିଶାର ସ୍ୱପ୍ନ ଦେଖି, ସେହି ସ୍ୱପ୍ନକୁ ବିପ୍ଳବର ଆଧାର ପ୍ରଦାନ ସହ ବାସ୍ତବତାରେ ପରିଣତ କରିବାର ସଂକଳ୍ପ ନେବା ନିମିତ୍ତ ଗ୍ରନ୍ଥଟି ହେଉଛି ବର୍ତ୍ତମାନର ପିଢ଼ି ପାଇଁ ଏକ ଆହ୍ୱାନ।

## କାଳକାଳକୁ

"ଜୀବନ ଏକ ଦୀର୍ଘ ପ୍ରସ୍ତୁତି ତା'ରି ପାଇଁ, ଯାହା କେବେ ଘଟେ ନାହିଁ।"

– ଡବ୍ଲ୍ୟୁ. ବି. ୟେଟ୍‌ସ



**ଉଇଲିୟମ୍ ବଟ୍‌ଲର୍ ୟେଟ୍‌ସଙ୍କ** ଜନ୍ମ ୧୩ ଜୁନ୍ ୧୮୬୫ରେ ଓ ପରଲୋକ ୨୮ ଜାନୁୟାରୀ ୧୯୩୯ରେ। ସେ ଏକାଧାରରେ କବି, ନାଟ୍ୟକାର ଓ ବିଂଶ ଶତାବ୍ଦୀର ଆଇରିଶ୍ ସାହିତ୍ୟର ଜଣେ ତୁଙ୍ଗିମ ସ୍ରଷ୍ଟା। ତାଙ୍କୁ ଯେତେବେଳେ ୧୭ ବର୍ଷ ବୟସ, ସେତେବେଳେ ସେ ଲେଖା ଆରମ୍ଭ କଲେ। ଆଇରିଶ୍ ସାହିତ୍ୟକୁ ନବଜୀବନ ଦେବାରେ ୟେଟ୍‌ସଙ୍କ ଅବଦାନ ସର୍ବାଗ୍ରେ ସ୍ୱୀକୃତ। 'ଅନ୍ ବେଲ୍‌ସ ଷ୍ଟ୍ରାଣ୍ଡ୍', 'ଡେୟିରଡ୍ରେ', 'ଦ କିଙ୍ଗ୍ ଅଫ୍ ଦ ଗ୍ରେଟ୍ କ୍ଲକ୍ ଟାୱାର' ପ୍ରଭୃତି ତାଙ୍କର କେତେକ ଜନପ୍ରିୟ ନାଟକ। ଆଇରିଶ୍ ଫ୍ରି ଷ୍ଟେଟ୍‌ର ସିନେଟର ଭାବେ ସେ ଦୁଇଥର ସଫଳତାର ସହ କାର୍ଯ୍ୟ କରିଥିଲେ। ସାହିତ୍ୟକୁ ନିଜର ମୂଲ୍ୟବାନ୍ ଅବଦାନ ପାଇଁ ୧୯୨୩ରେ ତାଙ୍କୁ ମିଳିଥିଲା ସାହିତ୍ୟରେ ନୋବେଲ। ସେ କହନ୍ତି: "ଜ୍ଞାନୀଲୋକ ଭଳି ଚିନ୍ତାକର, କିନ୍ତୁ ଲୋକଙ୍କ ଭାଷାରେ ତାକୁ ବାଣ୍ଟ।"

## କବିତା

### ଦ୍ରୌପଦୀର ସ୍ମିତହାସ୍ୟ

**ଡ. ସୁଧାଂଶୁବାଳା ତ୍ରିପାଠୀ**

ଜନ୍ମ ଯାହାର ଅଗ୍ନି ଜଠରୁ
ଯନ୍ତ୍ରଣା ଯା'ର ଟିକା
ମୃତ୍ୟୁକୁ ଯିଏ ଫୁତ୍‌କାରିଦିଏ
ଅପମାନ ଯା'ର ସଖା।
ଦୁଃଖ ଯାହାର ପ୍ରସୂନର ମାଳ
ଭାଗ୍ୟ ବି ଦେଲା ଧୋକା
ତୁମରି କରୁଣା ପ୍ରେମର ପରଶ
ଜୀବନିକା ତା'ର ଏକା।

ସତେ କି କେଶବ ଜୀବନେ ମୋହର
ଇଚ୍ଛା ବୋଲି କିଛି ନାହିଁ
ଅପର ଖିଆଲେ ଅପର ନିର୍ଦ୍ଦେଶେ
ବଞ୍ଚୁଥିବି ଖାଲି ମୁହିଁ।
ସ୍ରଷ୍ଟା ବୋଲି ଯା'କୁ ଭାବିଥିଲି ଦିନେ
କଲା ମୋତେ ଅଭିଶପ୍ତ
ହାତ ଧରି ଯା'ରେ ଆଶ୍ରିତ ହେଲି
କଲା ମୋ' ସତୀତ୍ୱ ନଷ୍ଟ।

ବୀର ବୋଲି ମଣି ଭାବିଥିଲି ଯା'ରେ
ହୋଇଗଲେ କାପୁରୁଷ
କୁରୁସଭା ତଳେ ବିବସନା ହେଲି
କୁହ କ'ଣ ମୋର ଦୋଷ?

କୁତ୍ସିତ ଏହି ଦାନବ ଦଳର
ସଭିଏଁ ରକତମୁଖା
ଧନ୍ୟ ପ୍ରଭୁ ହେ ଗିରିଧର ତୁମେ
ତୁମେ ହିଁ ଜୀବନ ସଖା।
ସତ୍ୟ ନ୍ୟାୟର ଦ୍ୱାହି ଦେଉଥିବା
ବୀର ପୁଙ୍ଗବ ଦଳ
ଭଗ୍ନ ଜାନୁ ନେଇ ଧରାରେ ଲୋଟନ୍ତି
ଏହା ତ କାଳର ଖେଳ।
କାମନା ଫାଶରେ ଫାନ୍ଦିବାକୁ ଦିନେ
ରଚିଲେ ବିଷ ବଳୟ

ସେଇ ବଳୟର ଚକ୍ରବ୍ୟୁହେ ସେ
ଦେଖନ୍ତି ମରଣ ଭୟ।

ଧନ୍ୟ ବାସୁଦେବ ମହିମା ତୁମର
ସତ୍ୟସାରଥି ତୁମେ
ଯୁଗେଯୁଗେ ତୁମେ ଧର୍ମ ରୂପରେ
ଅବତର ଏହି ଧାମେ।
ବେଣୀର ବନ୍ଧନ କରିବ ନିଶ୍ଚୟ
ବିଶ୍ୱାସ ମୋହର ଅଛି
ଅରିଗଣ ସବୁ କାଳର ସୁଅରେ
ସରିଯିବେ ହୋଇ ପୋଛି।
ତୁମ ଇଙ୍ଗିତେ କ୍ରିଷ୍ଣା ତୁମର
ହସଇ ହେ ପ୍ରାଣସଖା
ଦିବସ ରଜନୀ ଏକାକାର କରି
ସଦା ଦେଉଥାଅ ଦେଖା।

ମୋ: ୮୨୪୯୫୩୩୯୧୬

### ତୁମେ ନଥିଲ

**ଭବାନୀ ଶଙ୍କର ଦାଶ**

ଭାଗ୍ୟ ଆଉ ଭଗବାନ
ପାଚିଲା ଫଳଟେ ଭଳି
ମତେ ବାଣ୍ଟି ଖାଇଲେ ଯେ ଦିନ
ତୁମେ କିନ୍ତୁ ନ ଥିଲ ସେଦିନ।

ବାଧ ହେଲି ଫାଳ ଫାଳ
ହେଇଯିବା ପାଇଁ
ନିଜଠାରୁ ସେ ଦିନଠୁ
ନିଜକୁ ମୁଁ ରଖିଛି ଦୂରେଇ।

ଦେଖିବ ଆସିଲେ
କେତେ ଲକ୍ଷ ପ୍ରଜାପତି
ମହୁମାଛି କେତେ କୋଟି
ତୁମେ ନ ଥିବାରୁ ଏଠି
ମରିପଡ଼ିଥିଲେ।

ମୋ: ୮୯୧୭୬୨୪୩୮୬

# ବୋଉର ଆଲମାରି

## ଲଘୁଗଳ୍ପ

**ସୁନିତା ପ୍ରଧାନ**

ଶାଗୁଆନ୍ ପଟାର କଳା ମଚମଚ ଓଜନିଆ କାଠ ଆଲମାରିଟି ଆମ ବାରିଘରେ ସଗର୍ବେ ମୁଣ୍ଡ ଟେକି ଠିଆ ହୋଇଥିଲା କୋଉ କାଳୁ। ବୋଉ ବାହା ହୋଇ ଆସିବା ବେଳେ ତା' ବାପଘରୁ ଏଇଟିକୁ ନେଇ ଆସିଥିଲା। ଅତି ସାଧାରଣ ଦେଖାଯାଉଥିବା ଏଇ ଆଲମାରି ପ୍ରତି ବୋଉର ଗୋଟେ ଅଦ୍ଭୁତ ଆକର୍ଷଣ! ଏ ଆଲମାରିରେ ତା'ର ଏକଚାଟିଆ ଅଧିକାର। ତା' ଅଣ୍ଟାରେ ଅତି ଯତ୍ନରେ ଖୋସିଥାଏ ସେ ଚାବିଟିକୁ। ଏହାର ଚାବି ସେ କାହାରିକି କେବେ ଛୁଆଁଇ ଦିଏନି। ଏପରିକି ବାପାଙ୍କୁ ମଧ୍ୟ ନୁହଁ। ବୋଉ ଯେତେବେଳେ ବି ଆଲମାରି ଖୋଲେ, ଗନ୍ଧକର୍ପୂର ଓ ନୂଆଲୁଗାର ଏକ ଫେଣ୍ଟାଫେଣ୍ଟି ମିଠା ବାସ୍ନା ସାରା କୋଠରିରେ ଖେଳେଇ ହୋଇଯାଏ। ସେ ବାସ୍ନା ଟିକକ ପାଇବା ପାଇଁ ଛୁଆ ବେଳେ ଆମେ ସବୁ ଭାଇଭଉଣୀମାନେ ଉତ୍କଣ୍ଠିତ ହୋଇ ଅନେଇ ବସିଥାଉ ବୋଉର ଆଲମାରି ଖୋଲିବା ନେଇ। ବୋଉ ପାଇଁ ଏଇଟି କେବଳ ଗୋଟିଏ ଆଲମାରି ନଥିଲା। ଏଇଟି ଥିଲା ତା' ବୋଉର ସନ୍ତକ। ମୋ' ଆଈ କାଳେ ଆଣିଥିଲା ତା' ବାପଘରୁ। ତା'ପରେ ବୋଉ ନେଇ ଆସିଥିଲା ଏଇଟିକି।

ପିଉସୀମାନଙ୍କ ବାହାଘର ବେଳେ ବୋଉ ତା'ର ସମସ୍ତ ସୁନାଗହଣା, ପିତଳ ବାସନକୁସନ, ବଡ଼ କାଠ ପେଡ଼ି ସବୁ ଦେଇ ସାରିଥିଲା; କେବଳ ଏଇ ଗୋଟିକ ବ୍ୟତୀତ।

ଏଇଟି ଥିଲା ତା'ର ଲକ୍ଷ୍ମୀ ଭଣ୍ଡାର। ତା' ସୁଖ, ଦୁଃଖ, ଅଭାବ ଅସୁବିଧା, ଲୁହ କାନ୍ଦ, ହସ ଖୁସି, ସ୍ମୃତି ଅନୁଭୂତିର କୁବେର ପେଡ଼ି। ଆମ ପିଲାବେଳର ସବୁ ଫଟୋ, ଆମ କୃତୀ କୃତିତ୍ୱର ଛବି, ଆମ ନୂଆ ଶାର୍ଟ ପ୍ୟାଣ୍ଟ, ଜାମା ସବୁ ତା'ରି ଭିତରେ ରହୁଥିଲା।

ଘରକୁ କୁଣିଆ ମୈତ୍ର, ବନ୍ଧୁ ବେଭାର ସବୁଠି ଦେବା ନେବାରେ ବୋଉ ତା' ଆଲମାରିରୁ ନୂଆ ଲୁଗାପଟା ବାହାର କରେ। ଘରର ସଉଦା ପତ୍ର, ଚାଷବାସ, ମୂଲିଆ ହଳିଆ, ପୂଜା ପର୍ବ ପାଇଁ ଯାହାକୁ ଯେତେବେଳେ ଯାହା ଟଙ୍କା ପଇସା ଦରକାର ହୁଏ, ବୋଉ ତା'ର ଏଇ ଲକ୍ଷ୍ମୀଭଣ୍ଡାର ଖୋଲି ଟଙ୍କା ବାହାର କରି ଦିଏ। ଏଇ ଆଲମାରିକୁ ନେଇ ବେଳେବେଳେ ମୁଁ ବୋଉକୁ ଚିଡ଼ାଏ। ବୋଉ ଏ କାଠ ଆଲମାରି କେତେବେଳେ ଉଈ ଖାଇଦେବ, ଚୋର ଭାଙ୍ଗି ସବୁ ନେଇଯିବ। ଏଇଟିକୁ କାହିଁକି ତୁ ଏତେ ଭଲପାଉ ଯେ! ବାପାଙ୍କୁ କହି ନୂଆ ଲୁହା ଆଲମାରିଟେ ଆଣୁନୁ। କୋଉ ଗୋଟେ ମାନ୍ଧାତା ଅମଳର ଜିନିଷ ପାଇଁ ତୋର ଏତେ ଲୋଭ।

ଅନ୍ୟ ବେଳେ ପ୍ରାୟ ଶାନ୍ତ ରହୁଥିବା ବୋଉ ତା' ବାପଘର ବିଷୟରେ କିଛି କଥା କିମ୍ବା ଜିନିଷ କଥା ଉଠିଲେ ଆଦୌ ସମ୍ଭାଳି ପାରେନା। ସେ ରାଗି କି ନାଲି ପାଚି ଯାଏ। ତା' ବାପଘର ସପକ୍ଷରେ ଅଣ୍ଟାଭିଡ଼ି ଓକିଲାତି କରିବାକୁ ବାହାରିପଡ଼େ। ମୋ' ବୋଉର ସ୍ମୃତିକୁ ତୁ ମାନ୍ଧାତା ଅମଳର ଜିନିଷ ବୋଲି କେମିତି କହିପାରିଲୁ କହି ବୋଉ ମୋତେ ଧୁମ୍ ଗାଳିଦିଏ। ସବୁ ଝିଅମାନେ ବୋଧେ ଏମିତି! ଦୁନିଆର ସବୁ ଦୁଃଖ କଷ୍ଟ ସହିଯିବେ ପଛକେ ବାପଘର ବିରୁଦ୍ଧରେ ପଦେ କଥା ସହି ପାରିବେନି। ବୋଉର ଗାଳି ଶୁଣି ମୁଁ କିଛିଦିନ ଚୁପ୍ ରହିଯାଏ। ପୁଣି କିଛିଦିନ ପରେ ସେଇ କଥାର ପୁନରାବୃତ୍ତି ହୁଏ।

ପରିବର୍ତ୍ତନ ତ ଦୁନିଆର ନିୟମ। ଆମେ ବା ଏଥିରୁ କେମିତି ବାଦ୍ ପଡ଼ିଥା'ନ୍ତୁ। ଯାରି ଭିତରେ ବିତିଯାଇଛି ଅନେକ ବର୍ଷ। ଗାଁର ନୁଆଁଣିଆ ଚାଳଘର ବଦଳରେ ଛିଡ଼ା ହୋଇଥିଲା ଏକ ପକ୍କା ଘର। ମୁଁ ବାହା ହୋଇ ଚାଲିଯାଇଥିଲି ମୋ' ଶାଶୁଘରକୁ। ଭାଇମାନେ ବାହା ସାହା ହୋଇ ନିଜ ନିଜ କର୍ମ କ୍ଷେତ୍ରରେ। ବାପା ଆମକୁ ଛାଡ଼ି ଚାଲିଯାଇଥିଲେ ଅନେକ ଦିନ ତଳୁ। ବଦଳି ଯାଇଥିଲା ଘରର ଚାଲିଚଳଣି। ପୁରୁଣା ଆସବାବପତ୍ରର ସ୍ଥାନ ନେଇଥିଲା ନୂଆ ଡିଜାଇନର ଫର୍ନିଚର ସବୁ। କେବଳ ବଦଳି ନଥିଲା ବୋଉର ଏଇ ଆଲମାରିଟି। ବୋଉ ସମସ୍ତଙ୍କୁ ତାଗିଦା କରି ଦେଇଥିଲା, ସେ ବଞ୍ଚି ଥାଉଥାଉ ତା' ଆଲମାରିରେ କେହି ଯେମିତି ହାତ ନ ଲଗାନ୍ତି! ଅଗତ୍ୟା ବୋଉ ଆଉ ତା' ଆଲମାରି ଗାଆଁରେ ସେମିତି ହିଁ ଥିଲେ, ବୋଉର ସୁଖ ଦୁଃଖର ଏକମାତ୍ର ସାକ୍ଷୀ ଥିଲା ଏଇ ଆଲମାରି।



ବୋଉ ଯିବାର ଆଜକୁ ବାର ଦିନ ହୋଇ ସାରିଥିଲା। କୁଣିଆ ମଇତ୍ର ସବୁ ଚାଲି ଯାଇଥିଲେ। କେବଳ ରହିଯାଇଥିଲୁ ଆମେ ଭାଇ ଭଉଣୀମାନେ। ମୁଁ ବି କିଛି ଘଣ୍ଟାର ଅତିଥି ଏ ଘରେ। ତା'ପରେ ଚାଲିଯିବି ମୋ' ଶାଶୁଘରକୁ। ଜାଣେନା ପୁଣି ଥରେ କେବେ ଫେରିବି କି ନାହିଁ ଏଠିକି? କାରଣ ବାପା ମା' ଚାଲିଯିବା ପରେ ଗୋଟେ ଝିଅର ଆଉ ବାପଘର ବୋଲି କିଛି ଥାଏ କି?

ଲୁହ ଛଳଛଳ ଆଖିରେ ମୁଁ ଚାହିଁଥାଏ ଘରର ଚତୁର୍ଦ୍ଦିଗକୁ। ବୋଉର ଆଲମାରି ସେମିତି ସେଇ ବାରିଘରେ କାନ୍ଥକୁ ଆଉଜି ଛିଡ଼ା ହୋଇଥିଲା। ଆଲମାରି ଦେଖିବାକ୍ଷଣି ମୋ' ବୋଉ କଥା ମୋର ଆହୁରି ବେଶୀ ମନେପଡୁଥିଲା।

ଭାଇମାନଙ୍କ ଭିତରେ ଜମିବାଡ଼ି, ଘରଦ୍ୱାର ସବୁ ଭାଗ ବଣ୍ଟା ସରିଯାଇଥିଲା। ବୋଉର ଆଲମାରିକୁ ପୁରୁଣାକାଳିଆ ଅଦରକାରୀ ପଦାର୍ଥ କହି କାହାରିକି ବିକି ଦେବାକୁ କହୁଥିଲେ ଭାଉଜମାନେ। ଏଯାଏ କବାଟ ପାଖରେ ରହି ସବୁ କିଛି ନୀରବରେ ଦେଖୁଥିଲି, ଶୁଣୁଥିଲି ମୁଁ। ବୋଉର ଆଲମାରି କଥା ଉଠିବାରୁ କିନ୍ତୁ ମୁଁ ଆଉ ନିଜକୁ ଅଟକେଇ ପାରିଲିନି। ଭାଇମାନଙ୍କୁ ନେହୁରା ହେଲି କାହାକୁ ଏଇଟିକୁ ନ ବିକିବା ପାଇଁ। ପାରୁଚ ଯଦି ମୋ' ବୋଉର ସନ୍ତକ ହିସାବରେ ଏଇଟାକୁ ମୋତେ ଦେଇଦିଅ। ବଡ଼ ଭାଉଜ ତାଚ୍ଛଲ୍ୟଭରା ହସ ହସି ଆଲମାରି ଚାବିକାଠିଟି ମୋ' ହାତକୁ ବଢ଼େଇ ଦେଇ କହୁଥିଲେ, ଝିଅମାନଙ୍କର ବାପଘରର ସବୁ ଜିନିଷରେ ଭାରି ଲୋଭ। ଦେଖୁନ ଏଇ କେଇଖଣ୍ଡ କାଠପଟାକୁ ବି ନେବା ପାଇଁ କେମିତି ଚାହିଁ ବସିଛନ୍ତି! ସେପଟ ଘରୁ ଦୁଇ ଭାଉଜଙ୍କ ଖିଲିଖିଲି ହସ ଶୁଭୁଥିଲା ବେଳେ ମୋ' ଆଖିପତା ଦୁଇଟି ମୁଦି ହେଇ ଯାଉଥିଲା ଲୁହରେ। ମୁଁ ଚାବି ନେଇ ଦୌଡ଼ିଯାଇଥିଲି ସେଇ ଆଲମାରି ପାଖକୁ। ଚାବି ଖୋଲି ଦେବାମାତ୍ରେ ଏକ ଅଦ୍ଭୁତ ବାସ୍ନା ସଞ୍ଚରି ଯାଉଥିଲା ମୋ' ସମସ୍ତ ଶିରା ପ୍ରଶିରାରେ।

ମୋ: ୭୭୪୯୮୫୦୪୭୫

# କିରଣ ଭାରତୀୟ ଦଳର କୋଚ୍

ଭୁବନେଶ୍ୱର, ୭।୬
(ତପନ ସ୍ୱାଇଁ)

ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) କିରଣ ମନୀଷା ମହାନ୍ତିଙ୍କୁ ମିଳିଛି ଆଉ ଏକ ଗୁରୁଦାୟିତ୍ୱ। କାଜାଖସ୍ତାନର ଅଲ୍‌ମାଟିରେ ହେବାକୁଥିବା ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ପାଇଁ ସେ ଭାରତୀୟ ଦଳର କୋଚ୍ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତା ଚଳିତ ମାସ ୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ କିରଣଙ୍କ ନିଯୁକ୍ତି ସଂସ୍ଥା ଏଲ୍‌ଆଇସିକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଏଥିରେ କିରଣ ଖୁସି ବ୍ୟକ୍ତ

**ଏସିଆନ ୟୁଥ୍ ଚେସ୍**

କରିବା ସହ ଆଗାମୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଥିବାକଥା କହିଛନ୍ତି।

କାଜାଖସ୍ତାନ ଚେସ୍ ଫେଡେରେଶନ ଆନୁକୂଲ୍ୟରେ ଆୟୋଜନ ହେବାକୁଥିବା ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ରେ ୮, ୧୦, ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ବର୍ଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ହେବ। ସଂଯୋଗ ବଶତଃ କିରଣ ମନୀଷା ଏସିଆନ୍ ୟୁଥ୍ ଚାମ୍ପିୟନଶିପ୍‌ରେ ହିଁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରତିଯୋଗିତା ୨୦୦୩ରେ କେରଳର କାଲିକଟରେ ଅନୁଷ୍ଠିତ ହୋଇଥିଲା। ୪ ବର୍ଷ ପରେ ସେ ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ବ୍ରୋଞ୍ଜ ପଦକ ପାଇଥିଲେ।

ଜାତୀୟ ଦଳର କୋଚ୍‌ଭାବେ କିରଣ ଦ୍ୱିତୀୟ ଥରପାଇଁ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ପୂର୍ବରୁ ୨୦୨୩ରେ କାଜାଖସ୍ତାନର ଅଲ୍‌ମାଟିରେ ଅନୁଷ୍ଠିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ମହିଳା ଦଳର କୋଚ୍ ଦାୟିତ୍ୱକୁ ସଫଳତାର ସହ ତୁଲାଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ଓ ମାରୀ ଆନ୍ ଗୋମ୍ସ ଯଥାକ୍ରମେ ମହିଳା କାଟେଗୋରିରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଏହି ଦୁଇ ଖେଳାଳି ୨୦୨୩ ଫିଡେ ବିଶ୍ୱକପ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ।


କିରଣ ମନୀଷା ମହାନ୍ତି

# ସ୍କଟଲାଣ୍ଡ ୫ ଉଇକେଟରେ ବିଜୟୀ

ବ୍ରିଜଟାଉନ୍, ୭।୬(ଏପି)

ନାମିବ୍ୟା ବିପକ୍ଷରେ ୫ ଉଇକେଟରେ ବିଜୟ ହାସଲ କରିବା ପରେ ଏଠାରେ ଚାଲିଥିବା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ 'ବି'ରେ ଶୀର୍ଷ ସ୍ଥାନ ଅଧିକାର କରିନେଇଛି ସ୍କଟଲାଣ୍ଡ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୫୫ ରନ କରିଥିଲା। ସ୍କଟଲାଣ୍ଡ ୯ଟି ବଲ୍ ବାକି ଥାଇ ୫ ଉଇକେଟ ବିନିମୟରେ ମ୍ୟାଚ ଜିତି ନେଇଥିଲା। ନାମିବ୍ୟା ଅଧିନାୟକ ଗେରହାର୍ଡ ଇରାସମସ (୨/୧୪)ଙ୍କ ଚମତ୍କାର ବୋଲିଂ ଯୋଗୁ ସ୍କଟଲାଣ୍ଡ ଏକଦା ୬୯ରନରେ ୩ ଉଇକେଟ ହରାଇଥିଲା। ତେବେ ଦଳ ପକ୍ଷରୁ ୩୫ ବଲରୁ ୪୭ରନ କରିଥିବା ଅଧିନାୟକ ରିଚି ବରିଙ୍ଗଟନ ଏବଂ ମାଇକେଲ ଲିସ୍କ (୧୭ ବଲ୍‌ରୁ ୩୫)ଙ୍କ ମଧ୍ୟରେ ୫ମ ଉଇକେଟରେ ୭୪ ରନର ମହତ୍ତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ବିଜୟ ପଥ ସୁଗମ ହୋଇଯାଇଥିଲା। ଦୁଇ ଦଳ ମଧ୍ୟରେ ଏହା ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ ହୋଇଥିବା ବେଳେ ନାମିବ୍ୟା ବିପକ୍ଷରେ ସ୍କଟଲାଣ୍ଡର ଏହା ପ୍ରଥମ ବିଜୟ। ପୂର୍ବରୁ ଇଂଲଣ୍ଡ ବିପକ୍ଷ ଓପନିଂ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ପଏଣ୍ଟ ବଣ୍ଟାଆରା ହୋଇଥିଲା। ସ୍କଟଲାଣ୍ଡ ଏଥିରୁ ଏକ ପଏଣ୍ଟ ଅର୍ଜନ କରିପାରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା ଇନିଂସରେ ଗେରହାର୍ଡ ଇରାସମସ (୩୦ ବଲ୍‌ରୁ ୫୨ରନ) ଏବଂ ଜେନ୍ ଗ୍ରୀନ୍ (୨୮)ଙ୍କ ମଧ୍ୟରେ ୫ମ ଉଇକେଟରେ ୫୧ ରନର ପାର୍ଟନରଶିପ୍ ଉଲ୍ଲେଖନୀୟ ଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବିଜୟୀ ଦଳର ମାଇକେଲ ଲିସ୍କ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୭ ବଲ୍‌ରୁ ୩୫ ରନ କରିବା ସହ ୧୬ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

# ଫାଇନାଲରେ ଅଲକାରାଜ

ପ୍ୟାରିସ, ୭।୬

ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଏକ କଡ଼ା ମୁକାବିଲାରେ ଅଲ୍‌କାରେଜ ଦ୍ୱିତୀୟ ସିଡ୍ ଇଟାଲିର ଜାନିକ ସିନରଙ୍କୁ ୨-୬, ୬-୩, ୩-୬, ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଚମତ୍କାର ପ୍ରଦର୍ଶନ କରି ସିନର ପ୍ରଥମ ସେଟ୍‌କୁ ୬-୨ରେ ଜିତିଥିଲେ।

**ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ଅଲ୍‌କାରାଜ ଦ୍ୱିତୀୟ ସେଟ୍‌କୁ ୬-୩ରେ ଜିତିବାରୁ ମ୍ୟାଚ ବରାବରସ୍ଥିତିକୁ ଆସିଥିଲା। ତୃତୀୟ ସେଟ୍‌ରେ କିନ୍ତୁ ବାଜି ମାରିଥିଲେ ସିନର। ସେ ୬-୩ରେ ବିଜୟ ହାସଲ କରି ପୁଣି ଅଗ୍ରଣୀ ହାସଲ କରିଥିଲେ। ମାତ୍ର ଅଲ୍‌କାରାଜ ୪ର୍ଥ ସେଟ୍‌କୁ ୬-୪ରେ ଜିତିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୫ମ ତଥା ନିର୍ଣ୍ଣାୟକ ସେଟ୍‌କୁ ୬-୩ ସେଟ୍‌ରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ ଅଲ୍‌କାରାଜ। ଅଲ୍‌କାରାଜଙ୍କ ପାଇଁ ଏହା ପ୍ରଥମ ଫାଇନାଲ ପ୍ରବେଶ। ଏହା ପୂର୍ବରୁ ୨୦୨୩ ଫ୍ରେଞ୍ଚ୍ ଓପନରେ ସେ ସେମିଫାଇନାଲରୁ ବିଦାୟ ନେଇଥିଲେ। ଏଠାରେ ଫାଇନାଲରେ ପ୍ରବେଶ କରିଥିବାରି ସ୍ପାନିଶ୍ ଖେଳାଳିଙ୍କ ନିକଟରେ କ୍ୟାରିୟରର ୩ୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସମ୍ଭାବନା ରହିଛି। ପୂର୍ବରୁ ସେ ୨୦୨୨ରେ ୟୁଏସ୍ ଓପନ ଏବଂ ୨୦୨୩ରେ ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ପରାଜୟ ଦ୍ୱାରା ଚଳିତ ବର୍ଷର ଅଷ୍ଟ୍ରେଲିଆନ ଓପନ ବିଜେତା ସିନରଙ୍କ ଫ୍ରେଞ୍ଚ ଓପନ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି।


ମ୍ୟାଚ୍ ଜିତିବା ପରେ ଉଲ୍ଲସିତ କାର୍ଲୋସ ଅଲ୍‌କାରାଜ।

# କ୍ୱାର୍ଟରରୁ ଲକ୍ଷ୍ୟ ସେନ୍‌ଙ୍କ ବିଦାୟ

ଜାକର୍ତ୍ତା, ୭।୬ (ପି.ଟି.): ଭାରତର ଷ୍ଟାର ଶଟଲର ଲକ୍ଷ୍ୟ ସେନ୍ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଫଳରେ ଟୁର୍ନାମେଣ୍ଟରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ବିଶ୍ୱର ୧୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ସେନ୍ ଲଢ଼ୁଆ ପ୍ରଦର୍ଶନ କରିଥିଲେ ମଧ୍ୟ କ୍ୱାର୍ଟରଫାଇନାଲରେ ବିଶ୍ୱର ୫ ନମ୍ବର ତଥା ଡେନ୍‌ମାର୍କର ଆଣ୍ଡର୍ସ ଆଣ୍ଟନସେନଙ୍କଠାରୁ ୨୨-୨୪, ୧୮-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୧ ମିନିଟ ଧରି ଚାଲିଥିଲା। ମ୍ୟାଚରେ ବିଜୟ ଦ୍ୱାରା ଭାରତୀୟ ଖେଳାଳିଙ୍କ ବିପକ୍ଷରେ ଆଣ୍ଟନସେନଙ୍କ ବିଜୟ ପରାଜୟ ରେକର୍ଡ ୩-୨ରେ ପହଞ୍ଚିଛି। ଆଣ୍ଟନସେନ ସେମିଫାଇନାଲରେ ୮ମ ସିଡ୍ ତଥା ଥାଇଲାଣ୍ଡର କୁନ୍‌ଲାଭଟ ଭିଟିଡସରନଙ୍କୁ ଭେଟିବେ।

# ବିପର୍ଯ୍ୟୟ ଘଟାଇଲା ଆମେରିକା

ନ୍ୟୁୟର୍କ,୭।୬

ଟି୨୦ ବିଶ୍ୱକପରେ ଗୁରୁବାର ଏକ ବଡ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମ ଥର ବିଶ୍ୱକପ ଖେଳୁଥିବା ଆମେରିକା ସୁପର ଓଭରରେ ୫ ରନରେ ପାକିସ୍ତାନକୁ ହରାଇ ଏହି ବିପର୍ଯ୍ୟୟ ସୃଷ୍ଟି କରିଛି। ଆମେରିକା ଟସ୍ ଜିତି ବୋଲିଂ ନେଇଥିବା ବେଳେ ପାକିସ୍ତାନ ୨୦ ଓଭରରେ ୭ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଜବାବରେ ଆମେରିକା ୨୦ ଓଭରରେ ୩ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ସୁପର ଓଭରରେ ସୌରଭ ନେତ୍ରଭଲକର ଚମତ୍କାର ବୋଲିଂ କରି ଆମେରିକାକୁ ଜିତାଇଥିଲେ। ଦୁଇ ବଂଶଜ ଭାରତୀୟ ମୋନାଙ୍କ ପଟେଲ ୫୦ ରନ୍ ଓ ସୌରଭ ନେତ୍ରଭଲକର ୨ ଉଇକେଟ ନେଇ ଆମେରିକା ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୫୯/୭(ବାବର ଆଜମ୍-୪୪, ଶଦାବ୍ ଖାନ-୪୦, ଶାହିନ୍ ଆଫ୍ରିଦି-୨୩*, ନୋଶ୍ତୁଶ କେନ୍‌ଜିଗେ-୩/୩୦, ସୌରଭ-୨/୧୮, ଯଶଦୀପ ସିଂ-୧/୩୭)। ଆମେରିକା ୨୦ ଓଭରରେ ୧୫୯/୩(ମୋନାଙ୍କ ପଟେଲ-୫୦, ଆଣ୍ଡ୍ରିସ୍ ଗୌସ-୩୫, ଆରୋନ୍ ଜୋନ୍ସ-୩୬*, ନସିମ୍ ଶାହ-୧/୨୬, ହରିସ୍ ରୌଫ୍-୧/୩୭, ମହମ୍ମଦ ଆମିର-୧/୨୫)।

# ଆରେଭାଲୋ-ପାଭିକ୍‌ଙ୍କୁ ପୁରୁଷ ଡବଲ୍ସ ଟାଇଟଲ

ପ୍ୟାରିସ, ୭।୬

ସାଲ୍‌ଭାଡୋରର ମାର୍ସେଲୋ ଆଲେଭାରୋ ଓ କ୍ରୋଏସିଆର ମେଟ୍ ପାଭିକ୍ ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଏହି ଯୋଡ଼ି ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ ଓ ମାର୍ସେଲ ଗ୍ରାନୋଲେର୍ସଙ୍କୁ ୩-୬, ୬-୪, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାଜିତ ରହିଥିଲେ ହେଁ ଚାପଗ୍ରସ୍ତ ନ ହୋଇ ଆଲେଭାରୋ-ପାଭିକ୍ ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ସେଟ୍ ଜିତିଥିଲେ। ତୃତୀୟ ତଥା ଅନ୍ତିମ ସେଟ୍‌ରେ କଡ଼ା ଟକ୍କର ହୋଇଥିଲେ ହେଁ ଶେଷରେ ସାଲ୍‌ଭାଡୋର-କ୍ରୋଏସିଆ ଯୋଡ଼ି ବାଜି ମାରିଥିଲେ।

# ଜାତୀୟ ଶକ୍ତିଉତ୍ତୋଳନ ପାଇଁ ଓଡ଼ିଶା ଦଳ


ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତିଉତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀ।

ଭୁବନେଶ୍ୱର, ୭।୬ (ବିଜୟ ରଣା)

ରାଜସ୍ଥାନର ଶୀଗଙ୍ଗନଗରଠାରେ ପାୱାର ଲିଫ୍ଟିଂ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଜାତୀୟ ସବ୍-ଜୁନିୟର ଓ ଜୁନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ୨୫ ଜଣିଆ ଦଳ ଭାଗ ନେଉଛି।

**ଜାତୀୟ ସବ୍-ଜୁନିୟର, ଜୁନିୟର**

ତନ୍ମଧ୍ୟରେ ୧୪ଜଣ ପୁରୁଷ ଓ ୧୦ ମହିଳା ପ୍ରତିଯୋଗୀ ସାମିଲ ଅଛନ୍ତି। ଦଳ ସହିତ କୋଚ୍ ଓ ପ୍ରବନ୍ଧକ ଭାବେ ଗଙ୍ଗାଧର ବିଶୋଇ ଗସ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ଶକ୍ତିଉତ୍ତୋଳକ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଉପ-ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ପାତ୍ର ସମରେନ୍ଦ୍ର ରାଉତରାୟ, ଦେବାଶିଷ ମହାନ୍ତି ଓ ଅନ୍ୟମାନେ ଦଳର ଶୁଭକାମନା କରିଛନ୍ତି।

**ଟି୨୦ ବିଶ୍ୱକପ**

(ଆଜିର ମ୍ୟାଚ)

**ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ**
ସ୍ଥାନ: ଗୁଏନା
ସମୟ: ପ୍ରାତଃ ୫ଟା

**ଶ୍ରୀଲଙ୍କା ବନାମ ବାଂଲାଦେଶ**
ସ୍ଥାନ: ଡଲାସ
ସମୟ: ସକାଳ ୬ଟା

**ନେଦରଲାଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ନ୍ୟୁୟର୍କ
ସମୟ: ରାତି ୮ଟା

**ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ**
ସ୍ଥାନ: ବାର୍ବାଡୋସ
ସମୟ: ରାତି ୧୦ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆରମ୍ଭ

କେନ୍ଦୁଝର,୭।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଠାରେ ଶୁକ୍ରବାର ସନ୍ଧ୍ୟାରୁ ୩୭ତମ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ତଥା ପୂର୍ବତନ ଜାତୀୟ ହ୍ୟାଣ୍ଡବଲ ଖେଳାଳି ସୁବାଶିଷ ଖୁଣ୍ଟିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରବଳ ବର୍ଷା ଯୋଗୁ ସନ୍ଧ୍ୟା ୫ଟା ପରିବର୍ତ୍ତେ ମ୍ୟାଚ ରାତି ୮ଟା ୩୦ରେ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ କେନ୍ଦୁଝର ଓ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। କେନ୍ଦୁଝର ୨୩-୧୨ ଗୋଲରେ ଭୁବନେଶ୍ୱରକୁ ପରାସ୍ତ କରିଛି। ମ୍ୟାଚ୍‌କୁ ଗଞ୍ଜାମର ସନ୍ଦିପ୍ ଓ ପ୍ରମୋଦ ପରିଚାଳନା କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, ଉପ ସଭାପତି ସୁରେଶ ପାଢ଼ୀ, କୋଷାଧ୍ୟକ୍ଷ ସିତେନ୍ଦ୍ର ନାଥ ଦାଶ ଉପସ୍ଥିତ ଥିଲେ। ସଭାକୁ ଜିଲା ସଂଘର ସଭାପତି ଇଂ. ବସନ୍ତ ଧାନୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରିତିକ ଅଧିକାରୀ ଧନ୍ୟବାଦ ଭାଷଣ ଦେଇଥିଲେ। ଏଥିରେ ଚିରଶ୍ରୀ ସାଗରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ମ୍ୟାଚ୍ ଜୁନ୍ ୭ରୁ ୯ ପର୍ଯ୍ୟନ୍ତ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡ଼ିୟମରେ ଚାଲିବାକୁ ଥିବା ବେଳେ ରାଜ୍ୟର ୧୬ଟି ପୁରୁଷ ଓ ୧୨ ମହିଳା ଦଳ ଭାଗ ନେଇଛନ୍ତି। ଯେଉଁଥିରେ ୪୫୦ରୁ ଉର୍ଦ୍ଧ୍ୱ ଖେଳାଳି ଓ ୨୦ରୁ ଉର୍ଦ୍ଧ୍ୱ ଅଫିସିଆଲ ସାମିଲ ଅଛନ୍ତି। ପୁରୁଷ ଖେଳାଳି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଓ ମହିଳା ଖେଳାଳି ଗୁଜରାଟୀ ସମାଜରେ ରହିବାର ବ୍ୟବସ୍ଥା ହୋଇଛି। ଅଫିସିଆଲ ତଥା ରାଜ୍ୟ ସଂଘର ଅତିଥି ବିଭିନ୍ନ ହୋଟେଲରେ ରହିବା ବ୍ୟବସ୍ଥା ହୋଇଛି।


ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆରମ୍ଭ ଅବସରରେ ଉପସ୍ଥିତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅତିଥିମାନେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ